# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଫେବୃଆରୀ ୧୫/୨୦୨୬ (୧୪ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, February 15/2026 | Page 14 | ₹ 7.00 | BERHAMPUR

୫୨ଶ ଭାଗ ୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 83 | ମୂଲ୍ୟ ₹୭/-




**ପ୍ରମୋଦ ଭଗତଙ୍କୁ ଦୁଇ ସ୍ୱର୍ଣ୍ଣ**

ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ।

୧୪

୦୪

**ବିବାହ କଥା କେବଳ ଗୁଜବ : ମୃଣାଳ**

ମୋ ବିବାହକୁ ନେଇ ସୋସିଆଲ ମିଡିଆରେ ଯେଉଁ ଚର୍ଚ୍ଚା ଚାଲିଛି ତାହା କେବଳ ଗୁଜବ ବୋଲି କହିଛନ୍ତି ବଲିଉଡ୍ ଅଭିନେତ୍ରୀ ମୃଣାଳ ଠାକୁର ।



# ସମୃଦ୍ଧିର ସ୍ତମ୍ଭ ଶିଳ୍ପ: ମୁଖ୍ୟମନ୍ତ୍ରୀ

## ▪ କେନ୍ଦୁଝରରେ ୧୦୦ କୋଟିର ଟେକ୍ସଟାଇଲ ପାର୍କ ଶିଳାନ୍ୟାସ
## ▪ ଧରଣୀଧର ବିଶ୍ୱବିଦ୍ୟାଳୟରେ ଆଧୁନିକ ଡାଟା ସେଣ୍ଟରର ଭିତ୍ତିପ୍ରସ୍ତର

**କେନ୍ଦୁଝର,୧୪।୨**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ର ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଶନିବାର ଦିନିକିଆ କେନ୍ଦୁଝର ଜିଲା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ଏହା କହିଛନ୍ତି। ଏହି ଜିଲାରେ ଶିଳ୍ପ ବିବିଧତା ଏବଂ ଡିଜିଟାଲ ଭିତ୍ତିଭୂମି ବିକାଶ ପାଇଁ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧୦୦ କୋଟି ଟଙ୍କାର ଟେକ୍ସଟାଇଲ ପାର୍କ, ୧୮୭ କୋଟି ଟଙ୍କାର ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟାସେଣ୍ଟରର ଶିଳାନ୍ୟାସ କରିଛନ୍ତି। ଆୟୋଜିତ ସାଧାରଣ ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଆମ ସରକାରପ୍ରତ୍ୟେକ ଜିଲାକୁ ସମୃଦ୍ଧ କରିବା ପାଇଁ ସଂକଳ୍ପବଦ୍ଧ। ଶିଳ୍ପଗୁଡ଼ିକ ସମୃଦ୍ଧିର ସ୍ତମ୍ଭ। କେବଳ ଖଣି କିମ୍ବା ଇସ୍ପାତ ନୁହେଁ, ବରଂ ଟେକ୍ସଟାଇଲ ଏବଂ ଆଇଟି ପରି କ୍ଷେତ୍ରରେ ଶିଳ୍ପର ବିବିଧକରଣ କରି ଆମେ ଯୁବପିଢ଼ି ଓ ମହିଳାଙ୍କ ପାଇଁ ସ୍ଥାନୀୟ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛୁ। ସମୃଦ୍ଧ ଜିଲାରୁ ହିଁ ସମୃଦ୍ଧ ଓଡ଼ିଶା ମନ୍ତ୍ରକୁ ପାଥେୟ କରି ଆମେ ଶିଳ୍ପ ଅନୁକୂଳ ନୀତି ଏବଂ ମାନବ ସମ୍ବଳର ବିକାଶ ଉପରେ ଗୁରୁତ୍ୱ ଦେଉଛୁ। ବିକଶିତ ଭାରତ ପରିକଳ୍ପନାରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ ଭାବେ ଗଢ଼ିତୋଳିବା ସହ ସୁନାର କେନ୍ଦୁଝର ଗଠନ ପାଇଁ ଆମର ଏହି ପ୍ରୟାସ ନିରନ୍ତର ଜାରି ରହିବ' ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୧୦୦ କୋଟି ଟଙ୍କା ନିବେଶରେ ବିକଶିତ ହେବାକୁ ଥିବା ଟେକ୍ସଟାଇଲ ପାର୍କରେ ୧୨୦୦ ଯୁବତୀ ଯୁବକ ନିଯୁକ୍ତି ସୁଯୋଗ ପାଇବେ। ଆଧୁନିକ ଭିତ୍ତିଭୂମି ଏବଂ ଲଜିଷ୍ଟିକ ସହାୟତା ସହ ହିଣ୍ଡାଲ୍‌କୋ କମ୍ପାନୀ ୭ ଏକର ଜମିରେ ଏକ ପୋଷାକ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହି ୟୁନିଟ୍ ବାର୍ଷିକ ୨୪ ଲକ୍ଷ ପୋଷାକ ଉତ୍ପାଦନ କରିବ। ଗତବର୍ଷ ଜୁଲାଇରେ ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ଟେକ୍ସଟାଇଲ କନ୍‌କ୍ଲେଭ (ଓ-ଟେକ୍ସ)ରେ ୭,୮୦୦ କୋଟି ଟଙ୍କାର ୩୩ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହା ରାଜ୍ୟ ସାରା ୫୩,୦୦୦ରୁ ଅଧିକ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଭଦ୍ରକରେ ଏକ ଟେକ୍ନିକାଲ ଟେକ୍ସଟାଇଲ ପାର୍କ ସହ କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ, କଟକ ଏବଂ ଜଗତ୍‌ସିଂହପୁରଠାରେ ମଧ୍ୟ ସମର୍ପିତ ବୟନଶିଳ୍ପ ଏବଂ ପୋଷାକ ପାର୍କ ପ୍ରତିଷ୍ଠା କରାଯାଉଛି। ଆମର ଯୁବପିଢ଼ି ଅନ୍ୟ ରାଜ୍ୟରେ ବୟନ ଶିଳ୍ପକୁ ମଜଭୁତ କରୁଛନ୍ତି। ଏବେ ଲୋକେ ନିଜ ଘର ପାଖରେ କାମ କରିପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ବିଭାଗ ଦ୍ୱାରା ଓକାକ୍ ମାଧ୍ୟମରେ ୧୮୭ କୋଟି ବିନିଯୋଗରେ ଏକ ବିପର୍ଯ୍ୟୟ ପୁନରୁଦ୍ଧାର ଏବଂ ଡାଟାସେଣ୍ଟର ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି। ଏହି ସୁବିଧା ଭୁବନେଶ୍ୱରରେ ଥିବା ରାଜ୍ୟ ଡାଟାସେଣ୍ଟରର ଏକ ବ୍ୟାକ୍‌ଅପ୍ ଭାବେ କାର୍ଯ୍ୟ କରିବ ଏବଂ ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ସାଇବର ବିପଦ କ୍ଷେତ୍ରରେ ଡିଜିଟାଲ ଜରିଆରେ ପ୍ରଦାନ କରାଯାଉଥିବା ସରକାରୀ ସେବାର ନିରବଚ୍ଛିନ୍ନ ବିତରଣ ଜାରି ରହିବ। କେନ୍ଦୁଝର କମ୍ ଭୂମିକମ୍ପ-ବିପଦ ପ୍ରବଣ ହୋଇଥିବା ଯୋଗୁ ଏଠାରେ ଏହି ପ୍ରକଳ୍ପ ସ୍ଥାପନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଜିଲାରେ ମନ୍ଦିର ବିକାଶ ପାଇଁ ୩୧୨ କୋଟି ବ୍ୟୟବରାଦ କରାଯାଇଛି। ମକର ପର୍ବ ସମୟରେ ୧୯୦୦ କୋଟି ଟଙ୍କାର ପ୍ରକଳ୍ପ ପୂର୍ବରୁ ଆରମ୍ଭ କରାଯାଇଥିଲା। ଶିଳ୍ପ ଅଭିବୃଦ୍ଧି ଏବଂ ଡିଜିଟାଲ ଶକ୍ତି ଏକ ବିକଶିତ ଭାରତ ଆଡ଼କୁ ଆମ ଯାତ୍ରାର ପ୍ରମୁଖ ବାହକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ପାଟଣା ବିଧାୟକ ଅଖିଳ ନାଏକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ଜିଲାପାଳ ବିଶାଳ ସିଂହ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଓକାକ୍ ସିଇଓ ପ୍ରଦୀପ କୁମାର ରାଉତ, ହିଣ୍ଡାଲ୍‌କୋ ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର, ବରିଷ୍ଠ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବୋଧିତ କରୁଛନ୍ତି।

# ଭାରତ-ପାକିସ୍ତାନ ମୁକାବିଲା ଆଜି

**ଟି୨୦ ବିଶ୍ୱକପ୍**

**କଲମ୍ବୋ, ୧୪।୨**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ସବୁଠାରୁ ଚର୍ଚ୍ଚିତ ଭାରତ-ପାକିସ୍ତାନ ମୁକାବିଲା ରବିବାର ପ୍ରେମଦାସା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଟୁର୍ନାମେଣ୍ଟରୁ ବାଂଲାଦେଶକୁ ବାଦ୍ ଦିଆଯିବାକୁ ନେଇ କ୍ରିକେଟ ସହିତ ରାଜନୀତିର ସମ୍ମିଶ୍ରଣ ହୋଇଥିଲା ଏବଂ ଭାରତ ବିପକ୍ଷ ମ୍ୟାଚକୁ ପାକିସ୍ତାନ ବର୍ଜନ କରିବ ବୋଲି କହିବାରୁ ନାଟକୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ମାତ୍ର ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି), ବାଂଲାଦେଶ ଓ ଶ୍ରୀଲଙ୍କା କ୍ରିକେଟ ବୋର୍ଡର ହସ୍ତକ୍ଷେପ ପରେ ପାକିସ୍ତାନ ୟୁଟର୍ନ ମାରିବାସହ ଖେଳିବାକୁ ରାଜି ହେବାପରେ ଏହି ହାଇପ୍ରୋଫାଇଲ ମ୍ୟାଚ ଲାଗି କ୍ଷେତ୍ର ପ୍ରସ୍ତୁତ ହୋଇଛି। ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ହୋଇଥିବାରୁ ଭାରତ-ପାକିସ୍ତାନ ମ୍ୟାଚରେ ଉଭୟ ଦଳର ଖେଳାଳି ଅତ୍ୟଧିକ ଚାପଗ୍ରସ୍ତ ଥାଆନ୍ତି। ଫଳରେ ମ୍ୟାଚ ସ୍ୱାଭାବିକ ଉତ୍ତେଜନାପୂର୍ଣ୍ଣ ହୋଇଥାଏ। ଦର୍ଶକଙ୍କ ହୃଦ୍‌ସ୍ପନ୍ଦନ ମଧ୍ୟ ବଢ଼ିଥାଏ। ତେଣୁ ସବୁ ଆଇସିସି ଇଭେଣ୍ଟରେ ଏହା ଏକ ନିଆରା ମ୍ୟାଚଭାବେ ପରିଗଣିତ ହୋଇଥାଏ। ମ୍ୟାଚ ପାଇଁ ଶେଷ ପ୍ରସ୍ତୁତିଲାଗି ଉଭୟ ଦଳ ଶନିବାର ନେଟ୍ସ ସେସନରେ ଝାଳ ବୁହାଇଛନ୍ତି। ହ୍ୟାଣ୍ଡସେକ୍‌ପରି ଅନେକ ବିବାଦୀୟ ପ୍ରସଙ୍ଗ ଆଗକୁ ରହିଥିଲେ ହେଁ ଏବେ ମ୍ୟାଚ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି।

ଅଭିଷେକ ଶର୍ମା ସମ୍ପୂର୍ଣ୍ଣ ଫିଟ୍ ଥିବାରୁ ଆଗାମୀ ମ୍ୟାଚରେ ଖେଳିବା ସମ୍ଭାବନା ବଢ଼ିଛି। ପାକସ୍ଥଳୀରେ ସଂକ୍ରମଣ ଯୋଗୁ ସେ ନାମ୍ବିୟା ବିପକ୍ଷ ମ୍ୟାଚ ଖେଳିପାରି ନ ଥିଲେ। ଯଦି ସେ ସମ୍ପୂର୍ଣ୍ଣ ଫିଟ୍ ନ ହୁଅନ୍ତି ତେବେ ସଞ୍ଜୁ ସାମସନଙ୍କୁ ଅପରିବର୍ତ୍ତିତ ରଖାଯାଇପାରେ କିମ୍ବା ୱାଶିଂଟନ ସୁନ୍ଦର ଇନ୍‌ଫର୍ମ ଇଶାନ କିଶନଙ୍କ ସହ ଇନିଂସ ଓପନ କରିପାରନ୍ତି। ପ୍ରେମଦାସା ପିଚ୍ ସ୍ଲୋ ବୋଲରଙ୍କୁ ସୁହାଇବା ପୂର୍ବାନୁମାନ କରାଯାଉଥିବାରୁ ☞ପୃଷ୍ଠା-୪

# ପ୍ରେମିକାଙ୍କ ସ୍ୱାମୀଙ୍କୁ ଏସ୍‌ଆଇଆର୍ ପାଇଁ ଡାକି ହତ୍ୟା

## କେନାଲରେ ଫିଙ୍ଗିଲେ ଖଣ୍ଡବିଖଣ୍ଡିତ ମୃତଦେହ

**କୋଲକାତା,୧୪।୨**

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଚାଲିଥିବାବେଳେ ଦିନକୁ ଦିନ ଅନେକ ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ଏହି କ୍ରମେ ଜଣେ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ନିଜ ପ୍ରେମିକାଙ୍କ ସ୍ୱାମୀଙ୍କୁ ଏସ୍‌ଆଇଆର୍ ସମ୍ପର୍କରେ ଆଲୋଚନା ପାଇଁ ଡାକି ହତ୍ୟା କରିଛନ୍ତି। ଉତ୍ତର ୨୪ ପ୍ରଗଣା ଜିଲାରେ ପରକୀୟା ପ୍ରୀତିର ଏହି କରୁଣ ପରିଣତି ଦେଖିବାକୁ ମିଳିଛି। ସ୍ଥାନୀୟ ଲୋକେ ଶନିବାର ନ୍ୟାୟ ଦାବିରେ ରାସ୍ତା ଅବରୋଧ କରିଥିବାବେଳେ ପୋଲିସ ସମ୍ପୃକ୍ତ ବିଏଲ୍‌ଓ ଏବଂ ତାଙ୍କ ସହଯୋଗୀଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଉତ୍ତର ୨୪ ପ୍ରଗଣା ଜିଲାର ୩୦ ବର୍ଷୀୟ ନାସିର ଅଲୀ ସୋମବାର ରାତିରୁ ନିଖୋଜ ଥିଲେ। ପରିବାର ଲୋକେ ଏନେଇ ମଙ୍ଗଳବାର ଥାନାରେ ରିପୋର୍ଟ କରିଥିଲେ। ନାସିରଙ୍କ ସ୍ତ୍ରୀଙ୍କ ସହ ବିଏଲ୍‌ଓ ରିଜ୍‌ୱାନ ହାସନ ମଣ୍ଡଳଙ୍କ ପ୍ରେମ ସମ୍ପର୍କ ଥିବାରୁ ତାଙ୍କ ଉପରେ ପୋଲିସର ସନ୍ଦେହ ଘନୀଭୂତ ହୋଇଥିଲା। ପୋଲିସ ରିଜ୍‌ୱାନଙ୍କ ମୋବାଇଲ ଫୋନ୍ କଲ୍ ଟ୍ରାକ୍ କରି ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। ବଦୁରିଆସ୍ଥିତ ଏକ କେନାଲରେ ଶୁକ୍ରବାର ନାସିରଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଠାବହେବା ପରେ ☞ପୃଷ୍ଠା-୪






# ୧୬ରୁ ଓକାକ୍‌ରେ ଆଧାର ଶୁଣାଣି

**ଭୁବନେଶ୍ୱର,୧୪।୨**
**(ସୁଚିସ୍ମିତା ସାହୁ)**

ଆଧାର ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏନେଇ ଆସନ୍ତା ୧୬ ତାରିଖ ସୋମବାରଠାରୁ ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ଓକାକ୍ ଟାୱାରର ତଳମହଲାରେ ଅଭିଯୋଗ ଶୁଣାଣି ଆରମ୍ଭ ହେବ। ଏଥିପାଇଁ ପ୍ରଥମେ ଓକାକ୍ ପୋର୍ଟାଲ https://www.ocac.inରେ ଦିଆଯାଇଥିବା ଲିଙ୍କ୍ ମାଧ୍ୟମରେ ପଞ୍ଜୀକରଣ କରିବାକୁ ପଡ଼ିବ। ପ୍ରତ୍ୟେକ ସୋମବାର (ସରକାରୀ କାର୍ଯ୍ୟଦିବସ) ପୂର୍ବାହ୍ନ ୧୦ଟା ୩୦ରୁ ଅଧିକାରୀମାନଙ୍କୁ ଆଧାର ସମ୍ବନ୍ଧୀୟ ଅଭିଯୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

**ଆଜିର ସମ୍ପାଦକୀୟ**

**ଦେଶଭକ୍ତି ଚିନ୍ତା**







## ବୋମା ଭୟ: ସିଲଂ ଯିବାକୁ ଥିବା ଇଣ୍ଡିଗୋ ବିମାନ ଅଟକିଲା

କୋଲକାତା,୧୪।୨

ସିଲଂ ଯିବାକୁ ଥିବା ଇଣ୍ଡିଗୋ ଏୟାରଲାଇନ୍ସର ଏକ ବିମାନରେ ବୋମା ଖଞ୍ଜାଯାଇଥିବା ନେଇ ଏକ ହାତଲେଖା ନୋଟ୍ ମିଳିବା ପରେ ଏହାକୁ କୋଲକାତା ବିମାନବନ୍ଦରର ଏକ ନିର୍ଜନ ସ୍ଥାନକୁ ନିଆଯାଇଛି। ଇଣ୍ଡିଗୋ ବିମାନ ୬ଇ୩୦୭୪ ଶନିବାର ସକାଳ ୯ଟା ୧୫ରେ ସିଲଂ ଅଭିମୁଖେ ଉଡ଼ାଣ କରିବାକୁ ଥିବାବେଳେ ଯାତ୍ରୀ ବସିବା ପୂର୍ବରୁ ଏହାର ଟଏଲେଟ୍‌ରୁ ହାତଲେଖା ନୋଟ୍ ମିଳିଥିଲା। ଫଳରେ ଯାତ୍ରୀମାନଙ୍କୁ ସେଠାରୁ ହଟାଇ ଦିଆଯାଇଥିଲା। ବିମାନକୁ ତନ୍ନତନ୍ନ କରି ଯାଞ୍ଚ କରାଯାଇଥିଲେ ମଧ୍ୟ କୌଣସି ସନ୍ଦିଗ୍ଧ ସାମଗ୍ରୀ ମିଳି ନ ଥିବା ଏଏଆଇ ମୁଖପାତ୍ର କହିଛନ୍ତି।

# ଲମ୍ବା ଯୁଦ୍ଧ ପାଇଁ ଆମେରିକାର ସଜବାଜ

### ଇରାନ ସହ ଆଲୋଚନା ବିଫଳ

ୱାଶିଂଟନ୍,୧୪।୨



ଇରାନ ଏବଂ ଆମେରିକା ମଧ୍ୟରେ ଆଲୋଚନା ଫେଲ୍ ମାରିଛି। ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଗତ ସପ୍ତାହରେ ଓମାନ ମଧ୍ୟସ୍ଥତାରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନାରୁ ସମାଧାନର ବାଟ ବାହାରିପାରି ନାହିଁ। କାରଣ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ପରେ ଇରାନ ଆଣବିକ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରି ନ ଥିବାବେଳେ ଏବେ ଆମେରିକା ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିବା ସ୍ପଷ୍ଟ ହୋଇଛି। ଏପରିକି ଲମ୍ବା ସମୟ ଧରି ଯୁଦ୍ଧ କରିବାକୁ ଆମେରିକା ସେନା ପ୍ରସ୍ତୁତି ନେଇସାରିଛି ବୋଲି ପେଣ୍ଟାଗନ୍‌ର କେତେଜଣ ବରିଷ୍ଠ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ପୂର୍ବରୁ ଆମେରିକାର ଶକ୍ତିଶାଳୀ ଯୁଦ୍ଧ ଜାହାଜ ଆବ୍ରାହମ୍ ଲିଙ୍କନ ସମେତ ଅନ୍ୟ ଯୁଦ୍ଧପୋତ ଇରାନ ଉପକୂଳ ନିକଟରେ ଡେରା ପକାଇଥିଲା। ଶୁକ୍ରବାର ଆମେରିକା ଅଧିକ ଯୁଦ୍ଧଜାହାଜ, ଲଢୁଆ ବିମାନ, ଗାଇଡେଡ୍ ମିଶାଇଲ୍ ଡେଷ୍ଟ୍ରୟର ସମେତ ହଜାରରୁ ଅଧିକ ସୈନ୍ୟ ଇରାନ ଅଭିମୁଖେ ପ୍ରେରଣ କରିଛି। ଏବେ ଆବ୍ରାହମ୍ ଲିଙ୍କନ ସହିତ ଆଣବିକ ଶକ୍ତିସମ୍ପନ୍ନ ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ଗେରାଲ୍ଡ ଆର୍.ଫୋର୍ଡ ସାମିଲ ହେବାକୁ ଯାଉଛି। ଇରାନ ସହ ବୁଝାମଣା କରିବା କଷ୍ଟକର ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସେନାକୁ ସମ୍ବୋଦନ କରି କହିବା ସହିତ ପୂର୍ବ ଆକ୍ରମଣ ତୁଳନାରେ ଏଥର ଆକ୍ରମଣ ଭୟାନକ ହେବ ବୋଲି ଇସାରା କରିଛନ୍ତି। ଫଳରେ ଆଗାମୀ ଦିନରେ ମଧ୍ୟପ୍ରାଚ୍ୟ ସ୍ଥିତି ବିଗିଡ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗତ ସପ୍ତାହରେ ମସ୍କାଟ୍‌ରେ ଆମେରିକା ପ୍ରତିନିଧିମାନଙ୍କ ସହ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ଆବାସ୍ ଆରଘାଚି ଆଲୋଚନା କରିବା ପରେ ପରବର୍ତ୍ତୀ ପର୍ଯ୍ୟାୟ ବୈଠକ ତୁର୍କୀ କିମ୍ବା ଇଜିପ୍ଟରେ ହେବ ବୋଲି ସୂଚନା ଦିଆଯାଇଥିଲା। କିନ୍ତୁ ଇରାନ ନିଜର ଆଣବିକ କାର୍ଯ୍ୟକ୍ରମ ସୂଚୀରେ ପରିବର୍ତ୍ତନ କରିବ ନାହିଁ ବୋଲି ଇଙ୍ଗିତ କରିବା ପରେ ଆମେରିକା ଯୁଦ୍ଧ ପାଇଁ ନିଷ୍ପତ୍ତି ନେଇଥିବା କୁହାଯାଉଛି।

## ନ୍ୟାୟପ୍ରାପ୍ତି କେବଳ ଆଇନଗତ ଭାବେ ସଶକ୍ତ ଲୋକଙ୍କ ପାଇଁ ସୀମିତ ହୋଇପାରିବ ନାହିଁ: ସିଜେଆଇ

ନୂଆଦିଲ୍ଲୀ,୧୪।୨(ପି.ଟି.)



ସିଜେଆଇ ସୂର୍ଯ୍ୟ କାନ୍ତ

ନ୍ୟାୟପ୍ରାପ୍ତି କେବଳ ଆଇନଗତ ଭାବେ ସଶକ୍ତ ଲୋକଙ୍କ ପାଇଁ ସୀମିତ ଥିବା ଏକ ଅବ୍ୟବହାର୍ଯ୍ୟ ଆଦର୍ଶ ହୋଇ ରହିପାରିବ ନାହିଁ। ଏହା ଅବହେଳିତ ନାଗରିକମାନଙ୍କ ପାଇଁ ବାସ୍ତବ ପରିଣତରେ ପରିବର୍ତ୍ତନ ହେବା ଜରୁରୀ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ ଶନିବାର କହିଛନ୍ତି। ରାଜ୍ୟଗୋଷ୍ଠୀ ନ୍ୟାୟିକ ପ୍ରଶିକ୍ଷକ(ସିଜେଇ)ମାନଙ୍କ ୧୧ତମ ଦ୍ୱିବାର୍ଷିକ ବୈଠକରେ ସିଜେଆଇ କହିଛନ୍ତି, ନ୍ୟାୟିକ ନେତୃତ୍ୱ କଦାପି ପ୍ରଶାସନିକ କର୍ତ୍ତୃପକ୍ଷ କିମ୍ବା ଆନୁଷ୍ଠାନିକ ପଦାନୁକ୍ରମ ହୋଇପାରିବ ନାହିଁ। ଏହାକୁ ଏକ ବୌଦ୍ଧିକ ଏବଂ ନୈତିକ ଆଭିମୁଖ୍ୟ ଭାବେ ବୁଝିବା ଜରୁରୀ। ନ୍ୟାୟିକ ବ୍ୟବସ୍ଥାରେ ପ୍ରଯୁକ୍ତିର ସଂଯୋଗ ଉପରେ ଗୁରୁତ୍ୱ ଦେଇ ସେ କହିଛନ୍ତି, ଏଆଇ ସହଯୋଗ କରିବା ଉଚିତ ନ୍ୟାୟିକ ବିଚାରଧାରାର ସ୍ଥାନ ନେବା ଉଚିତ ନୁହେଁ। ନ୍ୟାୟିକ ନେତୃତ୍ୱ କେବଳ ପ୍ରଶାସନିକ ଦୂରଦର୍ଶିତା ନୁହେଁ, ବରଂ ଗଭୀର ସହାନୁଭୂତି ମଧ୍ୟ ଆବଶ୍ୟକ କରେ। ସୁରକ୍ଷାର ଆବଶ୍ୟକତା ଥିବା ଲୋକଙ୍କ ପାଇଁ ପ୍ରକ୍ରିୟାଗତ ଜଟିଳତାକୁ ବାଧାରେ ପରିଣତ ହେବାକୁ ନ ଦେବା ଆବଶ୍ୟକ।

## ପନ୍ନୁଙ୍କ ହତ୍ୟା ଉଦ୍ୟମ କରିଥିବା ମାନିଲେ ନିଖିଲ ଗୁପ୍ତା

କୋଲକାତା,୧୪।୨

ଆମେରିକା ନାଗରିକ ତଥା ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ଗୁର୍‌ପତୱନ୍ତ ସିଂ ପନ୍ନୁଙ୍କ ବିରୋଧରେ ହତ୍ୟା ଯୋଜନାରେ ଭାରତୀୟ ନାଗରିକ ନିଖିଲ ଗୁପ୍ତା ନିଜକୁ ଦୋଷୀ ବୋଲି ସ୍ୱୀକାର କରିଛନ୍ତି। ଆମେରିକା ଆଇନ ପ୍ରବର୍ତ୍ତନ ସଂସ୍ଥାର କାର୍ଯ୍ୟାନୁଷ୍ଠାନ ଯୋଗୁ ହତ୍ୟା ଯୋଜନାକୁ ରୋକାଯାଇପାରିଥିଲା ବୋଲି ଆମେରିକାର ସଂଘୀୟ ତଦନ୍ତକାରୀ ସଂସ୍ଥା (ଏଫ୍‌ବିଆଇ) କହିଛି। ଏହି ତଦନ୍ତକାରୀ ସଂସ୍ଥା ଏକ ବାର୍ତ୍ତାରେ ସ୍ପଷ୍ଟ କରିଦେଇଛି ଯଦି ତୁମେ ଆମ ନାଗରିକମାନଙ୍କର କ୍ଷତି କରିବାକୁ ଉଦ୍ୟମ କର, ତେବେ ଆଇନର କାଠଗଡ଼ାକୁ ନ ଆଣିବା ପର୍ଯ୍ୟନ୍ତ ଆମେ ଅଟକିବୁ ନାହିଁ। ପନ୍ନୁ ଦେଶ ବାହାରେ ଥାଇ ସରକାରଙ୍କ ଟାର୍ଗେଟରେ ଥିବା ବ୍ୟକ୍ତି ବୋଲି ଏଫ୍‌ବିଆଇ କହିଛି।

## ଭାରତ ସହ ସମ୍ପର୍କ ଆମ ସ୍ୱାର୍ଥରକ୍ଷା ଉପରେ ନିର୍ଭରଶୀଳ

### ଗଣମାଧ୍ୟମକୁ ରହମାନଙ୍କ ପ୍ରଥମ ସମ୍ବୋଧନ

ଢାକା,୧୪।୨



ତାରିକ୍ ରହମାନ

ବାଂଲାଦେଶ ନିର୍ବାଚନରେ ବିପୁଳ ବିଜୟ ହାସଲ କରିଥିବା ବିଏନ୍‌ପି ଅଧ୍ୟକ୍ଷ ତାରିକ୍ ରହମାନ ଶନିବାର ପ୍ରଥମଥର ପାଇଁ ଗଣମାଧ୍ୟମକୁ ସମ୍ବୋଧିତକରି ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କ ଦଳର ବିଜୟକୁ ସେ ଦେଶବାସୀଙ୍କ ବିଜୟ ବୋଲି କହିବା ସହ ଏହା ଗଣତନ୍ତ୍ରର ମଧ୍ୟ ବିଜୟ ବୋଲି କହିଛନ୍ତି। ସ୍ୱାଧୀନତାର ବାସ୍ତବ ଅନୁଭବ ଏବଂ ଅଧିକାର ହାସଲ କରିବା ଦିଗରେ ଆଜିଠାରୁ ସମସ୍ତେ ମୁକ୍ତ ବୋଲି ସେ କହିଛନ୍ତି। ରାସ୍ତା ଓ ବିଚାରଧାରା ଅଲଗା ହୋଇପାରେ କିନ୍ତୁ ଦେଶର ସାମୂହିକ ହିତସାଧନ ଲାଗି ସଂହତି ସବୁଠୁ ଜରୁରୀ। ଏହିକ୍ରମରେ ସେ ବାଂଲାଦେଶର ବିଦେଶ ନୀତିକୁ ନେଇ ଟିପ୍ପଣୀ କରିଥିଲାବେଳେ ଭାରତ ସହ ବାଂଲାଦେଶର ସମ୍ପର୍କ କିଭଳି ରହିବ ସେ ସମ୍ପର୍କରେ ମଧ୍ୟ ନିଜର ଆଭିମୁଖ୍ୟ ଦର୍ଶାଇଛନ୍ତି। ଭାରତ ସହ ସମ୍ପର୍କ ବାଂଲାଦେଶର ସ୍ୱାର୍ଥରକ୍ଷା ଉପରେ ନିର୍ଭର କରେ ବୋଲି କହିଛନ୍ତି। ରହମାନ ଦୀର୍ଘ ୧୭ ବର୍ଷ ଧରି ବିଦେଶରେ ନିର୍ବାସନ ଜୀବନ ବିତାଇବା ପରେ ନିର୍ବାଚନର ମାତ୍ର ୨ ମାସ ପୂର୍ବରୁ ବାଂଲାଦେଶ ଆସି ନିଜ ଦଳ ପାଇଁ ପ୍ରଚାର ଅଭିଯାନ ଆରମ୍ଭ କରିଥିଲେ।

# ଆସାମର ଜରୁରୀ ଅବତରଣ ସ୍ଥଳରେ ପ୍ରଧାନମନ୍ତ୍ରୀ

- ବ୍ରହ୍ମପୁତ୍ରରେ ସେତୁ ଉଦ୍‌ଘାଟିତ
- ଆଇଆଇଏମ୍, ଡାଟା ସେଣ୍ଟର ଉନ୍ମୋଚିତ

ଗୁଆହାଟୀ,୧୪।୨(ପି.ଟି.)

ଆସାମ ଡିବ୍ରୁଗଡ଼ ଜିଲାରେ ଉତ୍ତରପୂର୍ବାଞ୍ଚଳ ସୀମାର ପ୍ରଥମ ଜରୁରୀ ଅବତରଣ ସ୍ଥଳ (ଇଏଲ୍‌ଏଫ୍)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଅବତରଣ କରି ଇତିହାସ ସୃଷ୍ଟି କରିଛନ୍ତି। ମୋଦି ଚାବୁଆ ଏୟାରଫିଲ୍ଡରୁ ବାୟୁସେନାର ସି-୧୩୦ଜେ ବିମାନରେ ଯାଇ ୩୭ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ମୋରାନସ୍ଥିତ ଇଏଲ୍‌ଏଫ୍‌ରେ ଅବତରଣ କରିଥିଲେ। ଉତ୍ତରପୂର୍ବାଞ୍ଚଳକୁ ଜରୁରୀ ଅବତରଣ ସୁବିଧା ମିଳିବା ଅତ୍ୟନ୍ତ ଗର୍ବର ବିଷୟ ବୋଲି ଇଏଲ୍‌ଏଫ୍‌ର ଉଦ୍‌ଘାଟନ ପରେ ପ୍ରଧାନମନ୍ତ୍ରୀ Xରେ ପୋଷ୍ଟ କରିଛନ୍ତି। ରଣନୀତି ଦୃଷ୍ଟିରୁ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ମୋରାନ ବାଇପାସ୍‌ରେ ୧୦୦ କୋଟି ଟଙ୍କା ବିନିଯୋଗରେ ୪.୨ କି.ମି. ରନ୍‌ୱେ ଭାରତୀୟ ବାୟୁସେନାର ଯୁଦ୍ଧବିମାନ ଏବଂ ପରିବହନ ବିମାନଗୁଡ଼ିକ ପାଇଁ ରଣନୀତିକ ତଥା ବହୁବିଧ ବ୍ୟବହାର୍ଯ୍ୟ ରନ୍‌ୱେ ଭାବେ ବ୍ୟବହୃତ ହେବ। ଏହା ଦେଶର ପ୍ରତିରକ୍ଷା, ଲଜିଷ୍ଟିକ୍ ଏବଂ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ସୁଦୃଢ଼ କରିବ। ଇଏଲ୍‌ଏଫ୍‌ରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ, ଏୟାର ଚିଫ୍ ମାର୍ଶାଲ ଏ.ପି. ଶର୍ମା ପ୍ରମୁଖ ମୋଦିଙ୍କୁ ସ୍ୱାଗତ କରିଥିଲେ।

ପ୍ରଧାନମନ୍ତ୍ରୀ ଶନିବାର ବ୍ରହ୍ମପୁତ୍ର ନଦୀରେ ଏକ ସେତୁ, ଉତ୍ତରପୂର୍ବାଞ୍ଚଳ ପାଇଁ ଆଇଆଇଏମ୍ ଏବଂ ଡାଟା ସେଣ୍ଟର ସମେତ ଆସାମରେ ମୋଟ ୫,୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବିନିଯୋଗରେ ନିର୍ମିତ ଅନେକ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହିସବୁ ପ୍ରକଳ୍ପ ରାଜ୍ୟରେ ଯୋଗାଯୋଗ ବଢ଼ାଇବା ସହ ଡିଜିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବ, ଉଚ୍ଚଶିକ୍ଷାର ପ୍ରୋତ୍ସାହନ କରିବ।



ମୋରାନସ୍ଥିତ ଜରୁରୀ ଅବତରଣ ସ୍ଥଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାୟୁସେନା ବିମାନରୁ ଓହ୍ଲାଉଛନ୍ତି।




କୋରାପୁଟ ଜିଲା ମାଡ଼କାର ଗ୍ରାମରେ ଆନ୍ଧ୍ରପ୍ରଦେଶର ଅଧିକାରୀମାନେ ଲୋକଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି।

# ବଜେଟ ଚିଠା ପ୍ରସ୍ତାବକୁ ମନ୍ତ୍ରୀ ପରିଷଦରେ ମଞ୍ଜୁରୀ

**ଆସିପାରେ ୩.୧୦ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ**

ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)

ରାଜ୍ୟ ବଜେଟ ଅଧିବେଶନ ଆସନ୍ତା ୧୭ ତାରିଖରୁ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥର ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ବଜେଟ୍ ଆଗତ କରିବେ। ଏଥିଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଶନିବାର ସନ୍ଧ୍ୟା ୭ଟା ୧୦ରେ ଲୋକସଭା ଭବନର ୩ୟ ମହଲା ସମ୍ମିଳନୀ କକ୍ଷଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ପରିଷଦ ବୈଠକ ପ୍ରାୟ ଦେଢ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ଏହି ଅବସରରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ଚିଠା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବିଶ୍ୱସ୍ତସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ରାଜ୍ୟ ସରକାର ଆଣିବାକୁ ଥିବା ପ୍ରାୟ ୩ ଲକ୍ଷ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବଜେଟ ଆଣିବେ ବୋଲି ଜଣାପଡ଼ିଛି। ଏନେଇ ବିସ୍ତୃତ ଭାବେ ମନ୍ତ୍ରୀ ପରିଷଦ ବୈଠକରେ ଆଲୋଚନା ହେବା ସହ ଏ ସମ୍ପର୍କିତ ଚିଠା ପ୍ରସ୍ତାବ ଉପରେ ମୋହର ବାଜିଛି।

ଚଳିତ ବର୍ଷର ବଜେଟ ସରକାର ଏବଂ ଶାସକ ଦଳ ପାଇଁ ବହୁ ଗୁରୁତ୍ୱ ରଖିବ। ଆସନ୍ତା ବର୍ଷ ଆରମ୍ଭରୁ ଉଭୟ ପଞ୍ଚାୟତିରାଜ ଏବଂ ଘୋଷଣା ହୋଇଥିବା ନୂଆ ଏନ୍ଏସି ଓ ମ୍ୟୁନିସିପାଲିଟିଗୁଡ଼ିକରେ ଭୋଟ ହେବ। ତେଣୁ ବଜେଟରେ ସବୁ ଲୋକଙ୍କୁ ଖୁସିକରିବା ଭଳି ଯୋଜନା ସରକାର ଆଣିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଅନ୍ୟପଟେ ୨୦୨୫-୨୬ ତୁଳନାରେ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ବଡ କରାଯାଇଛି। ମୁଖ୍ୟତଃ ଆସନ୍ତା ଆର୍ଥିକ ବର୍ଷ ବଜେଟରେ ସୂଚନା ପ୍ରଯୁକ୍ତିବିଦ୍ୟା, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ମହିଳା ଓ ଶିଶୁ ବିକାଶ, ସ୍ୱାସ୍ଥ୍ୟ, କୃଷି ଏବଂ ☞ପୃଷ୍ଠା-୧୨

# କୋଟିଆରେ ଆନ୍ଧ୍ରର ସର୍ଭେ

**ବାଣ୍ଟିବ ପିଏମ୍ କିଷାନ କାର୍ଡ**

ପଟ୍ଟାଙ୍ଗି,୧୪।୨(ଶରତ କୁମାର ଧଳ)

ତାଗିଦ ସତ୍ତ୍ୱେ ଶୁଣୁନାହିଁ ଆନ୍ଧ୍ର ପ୍ରଶାସନ। ବାରମ୍ବାର କରୁଛି ଅନୁପ୍ରବେଶ। ଶନିବାର ପୁଣି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ ସୀମାନ୍ତ ମାଡକାର ଗ୍ରାମରେ ଆନ୍ଧ୍ରପ୍ରଦେଶ ପାର୍ବତୀପୁରମ୍ ମାନ୍ୟାମ୍ ଜିଲାର ସାଲୁର ବ୍ଲକ୍ କୃଷି ବିଭାଗ କର୍ମଚାରୀ ପହଞ୍ଚି ଗ୍ରାମବାସୀଙ୍କୁ ଏକାଠି କରିଥିଲେ। ଗ୍ରାମବାସୀଙ୍କ ଆଧାର କାର୍ଡ ଯାଞ୍ଚକରି ପିଏମ୍ କିଷାନ କାର୍ଡ ପ୍ରଦାନ ପାଇଁ ସର୍ଭେ କରିଥିବା ଜଣାପଡ଼ିଛି।

ମାଡ଼କାର ଗ୍ରାମର ଚାଷୀଙ୍କୁ ଉଭୟ ଓଡ଼ିଶା ଓ ଆନ୍ଧ୍ର ପକ୍ଷରୁ ପିଏମ୍ କିଷାନ କାର୍ଡ ଯୋଗାଇବା ପାଇଁ ସର୍ଭେ କରିଛନ୍ତି। ଆନ୍ଧ୍ର ପକ୍ଷରୁ ମିଳୁଥିବା କାର୍ଡରେ ୩ ପର୍ଯ୍ୟାୟରେ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ବେଳେ ଓଡ଼ିଶା କାର୍ଡରେ ବର୍ଷକୁ ତିନୋଟି ପର୍ଯ୍ୟାୟରେ ୧୦ହଜାର ଟଙ୍କା ଆର୍ଥିକ ସହାୟତା ମିଳୁଛି। ତେଣୁ ସୀମାନ୍ତ ଗ୍ରାମବାସୀ ଆନ୍ଧ୍ର ପକ୍ଷରୁ ମିଳୁଥିବା କାର୍ଡ ନେବାକୁ ତତ୍ପରତା ଦେଖାଉଛନ୍ତି। ଆନ୍ଧ୍ରର ବିଭିନ୍ନ ସରକାରୀ କର୍ମଚାରୀ ନିୟମିତ କୋଟିଆ ପଞ୍ଚାୟତର ସୀମାନ୍ତ ଗ୍ରାମ ପରିଦର୍ଶନ କରି ନିଜ ବିଭାଗର ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଉଥିବାବେଳେ ଓଡ଼ିଶାର ପ୍ରଶାସନ ସେଭଳି କିଛି ପଦକ୍ଷେପ ନେଉ ନ ଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ତେଣୁ ଆନ୍ଧ୍ର ପ୍ରତି ସୀମାନ୍ତବାସୀ ଢଳୁଥିବା ଅଭିଯୋଗ ହେଉଛି। ଉକ୍ତ ପଞ୍ଚାୟତରେ ଏବେ ମଧ୍ୟ ପଟ୍ଟାଙ୍ଗି ବ୍ଲକ୍ ପ୍ରଶାସନ ପକ୍ଷରୁ ୮ ମାସ ହେଲା କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନାହିଁ। ବର୍ତ୍ତମାନ ବିକଶିତ ଗ୍ରାମ ବିକଶିତ ଓଡ଼ିଶା ପକ୍ଷରୁ ୫ଟି ଗାଁ ପାଇଁ ୨୫ଲକ୍ଷ ଟଙ୍କା ଅନୁଦାନ ଆସିଛି। ପଞ୍ଚାୟତର ଏହିପରି କାର୍ଯ୍ୟକ୍ରମକୁ ଦେଖି ସୀମାନ୍ତବାସୀ ଆନ୍ଧ୍ର ଆଡ଼କୁ ଢଳୁଛନ୍ତି ବୋଲି ସରପଞ୍ଚ ଲିଉ ଗେମେଲ କହିଛନ୍ତି।

# ଚୋର ସନ୍ଦେହ: ଯୁବକଙ୍କୁ ପିଟି ହତ୍ୟା

**୨୦ ଗିରଫ, ଭୟରେ ଗାଁ ପୁରୁଷଶୂନ୍ୟ**

ଭଞ୍ଜନଗର,୧୪।୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ସାର୍ଦ୍ଦୁଳ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଅମାନବୀୟ ଘଟଣା ଘଟିଛି। ଚୋର ସନ୍ଦେହରେ ଗ୍ରାମର କେତେଜଣ ଲୋକ ଜଣେ ଯୁବକଙ୍କୁ ପିଟି ମାରିଦେଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଉଛନ୍ତି ବାଣଧର ପ୍ରଧାନ(୪୦)। ତାଙ୍କ ଘର କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅନ୍ତର୍ଗତ କୁରୁମୁଙ୍ଗିଆ ଗ୍ରାମରେ ବୋଲି ଜଣାପଡ଼ିଛି। ପୋଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ୨୦ ଜଣଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି। ଏଥିରେ ଅଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିବା ଜଣାପଡ଼ିଛି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ। ଗ୍ରାମରେ ଉତ୍ତେଜନା ଆଶଙ୍କାରେ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଅତିରିକ୍ତ ଏସ୍‌ପି ରଞ୍ଜନ ଦେ କହିଛନ୍ତି।

ଘଟଣାରୁପ୍ରକାଶ, ଶୁକ୍ରବାର ରାତିପ୍ରାୟ ୧ଟାରୁ ୨ଟା ମଧ୍ୟରେ କେତେଜଣ ଦୁର୍ବୃତ୍ତ ସାର୍ଦ୍ଦୁଳ ଗାଁକୁ ଚୋରି କରିବାକୁ ଯାଇଥିଲେ।


ମୃତ ବାଣଧର ପ୍ରଧାନ

ସୁଶାନ୍ତ ଗୌଡ଼ଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଭିତରେ ପଶିଥିଲେ। ଘରେ ଥିବା ବିଭିନ୍ନ ଜିନିଷ ଭଙ୍ଗାଭାଙ୍ଗି କରିବାବେଳେ ଶବ୍ଦ ଶୁଣି ପଡ଼ିଶା ଲୋକେ ଉଠିପଡ଼ି ହୋହଲ୍ଲା କରିଥିଲେ। ଏହି ସମୟରେ କେତେଜଣ ଦୌଡ଼ି ପଳାଇଥିଲେ। ମାତ୍ର ବାଣଧର ଦୌଡ଼ି ଯାଇପାରି ନ ଥିଲେ। ଗ୍ରାମବାସୀ ବାଣଧରଙ୍କୁ କାବୁକରି ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଥିଲେ। ପରେ ଗ୍ରାମବାସୀ ବାଣଧରଙ୍କୁ ଆଖିବୁଜା ମାଡ଼ ମାରିଥିଲେ। ତାଙ୍କ ହାତ ଓ ଗୋଡ଼ର ଦୁଇଟି ନଖକୁ ଗ୍ରାମବାସୀ ଉପାଡ଼ି ଦେଇଥିଲେ। ମାଡ଼ ମାରି ଗୋଡ ଭାଙ୍ଗିଦେଇଥିଲେ। ରାତିସାରା ଲୋକଙ୍କଠାରୁ ମାଡ଼ ଖାଇ ବାଣଧର ଅଚେତ ହୋଇପଡ଼ିଥିଲେ। ଶନିବାର ସକାଳେ ଏନେଇ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଣଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲା। ତାଙ୍କୁ ମୁମୂର୍ଷ ଅବସ୍ଥାରେ ଭଞ୍ଜନଗର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବାଣଧରଙ୍କ ମୃତ୍ୟୁ ଘଟିଛି। ପୋଲିସ ନଂ. ୧୪୫/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ଅତିରିକ୍ତ ଏସ୍‌ପି ଦେ, ଏସ୍‌ଡିପିଓ ଡ. ଦୀପକ ମିଶ୍ର, ଆଇଆଇସି ଜୀବନାନନ୍ଦ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଲୋକମାନଙ୍କୁ ଚିହ୍ନଟ କରିଥିଲେ। ଚୋରି କରିବାକୁ ଆସିଥିବା ଯୁବକଙ୍କୁ ପୋଲିସ ଜିମା ନ ଦେଇ ଆଇନକୁ ହାତକୁ ନେଇଥିବା ସମସ୍ତଙ୍କ ବିରୋଧରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ଗିରଫ ଭୟରେ ଗ୍ରାମ ପୁରୁଷଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଛି। ଅପରପକ୍ଷରେ ଦୁର୍ବୃତ୍ତମାନେ ଘରେ ପଶି ଚୋରି ଉଦ୍ୟମ କରିଥିବାନେଇ ସୁଶାନ୍ତ ଶନିବାର ସନ୍ଧ୍ୟାରେ ଭଞ୍ଜନଗର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି।

# ଏସି କୋଚ୍‌ରୁ ୩୧୧ ବିଲୁପ୍ତପ୍ରାୟ କଇଁଛ ଜବତ

ଭୋପାଳ,୧୪।୨

ମଧ୍ୟପ୍ରଦେଶର ଭୋପାଳରେ ଏକ ଏସି ଫାଷ୍ଟକ୍ଲାସ୍ କୋଚ୍‌ରୁ ୩୧୧ଟି ବିଲୁପ୍ତପ୍ରାୟ କଇଁଛ ଜବତ ହୋଇଛି। ଏହି କୋଚ୍‌ଗୁଡ଼ିକୁ ଭାରତୀୟ ରେଲୱେର ସବୁଠୁ ସୁରକ୍ଷିତ ଏବଂ ବିଳାସପୂର୍ଣ୍ଣ ଭ୍ରମଣ ସ୍ଥାନ ଭାବେ ଦୀର୍ଘଦିନ ହେଲା ବିବେଚିତ ହୋଇଆସୁଥିବାବେଳେ ଏହା ଏବେ ବନ୍ୟପ୍ରାଣୀ ଅପରାଧର କରିଡର ପାଲଟିଛି। ଏକ ଆନ୍ତଃରାଜ୍ୟ ର୍‍ୟାକେଟ ବିରଳ ତଥା ବିଲୁପ୍ତପ୍ରାୟ କଇଁଛ ଚୋରାଚାଲାଣ ପାଇଁ ଉକ୍ତ ବିଳାସପୂର୍ଣ୍ଣ କମ୍ପାର୍ଟମେଣ୍ଟକୁ ବ୍ୟବହାର କରିଆସୁଥିଲେ। ଉତ୍ତରପ୍ରଦେଶରୁ ଉକ୍ତ କଇଁଛଗୁଡ଼ିକୁ ମଧ୍ୟପ୍ରଦେଶ ନିଆଯାଉଥିଲା। ସେଠାରୁ ସେଗୁଡ଼ିକୁ ପଶ୍ଚିମ ଭାରତରେ ଆବଣ୍ଟନ କରାଯାଇଥାନ୍ତା। ମଧ୍ୟପ୍ରଦେଶ ରାଜ୍ୟ ବ୍ୟାଘ୍ର ସୁରକ୍ଷା ବଳ (ଏସ୍‌ଟିଏସ୍‌ଏଫ୍), ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍) ଏବଂ ଭୋପାଳ ବନ ବିଭାଗ ମିଳିତ ଭାବେ ଚଢ଼ାଉ କରି ଉକ୍ତ କଇଁଛଗୁଡ଼ିକୁ ଭୋପାଳର ହୃଦରାମ ରେଳଷ୍ଟେଶନରେ ୧୯୩୨୨ ପାଟନା-ଇନ୍ଦୋର ଏକ୍ସପ୍ରେସ୍‌ର ଏସି ଫାଷ୍ଟକ୍ଲାସ୍ କୋଚରୁ ଜବତ କରିଛନ୍ତି।


ତଦନ୍ତରୁ ଜଣାପଡ଼ିଛି ଯେ, ଉକ୍ତ ର୍‍ୟାକେଟର ଉତ୍ତରପ୍ରଦେଶର ମୁଖ୍ୟତଃ ଗଙ୍ଗା, ଗୋମତି, ଓ ଏହାର ଶାଖା ନଦୀଗୁଡ଼ିକରୁ କଇଁଛ ସଂଗ୍ରହ କରି ସେଗୁଡ଼ିକୁ ଏସି ପ୍ରଥମ ଶ୍ରେଣୀ କୋଚ୍‌ରେ ଲୁଚାଇ ମଧ୍ୟପ୍ରଦେଶ ନେଉଥିଲେ। ପରିବହନ ସମୟରେ କଇଁଛଗୁଡ଼ିକୁ ଲୁଚାଇ ରଖିବା ପାଇଁ ସେମାନେ କୋଚ୍ ଆଟେଣ୍ଡାଣ୍ଟମାନଙ୍କ ସହାୟତା ନେଉଥିଲେ। କୋଚ୍ ଆଟେଣ୍ଡାଣ୍ଟ ଅଜୟ ସିଂ ରାଜପୁତଙ୍କଠାରୁ ୩୧୧ଟି କଇଁଛ ଜବତ ହୋଇଛି, ଯିଏ କି ଏହି ସିଣ୍ଡିକେଟ୍‌ର ଜଣେ କୋରିଅର ଭାବେ କାର୍ଯ୍ୟ କରୁଥିଲେ। ଜବତ କଇଁଛଗୁଡ଼ିକ ମଧ୍ୟରେ ବିଲୁପ୍ତପ୍ରାୟ କ୍ରାଉନ୍ତ ରିଭର ଟର୍ଟଲ, ଇଣ୍ଡିଆନ୍ ଟେଣ୍ଟ ଟର୍ଟଲ, ଇଣ୍ଡିଆନ ରୁଫ୍‌ଡ ଟର୍ଟଲ ରହିଛନ୍ତି, ଯାହାକୁ ବନ୍ୟପ୍ରାଣୀ ସୁରକ୍ଷା ଆଇନ, ୧୯୭୨ ଅନୁଯାୟୀ ସୁରକ୍ଷା ଦିଆଯାଉଛି।

# ଚୌଦ୍ୱାର ଜେଲରୁ ଫେରାର କଏଦୀ ମଥୁରାରୁ ଗିରଫ

ଭୁବନେଶ୍ୱର,୧୪।୨(ତ୍ରିନାଥ ମହାନ୍ତି)

ଗତ ଅକ୍ଟୋବର ୨ତାରିଖ ବିଳମ୍ବିତ ରାତିରେ ଚୌଦ୍ୱାର ମଣ୍ଡଳ କାରାଗାରରୁ ଫେରାର ଦୁଇ ଅପରାଧୀଙ୍କ ମଧ୍ୟରୁ ଜଣଙ୍କୁ କମିଶନରେଟ୍ ପୋଲିସ ଗିରଫ କରିଛି। ହାର୍ଡକୋର ଅପରାଧୀ ମଧୁକାନ୍ତ କୁମାର ରାନାଙ୍କୁ ମଥୁରା ବୃନ୍ଦାବନରୁ ଗିରଫ କରାଯାଇଥିବାବେଳେ ଅନ୍ୟତମ ଅପରାଧୀ ରାଜା ସାହାଣୀଙ୍କୁ ଗିରଫ ପାଇଁ ସ୍ପେଶାଲ୍ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଶନିବାର ପୋଲିସ ସେବା ଭବନରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସିଂ କହିଛନ୍ତି, ହାର୍ଡକୋର ଅପରାଧୀ ମଧୁକାନ୍ତଙ୍କୁ ଧରିବାକୁ କଟକ ଯୁପିଡିର ୨୬ ଜଣ ସ୍ପେଶାଲ ଟିମ୍ ଲାଗିଥିଲେ। ଡିଜିଟାଲ ଏଭିଡେନ୍ସ, ମାନବ ସୂଚନା, ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ଏହି ଟିମ୍ ସଫଳ ହୋଇଛି। ହେଲେ ଅନ୍ୟତମ ଅପରାଧୀ ରାଜା ଫେରାର ହୋଇଛନ୍ତି। ସେ ପାତାଳରେ ଲୁଚିଥିଲେ ମଧ୍ୟ ଟିମ୍ ତାଙ୍କୁ ଖୁବ୍ ଶୀଘ୍ର ଗିରଫ କରିବ ବୋଲି ପୋଲିସ କମିଶନର କହିଛନ୍ତି। ଅକ୍ଟୋବର ୨-୩ ତାରିଖ ରାତି ୧ଟା ୪୫ରେ ଚୌଦ୍ୱାର ଜେଲରୁ ୨ ଅଭିଯୁକ୍ତ ମଧୁକାନ୍ତ ଏବଂ ରାଜା କମ୍ବଳ ସାହାଯ୍ୟରେ ଜେଲ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ପରେ ଜେଲ ପଛରେ ଥିବା ପାଣିରେ ପଶି ନିକଟ ଟ୍ରେନ୍ ଲାଇନ୍‌କୁ ଯାଇଥିଲେ। ଟ୍ରେନ୍ ଲାଇନରେ ଚାଲିଚାଲି ଏକ ଛୋଟ ଷ୍ଟେଶନରେ ପହଞ୍ଚିଥିଲେ। ସେଠାରୁ ପାସେଞ୍ଜର ଟ୍ରେନ୍ ଧରି ପୁରୀ ପଳାଇଥିଲେ। ପୁରୀରେ ବୁଲିବା ସହ ଏକ ଶୌଚାଳୟରେ ଲୁଚିଥିଲେ। କମିଶନରେଟ ପୋଲିସ ସୂଚନାଦାତାଙ୍କୁ ୫୦ ହଜାର ପୁରସ୍କାର ରାଶି ଘୋଷଣା କରିବା ପରେ ଉଭୟଙ୍କୁ ପୁରୀ ଷ୍ଟେଶନରେ କିଛି ଲୋକ ଦେଖି ପୋଲିସକୁ ଫଟୋ ପଠାଇଥିଲେ। ପୋଲିସ ଜାଣିବା ପରେ ସେମାନେ ଟ୍ରେନ୍ ଯୋଗେ ଦିଲ୍ଲୀ ପଳାଇଥିଲେ। ସେଠାରୁ ପୁଣି ଦୁହେଁ ୟୁପି ଏବଂ ବିହାର ଯାଇଥିଲେ। ଧରାପଡ଼ିବା ଭୟରେ ଉଭୟେ ପୁଣି ନେପାଳକୁ ଚାଲିଯାଇଥିଲେ। ସେଠାରେ କିଛିଦିନ ଉଭୟ ରହିବା ପରେ ଗୟାକୁ ଆସିଥିଲେ। ☞ପୃଷ୍ଠା-୧୨


ମଧୁକାନ୍ତ କୁମାର ରାନା

**■ ଗେଷ୍ଟ ହାଉସ୍‌ରେ ମଧୁକାନ୍ତ ନାମ ବଦଳାଇ କାମ କରୁଥିଲେ**

# ଭୁଶୁଡ଼ିଲା ନିର୍ମାଣାଧୀନ ମେଟ୍ରୋ ସ୍ଲାବ୍, ଜଣେ ମୃତ

ମୁମ୍ବାଇ,୧୪।୨

ମୁମ୍ବାଇର ମୁଲୁନ୍ଦ ଅଞ୍ଚଳରେ ନିର୍ମାଣାଧୀନ ମେଟ୍ରୋ ରେଳ ପ୍ରକଳ୍ପର ଏକ ସ୍ଲାବ୍ ଶନିବାର ଭୁଶୁଡ଼ି ପଡ଼ିବାରୁ ଜଣଙ୍କର ମୃତ୍ୟୁ ହେବା ସହିତ ଆଉ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟ ଚାଲିଥିଲା ବେଳେ ଅଚାନକ ଏକ ସ୍ଲାବ୍ ଭୁଶୁଡ଼ି ପଡ଼ି ତଳେ ରହିଥିବା ବହୁ ଗାଡ଼ି ଉପରେ ପଡ଼ିଥିଲା। ଫଳରେ ଗାଡ଼ିରେ ଥିବା ଏକାଧିକ ଲୋକ ଆହତ ହୋଇଥିଲେ। ଆହତ ଲୋକମାନଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ସେଠାରେ ଜଣଙ୍କର ମୃତ୍ୟୁ ହୋଇଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ଘଟଣାର ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ମେଟ୍ରୋ ପ୍ରକଳ୍ପ କାର୍ଯ୍ୟକୁ ନେଇ ସେ ସୁରକ୍ଷା ଦିଗକୁ ନିଶ୍ଚିତ କରିବାକୁ କହିଛନ୍ତି।

# ସହର ଉନ୍ନତୀକରଣ ପାଇଁ ୧ ଲକ୍ଷ କୋଟି

**କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ**

ନୂଆଦିଲ୍ଲୀ,୧୪।୨(ପି.ଟି.)

ଭାରତର ସହରାଞ୍ଚଳଗୁଡ଼ିକର ଭିତ୍ତିଭୂମି ବିକାଶ ଓ ଉନ୍ନତୀକରଣ ପାଇଁ କେନ୍ଦ୍ର କ୍ୟାବିନେଟ୍ ମୋଟ ୧ ଲକ୍ଷ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ସହ ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ (ୟୁସିଏଫ୍)କୁ ମଞ୍ଜୁରୀ ପ୍ରଦାନ କରିଥିବା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର କହିଛନ୍ତି। ଏହି ଯୋଜନାରେ ପ୍ରକଳ୍ପ ମୂଲ୍ୟର ୨୫ ପ୍ରତିଶତ କେନ୍ଦ୍ରୀୟ ସହାୟତା ଭାବେ ଯୋଗାଇ ଦିଆଯିବା ସହ ବ୍ୟୟର ଅନ୍ୟୂନ ୫୦ ପ୍ରତିଶତ ମାର୍କେଟରୁ ସଂଗ୍ରହ କରାଯିବ। ଫଳରେ ଆଗାମୀ ୫ ବର୍ଷରେ ସହରାଞ୍ଚଳ ସେକ୍ଟରଗୁଡ଼ିକରେ ମୋଟ ୪ ଲକ୍ଷ କୋଟି ଟଙ୍କା ବିନିଯୋଗ ହେବ। ଦେଶର ସହରାଞ୍ଚଳ ନୂଆ ବିକାଶ ଆଭିମୁଖ୍ୟରେ ଏହା ଏକ ମୌଳିକ ପରିବର୍ତ୍ତନ, ଯାହା କେବଳ ସରକାରୀ ଅନୁଦାନ ଉପରେ ନିର୍ଭର ନ କରି ବଜାର ପୁଞ୍ଜି, ନୀତିଗତ ପରିବର୍ତ୍ତନ ଏବଂ ପ୍ରତ୍ୟକ୍ଷ ଫଳାଫଳ ଉପରେ ଗୁରୁତ୍ୱ ଦେଇଥାଏ। ଉନ୍ନତମାନର ସହରୀ ଭିତ୍ତିଭୂମି ନିର୍ମାଣ ପାଇଁ ୟୁସିଏଫ୍ ବଜାର ଆଧାରିତ ପାଣ୍ଠି, ଘରୋଇ କ୍ଷେତ୍ରର ଅଂଶଗ୍ରହଣ ଏବଂ ନାଗରିକ କୈନ୍ଦ୍ରିକ ସଂସ୍କାରର ବ୍ୟବହାର କରିବ। ଏହି ପାଣ୍ଠିର ଉଦ୍ଦେଶ୍ୟ ହେଉଛି ସ୍ଥାୟୀ, ଉତ୍ପାଦନକ୍ଷମ, ସମାବେଶୀ ଏବଂ ଜଳବାୟୁସମ୍ବେଦନଶୀଳ ସହରାଞ୍ଚଳ ଭିତ୍ତିଭୂମି ଯୋଗାଇଦେବା। ଦେଶର ଆର୍ଥିକ ବିକାଶର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ଏକ ବିବୃତିରେ କୁହାଯାଇଛି। ୟୁସିଏଫ୍ ୨୦୨୫-୨୬ରୁ ୨୦୩୦-୩୧ ଆର୍ଥିକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ୨୦୩୩-୩୪ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇପାରିବ।

ଏହା ବ୍ୟତୀତ ବ୍ୟବସାୟରେ ବିନିଯୋଗ ପାଇଁ ପାଣ୍ଠି ଯୋଗାଡ଼ କରିବା ଏବଂ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳକୁ ସହାୟତା ପାଇଁ କେନ୍ଦ୍ର କ୍ୟାବିନେଟ୍ ଶୁକ୍ରବାର ଷ୍ଟାର୍ଟଅପ୍‌ଗୁଡ଼ିକ ନିମନ୍ତେ ୧୦,୦୦୦ କୋଟି ଟଙ୍କାର ପାଣ୍ଠିକୁ ଅନୁମୋଦନ କରିଛନ୍ତି। ଷ୍ଟାର୍ଟଅପ୍ ଇଣ୍ଡିଆ ଇନିସିଏଟିଭ୍‌ରେ ଫଣ୍ଡ ଅଫ୍ ଫଣ୍ଡସ୍ (ଏଫ୍‌ଓଏଫ୍) ଯୋଜନାର ଏହା ଦ୍ୱିତୀୟ ପର୍ଯ୍ୟାୟ। ସେହିପରି ୧୮,୫୦୯ କୋଟି ଟଙ୍କା ମୂଲ୍ୟର ୩ଟି ରେଳ ପ୍ରକଳ୍ପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଆର୍ଥିକ ବ୍ୟାପାର ସମ୍ପର୍କିତ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ସେଥିରେ ରହିଛି କସରା-ମନମଦ, ଦିଲ୍ଲୀ, ଅମ୍ବାଲା ଏବଂ ବେଲାରି-ହୋସାପେଟେ ମଧ୍ୟରେ ତୃତୀୟ ଓ ଚତୁର୍ଥ ରେଳଲାଇନ। ଏହା ରେଳ ପରିବହନ ସାମର୍ଥ୍ୟ ବଢ଼ାଇବା ସହ ସେବା ବିଶ୍ୱସନୀୟତାରେ ଉନ୍ନତି ଆଣିବ।

# ପାରାଦୀପ ବେଳାଭୂମିରେ ବିଷାକ୍ତ ପଫର୍ ମାଛ

ପାରାଦୀପ,୧୪।୨(ଶରତ ରାଉତ)

ପାରାଦୀପ ବତିଘର ପାଖ ସମୁଦ୍ର ବେଳାଭୂମିରେ ଶନିବାର ଏକ ବିରଳ ମାଛ ଦେଖିବାକୁ ମିଳିଛି। ଏହାକୁ ପଫର୍ ମାଛ ବୋଲି ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଜଙ୍ଗଲୀ ଜୀବ ଝିଙ୍କ ଭଳି ଏହି ମାଛର ଦେହସାରା ବିଷାକ୍ତ କଣ୍ଟା ରହିଛି। ବେଳାଭୂମିରୁ ଜଣେ ଅଟୋଚାଳକ ତାକୁ ଦେଖି ଉଦ୍ଧାର କରିଥିଲେ। ପରେ ତାକୁ ବାଲିରେ ପକେଇ ପଳାଇ ଯାଇଥିଲେ। ବେଳାଭୂମିରେ ବହୁ ସଂଖ୍ୟାରେ ପଫର୍ ମାଛ ମରିପଡ଼ିଥିବା ଜଣାପଡ଼ିଛି। ଉକ୍ତ ମାଛ ସମ୍ପର୍କରେ ମତ୍ସ୍ୟ ବିଭାଗର ଉପ ନିର୍ଦ୍ଦେଶକ ସୁବ୍ରତ କୁମାର ଦାଶଙ୍କୁ ପଚାରିଲେ କୁହନ୍ତି, ଏହି ମାଛଗୁଡ଼ିକ ଗଭୀର ସମୁଦ୍ରରେ ରୁହନ୍ତି। ଏହା ଅତ୍ୟନ୍ତ ବିଷାକ୍ତ ମାଛ। କ୍ୱଚିତ୍ ସମୟରେ ଏହି ମାଛ କୂଳକୁ ଆସିଥାନ୍ତି। ଏହାକୁ ମଣିଷ ଖାଇବା ଅନୁଚିତ। ଏହା ସାଧାରଣତଃ ସୁନ୍ଦରବନ ଅଞ୍ଚଳରେ ଦେଖାଯାଆନ୍ତି। ଓଡ଼ିଶା ଉପକୂଳରେ ଏହି ମାଛ ଦେଖାଯିବା ବିରଳ ବୋଲି ଦାଶ କହିଛନ୍ତି। ଏ ସମ୍ପର୍କରେ ବୋଟ ମାଲିକ ଅରବିନ୍ଦ ସ୍ୱାଇଁ କୁହନ୍ତି, ଏପରି ମାଛ ପାରାଦୀପରେ ପୂର୍ବରୁ କେବେ ଦେଖାଯାଇ ନ ଥିଲା।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୨୦ତମ ତୋଷାଳି ସ୍ୱଦେଶୀ ମେଳା, ସ୍ଥାନ: ଜନତା ମଇଦାନ, ସମୟ: ଅପରାହ୍ନ ୨ଟା।
- ୧୨ତମ ଭୁବନେଶ୍ୱର ରେଡିଓ ମେଳା, ସ୍ଥାନ: ଏକାମ୍ର ହାଟ, ସମୟ: ଅପରାହ୍ନ ୪ଟା।
- ମହାଶିବରାତ୍ରୀ ଉପଲକ୍ଷେ ଭଜନ ସମାରୋହ, ସ୍ଥାନ: ହଂସପାଳ ବାଟ ମହାବୀର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।
- ବାଦୀପାଲା ପରିବେଷଣ, ସ୍ଥାନ: ବାଲିଅନ୍ତା ବ୍ଲକ ଶାଳେଶ୍ୱର ଗ୍ରାମ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।
- ଜାଗର ଉପଲକ୍ଷେ ଶ୍ରୀଶ୍ରୀ ବାବା ଜଳେଶ୍ୱର ଡ୍ରାମାଟିକ କ୍ଲବ ଆନୁକୂଲ୍ୟରେ ପ୍ରଥମ ରଜନୀରେ ମଞ୍ଚସ୍ଥ ନାଟକ 'କେତେ ଦୁଃଖ ଦେବୁ କହ ଦଇବ ', ସ୍ଥାନ: କଳାରାହାଙ୍ଗ ଜଳେଶ୍ୱର ମନ୍ଦିର ଯାତ୍ରା ପଡ଼ିଆ, ସମୟ: ରାତି ୧୧ଟା।

## ବାଲେଶ୍ୱର

- ମହାଶିବରାତ୍ରି ଉତ୍ସବ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ନୂଆବଜାର, ବାଲେଶ୍ୱର, ସମୟ: ସକାଳ ୭ଟା।
- କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବୁଟ ବଣ୍ଟନ, ସ୍ଥାନ: ଶୈବପୀଠ ପରିସର, ଲଙ୍ଗଳେଶ୍ୱର, ସମୟ: ସକାଳ ୮ଟା।
- ଶ୍ରଦ୍ଧା ବୃଦ୍ଧା ଆଶ୍ରମରେ ଭୂମିପୂଜନ, ସ୍ଥାନ: ଡେମୁରିଆ, ବାଲିଆପାଳ, ସମୟ: ସକାଳ ୯ଟା।
- ଦକ୍ଷତା ବିକାଶ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧ଲକ୍ଷ ଦୀପ ପ୍ରଜ୍ୱଳନ ଓ ଭଜନ ସନ୍ଧ୍ୟା, ସ୍ଥାନ: ଭୂଷଣ୍ଡେଶ୍ୱର ମହାଦେବ, କୁମ୍ଭୀରଗଡ଼ି ପାହି, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।
- ମହାଶିବରାତ୍ରିରେ ଜାଗର ଜାଳିବେ ଲକ୍ଷାଧିକ ଶ୍ରଦ୍ଧାଳୁ, ସ୍ଥାନ: ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ସହ ଭୋଗରାଇର ଶତାଧିକ ଶୈବପୀଠ, ଭୋଗରାଇ, ସମୟ: ସନ୍ଧ୍ୟା ୬ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ରାଉତପଡ଼ା ବାବା ବାଳକେଶ୍ୱରନାଥ ଶୈବପୀଠ, ରୂପସା, ସମୟ: ରାତି ୮ଟା।

## ଭଦ୍ରକ

- ଜାଗର ଯାତ୍ରା, ସ୍ଥାନ: ଲୋକନାଥ ମନ୍ଦିର, ଭଦ୍ରକ, ସମୟ: ସକାଳ ୬ଟା।
- ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଟିଲୋ ହନୁମାନ ପଡ଼ିଆ, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱେଶ୍ୱର ପୀଠରେ ଜାଗର ଯାତ୍ରା, ସ୍ଥାନ: ରାଢୋ, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ବାବା କପିଳମୁନିଙ୍କ ବାର୍ଷିକୋତ୍ସବ, ସ୍ଥାନ: ପଳିକିରି, ଧାମନଗର, ସମୟ: ଅପରାହ୍ନ ୪ଟା।

- ସାଳନ୍ଦୀ ସାହିତ୍ୟ ସଙ୍ଗମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସଙ୍ଗମ କନଭେନ୍‌ଶନ୍, ଭଦ୍ରକ ବାଇପାସ୍, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ସୋମେଶ୍ୱର ମନ୍ଦିରରେ ମହାଦୀପ ଉଠିବା ସମୟ, ସ୍ଥାନ: ସ୍ୱାମ ଶାସନ, ପାଟଣା, ସମୟ: ରାତି ୯ଟା।
- ଜାଗର ଉତ୍ସବ ଓ ମହାଦୀପ ଉଠିବା ସମୟ,ସ୍ଥାନ: ହରିହର ମନ୍ଦିର, ବଡ଼ବିଲ, ସମୟ: ରାତି ୧୦ଟା୩୦।
- ଆନନ୍ଦେଶ୍ୱର ମହାଦେବ ମନ୍ଦିର ମହାଦୀପ ଉଠିବା, ସ୍ଥାନ: ପାଟଣାସ୍ଥିତ ମନ୍ଦିର ପରିସର,ସମୟ: ରାତି ୧୧ଟା।

## ମୟୂରଭଞ୍ଜ

- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ମହାଶିବରାତ୍ରି ଜାଗରମେଳା, ସ୍ଥାନ: ମାଣତ୍ରୀ, ବଡ଼ସାହି, ସମୟ: ପ୍ରାତଃ ୪ଟା।
- ବାବା ଝିଙ୍କେଶ୍ୱର ପୀଠରେ ଜାଗର ଯାତ୍ରା,ସ୍ଥାନ: କପ୍ତିପଦା, ସମୟ: ପ୍ରାତଃ ୪ଟା୩୦।
- ଜାଗରମେଳା ଓ ମହାଶିବରାତ୍ରି, ସ୍ଥାନ: ସିଂହଟିଆ, ବଡ଼ସାହି, ସମୟ: ପ୍ରାତଃ ୫ଟା।
- ମହାଶିବରାତ୍ରି ଓ ଜାଗରମେଳା, ସ୍ଥାନ: ବୁଢ଼ାରାଉଳ ମଠ ତେନ୍ତୁଳିଡିଙ୍ଗା ବାରିପଦା,ସମୟ: ପ୍ରାତଃ ୫ଟା।
- ସତ୍ୟ ସ୍ୱରୂପ କ୍ରିକେଟ ଟୁର୍ନାମେଟ ଉଦ୍‌ଘାଟନ,ସ୍ଥାନ: ନାଗପାଳ ଖେଳ ପଡ଼ିଆ, ଉଦଳା, ସମୟ: ସକାଳ ୯ଟା୩୦।
- ଗୋଶାଳା କପ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଗୋଶାଳା ପଡ଼ିଆ ତୁଳସୀଚଉରା, ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ବୁଦ୍ଧଖୋଲରେ ମହାଶିବରାତ୍ରୀ, ସ୍ଥାନ: ବୁଗୁଡ଼ା,ବୁଦ୍ଧଖୋଲ, ସମୟ: ସକାଳ ୬ ଟା।
- ମହାଶିବରାତ୍ରୀ ଉପଲକ୍ଷେ ନାମ ସଂକୀର୍ତ୍ତନ ଯଜ୍ଞ, ସ୍ଥାନ: ବୁଗୁଡ଼ା,ଏକଡାଳ, ସମୟ: ସକାଳ ୭ ଟା।

## ଜଗତ୍‌ସିଂହପୁର

- ପାରାଦୀପ ବନ୍ଦର ପକ୍ଷରୁ ୨୫ ତମ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଗଲ୍ଫ ପଡ଼ିଆ, ପାରାଦୀପ, ସମୟ: ସକାଳ ୬ଟା।
- ପ୍ରଜାପିତା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ବ୍ରହ୍ମାକୁମାରୀ ପକ୍ଷରୁ ଜାଗର ଉପଲକ୍ଷେ ଶୈବ ମିଳନ, ସ୍ଥାନ: ଆଶ୍ରମ ପରିସର, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।
- ମୁକ୍ତେଶର ମନ୍ଦିର ପରିସରରେ ମହାଶିବରାତ୍ରି ଉପଲକ୍ଷେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, କେନ୍ଦ୍ରାପଡା ସହର, ସମୟ: ସକାଳ ୬ଟା ।
- ବିଶ୍ୱଶାନ୍ତି ନାମଯଜ୍ଞ, ସ୍ଥାନ: କପିଳେଶ୍ୱର ମନ୍ଦିର ପରିସର, ରଣସିଂସାହି, ବଡପାଳ, ମାର୍ଶାଘାଇ, ସମୟ:ସକାଳ ୬ଟା ।
- ଗ୍ରାମେଶ୍ୱର ମହୋତ୍ସବ, ସ୍ଥାନ: ମନ୍ଦିର ପରିସର, ଜମ୍ବିଲୋ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।
- ଜାଗର ମହୋତ୍ସବ, ସ୍ଥାନ: ମହାଦେବ ମନ୍ଦିର, କପାଳେଶ୍ୱର, କେନ୍ଦ୍ରାପଡା, ପାଟଣା, କୋର, ଆଗପଡା, ଅରସା, କଣ୍ଟପଡା, ନରହରିପୁର ଶାସନ, ରାଜକନିକା, ନଡିଆବରେଇ, ଗରଦପୁର, ଜଗନ୍ନାଥପୁର, ନୀଳକଣ୍ଠପୁର, ଚାଟରା ଶାସନ, ଗୋଲରହାଟ, ଡେରାବଶ, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ମହାବିନାୟକ ମନ୍ଦିରରେ ଜାଗର ଯାତ୍ରା, ସ୍ଥାନ: ମହାବିନାୟକ ପୀଠ, ଚଣ୍ଡିଖୋଲ, ସମୟ: ସକାଳ ୬ଟା।
- ନାନପୁର ମହୋତ୍ସବ, ସ୍ଥାନ: ବଡଚଣା ବ୍ଲକ ଅନ୍ତର୍ଗତ ନାନପୁର ସ୍ଥିତ ବିରୂପା ନଦୀ ପଠା, ସମୟ: ପୂର୍ବାହ୍ନ ୧୦ଟା।
- ୨୭ତମ ଜାତୀୟ ସଂହତି ଉତ୍ସବର ୩ୟ ଦିନ କାର୍ଯ୍ୟକ୍ରମ, ସ୍ଥାନ: ବ୍ୟାସନଗର ଗୋଶାଳା ପଡିଆ, ସମୟ: ସନ୍ଧ୍ୟା ୬ଟା।
- ଏନ୍‌ସି ହାଇସ୍କୁଲ ପ୍ଲାଟିନମ ଜୁବୁଲି ଉତ୍ସବର ୨ୟ ଦିନ କାର୍ଯ୍ୟକ୍ରମ, ସ୍ଥାନ: ଏନସି ହାଇସ୍କୁଲ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।
- ଜାଗର ଯାତ୍ରା, ସ୍ଥାନ: କନ୍ହେଇପୁର ଚନ୍ଦ୍ରଶେଖର ମନ୍ଦିର, ଚାନ୍ଦମା ଚନ୍ଦନେଶ୍ୱର, ଧବଳେଶ୍ୱର ମନ୍ଦିର, ଦେବେଶ୍ୱର ମନ୍ଦିର, ବଗେଇ ବିଶେଶ୍ୱର ମନ୍ଦିର, ସ୍ୱପ୍ନେଶ୍ୱର, ଓଙ୍କାରେଶ୍ୱର, ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ମହାଶିବରାତ୍ରୀ ଅବସରରେ ଜାଗରଯାତ୍ରାର ଶୁଭାରମ୍ଭ, ସ୍ଥାନ:ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ପ୍ରାତଃ ୪ଟା(ସର୍ବ ସାଧାରଣ ଦର୍ଶନ, ରାତ୍ର ୧୧ଟା (ମହାଦୀପ ଉଠାଣ)।
- ଭୈମୀ ଏକାଦଶୀ ମେଳାର ଉଦ୍‌ଯାପନୀ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ୨୪ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ମହିଳା ଆତ୍ମରକ୍ଷା କୌଶଳ ଶିବିରର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଜାଗର ଯାତ୍ରା, ସ୍ଥାନ: ରଣପୁର ସହରର ଶାମୁକାସାହିର ସ୍ୱପ୍ନେଶ୍ୱର, ଚଣ୍ଡେଶ୍ୱର ସାହିର ଚଣ୍ଡେଶ୍ୱର ଓ ପୁରୁଣାବସନ୍ତର ବାଲୁଙ୍କେଶ୍ୱର, ସମୟ: ଅପରାହ୍ନ ୫ଟା।
- ଜାଗର ଯାତ୍ରା ଆରମ୍ଭ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ଖଣ୍ଡପଡା ନୀଳକଣ୍ଠେଶ୍ୱର ମନ୍ଦିର, ଖଣ୍ଡପଡା ଜଗନ୍ନାଥପ୍ରସାଦ ଦରଦା ମହିଷାସୁଣୀ ମନ୍ଦିର, ଖଣ୍ଡପଡା ଜଗନ୍ନାଥପ୍ରସାଦ ଦରଦା ମହିଷାସୁଣୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଜାଗରଯାତ୍ରା ଅବସରରେ ମହାଦୀପ ଉଠାଣ, ସ୍ଥାନ:ଗୋଡିପଡା ଲଡୁକେଶ ମହେଶଙ୍କ ପୀଠ: ରାତ୍ର ୧୧ଟା ।

## ରାୟଗଡ଼ା

- ମହାଶିବରାତ୍ରୀ ଓ ଜାଗର, ସ୍ଥାନ: ବାଲୁଙ୍କେଶ୍ୱର ମନ୍ଦିର, ରାୟଗଡ଼ା, ସମୟ: ସକାଳ ୫ଟା।
- ପଣା ବଣ୍ଟନ, ସ୍ଥାନ: ମଙ୍ଗଳା ମନ୍ଦିର, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଚତୁର୍ଥ ତ୍ରିବେଣୀ ମହୋତ୍ସବ ସହ ଜାଗର ଯାତ୍ରା, ସ୍ଥାନ: ମୀନାଖୋଲା, ସମୟ, ଅପରାହ୍ନ ୫ଟା।

## ନବରଙ୍ଗପୁର

- କେଲିଆ ଶୈବପୀଠରେ ମହାଦୀପ ଦର୍ଶନ, ସ୍ଥାନ: ଡାବୁଗାଁ, ସମୟ: ରାତି ୧୦ଟା।

## ସମ୍ବଲପୁର

- ସ୍ୱପ୍ନେଶ୍ୱର ବାବା ଶୈବପୀଠରେ ମହା ଶିବରାତ୍ରୀ ପୂଜାର୍ଚ୍ଚନା, ସ୍ଥାନ: ଗୋବିନ୍ଦତୋଲା, ସମୟ : ପ୍ରାତଃ ୫ଟା।
- ମହାଶିବ ରାତ୍ରୀ ପୂଜାର୍ଚ୍ଚନା ଓ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ : ବୁଢ଼ାରଜା ପାହାଡ ସ୍ଥିତ ମହାଦେବ ମନ୍ଦିର, ସମୟ : ପ୍ରାତଃ ୫ଟାରୁ ଆରମ୍ଭ।
- ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ଏମ୍‌ସିଏଲ ହୀରାକୁଦ ଆନ୍ତର୍ଜାତୀୟ ହାଫ ମାରାଥନ ଶୁଭାରମ୍ଭ, ସ୍ଥାନ : ଜମାଦାରପାଲି ନିକଟସ୍ଥ ସୋନୁ ଚିକିରା, ସମୟ : ସକାଳ ୫ଟା ୪୫।
- ସିଆଇଆଇ ଆୟୋଜିତ କର୍ମଶାଳା, ସ୍ଥାନ : ହୀରାକୁଦ ଇକୋ ରିଟ୍ରିଟ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସିଆଇଆଇ ମଡେଲ କ୍ୟାରିୟର ସେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଭୁତାପଡା, ସମୟ : ଅପରାହ୍ନ ୨ଟା ୩୦।
- ସମ୍ବଲପୁର ଜିଲା ବରିଷ୍ଠ କ୍ରୀଡା ସଂଘ ଆୟୋଜିତ ତୃତୀୟ ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।
- ଜାଗର ଓ ଭଜନ କାର୍ଯ୍ୟକ୍ରମ, ସ୍ଥାନ : ବାଲିବନ୍ଧ ସ୍ଥିତ ସୋମନାଥ ପୀଠ, ସମୟ : ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ମହାଶିବରାତ୍ରୀ ଉପଲକ୍ଷେ ପୂଜାର୍ଚ୍ଚନା, ସ୍ଥାନ: ଶ୍ରୀ ଧବଳେଶ୍ୱର ବାବା ମନ୍ଦିର, ଖୁଜେନପାଲି, ବଲାଙ୍ଗୀର, ସମୟ: ଭୋର ୪ଟାରୁ ।
- ମହାଶିବରାତ୍ରୀ ଉପଲକ୍ଷେ ମହାଦୀପ, ସ୍ଥାନ: ଶ୍ରୀ ଧବଳେଶ୍ୱର ବାବା ମନ୍ଦିର, ଖୁଜେନପାଲି, ବଲାଙ୍ଗୀର, ସମୟ: ରାତି ୯ଟା ୧୫।
- ମହା ଶିବରାତ୍ରୀ ମେଳା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ଶ୍ରୀ ଶଙ୍କର ମନ୍ଦିର, ଖୁଟୁଲୁମୁଣ୍ଡା, ତୁରେଇକେଲା ବ୍ଲକ, ସମୟ : ଅପରାହ୍ନ ୫ ଟା ୩୦ ମିନିଟ।
- ଧବଳେଶ୍ୱର ବାବାଙ୍କ ଜାଗର ଯାତ୍ରା ଉପଲକ୍ଷେ ମହାଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ, ସ୍ଥାନ: କୁମୁଡା ପାହାଡ , ଟିଟିଲାଗଡ ସହର, ସମୟ: ରାତ୍ରି ୧୨ଟା।

## କଳାହାଣ୍ଡି

- ବାଲୁଙ୍କେଶ୍ୱର ମନ୍ଦିରରେ ହରିହର ଭେଟ, ସ୍ଥାନ: ଭବାନୀପାଟଣା ପୁରୁଣାପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜାଗର ମହୋତ୍ସବ ପାଇଁ ନାମଯଜ୍ଞ, ସ୍ଥାନ: ଜୁନାଗଡ଼ ବ୍ଲକ ଚିଟୈଗୁଡା ନୀଳକଣ୍ଠେଶ୍ୱର ମନ୍ଦିର, ସମୟ: ସକାଳ ୬ଟା।
- ମା' ଯୋଗମାୟା ଶକ୍ତିପୀଠରେ ମହାଶିବରାତ୍ରି ଉପଲକ୍ଷେ ସୂର୍ଯ୍ୟପୂଜା, ଗୋପୂଜା, ରୁଦ୍ରାଭିଷେକ, ମହାଦୀପ ପ୍ରଜ୍ୱଳନ, ସ୍ଥାନ: କେସିଙ୍ଗା ବ୍ଲକ ଗୁର୍ଜିମୁଣ୍ଡା ଶ୍ରୀ ପାତାଳେଶ୍ୱର ମହାଦେବ ମନ୍ଦିର, ସମୟ: ସକାଳ ୮ଟା।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼, ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ମହାଶିବରାତ୍ରି ଅବସରରେ ଭଜନ, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ବ୍ଲକ ନିକିତିମାଲ ଗ୍ରାମର ସିଦ୍ଧେଶ୍ୱର ଶିବ ମନ୍ଦିର ନିକଟ, ସମୟ: ସନ୍ଧ୍ୟା ୭ଟା।
- ଝାଡ଼େଶ୍ୱର ଶିବ ମନ୍ଦିରରେ ଅନ୍ନପ୍ରସାଦ ବଣ୍ଟନ, ସ୍ଥାନ: ପୁରୁଣାଗଡ଼, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବ୍ରାହ୍ମଣ ବାଳକଙ୍କ ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରାମେଶ୍ୱର ଶୈବ ପୀଠ ପ୍ରାଙ୍ଗଣ, ସମୟ: ସକାଳ ୭ଟା।
- ଶିବରାତ୍ରି ଅବସରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଗୌଡ଼ଗାଡ,ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ ଟା।
- ମା'ପଞ୍ଚେଶ୍ୱରୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉପଲକ୍ଷେ ଚଣ୍ଡିପୂଜା ଓ ହୋମ ଯଜ୍ଞ, ସ୍ଥାନ: ବୀରମହାରାଜପୁର, ଭୁଦୋବର ଗ୍ରାମ, ସମୟ: ସକାଳ ୮ଟା ୩୦।
- ମା' ମଙ୍ଗଳା ମଉଳି କ୍ରିକେଟ କପର ତୃତୀୟ ଦିବସ, ସ୍ଥାନ: କଦଳୀପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ୧୩ ତମ ମା' ମାହେଶ୍ୱରୀ କ୍ରିକେଟ କପ୍‌ର ଫାଇନାଲ, ସ୍ଥାନ: ବଡବର୍ଡାକଟା ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ପୁସ୍ତକ ମେଳା ଇଙ୍କ୍‌ଫେଷ୍ଟର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ:ସୁବର୍ଣ୍ଣପୁର ରୟାଲ ପଡିଆ, ସମୟ: ଅପରାହ୍ନ ୫ଟା।
- ଶିବରାତ୍ରୀ ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: କେଶଲଗା ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ମହାଶିବରାତ୍ରି ପାଳନ, ସ୍ଥାନ: ପଟୋରା ଯୋଗେଶ୍ୱର ମନ୍ଦିର, ଶୁକ୍ଲିମୁଣ୍ଡି ସିଦ୍ଧେଶ୍ୱର ବାବା, ବୃନ୍ଦିକୋମନା ପାତାଳେଶ୍ୱର ମନ୍ଦିର, ଧରମପୁର ଶିବ ମନ୍ଦିର, ଧରମସାଗର ଧବଳେଶ୍ୱର ମନ୍ଦିର, ଦିଆମୁଣ୍ଡା ଶିବ ମନ୍ଦିର, ତରବୋଡ ଶିବ ମନ୍ଦିର, ସମୟ: ପ୍ରାତଃ ୪ଟା ୩୦ରୁ ରାତି ୧୨ଟା।
- ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ଷଷ୍ଠ ଦିବସ, ସ୍ଥାନ: କୋମନା ବ୍ଲକ ବୃନ୍ଦିକୋମନା ପଞ୍ଚାୟତ ଡୋଙ୍ଗରିପାଲି ଗାଁ, ସମୟ: ସକାଳ ୮ଟା ୩୦ରୁ ଅପରାହ୍ନ ୪ଟା।
- ତୃତୀୟବର୍ଷ ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡ଼ା, ସମୟ: ସକାଳ ୮ଟା ୪୫।
- ମହାଶିବରାତ୍ରି ଉପଲକ୍ଷେ ଭାଗବତ ଓ ରାମାୟଣ କଥା, ସ୍ଥାନ: କୋମନା ବ୍ଲକ ଦର୍ଲିପଡା ପଞ୍ଚାୟତ ରେଙ୍ଗାବାହାଲ ଗାଁ, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ଝାଡ଼େଶ୍ୱର ବାବାଙ୍କ ଅଭିଷେକ ଓ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ଝାଡ଼େଶ୍ୱର ମନ୍ଦିର, ସମୟ, ପ୍ରାତଃ ୫ଟା।
- ନକ୍‌ଆଉଟ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ମଣ୍ଡଲିଆ କ୍ରିକେଟ ପଡ଼ିଆ, ବ୍ରଜରାଜନଗର, ସମୟ, ପୂର୍ବାହ୍ନ ୧୧ଟା।
- ମହାଶିବରାତ୍ରି ଅବସରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସଦର ବ୍ଲକ ମରାକୁଟା ଶିବ ମନ୍ଦିର ପରିସର, ସମୟ: ରାତି ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମଭାବସ୍ଥ ଚନ୍ଦ୍ରମଙ୍ଗଳଯୋଗ ଆପଣଙ୍କୁ ଧୈର୍ଯ୍ୟର ସହ କାମ ହାସଲ ଦିଗରେ ସାହାଯ୍ୟ କରିବ। ସାଧାରଣ ବ୍ୟତିକ୍ରମ ରହିଲେ ମଧ୍ୟ ପାରିବାରିକ ଜୀବନରେ ଶାନ୍ତି ଅବ୍ୟାହତ ରହିବ। ଅଶ୍ୱିନୀ ନକ୍ଷତ୍ରର ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ସଞ୍ଚିତ ଅର୍ଥ ଭିନ୍ନ ବାଟରେ ଖର୍ଚ୍ଚ ହୋଇ ଯାଇପାରେ।

**ବୃଷ** ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ଚନ୍ଦ୍ରବଳ ପ୍ରଭାବରୁ କୌଣସି କାମରେ ପଛକୁ ଫେରିବେ ନାହିଁ। ରୋହିଣୀ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ ଭଲରେ ଚାଲିବ ଏବଂ ଲାଭବାନ୍ ହେବେ। ବନ୍ଧୁମିଳନ ସାଙ୍ଗକୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ଣେ ପାଇପାରନ୍ତି। ପରିବହନରେ ସାଧାରଣ କଥାରେ ଝଗଡ଼ା କିମ୍ବା ତଜ୍ଜନିତ ସମସ୍ୟାର ଆଶଙ୍କା ରହିଛି।

**ମିଥୁନ** ସମ୍ପର୍କୀୟଙ୍କ ବିରୋଧ ମଧ୍ୟରେ ମୃଗଶିରା ନକ୍ଷତ୍ର ସକାଶେ ଆଶା ଓ ଅଭିଳାଷ ପୂରଣ ହେବ। ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଛୋଟ କଥାକୁ କେନ୍ଦ୍ର କରି ସମ୍ପର୍କହାନି ଘଟିପାରେ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ କିମ୍ବା ସମର୍ଥକମାନଙ୍କ ଶୁଭକାମନାରୁ ଲକ୍ଷ୍ୟ ପୂରଣ ହୋଇପାରିବ।

**କର୍କଟ** କର୍ମକ୍ଷେତ୍ରରେ ଆଦେଶପ୍ରାପ୍ତ ହୋଇ ଆକସ୍ମିକ ଯାତ୍ରା ସାଙ୍ଗକୁ ବନ୍ଧୁମିଳନରୁ ଖୁସି ରହିବେ। ହାତକୁ ନେଇଥିବା କାମଟିକୁ ସୁରୁଖୁରୁରେ କରିପାରିବାରୁ ଟେନସନ୍ କମିଯିବ। ପାରିବାରିକ ସମସ୍ୟା ସମାଧାନରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ଅଶ୍ଳେଷାର ସଭାସମିତିରେ ତର୍କ ବୃଦ୍ଧି ପାଇବାରୁ ଆଲୋଚନା ଅମୀମାଂସିତ ରହିପାରେ।

**ସିଂହ** ମଘା ନକ୍ଷତ୍ର ନିକଟସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ସମସ୍ୟା ସମାଧାନ କରିବେ। ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମ ତ୍ୱରାନ୍ୱିତ କରିବାରେ ସଫଳ ହେବେ। ପରିବାରରେ ପାରସ୍ପରିକ ସହଯୋଗ ପରିବେଶକୁ ସରସ, ସୁନ୍ଦର କରିବ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର ଏବଂ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** ଉତ୍ତରା ଫାଲ୍‌ଗୁନୀ ନକ୍ଷତ୍ର ସକାଶେ ଆଜିର ଯାତ୍ରା, କର୍ମାରମ୍ଭ, ବ୍ୟବସାୟିକ ସ୍ଥିତି ଭଲ ରହିବ। ଭୁଲ୍ ବୁଝାମଣା ହେତୁ ଆତ୍ମୀୟଙ୍କ ଅସହଯୋଗ ଯୋଗୁ ଦୁଃଖ ଅନୁଭବ କରିପାରନ୍ତି। ରପ୍ତାନି ବାଣିଜ୍ୟ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ପରିବାରର ଖର୍ଚ୍ଚ ବୃଦ୍ଧି ପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି ।

**ତୁଳା** କାର୍ଯ୍ୟହାନି କାରଣରୁ ସ୍ୱାତୀ ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ ଟେନ୍‌ସନ ଲାଗିରହିବ। ଆକସ୍ମିକ ଭାବରେ ରାସ୍ତାରେ ଯିବା ସମୟରେ ବନ୍ଧୁ ସମ୍ପର୍କ ସ୍ଥାପନ ହେବ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍ ସଙ୍ଗୀଙ୍କ ପ୍ରେରଣା ମିଳିପାରେ।

**ବିଛା** ଆଜି ଅନୁରାଧା ନକ୍ଷତ୍ର କେତେକ ନୂତନ ଯୋଜନା ପ୍ରସ୍ତୁତ ସଫଳ ହେବେ। ଜମିଜମା, ଗୃହସୀମା, ଧାରକରଜ ତଥା ବିବାଦୀୟ ଘଟଣା କ୍ଷେତ୍ରରେ ସମାଧାନ ଯୋଗୁ ଖୁସି ହେବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** ବାରମ୍ବାର ପ୍ରତିବନ୍ଧକ ସୃଷ୍ଟି ହେଉଥିବା ଯୋଗୁ ମନ ଚାହୁଁଥିବା ପ୍ରକାରେ କେତେକ କାର୍ଯ୍ୟ ସମ୍ପନ୍ନ କରିପାରିବେ ନାହିଁ। ନିର୍ଦ୍ଦିଷ୍ଟ ସମୟରେ ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥଲାଭ ଘଟିବ। ଉତ୍ତରାଷାଢ଼ା ନକ୍ଷତ୍ର ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କ ସହ ନୂତନ ସ୍ଥାନ ପରିଭ୍ରମଣ ସୁଯୋଗ ଜୁଟିବ।

**ମକର** ମାନସିକ ଅସ୍ଥିରତା ଲାଗି ରହୁଥିବାରୁ କାମରେ ମନ ଲାଗିବ ନାହିଁ। କୌଣସି ଜିନିଷ ପାଇବାକୁ କେନ୍ଦ୍ର କରି ସମସ୍ୟା ଭିତରକୁ ଟାଣି ହୋଇ ପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ୍ୟ ହେବେ। ଶ୍ରବଣା ନକ୍ଷତ୍ରର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**କୁମ୍ଭ** ଆଜି ଆଶା କରୁଥିବା ବନ୍ଧୁଙ୍କ ନିକଟରୁ ଅର୍ଥ ପାଇ ସ୍ଥଗିତ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିବେ। ଶତଭିଷା ନକ୍ଷତ୍ର ନୂତନ ଜିନିଷ କ୍ରୟ ସକାଶେ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇ ଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ମନସ୍ତାପ କରିବାକୁ ପଡ଼ିପାରେ।

**ମୀନ** ଆଜି ପୂର୍ବଭାଦ୍ର ନକ୍ଷତ୍ରର ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବ। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବ ଏବଂ ସହଯୋଗ ନିରର୍ଥକ ମନେହେବ। ବ୍ୟବସାୟରେ ଲାଭ ମିଳିବ ଏବଂ ଅନ୍ୟ ଏକ ଉଦ୍ଦେଶ୍ୟରେ ତାହାକୁ ବିନିଯୋଗ କରିବେ। ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବାର ଆଶା ରହିଛି।

ଆଜି ସ୍ମାର୍ତସମ୍ମତ ମହାଶିବରାତ୍ରି, ଶ୍ରୀଲୋକନାଥ ମନ୍ଦିରରେ ହରିହର ଭେଟ, ଅପରାହ୍ନ ଘ.୦୫।୦୫ମି. ପର୍ଯ୍ୟନ୍ତ ତ୍ରୟୋଦଶୀ ତିଥି, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଫେବୃଆରୀ ୧୫ ତାରିଖ ରବିବାର। ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ମକର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୯ ଗତେ ଘ.୧୦।୦୭ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୧୬ମି. ଗତେ, ଘ.୦୫।୪୨ ମଧ୍ୟେ ରାହୁକାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଇଲିଶି ମାଛର କଣ୍ଟା ସାର।**

ସାଧାରଣତଃ ଇଲିଶି ମାଛ ଖାଇବାକୁ ବେଶ୍ ରୁଚିକର ଲାଗିଥାଏ। ତେବେ ଏହି ମାଛରେ ଅତ୍ୟଧିକ କଣ୍ଟା ରହୁଥିବାରୁ ଏହାକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଇକାନୁ ସେ କାନ ନଇ ହେବା।**

କୌଣସି ଗୋପନୀୟ କଥାକୁ ଅନ୍ୟ ଆଗରେ ପ୍ରକାଶ କରିବା ଉଚିତ୍ ହୋଇ ନ ଥାଏ। କାରଣ ଅନ୍ୟ ଆଗରେ ପ୍ରକାଶ କରିଦେଲେ ତାହା ସମୟକ୍ରମେ ଏ କାନରୁ ସେ କାନ ହୋଇ ଚାରିଆଡ଼େ ପ୍ରଘଟ ହୋଇଯାଇଥାଏ। ସେହି ଦୃଷ୍ଟିରୁ ଗୁପ୍ତ କଥାକୁ ଅନ୍ୟ ଆଗରେ କେବେ ପ୍ରକାଶ ନ କରିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ବିବାହ କଥା କେବଳ ଗୁଜବ : ମୃଣାଳ



ମୃଣାଳ ଠାକୁର

ବଲିଉଡ୍‌ରୁ ଆରମ୍ଭକରି ଦକ୍ଷିଣ ଭାରତୀୟ ସିନେମାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ଅଭିନେତ୍ରୀ ମୃଣାଳ ଠାକୁର। ଏବେ କିନ୍ତୁ ସେ ସିନେମା କମ୍, ନିଜର ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ଅଛନ୍ତି। ବିଶେଷ କରି ସାଉଥ୍ ସୁପରଷ୍ଟାର ଧନୁଷ୍‌ଙ୍କ ସହ ତାଙ୍କ ପ୍ରେମ ସମ୍ପର୍କ ଏବଂ ବିବାହକୁ ନେଇ ସୋସିଆଲ ମିଡିଆରେ କିଛିଦିନ ଚର୍ଚ୍ଚା ଚାଲିଛି। ମାତ୍ର ଏ ପ୍ରସଙ୍ଗରେ ନୀରବତା ଭାଙ୍ଗିଛନ୍ତି ମୃଣାଳ। ମୋ ବିବାହ ଚର୍ଚ୍ଚା କେବଳ ଗୁଜବ ବୋଲି ସେ କହିଛନ୍ତି। ଏକ ନ୍ୟୁଜ୍ ଏଜେନ୍ସିକୁ ଦେଇଥିବା ସାକ୍ଷାତ୍‌କାରରେ ମୃଣାଳ ସ୍ପଷ୍ଟ କରିଛନ୍ତି, ବିବାହ ପାଇଁ ସେ ତରବର ହେଉନାହାନ୍ତି। ଯେତେବେଳେ ଠିକ୍ ସମୟ ଆସିବ ଆଉ ଉପଯୁକ୍ତ ବ୍ୟକ୍ତି ମିଳିବେ, ସେତେବେଳେ ସେ ନିଶ୍ଚୟ ବିବାହ କରିବେ। ଯେଉଁଦିନ ତାଙ୍କର ବିବାହ ଠିକ୍ ହେବ, ସେ ନିଜେ ସୋସିଆଲ ମିଡିଆ ମାଧ୍ୟମରେ ସମସ୍ତଙ୍କୁ ଜଣାଇବେ। ତେବେ ଧନୁଷଙ୍କୁ ସେ ସବୁବେଳେ ନିଜର ଜଣେ ଭଲ ବନ୍ଧୁ ବୋଲି କହି ଆସିଛନ୍ତି। ମୃଣାଳ 'ଦୋ ଦିୱାନେ ସେହେର ମେ'ରେ ଅଭିନେତା ସିଦ୍ଧାନ୍ତ ଚତୁର୍ବେଦୀଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି। ସଞ୍ଜୟ ଲୀଳା ଭଁଶାଲୀଙ୍କ ପ୍ରଯୋଜିତ ଏହି ଚଳଚ୍ଚିତ୍ରକୁ ରବି ଉଦୟଭର ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଶଂସକମାନେ ପ୍ରଥମ ଥର ପାଇଁ ସିଦ୍ଧାନ୍ତ ଏବଂ ମୃଣାଳଙ୍କ ଯୋଡ଼ିକୁ ଦେଖିବା ପାଇଁ ଢେର ଉତ୍ସାହିତ ଅଛନ୍ତି। ଫେବୃଆରୀ ୨୦ରେ ଏହାର ରିଲିଜ ହେବ ବୋଲି ପୂର୍ବରୁ ଘୋଷଣା ହୋଇଛି। ତେବେ ବର୍ତ୍ତମାନ କ୍ୟାରିୟର ଉପରେ ଧ୍ୟାନ ଦେଉଛି, ବିବାହ କଥା ସମ୍ପୂର୍ଣ୍ଣ ଗୁଜବ ବୋଲି ମୃଣାଳ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଭାରତ-ପାକିସ୍ତାନ ...

ଏଥିରେ ସୁନ୍ଦର ଉପଯୋଗୀ ସାବ୍ୟସ୍ତ ହୋଇପାରନ୍ତି। ବାମହାତୀ ରିଷ୍ଟ ସ୍ପିନର କୁଲଦୀପ ଯାଦବଙ୍କୁ ଖେଳାଇବାକୁ ମଧ୍ୟ ଟିମ୍ ମ୍ୟାନେଜମେଣ୍ଟ ଚିନ୍ତା କରିପାରେ। ଯଦି କୁଲଦୀପଙ୍କୁ ସୁଯୋଗ ମିଳେ ତେବେ ଜଣେ ବ୍ୟାଟର ବାହାରେ ବସିପାରନ୍ତି। ରିଙ୍କୁ ସିଂ ଏହାର ଶିକାର ହୋଇପାରନ୍ତି। ଏବେ ଭାରତକୁ କେବଳ ମିଡିଲ ଅର୍ଡରରେ ସ୍ଥିର ପ୍ରଦର୍ଶନ ଦେବାକୁ ହେବ। ଆମେରିକାର ବିପକ୍ଷ ମ୍ୟାଚରେ ଭାରତ ଏକଦା ୭୭ ରନ ମଧ୍ୟରେ ୬ ଉଇକେଟ ହରାଇଥିଲା। ସେହିପରି ନାମ୍ବିଆ ବିପକ୍ଷ ଡେଥ୍ ଓଭରରେ ଦଳ ଶୀଘ୍ର ୫ ଉଇକେଟ ହରାଇଥିଲା। ପ୍ରଥମ ୨ଟି ମ୍ୟାଚରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଇଶାନ କିଶନ ଓ ହାର୍ଦ୍ଦିକ ପାଣ୍ଡ୍ୟା ଭାରତକୁ ସଙ୍କଟଜନକ ପରିସ୍ଥିତିରୁ ଉଦ୍ଧାର କରିଛନ୍ତି। ମାତ୍ର ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତକୁ ଦଳଗତ ପ୍ରଦର୍ଶନ ଦେବାକୁ ହେବ। ପାକିସ୍ତାନ ଟୁର୍ନାମେଣ୍ଟ ଆରମ୍ଭରୁ କଲମ୍ବୋରେ ଖେଳି ଆସୁଛି। ତେଣୁ ଏଠାକାର ପିଚ୍ ଓ ପରିବେଶ ସହିତ ଏହି ଦଳ ଅଧିକ ଅଭ୍ୟସ୍ତ ହୋଇଛି। ପାକିସ୍ତାନ ଦଳରେ ଉସମାନ ତାରିକ, ସଇମ ଆୟୁବ, ଆବ୍ରାର ଅହମଦ, ଶାଦବ ଖାଁ ଓ ମହମ୍ମଦ ନୱାଜଙ୍କ ରୂପରେ ୫ ଜଣ ଦକ୍ଷ ସ୍ପିନର ଅଛନ୍ତି। ସେହିପରି ବ୍ୟାଟିଂ ବିଭାଗରେ ଶାହିବଜାଦା ଫରହାନ, ଆୟୁବ ଓ ଅଲ୍‌ରାଉଣ୍ଡର ଫହିମ ଅଶ୍ରଫ ଭଲ ଫର୍ମରେ ଅଛନ୍ତି। ନେଦରଲାଣ୍ଡ ଓ ଆମେରିକା ବିପକ୍ଷରେ ବିଜୟୀ ହୋଇଥିବା ପାକିସ୍ତାନ କିନ୍ତୁ ଭାରତ ବିପକ୍ଷରେ କ୍ୱାଲିଟି ବୋଲିଂର ସମ୍ମୁଖୀନ ହେବ। ଯଶପ୍ରୀତ୍ ବୁମ୍‌ରାଙ୍କଠାରୁ ଆରମ୍ଭ କରି ବରୁଣ ଚକ୍ରବର୍ତ୍ତୀଙ୍କ ପର୍ଯ୍ୟନ୍ତ ଟିମ୍ ଇଣ୍ଡିଆରେ ଅନେକ ମ୍ୟାଚ ବିଜୟୀ ବୋଲର ଅଛନ୍ତି। ଏପରି କି ଶିବମ ଦୁବେଙ୍କ ବୋଲିଂରେ ମଧ୍ୟ ଅନେକ ଉନ୍ନତି ଘଟିଛି। ଏହା ଦଳରେ ସନ୍ତୁଳନ ଆଣିବ।

### ବର୍ଷା ଆଶଙ୍କା

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇଥିବାନେଇ ଶ୍ରୀଲଙ୍କା ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଫଳରେ ଖେତରାମା ଅଞ୍ଚଳରେ ବର୍ଷା ହେବାର ୭୦ ପ୍ରତିଶତ ସମ୍ଭାବନା ଥିବା ପୂର୍ବାନୁମାନ କରାଯାଇଛି।

### ପ୍ରେମିକାଙ୍କ ସ୍ୱାମୀଙ୍କୁ ...

ରିଜ୍‌ୱାନଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲା। ତାଙ୍କ ସହଯୋଗୀ ସାଗର ଗିନେଙ୍କୁ ମଧ୍ୟ ଜେରା କରାଯାଇଥିଲା। ଜେରାବେଳେ ସାଗର ସବୁ କଥା ପୋଲିସ ଆଗରେ ମାନିଯାଇଥିଲେ। ସେ କହିଥିଲେ, ରିଜ୍‌ୱାନ ନାସିରଙ୍କ ସ୍ତ୍ରୀଙ୍କୁ ଭଲ ପାଉଥିଲେ। ରିଜ୍‌ୱାନ ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଥିବାରୁ ନାସିରଙ୍କୁ ଏହା ଉପରେ ଆଲୋଚନା ପାଇଁ ଏକ ନିଛାଟିଆ ସ୍ଥାନକୁ ଡାକିଥିଲେ। ସେଠାରେ ଦୁହେଁ ନାସିରଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ ୩ ଖଣ୍ଡ କରି କେନାଲରେ ଫିଙ୍ଗିଦେଇଥିବା ସେ କହିଥିଲେ। ଇତିମଧ୍ୟରେ ସ୍ଥାନୀୟ ଲୋକେ ଦେଢ଼ଘଣ୍ଟା ଧରି ରାସ୍ତା ଅବରୋଧ କରିବା ସହ ପୋଲିସ ବିରୋଧରେ ବିକ୍ଷୋଭ କରିଥିଲେ। ଜନାକ୍ରୋଶ ବଢୁଥିବା ଦେଖି ପୋଲିସ ଅଭିଯୁକ୍ତ ବିଏଲ୍‌ଓ ରିଜ୍‌ୱାନ ଓ ତାଙ୍କ ସହଯୋଗୀ ସାଗରଙ୍କୁ ଗିରଫ କରିଛି।




# ଅଙ୍କରେ ସାରିଦେଲେ

ଭୁବନେଶ୍ୱର,୧୪।୨(ସୁନିତ୍ ମିଶ୍ର)

୨୦୨୪ ନିର୍ବାଚନ ପରଠାରୁ ଅନେକ ବିଷୟକୁ ନେଇ ନାନା ରାଜନୈତିକ ଚର୍ଚ୍ଚା ଜାରି ରହିଛି। ବିଜେଡିର ଭବିଷ୍ୟତ କ'ଣ ହେବ, ବିରୋଧୀ ଦଳ ଭୂମିକା ଠିକ୍‌ଭାବେ ତୁଲାଉଛି ନା ନାହିଁ ସେଭଳି ଅନେକ ପ୍ରସଙ୍ଗରେ ସବୁବେଳେ ଆଲୋଚନା ହେଇଆସୁଛି। ବିଜେଡି ଉପରେ ଭରସା ରଖୁଥିବା ଏବଂ ଆଞ୍ଚଳିକ ଦଳର ଆଧିପତ୍ୟ ବଢ଼ିବା ଦିଗରେ ଅପେକ୍ଷାକରି ରହିଥିବା ରାଜ୍ୟର ବହୁ ନେତା, କର୍ମୀ ଏବଂ ସାଧାରଣ ଲୋକ ବହୁ କିଛି ଜାଣିବାର ଆବଶ୍ୟକତା ରହିଛି। ସେଦିଗରେ 'ଧରିତ୍ରୀ' ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ତର୍ଜମା କରାଯାଇଛି। ଯାହା ତର୍ଜମା ହୋଇଛି ତାକୁ ଯଦି ପରଖାଯାଏ ତେବେ ଓଡ଼ିଶାରେ ଭାଜପା ରାଜନୈତିକ ଅଙ୍କରେ ତତ୍କାଳୀନ ବିଜେଡି ସରକାରକୁ ଯେ ସଫା କରିଦିଆଯାଇଛି, ଏକଥାକୁ ଏଡ଼ାଇଦିଆଯାଇ ନ ପାରେ। ଏ 'ସଫା' ଶବ୍ଦର ୨ଟି ଅର୍ଥ ବୁଝାଯାଇପାରେ। ପ୍ରଥମ 'ସଫା' ଟି ହେଉଛି ଅତ୍ୟନ୍ତ ଶକ୍ତିଶାଳୀ ଦିଶୁଥିବା ବିଜୁ ଜନତା ଦଳ କ୍ଷମତା ହରାଇବସିଲା। ଦ୍ୱିତୀୟ 'ସଫା' ଟି ହେଉଛି, ଅନେକ ବୃହତ୍ ଦୁର୍ନୀତି ସହ ସରକାରୀ କ୍ଷମତା ଓ ଅର୍ଥ ଅପବ୍ୟବହାରର ଦୋଷାରୋପ ଲୋକଲୋଚନକୁ ଆସିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ପୂର୍ବତନ ସରକାରର କୌଣସି ମୁଖିଙ୍କ ବିରୋଧରେ କିଞ୍ଚିତ୍ ମାତ୍ର କାର୍ଯ୍ୟାନୁଷ୍ଠାନ ଜାଣିଶୁଣି ଗ୍ରହଣ କରାଯାଇ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯେଉଁମାନେ ସେହି ଅଙ୍କ କଷି ଭାଜପାକୁ ବିଜୟର ସ୍ୱାଦ ଦେଇଥିଲେ, ସେମାନେ ଏବେ ଖୁବ୍ ସୁରକ୍ଷିତ ଭାବେ କେନ୍ଦ୍ରରେ ଅଛନ୍ତି। ହେଲେ ସେମାନଙ୍କ କଥା ଆଉ ଚର୍ଚ୍ଚାକୁ ଆସୁନାହିଁ।

ରାଜ୍ୟର ମୋଟ୍ ୨୧ ଲୋକ ସଭା କ୍ଷେତ୍ର ମଧ୍ୟରୁ ୨୦ଟି ଆସନରେ ଭାଜପା ଏବଂ ଗୋଟିଏ ଆସନକୁ କଂଗ୍ରେସ ଦଖଲ କରିବାରେ ସଫଳ ହୋଇଛି। ହେଲେ ବିଗତ ଦିନରେ ୨୧ରୁ ୨୦ ଲୋକ ସଭା ଆସନରେ ବିଜୟୀ ହୋଇ ଜାତୀୟ ରାଜନୀତିରେ ପତିଆରା ରଖୁଥିବା ବିଜେଡି ୨୦୨୪ ସାଧାରଣ ନିର୍ବାଚନରେ 'ଶୂନ'ରେ ପହଞ୍ଚିଯାଇଛି। ଓଡ଼ିଶାର ପ୍ରାୟ ଅଧିକାଂଶ ଲୋକଙ୍କୁ ଜଣାଥିବ ଗତ ନିର୍ବାଚନରେ ଓଡ଼ିଶାରୁ ୨୦ ଲୋକ ସଭା ଆସନରେ ବିଜୟୀହେବା ଯୋଗୁ କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଗଠନ କରିବାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଫଳ ହୋଇପାରିଲେ। ମାତ୍ର ୨୦୧୪ର ମୋଦି ହାୱା ଏବଂ ୨୦୧୯ ପୁଲ୍‌ୱାମା ପାଇଁ ଦେଶବ୍ୟାପୀ ପ୍ରବଳ ସମର୍ଥନ ସତ୍ତ୍ୱେ ସେତେବେଳେ ଓଡ଼ିଶା ଭୋଟରଙ୍କ ଏତିକି ସହଯୋଗ ଭାଜପାକୁ ମିଳି ନ ଥିଲା। ୨୦୨୪ରେ କିନ୍ତୁ ଦେଶର ରାଜନୈତିକ ପାଣିପାଗ ଏକ ଭିନ୍ନ ଦିଗ ଦେଇ ଗତି କରିବା ବେଳେ ଓଡ଼ିଶା କିପରି ବିପରୀତମୁଖୀ ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ସ୍ୱାଭାବିକ। ଏଭଳି କଥା ଉପରେ ଦ୍ୱନ୍ଦ୍ୱରେ ରହିଥିବା ଅନେକ ରାଜନୈତିକ ବ୍ୟକ୍ତି ଜାଣନ୍ତି, ଓଡ଼ିଶାରେ ବିଜେଡି, ଭାଜପା ଏବଂ କଂଗ୍ରେସ ମଧ୍ୟରେ ଦୀର୍ଘବର୍ଷ ଧରି ଚାଲୁଥିବା ତ୍ରିମୁଖୀ ଲଢ଼େଇ ସବୁବେଳେ ବିଜୁ ଜନତା ଦଳକୁ ସୁହାଇଆସୁଥିଲା। କୌଶଳକ୍ରମେ ସେହି ରାଜନୈତିକ ଅଙ୍କ ଉପରେ ପ୍ରଥମେ ଶକ୍ତ ପ୍ରହାର କରାଗଲା। ଏପରି ଏକ ରାଜନୈତିକ ବାତାବରଣ ସୃଷ୍ଟି କରାଗଲା ଯେପରି 'ତ୍ରିମୁଖୀ' ଲଢ଼େଇ ଦ୍ୱିମୁଖୀ ହେବ। ଏଥିପାଇଁ ଭାଜପା ପକ୍ଷରୁ ୨୦୧୪ ପରଠାରୁ ଦିଆଯାଉଥିବା 'କଂଗ୍ରେସ ମୁକ୍ତ ଭାରତର' ନାରାକୁ ବିଜେଡିରେ ଶକ୍ତିଶାଳୀ କେତେଜଣ ଅଫିସରଙ୍କ ଜରିଆରେ ସଫଳ କରାଇବାର ଉଦ୍ୟମ ଆରମ୍ଭ ହେଲା। ଓଡ଼ିଶାର ସବୁ ଲୋକ ସଭା ଆସନରେ ବିଜେଡିର ପ୍ରାର୍ଥୀ ଚୟନ ଏବଂ ସେହି ସମୟରେ କଂଗ୍ରେସରେ ନିଜର ପତିଆରା ରଖୁଥିବା କେଉଁସବୁ ନେତା ବିଜୁ ଜନତା ଦଳକୁ ଆସି ପ୍ରାର୍ଥୀ ହୋଇଥିଲେ ତା' ଉପରେ ନଜର ପକାଇଲେ ସମସ୍ତେ ଏହା ବୁଝିପାରିବେ।

ଉଦାହରଣ ସ୍ୱରୂପ କେନ୍ଦ୍ରାପଡ଼ା ଲୋକ ସଭା ଆସନକୁ ଦେଖିବା। ଏହି ଲୋକ ସଭା ଆସନରୁ ୨୦୨୪ ନିର୍ବାଚନରେ ବୈଜୟନ୍ତ ପଣ୍ଡା ଭାଜପାରୁ ପ୍ରାର୍ଥୀ ହୋଇ ୬, ୧୫, ୭୦୫ ଖଣ୍ଡ ଭୋଟ ପାଇ ବିଜେଡି ଟିକେଟରେ ଲଢ଼ୁଥିବା ଅଂଶୁମାନ ମହାନ୍ତିଙ୍କୁ ୬୬, ୫୩୬ ଖଣ୍ଡ ଭୋଟରେ ହରାଇଲେ। କଂଗ୍ରେସରୁ ଆସି ବିଜେଡିରୁ ଟିକେଟ ନେଇଥିବା ଅଂଶୁମାନ ସେହି ନିର୍ବାଚନରେ ମୋଟ୍ ୫,୪୯,୧୬୯ ଖଣ୍ଡ ଭୋଟ ପାଇଥିଲେ। କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ସିଦ୍ଧାର୍ଥ ସ୍ୱରୂପ ଦାସ ୯୪,୮୩୨ ଖଣ୍ଡ ଭୋଟ ପାଇ ୩ୟ ସ୍ଥାନରେ ରହିଲେ। କଥା ହେଉଛି କେନ୍ଦ୍ରାପଡ଼ାରେ ଭାଜପା ପ୍ରାର୍ଥୀ ବାସ୍ତବରେ ୨୦୧୯ ନିର୍ବାଚନ ତୁଳନାରେ ୨୦୨୪ରେ କେତେ ଅଧିକ ଭୋଟ ପାଇ ଜିତିଲେ। ଏହାକୁ ଜାଣିବା ପାଇଁ ୨୦୧୯ ନିର୍ବାଚନର ଫଳାଫଳ ବିଷୟରେ ଜାଣିବା ଜରୁରୀ। ୨୦୧୯ରେ ବୈଜୟନ୍ତ ଭାଜପାରୁ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ଠାରୁ ୧,୮୧,୪୮୩ ଖଣ୍ଡ ଭୋଟରେ ପରାଜିତ ହୋଇଥିଲେ। ସେଥର ଅନୁଭବଙ୍କୁ ମୋଟ୍ ୬,୨୮,୯୩୯ ଏବଂ ବୈଜୟନ୍ତଙ୍କୁ ୪,୪୭,୪୫୬ ଭୋଟ ମିଳିଥିଲା। କଂଗ୍ରେସରୁ ସେହି ସମୟରେ ଧରଣୀଧର ନାୟକ ପ୍ରାର୍ଥୀ ହୋଇ ମୋଟ୍ ୧,୧୩,୮୪୧ ଖଣ୍ଡ ଭୋଟ ପାଇଥିଲେ। ଭାଜପା ୨୦ ଲୋକ ସଭା ଆସନ କିପରି ନେଲା ତାହାକୁ ତର୍ଜମା କଲେ, ବିଜୁ ପରିବାରର ଗଡ଼ ଭାବେ ପରିଚିତ କେନ୍ଦ୍ରାପଡ଼ା ହେଉଛି ଏକ ଜ୍ୱଳନ୍ତ ଉଦାହରଣ। ଓଡ଼ିଶାର ସବୁ ଲୋକ ସଭା ଆସନରେ ସମାନ ଢଙ୍ଗରେ ଏଭଳି କାର୍ଯ୍ୟକ୍ରମ ହୋଇଥିବା ଏଥିରୁ ବୁଝାପଡୁଛି। ନବରଙ୍ଗପୁରରେ ପ୍ରଦୀପ ମାଝୀଙ୍କୁ ଏବଂ ବଲାଙ୍ଗୀରରେ ସୁରେନ୍ଦ୍ର ସିଂଭୋଇଙ୍କୁ କଂଗ୍ରେସରୁ ଆଣି ପ୍ରାର୍ଥୀ କରିବା ଏହିଭଳି ଆହୁରି ୨ଟି ବଡ଼ ଉଦାହରଣ ଭାବେ ନିଆଯାଇପାରେ। ଏହି ୨ ଆସନରେ କଂଗ୍ରେସର ଟାଣୁଆ ନେତାଙ୍କୁ ଆଣି ବିଜେଡି ପ୍ରାର୍ଥୀ କରିବା ଦ୍ୱାରା ସିଧାସଳଖ ଲାଭ ଭାଜପାକୁ ଯିବା ସହ 'କଂଗ୍ରେସ ମୁକ୍ତ ଭାରତ'ର ନାରା ମଧ୍ୟ ସଫଳ ହୋଇପାରିଲା। ସେହି ସମୟରେ ରାଜ୍ୟ ରାଜନୀତିକୁ ବୁଝୁଥିବା ବହୁ ବିଜେଡି ନେତା ଏହା ଭୁଲ୍ ହେଉଛି ବୋଲି ଜାଣିବା ସତ୍ତ୍ୱେ କାହା ହାତରେ ଏହାକୁ ବଦଳାଇବାର ପଘା ନ ଥିଲା। ଏହା ଜାଣିବା ସତ୍ତ୍ୱେ ସମସ୍ତଙ୍କୁ ପୀଡ଼ା ହେଉଥିଲା। ୨ ଜଣ ବରିଷ୍ଠ ଆଇଏଏସ୍ ଅଫିସର ଜଣେ ତୃତୀୟ ମହଲାରେ ବସୁଥିଲେ ଏବଂ ଅନ୍ୟ ଜଣଙ୍କ ଗ୍ରାଉଣ୍ଡରେ ରହି ଯାହା ରିପୋର୍ଟ ପ୍ରସ୍ତୁତ କରି ଦେଉଥିଲେ ତାହା ବିଜେଡିରେ ସର୍ବମାନ୍ୟ ହେଉଥିଲା।

ସୂଚନାଯୋଗ୍ୟ, ବିଜେଡି ଶାସନ ସମୟରେ ବରିଷ୍ଠ ଆଇପିଏସ୍ ଅଫିସର ଆଶିଷ ସିଂ ଏବଂ ଡି.ଏସ୍. କୁଟେ ବହୁ କ୍ଷମତାଶାଳୀ ଥିବା କଥା ଭାଜପା ବାରମ୍ବାର ଅଭିଯୋଗ କରୁଥିଲା। ସେମାନେ ବିଜେଡି ପାଇଁ କାମ କରୁଛନ୍ତି ବୋଲି ଅଭିଯୋଗ କରି ସେମାନଙ୍କ ବିରୋଧରେ ନିର୍ବାଚନ କମିଶନ ଏବଂ ରାଜ୍ୟପାଳଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଥିଲା। ଅବଶ୍ୟ ଏବେ ସେମାନଙ୍କ ବିଷୟରେ ଆଉ କେହି କିଛି ଅଭିଯୋଗ କରୁନାହାନ୍ତି। କେବଳ ସେତିକି ନୁହେଁ, ଆଶିଷ ସିଂ ତାଙ୍କର ସଫଳତା ପାଇବା ଭଳି ଏବେ କେନ୍ଦ୍ର ସରକାରଙ୍କ ଇଣ୍ଡୋ-ଟିବେଟାନ୍ ବର୍ଡର ପୋଲିସ (ଆଇଟିବିପି)ର ଆଇଜି ଭାବେ ନିଯୁକ୍ତି ପାଇଛନ୍ତି। ସେହିଭଳି ଡି.ଏସ୍. କୁଟେ ପୁରସ୍କାର ସ୍ୱରୂପ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବର୍ଡର ସିକ୍ୟୁରିଟି ଫୋର୍ସ ଆଇଜି ଭାବେ ନିଯୁକ୍ତି ପାଇ ରାଜନୈତିକ ଦୋଷାରୋପର ଅନେକ ଦୂରରେ ଅଛନ୍ତି। ୨୦୨୪ ନିର୍ବାଚନ ପୂର୍ବରୁ ବିଜେଡି ପ୍ରତି କେନ୍ଦ୍ରର ଆଭିମୁଖ୍ୟ ନେଇ ବର୍ତ୍ତମାନ ରାଜ୍ୟ ଶାସକ ଦଳର ଯେଉଁ ନେତାମାନେ କ୍ଷମତାରେ ଅଛନ୍ତି ସେମାନେ ସବୁ ଦ୍ୱନ୍ଦ୍ୱରେ ରହୁଥିଲେ। କିନ୍ତୁ ଶେଷରେ କେନ୍ଦ୍ର ଗୋଟିଚାଳନା ରାଜ୍ୟ ନେତୃତ୍ୱଙ୍କୁ ଖୁସି ଦେଲା ବୋଲି କହିହେବ।


ଆଶିଷ ସିଂ


ଡି.ଏସ୍. କୁଟେ

**ଆଶିଷ ସିଂ କେନ୍ଦ୍ର ସରକାରଙ୍କ ଇଣ୍ଡୋ-ଟିବେଟାନ୍ ବର୍ଡର ପୋଲିସ (ଆଇଟିବିପି) ଆଇଜି ଭାବେ ନିଯୁକ୍ତି ପାଇଥିବାବେଳେ ଡି.ଏସ୍. କୁଟେ ପୁରସ୍କାର ସ୍ୱରୂପ ବର୍ଡର ସିକ୍ୟୁରିଟି ଫୋର୍ସ ଆଇଜି ରୂପେ କାର୍ଯ୍ୟରତ। ଏବେ ସେମାନଙ୍କ ବିଷୟରେ ଆଉ କେହି କିଛି ଅଭିଯୋଗ କରୁ ନ ଥିବାରୁ ଶେଷରେ କେନ୍ଦ୍ର ଗୋଟିଚାଳନା ରାଜ୍ୟ ନେତୃତ୍ୱଙ୍କୁ ଖୁସି ଦେଲା ବୋଲି କହିହେବ।**

# ନିଯୁକ୍ତି କ୍ଷେତ୍ରରେ ଆଦିବାସୀ ଉପେକ୍ଷିତ


- ୪,୨୫୯ ତାଲିମପ୍ରାପ୍ତଙ୍କ ମଧ୍ୟରୁ ୩୫୦ ଜଣଙ୍କୁ ନିଯୁକ୍ତି
- ସିଭିଲ ଇଞ୍ଜିନିୟର ଡିପ୍ଲୋମାଧାରୀ ନିଯୁକ୍ତି ଅପେକ୍ଷାରେ
- ପିଭିଟିଜି ବର୍ଗର ଯୁବତୀଯୁବକଙ୍କ ଆତ୍ମନିର୍ଭରଶୀଳ ଲକ୍ଷ୍ୟ ଦିଗହରା

ଯାଜପୁର,୧୪।୨(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟ ସରକାର ଅନୁସୂଚିତ ଜାତି (ଏସ୍‌ସି) ଓ ଜନଜାତି(ଏସ୍‌ଟି)ଙ୍କ ଆର୍ଥିକ ଅଭିବୃଦ୍ଧି ସହ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରଖି ସ୍ୱତନ୍ତ୍ର ଯୋଜନାଗୁଡିକ ପ୍ରଣୟନ କରିଛନ୍ତି। ନୂଆ ଓଡ଼ିଶା, ପ୍ଲେସ୍‌ମେଣ୍ଟ ଲିଙ୍କ୍ ଟ୍ରେନିଂ ପ୍ରୋଗ୍ରାମ(ପିଏଲ୍‌ଟିପି), ପଲିଟେକ୍ନିକ୍, ଆଇଟିଆଇ ପ୍ରଭୃତି ଜରିଆରେ ବିଭିନ୍ନ ବୈଷୟିକ ଶିକ୍ଷା ସଂକ୍ରାନ୍ତରେ ତାଲିମ ଦିଆଯାଉଛି। ଏହି ସବୁକ୍ଷେତ୍ରରେ ତାଲିମ ପାଇଥିବା ଯୁବତୀଯୁବକମାନେ ସରକାରୀ ଓ ବେସରକାରୀ ସଂସ୍ଥା ସହ ବିଭିନ୍ନ ଶିଳ୍ପ ଓ ଖଣିରେ ନିଯୁକ୍ତି ପାଇବାକୁ ଆଶା ବାନ୍ଧିଛନ୍ତି। କିନ୍ତୁ ନିଯୁକ୍ତିର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା ହୋଇଛି। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଧର୍ତୀ ଅବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନରେ ୨୦୨୬ ଜାନୁଆରୀ ମାସିକ ଅଗ୍ରଗତି ରିପୋର୍ଟ ଅନୁସାରେ ପିଏଲ୍‌ଟିପି କାର୍ଯ୍ୟକ୍ରମରେ ୪,୯୦୯ ଏସ୍‌ଟି ଯୁବତୀଯୁବକ ନାମ ଲେଖାଇଥିଲେ। ସେଥିମଧ୍ୟରୁ ୨,୮୪୪ ଯୁବତୀଯୁବକ ତାଲିମ ପାଇଥିବାବେଳେ ସେଥିରୁ ମାତ୍ର ୩୩୨ ଜଣଙ୍କୁ ନିଯୁକ୍ତି ମିଳିଛି। ସେହିପରି ନୂଆ ଓଡ଼ିଶା ଯୋଜନାରେ ୨,୦୪୫ ଏସ୍‌ଟି ଯୁବତୀଯୁବକ ନାମ ଲେଖାଇଥିବାବେଳେ ୧,୪୧୫ ଜଣଙ୍କୁ ତାଲିମ ଦିଆଯାଇଛି। ସେଥିରୁ ମାତ୍ର ୧୮ ଜଣଙ୍କୁ ନିଯୁକ୍ତି ମିଳିଛି। ଏହି ଦୁଇ ଯୋଜନାର ପରିସଂଖ୍ୟାନକୁ ଅବଲୋକନ କଲେ ଆଦିବାସୀ ଯୁବତୀଯୁବକଙ୍କୁ ନିଯୁକ୍ତି ପ୍ରଦାନ ଆଶା ଦେଇ ପ୍ରତାରଣା କରାଯାଇଥିବା ମତପ୍ରକାଶ ପାଇଛି।

ଅନ୍ୟପକ୍ଷରେ ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସର୍ଭିସ ରୁଲ୍ସ-୨୦୧୨ ଅନୁସାରେ ଡିପ୍ଲୋମା ସିଭିଲ ଇଞ୍ଜିନିୟର ପଦବୀ ପୂରଣ କରିବାରେ ଆଦିବାସୀ ଯୁବତୀଯୁବକଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଧାରରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଡେପୁଟି ସେକ୍ରେଟେରି ବିଭୂତି ରଞ୍ଜନ ସାହୁ ଆବଶ୍ୟକ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବାଦ ଗଜପତି, ଯାଜପୁର, ଢେଙ୍କାନାଳ, ମାଲକାନଗିରି, ନୂଆପଡା, ଗଞ୍ଜାମ, ରାୟଗଡା, ମୟୂରଭଞ୍ଜ, କନ୍ଧମାଳ ଜିଲାରେ ବସବାସ କରୁଥିବା ପାର୍ଟିକୁଲାର ଭଲନେରେବୁଲ ଟ୍ରାଇବାଲ ଗ୍ରୁପ(ପିଭିଟିଜି) ବର୍ଗର ଯୁବତୀଯୁବକଙ୍କ ଆତ୍ମନିର୍ଭରଶୀଳ ଲକ୍ଷ୍ୟ ରଖାଯାଇ ପିଏମ୍ ଜନମନ ଯୋଜନାରେ ସିଭିଲ ଇଞ୍ଜିନିୟରିଂ, କମ୍ପ୍ୟୁଟର, ଇଲେକ୍ଟ୍ରିକାଲ, ଡ୍ରେସ୍ ମେକର, ଫୁଡ୍ ପ୍ରୋସେସିଂ ଇତ୍ୟାଦି କ୍ଷେତ୍ରରେ ତାଲିମ ଦିଆଯାଉଛି। ଏଥିରେ ପ୍ରାୟ ୫୦୦ ଯୁବତୀଯୁବକ ତାଲିମ ନେଇଛନ୍ତି। ହେଲେ ତାଲିମପ୍ରାପ୍ତ ପିଭିଟିଜି ଆଦିବାସୀ ଯୁବତୀଯୁବକ ନିଯୁକ୍ତି ଅପେକ୍ଷାରେ ରହିଛନ୍ତି।

ଆଦିବାସୀ ସିଭିଲ ଇଞ୍ଜିନିୟର ଯୁବତୀଯୁବକ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କରିଥିବା ଅଭିଯୋଗ ଅନୁସାରେ ଜଳ ସମ୍ପଦ ବିଭାଗରେ ସମସ୍ତ ଖାଲି ପଦବୀ ପୂରଣ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ବର୍ଗର ମୋଟ ୧୮୬୯ ଜଣ ଡିପ୍ଲୋମା ସିଭିଲ ପ୍ରାର୍ଥୀଙ୍କୁ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ସେଥିରୁ ୧୬୧୨ ଜଣଙ୍କ ନାମ ତାଲିକା ପ୍ରକାଶ ପାଇଥିଲାବେଳେ ୨୦୧୧, ୨୦୧୨ ଓ ୨୦୧୩ରେ ପାସ୍ କରିଥିବା ୨୫୭ ଜଣ ଆଦିବାସୀ ଯୁବତୀଯୁବକଙ୍କୁ ଅଣଦେଖା କରାଯାଇଛି। ଏହାକୁ ନେଇ ସନ୍ତୋଷ କୁମାର ମଣ୍ଡଳ ଏବଂ ଅନ୍ୟ ୫ ଜଣ ହାଇକୋର୍ଟରେ ଡବ୍ଲ୍ୟୁପିସି ନମ୍ବର ୮୮୭୭/୨୦୧୭ରେ ମାମଲା ରୁଜୁ କରିଥିଲେ। ବିଭାଗୀୟ ମୁଖ୍ୟ ଇଞ୍ଜିନିୟରମାନଙ୍କ କମିଟି କେବଳ ୨୦୧୦ ପର୍ଯ୍ୟନ୍ତ ଡିପ୍ଲୋମା ସିଭିଲ୍ ପାସ୍ କରିଥିବା ପ୍ରାର୍ଥୀମାନଙ୍କୁ ତାଲିକାଭୁକ୍ତ କରିଥିଲେ। ଫଳରେ ୨୦୧୧ରୁ ୨୦୧୪ ମଧ୍ୟରେ ପାସ୍ କରିଥିବା ଆଦିବାସୀ ସିଭିଲ ଇଞ୍ଜିନିୟରମାନେ ବିନା ଦୋଷରେ ନିଯୁକ୍ତିରୁ ବଞ୍ଚିତ ହୋଇଥିଲେ।


ଯାନ୍ତ୍ରିକ ଦଳ ମରାମତି କାର୍ଯ୍ୟ କରୁଛନ୍ତି।

## ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

କୋରାପୁଟ,୧୪।୨(ଅମିତାଭ ବେହେରା)

କୋରାପୁଟ ନିକଟରେ ଏକ ମାଲବାହୀ ଟ୍ରେନ୍‌ର ଗୋଟିଏ ବଗି ଶନିବାର ଅପରାହ୍ନ ପ୍ରାୟ ୪ଟାରେ ଲାଇନଚ୍ୟୁତ ହୋଇଛି। କେ.କେ. ଲାଇନର ଦୟାନିଧିଗୁଡ଼ା-ମାନବାର ମଧ୍ୟରେ ଲାଇନଚ୍ୟୁତ ହୋଇଥିବା ଜଣାପଡ଼ିଛି। ଟ୍ରେନ୍‌ଟି ଆଇରନ୍ ଓର୍ ନେଇ ଜଗଦଲପୁରରୁ ବିଶାଖାପାଟଣା ଯାଉଥିଲାବେଳେ ଏହି ଦୁର୍ଘଟଣା ଘଟିଛି। ଖବରପାଇ ରେଲୱେର ଏକ ଯାନ୍ତ୍ରିକ ଦଳ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତି ମରାମତି କାର୍ଯ୍ୟ କରୁଥିବା ଜଣାପଡ଼ିଛି।

# ଆରମ୍ଭ ହେଲା 'ଭବ୍ୟ ତୋଷାଳି ସ୍ୱଦେଶୀ ମେଳା'


ତୋଷାଳି ସ୍ୱଦେଶୀ ମେଳାର ଉଦ୍‌ଘାଟନ ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ଅତିଥିଙ୍କ ସହ ସମ୍ମାନିତ ହସ୍ତଶିଳ୍ପୀମାନେ। (ଫଟୋ: ବିକାଶ ନାୟକ)

## ଆମ ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ସମୃଦ୍ଧ ଐତିହ୍ୟର ପରିଚୟ: ଉପମୁଖ୍ୟମନ୍ତ୍ରୀ

- ୯୦୫ ଷ୍ଟଲ୍, ଯୋଗଦେଲେ ୨୦ ରାଜ୍ୟର ବୁଣାକାର ଓ କାରିଗର
- ୧୨ ହସ୍ତଶିଳ୍ପୀ ସମ୍ମାନିତ, ୪ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୧୪।୨(ସୌମ୍ୟରଞ୍ଜନ ରାଉତ)

ଆମ ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀର ସ୍ୱତନ୍ତ୍ର ଆକର୍ଷଣ ରହିଛି। ଏହା ଆମ ସମୃଦ୍ଧ ଐତିହ୍ୟର ପରିଚୟ ଏବଂ ଆମ ଅସ୍ମିତାର ନିଦର୍ଶନ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଶନିବାର ଜନତା ମୈଦାନଠାରେ '୨୦ତମ ଭବ୍ୟ ତୋଷାଳି ସ୍ୱଦେଶୀ ମେଳା'କୁ ଉଦ୍‌ଘାଟନ କରି କହିଛନ୍ତି। ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ଏହି ମେଳା ଆୟୋଜନର ପ୍ରମୁଖ ଲକ୍ଷ୍ୟ ବୋଲି ମତପ୍ରକାଶ କରିଛନ୍ତି। ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ କହିଲେ, ବୁଣାକାର ଓ କାରିଗରଙ୍କ ପାଇଁ ଓଡିଆ ଜାତି ଗର୍ବିତ। ଆମ ବୁଣାକାର ବନ୍ଧୁମାନେ ବୟନ ଅସ୍ମିତାର ସମର୍ଥ ସାରଥି ସାଜିଥିବା ବେଳେ ହସ୍ତଶିଳ୍ପୀ କାରିଗରମାନେ ଉତ୍କୃଷ୍ଟ କଳାର ବାର୍ତ୍ତାବହ ସାଜିଛନ୍ତି। ସେମାନଙ୍କ ଜୀବନ ଜୀବିକାକୁ ଅଧିକ ସଶକ୍ତ କରିବା ପାଇଁ ଆମ ସରକାର ସମର୍ପିତ ଭାବେ କାର୍ଯ୍ୟ କରୁଛନ୍ତି। ଏହି ଅବସରରେ ୧୨ଜଣ ହସ୍ତଶିଳ୍ପୀଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ସହିତ ସିଏସ୍‌ଆଇଆର୍-ଆଇଏମ୍ଏମ୍‌ଟି ଭୁବନେଶ୍ୱର ଓ ଆଇଆଇପି ମୁମ୍ବାଇ ମଧ୍ୟରେ ଦୁଇଟି ବୁଝାମଣାପତ୍ର ସାକ୍ଷରିତ ହୋଇଥିଲା। ସେହିପରି ହସ୍ତତନ୍ତ ଓ ବୟନ ଶିଳ୍ପ ନିର୍ଦ୍ଦେଶାଳୟ ଓ ଆଇସିଏଆର୍-ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନାଚୁରାଲ୍ ଫାଇବର ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଏବଂ ଓୟୁଟିଆର୍ ଭୁବନେଶ୍ୱର ମଧ୍ୟରେ ଦୁଇଟି ବୁଝାମଣାପତ୍ର ସାକ୍ଷରିତ ହୋଇଥିଲା। ଚଳିତବର୍ଷ ମେଳାରେ ୯୦୫ ଷ୍ଟଲ ଖୋଲିଥିବା ବେଳେ ୨୦ଟି ରାଜ୍ୟର ବୁଣାକାର ଓ କାରିଗର ଅଂଶଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାବଲମ୍ବୀ ଅଭିଯାନର କ୍ଷେତ୍ରୀୟ ସଂଯୋଜକ ପ୍ରମୁଖ ସାରଦା ଶତପଥୀ, ପ୍ରସିଦ୍ଧ ବାଦ୍ୟଶିଳ୍ପୀ ପଦ୍ମଶ୍ରୀ ଶରତ କୁମାର ପାତ୍ର, ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରତାପ ଚନ୍ଦ୍ର ହୋତା, ହସ୍ତତନ୍ତ ଓ ବୟନଶିଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟନାରାୟଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ଶାସନ ସଚିବ ଗୁହା ପୁନମ୍ ତାପସ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ହସ୍ତଶିଳ୍ପ ନିର୍ଦ୍ଦେଶକ ଡ. ନିବେଦିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳା ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ବିଭାଗ ପକ୍ଷରୁ ସୂଚନା ରହିଛି।

# ଧର୍ମ ପରିବର୍ତ୍ତନ କରିଥିବା ମୃତକଙ୍କୁ ଗାଁ ଶ୍ମଶାନ ମନା

## ହିନ୍ଦୁଧର୍ମକୁ ନ ଫେରିଲେ ଅନ୍ତ୍ୟେଷ୍ଟିକ୍ରିୟା କରାଇ ନ ଦେବା ଜିଦ୍

ଉମରକୋଟ,୧୪।୨(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ କୋପେନା ଗ୍ରାମରେ ମୃତଦେହକୁ ମିଳୁନାହିଁ ଶ୍ମଶାନ। ମୃତକଙ୍କ ପରିବାର ପୂର୍ବରୁ ହିନ୍ଦୁ ଧର୍ମ ପରିବର୍ତ୍ତନ କରି ଅନ୍ୟ ଧର୍ମ ଗ୍ରହଣ କରିଥିଲେ। ପୁଣି ହିନ୍ଦୁ ଧର୍ମକୁ ଫେରିଲେ ହିଁ ଗାଁ ଶ୍ମଶାନରେ ସତ୍କାର ପାଇଁ ଅନୁମତି ମିଳିବ ବୋଲି ହିନ୍ଦୁ ଧର୍ମାବଲମ୍ବୀମାନେ ଜିଦ୍‌ରେ ଅଟଳ ଅଛନ୍ତି, ଯାହାକୁ ନେଇ ଗାଁରେ ଗୋଷ୍ଠୀ ସଂଘର୍ଷ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳିନି। ଖବର ଲେଖାଯିବା ବେଳକୁ ମୃତଦେହ ସତ୍କାର ହୋଇପାରି ନ ଥିଲା। ଗାଁରେ ପୋଲିସ ଛାଉଣୀ ରହିଛି।

କୋପେନା ଗ୍ରାମର ଚୁନା ସାନ୍ତାଙ୍କ ପୁଅ ଆୟାଂଶୁ (୧୪) କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇ ଶନିବାର ଭୋରରୁ ମୃତ୍ୟୁବରଣ କରିଥିଲେ। ତେବେ ଏହି ଗ୍ରାମରେ ଧର୍ମାନ୍ତରୀକରଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ୧୫ ଦିନ ହେଲା ଅସନ୍ତୋଷ ଲାଗି ରହିଥିଲା। ଆୟାଂଶୁଙ୍କ ମୃତ୍ୟୁ ପରେ ଗାଁ ଶ୍ମଶାନରେ ସତ୍କାର କରିବାକୁ ଦେବୁନାହିଁ ବୋଲି ହିନ୍ଦୁ ଧର୍ମାବଲମ୍ବୀମାନେ ଜିଦ୍ କରିଥିଲେ। ଚୁନାଙ୍କ ପରିବାର ହିନ୍ଦୁ ଧର୍ମକୁ ଫେରି ଆସିଲେ ମୃତଦେହ ସତ୍କାର ପାଇଁ ଗାଁ ଶ୍ମଶାନରେ ଜାଗା ଦେବୁ ଓ ସହଯୋଗ କରିବୁ ବୋଲି ଗ୍ରାମର ହିନ୍ଦୁ ଧର୍ମାବଲମ୍ବୀମାନେ କହିଛନ୍ତି। ଖବରପାଇ ଉମରକୋଟ ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଅତିରିକ୍ତ ପୋଲିସ ଆରକ୍ଷୀ ଅଧୀକ୍ଷକ ଆଦିତ୍ୟ କୁମାର ସେନ, ସରପଞ୍ଚ ପର୍ଶୁ ଗଣ୍ଡ, ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଆଇଆଇସି ବିପିନ କୁମାର ବାଗ, ରାଇଘର, ଝରିଗାଁ, କୁନ୍ଦେଇ ଥାନା ଅଧିକାରୀ ଓ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। କିନ୍ତୁ ସୁଫଳ ମିଳିନି। ହିନ୍ଦୁ ଧର୍ମକୁ ନ ଫେରିବା ଯାଏ ଗାଁ ପାଖ କୌଣସି ମୌଜାରେ ମଧ୍ୟ ମୃତଦେହ ପୋତିବାକୁ ଦିଆଯିବ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ପୋଲିସ ସୁରକ୍ଷା ମଧ୍ୟରେ ଚୁନାଙ୍କ ପରିବାର ଲୋକେ ଆୟାଂଶୁଙ୍କ ମୃତଦେହ ନିଜ ଜମିରେ ପୋତିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଗ୍ରାମବାସୀଙ୍କ ପ୍ରବଳ ବିରୋଧ ଯୋଗୁ ତାହା ସମ୍ଭବ ହୋଇପାରିଲା ନାହିଁ। ଗାଁରେ ମୃତଦେହ ପଡ଼ିଥିବା ଯୋଗୁ ସକାଳୁ କାହାରି ଘରେ ଚୁଲି ଜଳି ନାହିଁ, ପିଲାଠୁ ବୟସ୍କ ସମସ୍ତେ ଭୋକିଲା ଅଛନ୍ତି। ତୁରନ୍ତ ଗ୍ରାମରୁ ମୃତଦେହ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଖବର ଲେଖାଯିବା ବେଳକୁ ମୃତଦେହ ଚୁନା ସାନ୍ତାଙ୍କ ଜମିରେ ପଡ଼ି ରହିଛି। ଗଣ୍ଡଗୋଳ ଆଶଙ୍କାରେ ୨ ପ୍ଲାଟୁନ ପୋଲିସ ଫୋର୍ସ ଉକ୍ତ ସ୍ଥାନରେ ମୁତୟନ ରହିଛି।


ଆୟାଂଶୁଙ୍କ ମୃତଦେହ ସତ୍କାର ନ ହୋଇପାରି ଚୁନାଙ୍କ ଜମିରେ ପଡ଼ି ରହିଛି।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ODISHA STATE OPEN UNIVERSITY
SAMBALPUR
Calls for Admission
MASTER & BACHELOR DEGREE PROGRAMMES
- Master of Arts (Odia)
- Master of Arts (Hindi)
- Master of Arts (Sanskrit)
- Master of Arts (English)
- Master of Arts (Rural Development)
- Master of Arts (Sociology)
- Master of Arts (Economics)
- Master of Arts (History)
- Master of Arts (Public Administration)
- Master of Arts (Political Science)
- Master of Arts (Journalism & Mass Comm.)
- Master of Commerce
- MBA in Disaster Management
- Bachelor of Arts (Hons.) in Economics
- Bachelor of Arts (Hons.) in English
- Bachelor of Arts (Hons.) in Hindi
- Bachelor of Arts (Hons.) in History
- Bachelor of Arts (Hons.) in Odia
- Bachelor of Arts (Hons.) in Political Science

ADMISSIONS OPEN
ACADEMIC SESSION JAN-2026
Admission form is to be submitted through the online portal of OSOU.
Last date for Admission has been extended upto 06th March 2026
[Age: No Bar]
AS PER UGC GUIDELINE APRIL, 2022 NOW YOU CAN PURSUE TWO ACADEMIC PROGRAMMES SIMULTANEOUSLY.
HURRY UP!
Apply Now
Headquarters: At- Badsinghari, P.O.- Goshala Chowk, Dist- Sambalpur, Pin 768024, Odisha, India
Phone: 0663-2521600, 0663-2521700
Toll Free Number: 1800-34567-58
E-mail ID: admission@osou.ac.in
Regional Centres: Bhubaneswar (0674-2970779) Berhampur (0680-2222169) Jeypore (06854-230213) Balasore (06782-263871) Sambalpur (0663-2548132) Rourkela (7978215022) Jagatsinghpur (8917372814)
VISIT OUR WEBSITE www.osou.ac.in

ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। – ଶ୍ରୀଅରବିନ୍ଦ

ମହାଶିବରାତ୍ରି ଓ ଜାଗର ଉପବାସ



# ଦେଶଭକ୍ତି ଚିନ୍ତା



ଆକାର ପଟେଲ

ଆମ ଦେଶରେ ଜାତୀୟତାବାଦର ଅତ୍ୟଧିକ ଚାହିଦା ରହିଛି, ହେଲେ ସବୁବେଳେ ଏଠାରେ ଏହାର ଅଭାବ ଥିବା ମନେହୁଏ। ମୋ ଜୀବନରେ ଅତିବାହିତ ସବୁ ଦଶନ୍ଧିରେ 'ବନ୍ଦେ ମାତରମ୍'କୁ ଜାତୀୟ ସଙ୍ଗୀତ ସହ ତ୍ୟାଗ ବା ଯୋଡ଼ିବା ପାଇଁ କୌଣସି ଦାବି ହୋଇଥିବା ମୁଁ ଜାଣି ନ ଥିଲି। କିନ୍ତୁ ଏବେ ଏହା ହେବା ଉଚିତ ବୋଲି ଆମକୁ କୁହାଯାଉଛି। ଏହି ଗୀତର ଛଅଟି ପଦ ଅଛି ଏବଂ ଆମ ମଧ୍ୟରୁ ଯେଉଁମାନେ ଜାଣିନାହାନ୍ତି ଏବେ ସେମାନଙ୍କୁ ଏହା ମନେରଖିବାକୁ ପଡ଼ିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି, ବନ୍ଦେ ମାତରମ୍ ଗୀତର ଆବୃତ୍ତି ୩ ମିନିଟ୍ ୧୦ ସେକେଣ୍ଡ ହେବା ଆବଶ୍ୟକ। ହେଲେ ଏହାକୁ ଗାଇବା ସ୍ୱେଚ୍ଛାକୃତ ନା ବାଧ୍ୟତାମୂଳକ ତାହା ନିର୍ଦ୍ଦେଶରେ ସ୍ପଷ୍ଟ କରାଯାଇ ନାହିଁ। ଏହି ଦ୍ୱନ୍ଦ୍ୱ ନିର୍ଦ୍ଦେଶର ଶବ୍ଦାବଳୀରୁ ସାମ୍ନାକୁ ଆସିଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆମକୁ କହେ, ସରକାରୀ ଭାବେ ଜାତୀୟ ଗୀତର ବାଦନ ପରିବର୍ତ୍ତେ କେଉଁ ସ୍ଥିତିରେ ଗାନ କରିବାକୁ ଅନୁମତି ଦିଆଯାଇପାରିବ ତାହାର ଏକ ସମ୍ପୂର୍ଣ୍ଣ ତାଲିକା ଦେବା ସମ୍ଭବ ନୁହେଁ। କିନ୍ତୁ ଏହା ଆଉ ଦର୍ଶାଇଛି, ଉପଯୁକ୍ତ ସମ୍ମାନ ସହିତ ଏହା କରାଗଲେ ଗାନରେ କୌଣସି ଆପତ୍ତି ନାହିଁ। ତେବେ ଉପଯୁକ୍ତ ସମ୍ମାନ କ'ଣ ସେ ବିଷୟରେ କୌଣସି ନିର୍ଦ୍ଦେଶାବଳୀ ନାହିଁ। କିନ୍ତୁ ନିଃସନ୍ଦେହ ଯେ, କ'ଣ ଉଲ୍ଲଂଘନ ହେବ ତାହା ଆମେ ଶୀଘ୍ର ଜାଣିପାରିବୁ। ତେବେ ଉଲ୍ଲଂଘନ କିଭଳି ନ ହେବ ସେଥିପାଇଁ ଆମମାନଙ୍କ ମଧ୍ୟରେ ଯେଉଁମାନେ ଅଧିକ ଜାତୀୟତାବାଦୀ ଭାବନା ରଖିଛନ୍ତି, ସେମାନେ ଏଭଳି ବିଚାର ନ ଥିବା ଲୋକଙ୍କୁ ଶିକ୍ଷା ଦେବେ। ଗୀତ ଗାନ କରିବା ସ୍ୱେଚ୍ଛାକୃତ କି ନୁହେଁ ତାହା ଅସ୍ପଷ୍ଟ। ମୋର ଏଭଳି କହିବାର କାରଣ ହେଉଛି ଆଦେଶରେ ଉଲ୍ଲେଖ ରହିଛି ଯେ, ସମ୍ପୂର୍ଣ୍ଣ ଭାବରେ ଆନୁଷ୍ଠାନିକ ହୋଇ ନ ଥିଲେ ବି ଜାତୀୟ ଗୀତ ଗାନ କରାଯାଇପାରିବ, ଯଦିଓ ମନ୍ତ୍ରୀ ଇତ୍ୟାଦିଙ୍କ ଉପସ୍ଥିତିରେ ଏହାର ଗୁରୁତ୍ୱ ଅଧିକ ରହିବ। ଏହା ମଧ୍ୟ କୁହାଯାଇଛି, ସାମୂହିକ ସଂଗୀତ ଗାନ ଇଚ୍ଛିତ ବା ବାଞ୍ଛନୀୟ। ଏଠାରେ ନିର୍ଦ୍ଦେଶରେ ଉଲ୍ଲିଖିତ 'ଇତ୍ୟାଦି' ଶବ୍ଦରେ କେଉଁମାନେ ସାମିଲ ଅଛନ୍ତି ଏବଂ କାହାକୁ ବାଦ୍ ଦିଆଯାଇଛି? 'ବାଞ୍ଛନୀୟ'ର ପ୍ରକୃତ ମାନେ କ'ଣ? ତେବେ 'ଗାନ କରାଯାଇପାରେ' ଏବଂ 'ଇଚ୍ଛିତ' ଶବ୍ଦ ସ୍ୱେଚ୍ଛାକୃତ କାର୍ଯ୍ୟର ସୂଚକ ଏବଂ କେହି ଯଦି ଏହାର ବ୍ୟାଖ୍ୟା କରନ୍ତି ତେବେ ବାସ୍ତବରେ କ'ଣ ଘଟିବ ତାହା ଆମେ ଜାଣିପାରିବା। କିନ୍ତୁ ଶେଷରେ ଏହା ମୂଳ ବିଷୟରୁ ଦୂରେଇ ଯାଇଛି। ମୁଖ୍ୟ କଥା ହେଉଛି, ଆମ ଦେଶରେ ସର୍ବଦା ଜାତୀୟତାର ଅଭାବ ରହିଛି ଏବଂ ଏହି ନିର୍ଦ୍ଦେଶରେ ଅଭାବ ପୂରଣ କରାଯାଇପାରିବ ସରକାର ମନେ କରିଛନ୍ତି। ଏହି ପ୍ରକାର ବିଷୟ ମଧ୍ୟ ଘଟିଥିବା ଇତିହାସ ଆମକୁ କହେ।

୫୦ ବର୍ଷ ପୂର୍ବେ, ୧୯୭୬ରେ, ତତ୍କାଳୀନ ସରକାର ସମ୍ବିଧାନରେ 'ମୌଳିକ କର୍ତ୍ତବ୍ୟ' ଯୋଡ଼ିଥିଲେ। ଧର୍ମୀୟ, ଭାଷାଗତ ଏବଂ ଆଞ୍ଚଳିକ କିମ୍ବା ବର୍ଗୀୟ ବିବିଧତାର ଉପରକୁ ଉଠି ଭାରତର ସମସ୍ତ ଲୋକଙ୍କ ମଧ୍ୟରେ ସମନ୍ୱୟ ଏବଂ ଭାଇଚାରା ଭାବନାକୁ ପ୍ରୋତ୍ସାହିତ କରିବା; ମହିଳାମାନଙ୍କ ମର୍ଯ୍ୟାଦା ପ୍ରତି ଅପମାନଜନକ ପ୍ରଥାଗୁଡ଼ିକୁ ପରିତ୍ୟାଗ କରିବା ଲାଗି ଏହି କର୍ତ୍ତବ୍ୟଗୁଡ଼ିକ ଉଦ୍ଦିଷ୍ଟ। ଏହା ଘଟିଛି ବୋଲି କିଏ ଅସ୍ୱୀକାର କରିପାରିବେ? ଯଦି ଏହିସବୁ ନିର୍ଦ୍ଦେଶ ଆମ ପାଖକୁ ଆସି ନ ଥାନ୍ତା, ତେବେ ଭାରତ ଭାଇଚାରା ଏବଂ ମହିଳାମାନଙ୍କ ସୁରକ୍ଷା କ୍ଷେତ୍ରରେ ବିଶ୍ୱସ୍ତରୀୟ ଉଦାହରଣ ହୋଇପାରି ନ ଥାନ୍ତା। କର୍ତ୍ତବ୍ୟ ତାଲିକାରେ ଅଛି, ଜଙ୍ଗଲ, ହ୍ରଦ, ନଦୀ ଏବଂ ବନ୍ୟପ୍ରାଣୀ ସମେତ ପ୍ରାକୃତିକ ପରିବେଶର ସୁରକ୍ଷା ଓ ବିକାଶ କରିବା ଏବଂ ଜୀବଜନ୍ତୁଙ୍କ ପ୍ରତି ଦୟା ଭାବ ରଖିବା। ଏହାସହ ଏଥିରେ ବୈଜ୍ଞାନିକ ମନୋଭାବ, ମାନବବାଦ ଏବଂ ଅନୁସନ୍ଧାନ ଏବଂ ସଂସ୍କାରର ଭାବନା ବିକଶିତ କରିବା ମଧ୍ୟ ରହିଛି, ଯାହା ମୋର ପ୍ରିୟ। ଏହି କର୍ତ୍ତବ୍ୟଗୁଡ଼ିକୁ ଯୋଡ଼ା ଯାଇଥିଲା କାରଣ ୧୯୭୬ରେ ଜାତୀୟତାବାଦର ଚାହିଦା ଅଧିକ ଥିଲା ଏବଂ ଅଭାବ ବି ଥିଲା, ଯାହା ବର୍ତ୍ତମାନ ସ୍ଥିତିରେ ଦେଖାଯାଇଛି। ଏବକାର ବ୍ୟବସ୍ଥାର ନିନ୍ଦୁକ ଏବଂ ଘୃଣାକାରୀମାନେ ଯୁକ୍ତି କରିବେ ଯେ, ଦେଶଭକ୍ତି ପ୍ରଦର୍ଶନ କରିବା ଲାଗି ଅନ୍ୟସବୁ ଉପାୟ ଅଛି। ସଙ୍ଗୀତ ଏବଂ ସ୍ଲୋଗାନଗୁଡ଼ିକ ଜାତୀୟ ପ୍ରଗତି ପାଇଁ କମ୍ ଗୁରୁତ୍ୱ ରଖେ। ଯଦି ଆମେ ଟ୍ରାଫିକରେ ଭଲ ବ୍ୟବହାର କରିବା ଏବଂ ଅଳିଆ ନ ପକାଇବା, ତେବେ ଆମେ ଏକ ଜାତି ଭାବରେ ଭଲ ରହିବା। ଜାତୀୟ ଗୀତ ନଦୀ ବିଷୟରେ କହେ ଏବଂ ଏପରି ଏକ ଦେଶର ନାମ ନେବା କଷ୍ଟକର; ଯେଉଁଠାରେ ଏହାର ନଦୀ ପାଣି ଅଧିକ ମଇଳା। ଆମେ ଲାଞ୍ଚ ନ ଦେବା କିମ୍ବା ନ ନେବା କିମ୍ବା କର ଠକିବାକୁ ଚେଷ୍ଟା ନ କରିବା ଦ୍ୱାରା ଆମର ଦେଶଭକ୍ତି ଦେଖାଇପାରିବା ବୋଲି ଯୁକ୍ତି କରିବେ। କିନ୍ତୁ ଆମ ସରକାର ଏବଂ ତାହାର ସମର୍ଥକମାନେ କହିବେ ଯେ, ଏସବୁ ବିଷୟ ଅନ୍ୟସବୁ ଦେଶର ନାଗରିକ କରିପାରିବେ। ଏସବୁ ସ୍ୱତନ୍ତ୍ର ନୁହନ୍ତି। ଆମକୁ ଆମ ଦେଶଭକ୍ତି ଦେଖାଇବା ପାଇଁ କିଛି ଅନନ୍ୟ ଏବଂ ସ୍ୱତନ୍ତ୍ର ବିଷୟ ଆବଶ୍ୟକ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏହି ଆଦେଶ ସତର୍କ କରିଦେଇଛି ଯେ, ଜାତୀୟ ଗୀତ ଔପଚାରିକ ଭାବେ ଗାନ କିମ୍ବା ବାଜିବାବେଳେ ଦର୍ଶକମାନେ ଧ୍ୟାନରେ ଠିଆ ହେବେ। ସମ୍ଭବତଃ ଏହାର ଅର୍ଥ ହେଉଛି ଯେଉଁ ସ୍ଥାନରେ ଗୀତ ବାଜିବ ଦର୍ଶକମାନେ ନିୟମ ପାଳନ କରିବାକୁ ପଡିବ ଏବଂ ସେଠାରେ ଆଉ ଅଂଶଗ୍ରହଣ ସ୍ୱେଚ୍ଛାକୃତ ନୁହେଁ। ଯଦି ଏହା ହୁଏ, ତେବେ ଗୀତ ଏବଂ ସଂଗୀତ ମଧ୍ୟରେ କ'ଣ ପାର୍ଥକ୍ୟ ଅଛି? ଆହୁରି ମଧ୍ୟ କିଛି ଅଛି। ସମସ୍ତ ବିଦ୍ୟାଳୟରେ, ଜାତୀୟ ଗୀତ ଗାନ ସହିତ ଦିନର କାର୍ଯ୍ୟ ଆରମ୍ଭ ହୋଇପାରେ। ମୋ ମତରେ ଏହା ଆଗାମୀ ପିଢ଼ିରେ ଦେଶଭକ୍ତିର ସମାନ ସ୍ତର ଜାଗ୍ରତ କରିବା ପାଇଁ ଆବଶ୍ୟକ, ଯେପରି ଆମ ପିଢ଼ି ଏବଂ ଠିକ୍ ଆମ ପୂର୍ବ ପିଢ଼ିରେ ଦେଖିବାକୁ ମିଳିଛି। ଏହାର ଅନ୍ୟ ଲାଭ ମଧ୍ୟ ଅଛି। ବେରୋଜଗାରମାନେ ଛଅଟି ପଦ ମନେ ରଖିବା ପାଇଁ ସେମାନଙ୍କ ଫାଙ୍କା ସମୟକୁ ଉପଯୋଗ କରିବେ। ଅଳସୁଆମାନେ ଅତିରିକ୍ତ ୩ ମିନିଟ ୧୦ ସେକେଣ୍ଡ ଠିଆ ହେବେ ଏବଂ ସେମାନଙ୍କର ଫିଟନେସ ଉନ୍ନତ କରିବେ। ଏଥିରେ ଦେଶର ପ୍ରଗତି ହେବ!

Email:aakar.patel@gmail.com

# ଚାଷୀ ଉପରେ ମଣ୍ଡିମାଡ଼



ବିଚିତ୍ର ବିଶ୍ୱାଳ

ଚାଷୀଙ୍କ ପରିଶ୍ରମ ଓ କଷଣ କଥା ଯେତେ କହିଲେ ମଧ୍ୟ ସରିବ ନାହିଁ। ଫସଲ ବୁଣିବାଠାରୁ ଅମଳ ପର୍ଯ୍ୟନ୍ତ ଚାଷୀଙ୍କ କଷଣର ଶେଷ ନାହିଁ। ଯଦିଓ ଏବେ ଚାଷବାସ ଯନ୍ତ୍ରଭିତ୍ତିକ ହେଲାଣି, ତଥାପି ବି ଚାଷୀଙ୍କ ପରିଶ୍ରମକୁ ନଜର ଅନ୍ଦାଜ କରିହେବ ନାହିଁ। କେବଳ କଠିନ ପରିଶ୍ରମ ନୁହେଁ, ଚାଷରେ ଚାଷୀର ଖର୍ଚ୍ଚ ମଧ୍ୟ ବଢ଼ିଛି। ଆଜିକାଲି ଯେତେବେଳେ ବିହନ, ସାରଠାରୁ ଯନ୍ତ୍ରପାତି ଓ ଶ୍ରମିକ ପର୍ଯ୍ୟନ୍ତ ସବୁକିଛି ପାଇଁ ବଜାର ଉପରେ ନିର୍ଭର କରିବାକୁ ପଡୁଛି, ସେତେବେଳେ ଚାଷରେ ନିବେଶ ଖର୍ଚ୍ଚ ଆହୁରି ଅଧିକ ବଢ଼ିଯାଇଛି। ଜ୍ଞାନକୌଶଳଭିତ୍ତିକ ଚାଷରେ କିଛି ପରିମାଣରେ ସିନା ଚାଷୀର ପରିଶ୍ରମ କମ୍ ହୋଇଛି, କିନ୍ତୁ ତା'ର ପରନିର୍ଭରଶୀଳତା ବଢ଼ିଛି ଓ ନିବେଶ ଖର୍ଚ୍ଚ ବହୁଗୁଣ ହୋଇଛି। ପରିଣାମ ସ୍ୱରୂପ କୌଣସି କାରଣ ପାଇଁ ଯଦି ଅମଳ ଭଲ ହେଉନାହିଁ ବା ଅମଳକୁ ଉପଯୁକ୍ତ ମୂଲ୍ୟ ମିଳୁନାହିଁ, ତେବେ ଚାଷୀର ସଙ୍କଟ ଦ୍ୱିଗୁଣିତ ହେଉଛି। ଏହା ଚାଷୀକୁ ଅଧିକ ବିପଦ ଭିତରକୁ ଠେଲି ଦେଉଛି।

ଏହା ସହିତ ଚାଷରେ ଚାଷୀ ଯେତିକି ରିସ୍କ ନେଉଛି, ଅନ୍ୟ କୌଣସି ବୃତ୍ତିରେ ସେତିକି ରିସ୍କ ନାହିଁ। ଚାଷରେ ପ୍ରଥମ ରିସ୍କ ହେଉଛି ଜଳବାୟୁ ବା ପାଣିପାଗ। ଯଦି ଠିକ୍ ଭାବେ ବର୍ଷା କିମ୍ବା ଖରା ହେଲା ନାହିଁ, ତେବେ ଚାଷୀର ଫସଲହାନିର ସମ୍ଭାବନା ଶତ ପ୍ରତିଶତ। ପୁନଶ୍ଚ ଖରା ବର୍ଷା ଶୀତରେ କାମ କରିବା ସମୟରେ ଚାଷୀ ଉପରେ ଘଡ଼ଘଡ଼ି ପଡ଼ିବା ଭୟ, ସାପ କାମୁଡ଼ିବା ଭୟ ଏବଂ କଠିନ ପରିଶ୍ରମ ଯୋଗୁ ସ୍ୱାସ୍ଥ୍ୟହାନିର ବି ଭୟ। ଏତେ ସବୁ ରିସ୍କ ସତ୍ତ୍ୱେ ଚାଷୀ ଚାଷ କରୁଛି ଓ ସମସ୍ତଙ୍କୁ ଆହାର ଯୋଗାଉଛି। ଚାଷୀର ବାସ୍ତବ ପରିସ୍ଥିତିକୁ ଆକଳନ କରିବାକୁ ହେଲେ ଗତ ପଚିଶ ବର୍ଷ ଭିତରେ ଚାଷୀ ଆତ୍ମହତ୍ୟାର ପରିସଂଖ୍ୟାନ ଓ ତା' ସହିତ ଚାଷରେ କ୍ଷତି ସହି ଗତ ପନ୍ଦର ବର୍ଷ ମଧ୍ୟରେ କେତେ ଚାଷୀ ଚାଷ ଛାଡ଼ି ଦିନ ମଜୁରିଆରେ ପରିଣତ ହୋଇଛନ୍ତି, ତାହା ଦେଖିବାକୁ ହେବ। ଗତ ପଚିଶ ବର୍ଷ ମଧ୍ୟରେ ଦୁଇ ଲକ୍ଷରୁ ଅଧିକ ଚାଷୀ ଆତ୍ମହତ୍ୟା କରିଛନ୍ତି ଓ ୨୦% ଚାଷୀ ଚାଷ ଛାଡ଼ି ଶ୍ରମିକରେ ପରିଣତ ହୋଇଛନ୍ତି। ଗୋଟିଏ ବୃତ୍ତିର ସଂକଟକୁ ଆକଳନ କରିବାକୁ ଏହାଠାରୁ ଅଧିକ କ'ଣ ତଥ୍ୟ ଦରକାର!

ଚାଷରେ ଚାଷୀ ଏତେ କଠିନ ପରିଶ୍ରମ କରୁଛି, ଏତେ ଅଧିକ ରିସ୍କ ନେଉଛି ଓ ତା'ର ପରିସ୍ଥିତି ଏପରି ସଂକଟଜନକ ସ୍ଥିତିରେ ପହଞ୍ଚିବା ସତ୍ତ୍ୱେ ବି ଚାଷୀଙ୍କ ପ୍ରତି ସରକାର ଓ ପ୍ରଶାସନର ମନୋଭାବ ଏବଂ ବ୍ୟବହାର ନ୍ୟାୟସଙ୍ଗତ ହେଉଥିବା ଦେଖାଯାଉନାହିଁ। ଫସଲ ବୁଣିବାଠାରୁ ଅମଳଯାଏ ଚାଷୀଙ୍କ କଷଣରେ ସରକାରଙ୍କର ମନ ବୁଝିଲା ନାହିଁ ଯେ, ଫସଲ ଅମଳ ପରେ ବିକ୍ରି କରିବା ସମୟରେ ସରକାର ଓ ପ୍ରଶାସନ ଚାଷୀ ଉପରେ ଦାଉ ସାଧିବାରେ କମ୍ କରୁନାହାନ୍ତି। ସଂପ୍ରତି ଆମ ରାଜ୍ୟରେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିବା ସମୟରେ ବହୁତ ହନ୍ତସନ୍ତ ହେଉଛନ୍ତି। ସରକାର ଚାହିଁଲେ ଏହି ବ୍ୟବସ୍ଥାକୁ ସହଜ ଓ ସରଳ କରିପାରନ୍ତେ। କିନ୍ତୁ ସରକାର ମଣ୍ଡିର ବ୍ୟବସ୍ଥାକୁ ଏପରି କରିଛନ୍ତି ଯେ, ଚାଷୀ ଫସଲ ବିକିବା ସମୟରେ କ୍ଷତି ସହୁଛି । ସଂପ୍ରତି ମଣ୍ଡିରେ ଚାଷୀମାନେ ଅନ୍ୟାୟପୂର୍ଣ୍ଣ ଭାବେ କଟ୍‌ନୀଛଟ୍‌ନୀର ଶିକାର ହେଉଛନ୍ତି। ଧାନର ଗୁଣବତ୍ତାକୁ ନିମ୍ନମାନର ଦର୍ଶାଇ ଚାଷୀର ଏକ କୁଇଣ୍ଟାଲ ଧାନରୁ ପ୍ରାୟ ୫ରୁ ୭ କିଲୋ କାଟି ଦେଉଛନ୍ତି। ଅର୍ଥାତ୍ କୁଇଣ୍ଟାଲ ପ୍ରତି ଏତିକି ଧାନର ମୂଲ୍ୟ ଚାଷୀକୁ ମିଳୁନାହିଁ। ପରିସ୍ଥିତି ଏପରି ହେଲାଣି ଯେ, ଅମଳ ପରେ ମଣ୍ଡିରେ ଧାନ କିଣିବାରେ ବହୁତ ବିଳମ୍ବ ହେଉଛି। ଚାଷୀଙ୍କୁ ଠିକ୍ ସମୟରେ ଅନ୍-ଲାଇନ ଟୋକନ ମିଳୁନାହିଁ। ଫଳରେ ଚାଷୀ ନିଜ ଉତ୍ପାଦକୁ ଧରି ବାରଦୁଆର ଶୁଙ୍ଘୀପିଣ୍ଡା ହେଉଛି। ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ, ଚାଷୀମାନେ ରାତାରାତି ଧାନ ଧରି ମଣ୍ଡି ଦୁଆରେ ଅପେକ୍ଷା କରୁଛନ୍ତି। ଏହା ଚାଷୀଙ୍କ ପ୍ରତି ଏକ ପ୍ରକାର ନିର୍ଯ୍ୟାତନା କହିଲେ ଅତ୍ୟୁକ୍ତି ହେବ ନାହିଁ। ସରକାର ଏକ ଏକର ଜମିରୁ ନିର୍ଦ୍ଦିଷ୍ଟ ପରିମାଣର ଧାନ କିଣିବାକୁ ନିୟମ କରିଛନ୍ତି, ଯାହାକି ଅତି ପୁରୁଣାକାଳିଆ ନିୟମ। ଚାଷୀଙ୍କ କହିବା କଥା, ସଂପ୍ରତି ଏକ ଏକର ଜମିରୁ ସରକାର ଧାର୍ଯ୍ୟ କରିଥିବା ପରିମାଣଠାରୁ ଅଧିକ ଅମଳ ହେଉଛି। ତେଣୁ ସରକାରଙ୍କ ଏହି ନିୟମ ଯୋଗୁ ଚାଷୀଙ୍କ ସବୁ ଧାନ ବିକ୍ରି ହୋଇ ପାରୁନାହିଁ।




ମିଲର, ଏଜେଣ୍ଟ ଓ ସରକାରୀ ଅଧିକାରୀଙ୍କ ଅସାଧୁ ମେଣ୍ଟ ଯୋଗୁ ଚାଷୀମାନେ ବିଭିନ୍ନ ପ୍ରକାର ହଇରାଣ ହରକତ ହେଉଛନ୍ତି। ତାଙ୍କର ଭଲ ଗୁଣବତ୍ତାର ଧାନକୁ ନିମ୍ନମାନର ଦର୍ଶାଇ ଟାଳଟୁଳ ନୀତି ଅବଲମ୍ବନ କରି ତାଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ କରାଯାଉଛି। ଅନେକ ସମୟରେ ଚାଷୀଙ୍କ ଧାନ ବାହାରେ ପଡ଼ିରହୁଛି। ଏପରି ହେବା ଯୋଗୁ ଗୋଟିଏ ପଟେ ଧାନର ଗୁଣବତ୍ତାରେ ପ୍ରଭାବ ପଡୁଛି। ମଣ୍ଡିରୁ ମିଲ୍‌କୁ ଧାନ ପରିବହନରେ ବି ଅଯଥାରେ ବିଳମ୍ବ ହେଉଛି। ଏଥିସହିତ ଟୋକନ ବଣ୍ଟନରେ ବି ଅନିୟମିତତା ହେଉଥିବା ଦେଖାଯାଉଛି। ଅନେକ କ୍ଷେତ୍ରରେ ଉପଯୁକ୍ତ ଚାଷୀ ଟୋକନ ପାଇବାରେ ବିଳମ୍ବ ହେଉଥିବା ବେଳେ ଅନୁପଯୁକ୍ତ ଲୋକମାନେ ଟୋକନ ପାଇଯାଉଛନ୍ତି। ଏଥିସହିତ କେତେକ କ୍ଷେତ୍ରରେ ନିୟମ ଅନୁସାରେ ୪୮ ଘଣ୍ଟା ମଧ୍ୟରେ ଧାନର ମୂଲ୍ୟ ଚାଷୀଙ୍କ ଆକାଉଣ୍ଟରେ ବି ପହଞ୍ଚୁ ନାହିଁ। ମଣ୍ଡିରେ ଏପରି ସବୁ ଅସୁବିଧା ଯୋଗୁ ଚାଷୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ତଥାପି ସରକାର ଚାଷୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉଥିବା ଦେଖାଯାଉ ନାହିଁ।

ଗୋଟିଏ ପଟେ ସରକାର କମ୍ପାନୀମାନଙ୍କ ପାଇଁ ନୀତି ନିୟମ ସହଜ କରୁଥିବା ବେଳେ ଚାଷୀମାନଙ୍କ ଲାଗି ଯେପରି ଭାବେ କଠିନ ନିୟମ ଲାଗୁ କରୁଛନ୍ତି, ଏଥିରୁ ସରକାରଙ୍କ ଚାଷୀ ବିରୋଧୀ ମନୋଭାବ ସ୍ପଷ୍ଟ ବୁଝିହେଉଛି। ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ବିଭିନ୍ନ ପ୍ରକାର ଅନୁମତି ପ୍ରଦାନ କରିବା ପାଇଁ ସରକାର ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା କରୁଛନ୍ତି। ସେମାନଙ୍କ ପ୍ରକଳ୍ପ ପ୍ରତିଷ୍ଠା କରିବା ପାଇଁ ଏକର ପ୍ରତି କମ୍ ଟଙ୍କାରେ ଜମି ଦିଆଯାଉଛି। ଅତ୍ୟନ୍ତ କମ୍ ମୂଲ୍ୟରେ ପାଣି ଓ ବିଜୁଳି ଯୋଗାଇ ଦିଆଯାଉଛି। ସରକାର ନିଜ ଖର୍ଚ୍ଚରେ କମ୍ପାନୀର ସୁବିଧା ପାଇଁ ପ୍ରକଳ୍ପ ଅଞ୍ଚଳରେ ଉଚ୍ଚମାନର ମଜଭୁତିଆ ରାସ୍ତା ନିର୍ମାଣ କରୁଛନ୍ତି। କମ୍ପାନୀକୁ ଶୁଳ୍କ ଛାଡ଼ କରୁଛନ୍ତି। ବକେୟା ବିଜୁଳି ବିଲ୍ ଛାଡ଼ କରିଦେଉଛନ୍ତି। କିନ୍ତୁ ଅନ୍ୟପଟେ ଗରିବ ଚାଷୀମାନଙ୍କ ପ୍ରତି କଠିନରୁ କଠିନ ନିୟମ ଲାଗୁ କରୁଛନ୍ତି। କେତେବେଳେ ଧାନର ଗୁଣବତ୍ତା କଥା କହି ତାଙ୍କ ଧାନର ଉଚିତ ମୂଲ୍ୟ ଦେଉନାହାନ୍ତି ତ କେତେବେଳେ ଫସଲ ହାନିର କ୍ଷତିପୂରଣ ଦେବା ପାଇଁ ମାସ ମାସ ଗଡ଼େଇ ଦେଉଛନ୍ତି। କମ୍ପାନୀମାନଙ୍କ ଋଣଛାଡ଼ କରିବା ବେଳକୁ ସରକାର ତହବିଲ ଖୋଲି ଦେଉଛନ୍ତି ତ ଚାଷୀବେଳକୁ ବ୍ୟାଙ୍କ ବାଉନ୍ସର ପଠେଇ ଋଣ ଆଦାୟ କରୁଛି ଓ ପରିଣାମରେ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛି। ସରକାର ଯଦି ଧନିକ ବ୍ୟବସାୟୀ ଓ କମ୍ପାନୀମାନଙ୍କ ପ୍ରତି ଏତେ କୋହଳ ହୋଇ ପାରୁଛନ୍ତି, ତାହେଲେ ଅନ୍ନଦାତାଙ୍କ ବେଳକୁ ଏତେ ଆକ୍ରୋଶ କାହିଁକି?

– ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର
ମୋ: ୯୪୩୮୪୬୮୪୭୪

# ମହେନ୍ଦ୍ରଗିରିର ଶିବ ମହିମା



ଡ. ଭାଗ୍ୟଲିପି ମଲ୍ଲ

ମହେନ୍ଦ୍ରଗିରି ପର୍ବତ, ଯେଉଁ ପର୍ବତ ଦିନେ ଥିଲା ଶ୍ୱେତକମଣ୍ଡଳ ରାଜ୍ୟର ଅଂଶବିଶେଷ, ଯେଉଁ ପର୍ବତକୁ ନିଜ କବିତାରେ ସ୍ଥାନ ଦେଇଛନ୍ତି ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ଦାସ ଏବଂ କବିବର ରାଧାନାଥ ରାୟ, ଯାହାର ଶିଖରରେ ରହିଛି ଦ୍ୱାପର ଯୁଗର 'ମହାଭାରତ' କଥା, ସେହି ମହେନ୍ଦ୍ରଗିରିର ମହିମା ଆଜି ଭାରତରେ ପୁଣ୍ୟ ତୀର୍ଥଭୂମି ରୂପେ ପରିଚୟ ଲାଭ କରିଛି। ମହେନ୍ଦ୍ରଗିରି ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ। ଏହାର ଆଧ୍ୟାତ୍ମିକ ଗୌରବ ଅତୁଳନୀୟ। ଏହା ଓଡ଼ିଶାର ଦକ୍ଷିଣରେ ଗଞ୍ଜାମ ଓ ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ସଦର ମହକୁମା ପାରଳାଖେମୁଣ୍ଡିରେ ଅବସ୍ଥିତ। ବହୁ ପ୍ରାଚୀନ ଯୁଗରୁ ଗଞ୍ଜାମ-ଗଜପତି ପର୍ବତ୍ୟାଞ୍ଚଳରେ ମହେନ୍ଦ୍ରଗିରି ଦେବଦେବ ମହାଦେବଙ୍କର ନିବାସସ୍ଥଳୀ ହୋଇଥିବାରୁ ଏଠାରେ ମହାଶିବରାତ୍ରି ମହାସମାରୋହରେ ପାଳନ ହୋଇଥାଏ। ଗୋଦାବରୀ ନଦୀ ନିକଟରେ ଥିବା ପୂର୍ବଘାଟ ପର୍ବତମାଳାକୁ ମହେନ୍ଦ୍ରଗିରି କୁହାଯାଏ। ପାଦଦେଶରେ ମହେନ୍ଦ୍ରତନୟା ନଦୀ। ସପ୍ତକୁଳ ପର୍ବତ ମଧ୍ୟରେ ଏହା ଅନ୍ୟତମ ଶ୍ରେଷ୍ଠ ପର୍ବତଭାବେ ପରିଗଣିତ। ସେହି ପର୍ବତଗୁଡ଼ିକ ହେଲା- ମହେନ୍ଦ୍ର, ମଳୟ, ସହ୍ୟ, ଶୁକ୍ତିମାନ, ଋକ୍ଷ ପର୍ବତ, ବିନ୍ଧ୍ୟ ପର୍ବତ ଓ ପାରିଜାତ। ହିନ୍ଦୁଙ୍କ ପବିତ୍ର କାର୍ଯ୍ୟରେ ବ୍ୟବହାର ହେଉଥିବା ପ୍ରାୟ ନଦୀଗୁଡ଼ିକ ମହେନ୍ଦ୍ରତନୟା ନାମରେ ପରିଚିତ; ଯଥା- ତ୍ରିସାମା, ଋଷିକୁଲ୍ୟା, ଇକ୍ଷୁଳା, ତ୍ରିଦିବା, ଅଚଳା, ଲାଙ୍ଗୁଳିନୀ, ବଂଶଧାରା ଓ ମହେନ୍ଦ୍ରତନୟା ଇତ୍ୟାଦି। ମହେନ୍ଦ୍ରଗିରି ଦେବଦେବ ମହାଦେବ ମହେନ୍ଦ୍ରଙ୍କର ଅନ୍ୟତମ ନିବାସ ସ୍ଥାନ ଏବଂ ବିଷ୍ଣୁଙ୍କର ଷଷ୍ଠ ଅବତାର ଭଗବାନ ପର୍ଶୁରାମଙ୍କର ତପସ୍ୟାସ୍ଥଳୀ। ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ୍ୟରେ ମହେନ୍ଦ୍ରଗିରିର ସୂର୍ଯ୍ୟୋଦୟ, ଖରା, ବର୍ଷା, ଶୀତର ଲୁଚକାଳି ଖେଳ, ସବୁଜବନାନୀ ଓ ଘଞ୍ଚ ଅରଣ୍ୟ ଆଦି ଅନସ୍ୱୀକାର୍ଯ୍ୟ। ଶୈଳୋଦ୍ଭବ ରାଜାମାନଙ୍କର ଅଭିଲେଖରୁ ମହେନ୍ଦ୍ରଗିରିର ପ୍ରାଚୀନତା ଜଣାପଡ଼େ। ମହେନ୍ଦ୍ର ଅର୍ଥାତ୍ ମହୀର ଯିଏ ଇନ୍ଦ୍ର ବା ଶ୍ରେଷ୍ଠ, ସେ ହେଉଛନ୍ତି ଦେବଦେବ ମହାଦେବ। ଏହି ମହେନ୍ଦ୍ରଗିରିର ଶିବ ହିଁ ଅଧିପତି ଦେବତା। ମହେନ୍ଦ୍ରଗିରିରେ ଷଡ଼ଋତୁଙ୍କର ଦିନକରେ ସମାଗମ ପରିଦର୍ଶକଙ୍କୁ ଯେତିକି ଚମତ୍କୃତ କରେ, ପର୍ବତ ଦେହରେ ଥିବା ପ୍ରାଚୀନ ମନ୍ଦିର ଯଥା-କୁନ୍ତୀ ମନ୍ଦିର, ଭୀମ ମନ୍ଦିର, ଯୁଧିଷ୍ଠିର ମନ୍ଦିର, ପର୍ଶୁରାମ କୁଟୀର, ପାଣ୍ଡବ ଗୁମ୍ଫା, ଗୋକର୍ଣ୍ଣେଶ୍ୱର ମନ୍ଦିର, ପୁଟେଶ୍ୱର ମନ୍ଦିର ଆଦିସ୍ଥ ସେତିକି ଆଧ୍ୟାତ୍ମିକ ଚେତନାରେ ବ୍ୟକ୍ତିର ହୃଦୟକୁ ସିକ୍ତ କରେ।

ମହେନ୍ଦ୍ରଗିରି ପର୍ବତର ପ୍ରାକୃତିକ ଶୋଭା କେବଳ ଜନମନକୁ ହରଣ କରେନାହିଁ, ବରଂ ଯୁଗଯୁଗ ଧରି କବି, ସାହିତ୍ୟିକମାନଙ୍କୁ ଆକୃଷ୍ଟ କରିଛି। ମହେନ୍ଦ୍ରଗିରି କେବଳ ସାହିତ୍ୟ ବା ପୁରାଣରେ ସ୍ଥାନ ପାଇନାହିଁ, ବରଂ ତା'ର ଜୈବ ବିବିଧତା ପାଇଁ ପରିବେଶବିତ୍‌ଙ୍କୁ ଆକର୍ଷିତ କରିଛି। ତା'ର ଜୈବ ବିବିଧତା ଗଭୀର ଅଧ୍ୟୟନର ଅପେକ୍ଷା ରଖେ। ମହେନ୍ଦ୍ରଗିରି ପର୍ବତ ଓଡ଼ିଶାର ଦକ୍ଷିଣାଞ୍ଚଳର ପରିବେଶକୁ ସନ୍ତୁଳିତ କରି ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ।

ମହେନ୍ଦ୍ରଗିରିର ଶିବ ମହିମା ମହାଭାରତ, ରାମାୟଣ, ବିଷ୍ଣୁ ପୁରାଣ, ବାୟୁ ପୁରାଣ, ଅଧ୍ୟାତ୍ମ ରାମାୟଣ, ସାରଳା ମହାଭାରତ ଓ ବିଭିନ୍ନ ଶିଳାଲେଖରେ ଦେଖିବାକୁ ମିଳେ। ମହେନ୍ଦ୍ରଗିରି



ସହିତ ଯୋଡ଼ିହୋଇ ରହିଛି ରାମାୟଣ, ମହାଭାରତ ଓ ଶିବଙ୍କର ଅପୂର୍ବ ମହିମାର କଥା। ଦେବଦେବ ମହାଦେବ ଏହି ଗିରିଶୃଙ୍ଗ ଉପରେ ଯେଉଁଠାରେ ଧ୍ୟାନମଗ୍ନ ଥିଲେ, ମାତା ସୀତାଙ୍କୁ ଠାବ କରିବା ପାଇଁ ସେହି ଶିଖରରୁ ହନୁମାନ ଲଙ୍କାକୁ ଲମ୍ଫ ପ୍ରଦାନ କରିଥିଲେ। ଏହାର ସ୍ମୃତିସ୍ୱରୂପ ମହେନ୍ଦ୍ରଗିରିରେ ହନୁମାନ କୁଦ, ହନୁମାନ ମନ୍ଦିର ଓ ହନୁମାନ ପଦଚିହ୍ନ ଦେଖିବାକୁ ମିଳେ। ଏଥିସହ ଶିବଙ୍କର ଅତୁଳନୀୟ ମହିମା ସେହିଯୁଗରୁ ହିଁ ରହିଆସିଛି।

ମହାଭାରତ ସମୟରେ ପାଣ୍ଡବମାନେ ଯେତେବେଳେ ଅଜ୍ଞାତବାସରେ ଥିଲେ, ସେତେବେଳେ ପିତା ପାଣ୍ଡୁଙ୍କର ଶ୍ରାଦ୍ଧଦିବସ ପଡ଼ିଥିବାରୁ ମାତା କୁନ୍ତୀଙ୍କର ଆଦେଶପୂର୍ବକ ସେମାନେ ମହେନ୍ଦ୍ରଗିରିର ଘଞ୍ଚଜଙ୍ଗଲ ଭିତରକୁ ପିଣ୍ଡଦାନ ନିମିତ୍ତ ଏକ ଗଣ୍ଡା ଶିକାର କରିବାକୁ ଆସିଥିଲେ। ମାତ୍ର ଗଣ୍ଡା ବଦଳରେ ସେଠାରେ ବୁଲୁଥିବା ଏକ ବିଚିତ୍ର ଗାଈକୁ ସେମାନେ ବଧ କରିଦେଇଥିଲେ। ପୁରାଣପ୍ରସିଦ୍ଧ ଏହି ପବିତ୍ର ଗାଈର ନାମ ଥିଲା କପିଳା। କପିଳା ଗାଈର ହତ୍ୟା ସମ୍ପର୍କରେ ମାତା କୁନ୍ତୀଙ୍କୁ ଜଣାଇବା ପରେ ଗୋହତ୍ୟା ଦୋଷରୁ ପୁତ୍ରମାନେ କିପରି ମୁକ୍ତି ପାଇବେ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରିଥିଲେ। ତତ୍‌କ୍ଷଣାତ୍ ସଖା କୃଷ୍ଣ ଉପଗତ ହୋଇ ମହେନ୍ଦ୍ରଗିରିର ଶୃଙ୍ଗ ଉପରେ ପର୍ଶୁରାମ ଏବଂ ନାରଦ ମୁନିଙ୍କ ସହାୟତାରେ ଦେବସଭାର ଆୟୋଜନ ସହ ଯଜ୍ଞାଦି ଅନୁଷ୍ଠାନ କରାଇଲେ। ଏହି ସଭାରେ ବ୍ରହ୍ମା, ଶିବ, ବିଷ୍ଣୁ ଓ ବହୁ ଦେବଦେବୀଙ୍କ ସହ ମୁନିଋଷିମାନେ ଉପସ୍ଥିତ ଥିଲେ। ଉପସ୍ଥିତ ଦେବଦେବୀଙ୍କ ମତାନୁସାରେ ତଥା କୁନ୍ତୀ ଓ ପାଣ୍ଡବଙ୍କ ପ୍ରାର୍ଥନାରେ ଯୋଗୀରାଜଙ୍କର ଧ୍ୟାନ ଭଙ୍ଗ ହେଲା ଓ ପାଣ୍ଡବଙ୍କ ପାପକୁ ସେ ନିଜ ଦେହରେ ବୋଳି ଗୋହତ୍ୟାଜନିତ ପାପରୁ ମୁକ୍ତ କରାଇଥିଲେ। ମୃତଧେନୁ କପିଳାର କର୍ଣ୍ଣ ଯେଉଁଠାରେ ପଡ଼ିଲା, ତାହା ଗୋକର୍ଣ୍ଣେଶ୍ୱର, ପୁଟି ଯେଉଁଠାରେ ପଡ଼ିଲା ତାହା ପୁଟେଶ୍ୱର ନାମରେ ମନ୍ଦିର ହେବା ସହ ବହୁ ଶିବଲିଙ୍ଗଯୁକ୍ତ ମନ୍ଦିର ଏହି ପର୍ବତଶ୍ରେଣୀରେ ଗଢ଼ିଉଠିଲା।

ଲୋକମାନଙ୍କ ବିଶ୍ୱାସ ସହିତ ଶିବଭକ୍ତ ଏବଂ ପ୍ରାୟତଃ ସବୁ ଦେବଦେବୀଙ୍କର ଏହି ପର୍ବତରେ ଦେବସଭା ଓ ଯଜ୍ଞଯୋଗୁ ମହେନ୍ଦ୍ରଗିରି ଏକ ଆଧ୍ୟାତ୍ମିକ ଗିରିଭାବେ ପ୍ରସିଦ୍ଧି ଅର୍ଜନ କରିପାରିଛି। ମହାଦେବ ଅକୁଣ୍ଠ ଚିତ୍ତରେ ପାଣ୍ଡବଙ୍କୁ ପାପମୁକ୍ତ କରାଇଥିବାରୁ ସେହି ନୀଳକଣ୍ଠଙ୍କ ପ୍ରତି ଅଖଣ୍ଡ ବିଶ୍ୱାସ ଯୋଗୁଁ ଏଠାରେ ମହାଶିବରାତ୍ରି ବହୁ ଆଡ଼ମ୍ବରରେ ପାଳନ ହୁଏ। ଏଥିସହିତ ଯୋଡ଼ି ହୋଇଯାଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର କିମ୍ବଦନ୍ତୀ। ଏହି କିମ୍ବଦନ୍ତୀ ଅନୁସାରେ କଳିଙ୍ଗ ମହାରାଜାଙ୍କର ବିଦ୍ୟାପତିଙ୍କ ମାଧ୍ୟମରେ ନୀଳମାଧବଙ୍କ ଦର୍ଶନ ସହିତ ମହେନ୍ଦ୍ରଗିରିର ପାଦଦେଶରେ ଥିବା ଏକ ସୁନ୍ଦର ପୁଷ୍କରିଣୀ ନିକଟରେ ଆଦିବାସୀ ଲଳନା ଲଳିତାଙ୍କ ସହିତ ବିଦ୍ୟାପତିଙ୍କର ସାକ୍ଷାତ ହେବା ଯୋଗୁ ତାର ପ୍ରମାଣସ୍ୱରୂପ ଏବେ ମଧ୍ୟ ସେହି ଲଳିତା ପୁଷ୍କରିଣୀ ବିଦ୍ୟମାନ। ମହାଶିବରାତ୍ରିରେ ଏହି ପୁଷ୍କରିଣୀ ପରିଦର୍ଶନାର୍ଥେ ବହୁ ଜନସମାଗମ ହୋଇଥାଏ।

ତେଣୁ ମହେନ୍ଦ୍ରଗିରି କେବଳ ଏକ ପ୍ରାକୃତିକ ସୁଷମାଘେରା ସୁନ୍ଦର ପାହାଡ଼ଟିଏ ନୁହେଁ, ଏହା ମହାଦେବଙ୍କର ନିତ୍ୟ ନିବାସସ୍ଥଳୀ ଓ ପର୍ଶୁରାମଧାମ ହୋଇଥିବାରୁ ଏହାକୁ ଏକ ଆଧ୍ୟାତ୍ମିକ ସ୍ଥାନ ଭାବେ ଭକ୍ତମାନେ ଗ୍ରହଣ କରିଥା'ନ୍ତି। ଦେବଦେବ ମହେନ୍ଦ୍ର ଓ ପର୍ଶୁରାମଙ୍କର ସ୍ଥାୟୀ ଉପସ୍ଥିତି ଯୋଗୁ ଏଠାକୁ ବହୁ ଦେବଦେବୀ ଓ ଋଷିମାନଙ୍କର ଆତଯାତ ହୋଇଥାଏ।

– ସଂସ୍କୃତି ବିଶେଷଜ୍ଞ
ମୋ: ୮୯୧୭୩୩୨୫୮୫

## ଏଇ ଭାରତରେ

ଝାଡ଼ଖଣ୍ଡର ବରକୁଲି ଗାଁର ଜ୍ଞାନଲତା ହେମ୍ରମ୍ ଜୈବିକ ଚାଷ ଲାଭଜନକ ବୋଲି ପ୍ରମାଣ କରିଛନ୍ତି। ଜଣେ ସଫଳ ମହିଳା ଚାଷୀ ଭାବେ ସେ ଜୈବିକ ଚାଷରୁ ୧୦ ଲକ୍ଷ ଟଙ୍କାର ବିଜ୍‌ନେସ୍ କରିପାରିଛନ୍ତି। ସେ ଏବେ ୬ ଏକର ଜମିରେ ଟମାଟୋ, ବାଇଗଣ, କ୍ୟାପ୍‌ସିକମ୍, ଲଙ୍କା, କୋବି ଆଦି ଚାଷ କରୁଛନ୍ତି। ୨୦୨୧ରେ ସେ ଏହି ଚାଷ ଆରମ୍ଭ କରିଥିଲେ। ପ୍ରଫେଶନାଲ ଆସିଷ୍ଟାନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ ନାମକ ସଂସ୍ଥା ଏଥିରେ ଆରମ୍ଭରୁ ତାଙ୍କୁ ସହଯୋଗ କରିଥିଲା। ଏବେ ନିଜ ଅଞ୍ଚଳରେ ଏହି ସଂସ୍ଥାର ଦାୟିତ୍ୱରେ ରହିବା ପରେ ସ୍ଥାନୀୟ ଅଞ୍ଚଳରେ ଜୈବିକ କୃଷିରେ ମହିଳାଙ୍କୁ ସାମିଲ କରିବାରେ ଲାଗିଛନ୍ତି। ଏବେସୁଦ୍ଧା ସେ ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରାୟ ୧୨୦୦ ମହିଳାଙ୍କୁ ଜୈବିକ ଚାଷ ପ୍ରତି ଆକୃଷ୍ଟ କରିପାରିଛନ୍ତି। ସେ ଚାଷୀଙ୍କୁ ଶସ୍ତାରେ ପନିପରିବା ଚାରା ଗଛ ଯୋଗାଇ ଦେଉଛନ୍ତି। ଏହା ସହ ମହିଳାମାନେ ଜିଆଖତ ପ୍ରସ୍ତୁତ କରି ଲାଭ ପାଉଛନ୍ତି। ପ୍ରଫେଶନାଲ ଆସିଷ୍ଟାନ୍ସ ଫର୍ ଡେଭଲପ୍‌ମେଣ୍ଟ ଆକ୍ସନ୍ ଦ୍ୱାରା ପରିଚାଳିତ ବାୟୋ ରିସୋର୍ସ ସେଣ୍ଟର(ବିଆର୍‌ସି) ମାଧ୍ୟମରେ ଜ୍ଞାନଲତା ପ୍ରାରମ୍ଭରେ ୬୦,୦୦୦ ଟଙ୍କାର ବିଜ୍‌ନେସ କରୁଥିଲେ, ହେଲେ ଏହା ଏବେ ୧୦ ଲକ୍ଷ ଟଙ୍କା ଛୁଇଁଲାଣି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୫ ଫେବୃଆରୀ ୧୯୭୭

- ରାଷ୍ଟ୍ରପତି ଜୁଲିୟସ ନିରେର ତାଞ୍ଜାନିଆର ନୂତନ ପ୍ରଧାନମନ୍ତ୍ରୀ ରୂପେ ଏଡ୍‌ୱାର୍ଡ ସୋକୋଇନଙ୍କୁ ନିଯୁକ୍ତ କରିଛନ୍ତି।
- ତୁର୍କୀ ଏୟାରଲାଇନ୍‌ସର ଗୋଟିଏ ବମାନକୁ ଅପହରଣ କରିବା ସହ ପାଇଲଟଙ୍କୁ ଆହତ କରିଥିବା ଅଭିଯୋଗରେ ୧୭ ବର୍ଷ ବୟସ୍କ ପୋଲିସ କ୍ୟାଡେଟ୍ ଗିରଫ।
- ଭାରତର ବିଶିଷ୍ଟ ରାଜନୀତିଜ୍ଞ ତଥା ମିଳିତ ଜାତିସଂଘର ସଭାପତି ନେତ୍ରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ପଣ୍ଡିତ୍‌ଙ୍କ ଗଣତାନ୍ତ୍ରିକ କଂଗ୍ରେସ ଦଳରେ ଯୋଗଦାନ।

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | | 8 | 2 |
| 6 | | | | | | 4 | 7 | |
| 8 | 4 | | | | 1 | | 9 | 3 |
| 9 | | | | | 2 | 7 | 6 | 5 |
| | | | 1 | 8 | 5 | | 2 | |
| | | 4 | 6 | 9 | | | | |
| | | 2 | 9 | | | 8 | 4 | |
| | 9 | | | 1 | | | | |
| | 3 | | | 6 | 4 | 1 | 5 | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 9 | 2 | 7 | 5 | 3 | 4 | 8 |
| 7 | 8 | 2 | 4 | 3 | 9 | 6 | 5 | 1 |
| 3 | 5 | 4 | 1 | 6 | 8 | 7 | 9 | 2 |
| 9 | 4 | 8 | 6 | 2 | 7 | 5 | 1 | 3 |
| 2 | 7 | 1 | 5 | 8 | 3 | 9 | 6 | 4 |
| 6 | 3 | 5 | 9 | 1 | 4 | 2 | 8 | 7 |
| 5 | 9 | 3 | 8 | 4 | 2 | 1 | 7 | 6 |
| 4 | 2 | 6 | 7 | 5 | 1 | 8 | 3 | 9 |
| 8 | 1 | 7 | 3 | 9 | 6 | 4 | 2 | 5 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସମିତି ସଭ୍ୟ ପ୍ରସ୍ତାବ ଦେବାରେ ସୀମିତ

ମହାଶୟ,

ଓଡ଼ିଶାର ୩୧୪ ବ୍ଲକରେ ପ୍ରାୟ ୬୦୦୦ରୁ ଅଧିକ ସମିତି ସଭ୍ୟା/ସଭ୍ୟ ନିର୍ବାଚିତ ହୋଇଥିଲେ ହେଁ ବାସ୍ତବ କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱ ହ୍ରାସ ପାଇବାରେ ଲାଗିଛି। ବିଜୁ ଜନତା ଦଳ ସରକାର ଯିବା ପୂର୍ବରୁ ମାସିକ ଭତ୍ତା ଟ.୨୩୫୦ରୁ ୯,୫୦୦ ଟଙ୍କାକୁ ବୃଦ୍ଧି କରି କ୍ଷମତାରୁ ଯାଇ ସାରିଛନ୍ତି। ପଞ୍ଚାୟତିରାଜ ନିୟମ ଅନୁସାରେ, ପ୍ରତି ଦୁଇ ମାସରେ ଅନ୍ତତଃ ଗୋଟିଏ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେବା କଥା। ସେହିହିସାବରେ ଗତ ୪ ବର୍ଷ ମଧ୍ୟରେ ଅତିକମ୍‌ରେ ୨୪ଟି ବୈଠକ ହେବା ଆବଶ୍ୟକ। କିନ୍ତୁ ଅଧିକାଂଶ ବ୍ଲକରୁ ଆସୁଥିବା ରିପୋର୍ଟ ଅନୁସାରେ, ୪ ବର୍ଷରେ ମାତ୍ର ୪ରୁ ୫ଟି ବୈଠକ ହେବା ମଧ୍ୟ କଷ୍ଟକର ହୋଇପଡ଼ିଛି। ବ୍ଲକକୁ ଆସୁଥିବା କୋଟି କୋଟି ଟଙ୍କାର ଅନୁଦାନ ପାଇଁ ସମିତି ବୈଠକର ଅନୁମୋଦନ ଲୋଡ଼ାଯାଉ ନାହିଁ। ସମିତି ସଭ୍ୟମାନେ କେବଳ କାଗଜପତ୍ରରେ ପ୍ରସ୍ତାବ ଦେବାରେ ସୀମିତ ରହିଛନ୍ତି। ଗତ ୩ ବର୍ଷରେ ଜଣେ ସଭ୍ୟ ହାରାହାରି ୧୦ ଲକ୍ଷ ଟଙ୍କାର ପ୍ରସ୍ତାବ ଦେଇଥିଲେ ହେଁ ସେଥିରୁ କେତୋଟି କାର୍ଯ୍ୟକାରୀ ହୋଇଛି ଏବଂ କେଉଁ ପାଣ୍ଠିରୁ ହୋଇଛି, ତାହା ସଭ୍ୟଙ୍କ ଅଗୋଚରରେ ରହୁଛି।

– ସମରେନ୍ଦ୍ର ଦୀକ୍ଷିତ, ପୁରୀ, କାକଟପୁର

## ଚିରନ୍ତନୀ

ଅଧର ସୁଷମା ନ ବଢ଼େ ଚିର
ରହିଲେ ମୂକ
ବାସନା ବିକାରେ ବିକଳେ ଖାଲି
ବଳଇ ଦୁଃଖ।
-(ପ୍ରାଚୀନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଉଦ୍‌ଘାଟିତ

ଆସିକା ୧୪।୨ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବସଷ୍ଟାଣ୍ଡସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀ ବିଶ୍ୱବିଦ୍ୟାଳୟର ସେବା କେନ୍ଦ୍ର ଶାନ୍ତିଶକ୍ତି ଭବନରେ ତ୍ରିଦିବସୀୟ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମେଳା ଅନୁଷ୍ଠିତ ହୋଇଛି । ଶୁକ୍ରବାର ସନ୍ଧ୍ୟାରେ ଏହି ମେଳାକୁ ଉଦ୍‌ଘାଟନ କରାଯାଇଥିଲା ।। ଶାନ୍ତିଶକ୍ତି ଭବନର ସଞ୍ଚାଳିକା ପ୍ରଭାତିଙ୍କ ସହ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡ.ସୁଶାନ୍ତ କୁମାର ପଣ୍ଡା, ପଣ୍ଡିତ ଦୁର୍ଗାପ୍ରସାଦ ପଣ୍ଡା ଓ ଚିନ୍ମୟ ମିଶନ ଆସିକା ଶାଖାର ସଭାପତି ଲକ୍ଷ୍ମୀନାରାୟଣ ଗୁପ୍ତା ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ସହ ଜ୍ୟୋତିର୍ଲିଙ୍ଗଙ୍କ ପ୍ରତିମୂର୍ତ୍ତିର ଅନାବରଣ କରିଥିଲେ ଏକ ଚିନ୍ତାମୁକ୍ତ ଜୀବନଶୈଳୀ ପାଇଁ ଈଶ୍ୱରୀ ବିଶ୍ୱବିଦ୍ୟାଳୟର ଶିକ୍ଷା ଓ ଜ୍ୟୋତିର୍ଲିଙ୍ଗ ମେଳାର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସତ୍ୟପ୍ରିୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ପ୍ରକାଶ ପାଇଲା ସୀମା ନିର୍ଦ୍ଧାରଣ, ସଂରକ୍ଷଣ ତାଲିକା

**ପ୍ରସ୍ତାବିତ ଆସିକା ମ୍ୟୁନିସିପାଲିଟି**

ଆସିକା ୧୪।୨ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍‌ଏସିକୁ ମ୍ୟୁନିସିପାଲଟି କରିବା ଲାଗି ସରକାରୀ ପ୍ରକ୍ରିୟା ଜାରି ରହିଥିଲା ବେଳେ ପ୍ରାସ୍ତାବିତ ମ୍ୟୁନିସିପାଲଟି ଅଞ୍ଚଳର ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ତାଲିକା ଗଞ୍ଜାମ ଜିଲ୍ଲାପାଳଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। ଏହି ବିଜ୍ଞପ୍ତି ପ୍ରକାଶର ୧୦ ଦିନର ସମୟ ସୀମା ସମାପ୍ତ ହେବା ପୂର୍ବରୁ ଚଳିତ ମାସ ୨୧ ତାରିଖ ସୁଧା ଏହି ବିଜ୍ଞପ୍ତି ଉପରେ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଓ ପରାମର୍ଶ ଦେବା ଲାଗି ବିଜ୍ଞପ୍ତିରେ ଆହ୍ୱାନ କରାଯାଇଛି। ପ୍ରାସ୍ତାବିତ ତାଲିକାରେ ପୂର୍ବରୁ ଏହି ଏନ୍‌ଏସିର ପୂର୍ବ ପରିସୀମାରେ କାଳଷଣ୍ଢପୁର ପଞ୍ଚାୟତର ନରସିଂହପଲ୍ଲୀ, ମୁକୁନ୍ଦପୁର ଓ ନୂଆଗାଁକୁ ସାମିଲ୍ କରାଯାଇ ପୂର୍ବରୁ ଥିବା ୧୮ଟି ୱାର୍ଡକୁ ବୃଦ୍ଧି କରି ୨୩ଟି ୱାର୍ଡ ଗଠନ କରାଯାଇଛି । ପ୍ରକାଶିତ ତାଲିକାରେ ମହିଳାଙ୍କ ଲାଗି ୧୨ଟି ସ୍ଥାନ ସଂରକ୍ଷଣ ହୋଇଛି । ଏହି ତାଲିକା ମୁତାବକ ୧ ନମ୍ବର ୱାର୍ଡ ରଘୁନାଥ ନଗର ମହିଳା, ୨ ନଂ. ୱାର୍ଡ ବାଣିବିହାର ମହିଳା, ୩ ନମ୍ବର ୱାର୍ଡ ଖମ୍ବେଶ୍ୱରୀପାଟଣୀ ଅଣସଂରକ୍ଷଣ, ୪ ନଂ. ୱାର୍ଡ ଖମ୍ବେଶ୍ୱରୀପାଟଣା, ଆଲୋକ ପ୍ରେସ ଗଳି ଅଣସଂରକ୍ଷଣ, ୫ ନଂ. ୱାର୍ଡ ହରିଶ୍ଚନ୍ଦ୍ର ଘାଟ ଠାରୁ ବଡ ମୁନିସାହି ତଫସିଲଭୁକ୍ତ ଜାତି, ୬ ନଂ. ୱାର୍ଡ ସାନ ମୁନିସାହି, ଲାଲାଗୋର୍ଜି, ମହାତ୍ମାଗାନ୍ଧୀ ରୋଡ ମହିଳା, ୭ ନଂ. ୱାର୍ଡ ଗୋପବନ୍ଧୁ ନଗର, ଓଡିଆ ସାହି ଅଣସଂରକ୍ଷଣ, ୮ ନଂ. ୱାର୍ଡ ନୃସିଂହ ମନ୍ଦିର ଗଣ୍ଡପଲ୍ଲୀ ମହିଳା, ୯ ନଂ. ୱାର୍ଡ ସୁନାମ୍ଭ ବ୍ରାହ୍ମଣ ସାହି ଅଣସଂରକ୍ଷଣ, ୧୦ ନଂ. ୱାର୍ଡ ତାଲୁକା ରୋଡ ତଫସିଲଭୁକ୍ତ ଜାତି ମହିଳା, ୧୧ ନଂ. ୱାର୍ଡ ହରିହର ନଗର, କୁମ୍ଭାର ସାହି ଅଣସଂରକ୍ଷଣ, ୧୨ ନଂ. ୱାର୍ଡ ବସଷ୍ଟାଣ୍ଡ ତଫସିଲଭୁକ୍ତ ଜାତି ମହିଳା, ୧୩ ନଂ. ୱାର୍ଡ ବିନୋବା ମାର୍ଗ, କାଳିମୁଖୀ ସାହି ତଫସିଲଭୁକ୍ତ ଜନଜାତି ମହିଳା, ୧୪ ନଂ. ୱାର୍ଡ ନିନ ନଗର ତଫସିଲଭୁକ୍ତ ଜାତି, ୧୫ ନଂ. ୱାର୍ଡ ଜୋକବନ୍ଧ ସାହି ମହିଳା, ୧୬ ନଂ. ୱାର୍ଡ ଲଛମନପଲ୍ଲୀ ମହିଳା, ୧୭ ନଂ. ୱାର୍ଡ ଲାଲାଶାସନ ଅଣସଂରକ୍ଷଣ, ୧୮ ନଂ. ୱାର୍ଡ ପାକଲାପଲ୍ଲୀ ଅଣସଂରକ୍ଷଣ, ୧୯ ନଂ. ୱାର୍ଡ ନୂଆଗାଁ ମହିଳା, ୨୦ ନଂ. ୱାର୍ଡ ନୂଆଗାଁ ମହିଳା, ୨୧ ନଂ. ୱାର୍ଡ ନୂଆଗାଁ ଅଣସଂରକ୍ଷଣ, ୨୨ ନଂ. ୱାର୍ଡ ମୁକୁନ୍ଦପୁର ମହିଳା ଓ ୨୩ ନଂ. ୱାର୍ଡ ନରସିଂହପଲ୍ଲୀ, ପୁଡୁଗେଶ୍ୱରପଲ୍ଲୀ ଅଣସଂରକ୍ଷଣ ତାଲିକାରେ ରହିଥିବା ଜଣାପଡିଛି । ଏହି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଗାମି ନିର୍ବାଚନକୁ ନେଇ ରାଜନୈତିକ ବାତାବରଣ ସରଗରମ ହେବା ଆରମ୍ଭ ହୋଇଛି।

## ମହାଶିବରାତ୍ରୀ ଲାଗି କଳସ ଯାତ୍ରା

ଆସିକା ୧୪।୨ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସହର ଉପକଣ୍ଠ ଋଷିକୂଲ୍ୟା ଓ ବଡନଦୀର ସଂଗମସ୍ଥଳ ନିକଟରେ ବିଜେ ପୁଡୁଗେଶ୍ୱର ମହାଦେବଙ୍କ ପୀଠରେ ମହାଶିବରାତ୍ରୀରେ ଏକଲକ୍ଷ ଆଠ ଦୀପଦାନ ଲାଗି ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମ ଲାଗି ଶନିବାର ଦିନ ଏକ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ସଂଗମ ସ୍ଥଳରୁ ଶ୍ରଦ୍ଧାଳୁ ପୁରୁଷ ଓ ମହିଳାଙ୍କ ଜଳକଳସ ଯାତ୍ରା ଗ୍ରାମ ପରିକ୍ରମା ପରେ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ । ପଣ୍ଡିତ ରାଜେଶ ଶତପଥୀଙ୍କ ଦ୍ୱାରା ବିଭିନ୍ନ ପୂଜା ନିତି କରାଯାଇଥିଲା ବେଳେ କର୍ତ୍ତା ରୂପେ ସୋମନାଥ ନାହାକ ଓ ତାଙ୍କ ପତ୍ନୀ ସୁପ୍ରଭା ନାହାକ ଏହି କଳସ ଯାତ୍ରାରେ ସାମିଲ ଥିଲେ । ଗଣେଶ ମହାନ୍ତି, ନିଗମାନନ୍ଦ ମହାନ୍ତି, ସୂର୍ଯ୍ୟ ନାହାକ ପ୍ରମୁଖ ଗ୍ରାମବାସୀଙ୍କ ସହଯୋଗରେ କାର୍ଯ୍ୟକ୍ରମର ସୁଚାରୁ ସଂପାଦନ ଲାଗି ଉଦ୍ୟମ ଜାରି ରଖିଛନ୍ତି । ଜଗତ ମଙ୍ଗଳ ଲକ୍ଷ୍ୟରେ ଶିବରାତ୍ର ଦିନ ପୁଡୁଗେଶ୍ୱରଙ୍କ ପୀଠରେ ଏକଲକ୍ଷ ଆଠ ଦୀପ ଯଜ୍ଞ, ଘୃତଯଜ୍ଞ, ନାମଯଜ୍ଞ ଏବଂ ଅନ୍ନଯଜ୍ଞର ଆୟୋଜନ କରାଯାଇଥିବା ଜଣାପଡିଛି।

## କଡ଼ା ସୁରକ୍ଷା ମଧ୍ୟରେ +୨ ପ୍ରଶ୍ନପତ୍ର

ବୁଗୁଡ଼ା, ୧୪।୨ (କାଳିଚରଣ ଦାଶ)

ସ୍ଥାନୀୟ ପିପୁଲ୍ସ କଲେଜ ହବ୍ ସେଣ୍ଟରରେ +୨ ବିଜ୍ଞାନ ଓ କଳା ସହିତ ଧନ୍ଦାମୂଳକ ଶିକ୍ଷାର ପ୍ରଶ୍ନପତ୍ର ଶନିବାର ଅପରାହ୍ନରେ ଆସି ପହଞ୍ଚିବା ପରେ ସେଗୁଡିକ ପୋଲିସର ୨୪ ଘଣ୍ଟିଆ ପ୍ରହରା ସହ କଡ଼ା ସୁରକ୍ଷା ମଧ୍ୟରେ ରହିଥିବା ଦେଖିବାକୁ ମିଳିଛି। ଚଳିତ ମାସ ୧୮ ତାରିଖରୁ +୨ ବିଜ୍ଞାନ ଓ ୧୯ ତାରିଖରୁ +୨ କଳାର ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ବୁଗୁଡ଼ାର ପିପୁଲ୍ସ କଲେଜ ଓ ବଳଦେବ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସାଙ୍ଗକୁ ମାଣିତରା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ କରଚୁଲି ଶକୁନ୍ତଳା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷାର୍ଥୀ ଏବଂ ପିପୁଲ୍ସ କଲେଜର ଧନ୍ଦାମୂଳକ ଶିକ୍ଷାର୍ଥୀ ନିଜ ନିଜର ଶିକ୍ଷାନୁଷ୍ଠାନ କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବାବେଳେ ସେମାନଙ୍କ ପାଇଁ ଏହି ହବ୍ ସେଣ୍ଟରରେ ପରୀକ୍ଷା ପ୍ରଶ୍ନପତ୍ର ଗଚ୍ଛିତ ରହିଛି। ଅନ୍ୟପକ୍ଷରେ ବାଲିପଦରସ୍ଥ ଅହଲ୍ୟା ଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ବାଲୁଙ୍କେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପରୀକ୍ଷାର୍ଥୀ ପିପୁଲ୍ସ କଲେଜ କେନ୍ଦ୍ରରେ ପରୀକ୍ଷା ଦେବା ନେଇ ଜଣାପଡ଼ିଛି। ଉକ୍ତ ହବ୍ ସେଣ୍ଟରର ସୁପରଭାଇଜର ଓ ଡେପୁଟି ସୁପରଭାଇଜର ଦାୟିତ୍ୱରେ ଯଥାକ୍ରମେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଓ ଅଧ୍ୟାପକ ଡ. ଜୟରାମ ବିଷୋୟୀ ରହିଥିବା ବେଳେ ସହଯୋଗୀ ଭାବେ କନିଷ୍ଠ କିରାଣୀ ହର ପ୍ରସାଦ ମହାପାତ୍ର ଓ ପିଅନ ଯୁଗଳ କିଶୋର ଜେନା ନିୟୋଜିତ ଥିବା ଜଣାପଡ଼ିଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକୋତ୍ସବ

ଜି.ଉଦୟଗିରି, ୧୪।୨ (ଚିନ୍ମୟ କୁମାର ସେଠୀ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୫ତମ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଇକିଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ.ସବ୍ୟସାଚୀ ସାହୁ, ମୁଖ୍ୟ ବକ୍ତା ଡ.ନଳିନୀ କାନ୍ତ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ବିନୋଦ ବିହାର ଦାସ, ସମ୍ପାଦକ ଶିବରାମ ସାହୁ, ଉପଦେଷ୍ଟା ଲଡୁକିଶର ରଥ ଯୋଗ ଦେଇଥିଲେ। ଗୁରୁମାସରିତା ପାଢ଼ୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ମାଧବାନନ୍ଦ ଦାଶ, କୁନିକୁନି ଛାତ୍ରୀଛାତ୍ର ଓ ଶିକ୍ଷୟତ୍ରୀଙ୍କ ଦ୍ୱାରା ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଅତିଥିବୃନ୍ଦ ଛାତ୍ରଛାତ୍ରୀ ମାନଙ୍କୁ ଭଲ ପାଠପଢ଼ି ଭଲ ମଣିଷ ହେବା ପାଇଁ ଉପଦେଶ ପ୍ରଦାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ପୁରସ୍କାର ପ୍ରଦାନ କରି ଥିଲେ।

## କାମରେ ଆସୁନି ଶୌଚାଳୟ, ପ୍ରତିକାର ଦାବି

ବୁଗୁଡ଼ା, ୧୪।୨ (କାଳିଚରଣ ଦାଶ)

ବୁଗୁଡ଼ା ସହର ଅନ୍ତର୍ଗତ ମଦନ ମୋହନ ଛକସ୍ଥିତ ଶୌଚାଳୟଟି ଗତ ମାସଠାରୁ ଲୋକଙ୍କ କାମରେ ଆସୁ ନାହିଁ। ଶୌଚାଳୟର ପାଣି ପମ୍ପଟି ଖରାପ ହୋଇଯାଇଥିବାରୁ ଜଳର ଅଭାବ ହୋଇ ଏହା ଲୋକଙ୍କ କାମରେ ଆସୁନି। ଶୌଚ ପାଇଁ ଲୋକେ ଶୌଚାଳୟକୁ ଆସି ନିରାଶରେ ଫେରୁଛନ୍ତି। ପାଣି ପମ୍ପକୁ ସଜାଡି ଜଳର ସୁବିଧା କରାଇ ଶୌଚାଳୟଟିକୁ କାର୍ଯ୍ୟକ୍ଷମରେ ଏନ୍‌ଏସି କର୍ତ୍ତୃପକ୍ଷ କାଳକ୍ଷେପଣ ନୀତି ଆପଣାଇଥିବାରୁ ଲୋକେ ହଇରାଣ ହେଉଛନ୍ତି। ବାଧ ହୋଇ ଲୋକେ ଏଣେତେଣେ ପରିସ୍ରା କରୁଥିବାରୁ ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି ହେଉଛି। ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଶୌଚାଳୟକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

# ବିଭିନ୍ନ ଦାବି ନେଇ ଛତୁ ଫ୍ୟାକ୍ଟ୍ରିରେ ଶ୍ରମିକଙ୍କ ଆନ୍ଦୋଳନ



ଛତ୍ରପୁର, ୧୪।୨ (ଦିଲ୍ଲୀପ ସାମଲ)

ବିଭିନ୍ନ ଦାବିନେଇ ଚମାଖଣ୍ଡି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଥିବା ଛତୁ ଫ୍ୟାକ୍ଟ୍ରିରେ କାର୍ଯ୍ୟରତ ଶ୍ରମିକମାନେ ଆନ୍ଦୋଳନ କରିଛନ୍ତି। ଏହା ସହିତ ଫ୍ୟାକ୍ଟ୍ରିକୁ ଯାତାୟତ ରାସ୍ତାକୁ ମଧ୍ୟ ଅବରୋଧ କରି ସେମାନଙ୍କ ହକ ନିମନ୍ତେ ଧାରଣା ବସିଥିଲେ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ହସ୍ତକ୍ଷେପ ପରେ ଶ୍ରମିକମାନେ ଆନ୍ଦୋଳନରୁ ଓହରିଛନ୍ତି। ସୂଚନା ଯୋଗ୍ୟ, ଯେ ଗତ ୧୧ ତାରିଖ ଠାରୁ ଛତୁ ଫ୍ୟାକ୍ଟ୍ରି ରେ କାର୍ଯ୍ୟରତ ଥିବା ଗୋବିନ୍ଦପୁର ଗ୍ରାମର ମହିଳା ଓ ପୁରଷ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସୂଚନା ପାଇଁ ଗ୍ରାମରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପହଞ୍ଚି ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଗୁଡିକ ପଚାରି ବୁଝିଥିଲେ। ପରେ ଗ୍ରାମସ୍ଥିତ କମ୍ୟୁନିଟିହଲ ଠାରେ ବିଧାୟକଙ୍କ ଉପସ୍ଥିତରେ ଲକ୍ଷ୍ମୀପୁର ସରପଞ୍ଚଙ୍କ ସ୍ୱାମୀ ମାଗୁଣି ବିଷୋୟୀ, ସମିତି ସଭ୍ୟ ଏନ.ରମେଶ ରେଡ୍ଡୀ, ପୂର୍ବତନ ସମିତି ସଭ୍ୟ ଏନ.ଦୁର୍ଯ୍ୟୋଧନ ରେଡ୍ଡୀ, ଆନ୍ଦୋଳନରତ ଶ୍ରମିକ, ଗ୍ରାମ ପରିଚାଳନା କମିଟି, ଭଦ୍ରବ୍ୟକ୍ତି, ଫ୍ୟାକ୍ଟ୍ରି ମାଲିକ ଏବଂ ଗ୍ରାମର ବହୁ ଜନସାଧାରଣ ଏକତ୍ରିତ ବସି ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରମିକମାନେ ସେମାନଙ୍କ ଦାବି ଗୁଡିକ ଉପସ୍ଥାପନା କରିଥିଲେ। ଅନ୍ୟ ରାଜ୍ୟର ଶ୍ରମିକଙ୍କୁ ଫ୍ୟାକ୍ଟ୍ରି ମାଲିକ ଅଧିକ ଟଙ୍କା ଦେବା ସହିତ ସେମାନଙ୍କୁ ଗୁରୁତ୍ୱ ଦେଉଥିବା ବେଳେ ସ୍ଥାନୀୟ ଶ୍ରମିକଙ୍କୁ ଅଣ ଦେଖା କରୁଛନ୍ତି ବୋଲି ମଧ୍ୟ ଆଲୋଚନାରେ କୁହାଯାଇଥିଲା। ଏହା ସହିତ ଅନ୍ୟାନ୍ୟ ଦାବି ଗୁଡିକ ସମ୍ବନ୍ଧରେ ମଧ୍ୟ ବହୁ ସମୟରେ ଧରି ଆଲୋଚନା କରାଯାଇଥିଲା। ଶେଷରେ ଶ୍ରମିକଙ୍କ ଦୈନିକ ମଜୁରୀ ୫୦ ଟଙ୍କା ବୃଦ୍ଧି ସହ ଅନ୍ୟାନ୍ୟ ଦାବି ଗୁଡିକ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ମାନେ ଆନ୍ଦୋଳନରୁ ହଟିଥିଲେ।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

**ମହାନଦୀ କୋଲଫିଲ୍ଡସ ଲିମିଟେଡ୍**
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ : www.mahanadicoal.in

**ବିଜ୍ଞପ୍ତି**

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"

R-5286

## ବୋରୀ ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ।

ବେଲଗୁଣ୍ଠା, ୧୪।୨ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ବେଲଗୁଣ୍ଠା ବ୍ଲକ୍ ଅନ୍ତର୍ଗତ ଗାଙ୍ଗପୁର ପଞ୍ଚାୟତର ବୋରୀ ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ପ୍ରଗତିରେ ଅଭିଭାବକ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସଫଳତା ପାଇବା ପାଇଁ ଛାତ୍ରୀଛାତ୍ର କଠିନ ପରିଶ୍ରମ କରିବାର ଆବଶ୍ୟକ ରହିଛି ବୋଲି ବିଧାୟକ ବିଷୋୟୀ ପ୍ରକାଶ କରିଥିଲେ। ସେହିପରି ମୁଖ୍ୟ ବକ୍ତା ରୂପେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଦିଲ୍ଲୀପ୍ କୁମାର ଖୁଣ୍ଟିଆ ଯୋଗ ଦେଇ ଭାଗବତ, ବେଦ, ଗୀତା, ରାମଚରିତ ମାନସର ଉଦାହରଣ ଦେଇ ଭାରତୀୟ ସଂସ୍କୃତିକୁ ଉନ୍ନତି କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ମାନସ ରଞ୍ଜନ ଡାକୁଆ, ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ, ଜିଲା ପରିଷଦ ସଭ୍ୟ ସୁଧୀର କୁମାର ଜେନା, ଗାଙ୍ଗପୁର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର କୁମାର ଡାକୁଆ, ବେଲଗୁଣ୍ଠା ପ୍ରେସକ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, କବି ପ୍ରଶାନ୍ତ ମହାନ୍ତି, ଲୋହରାଖଣ୍ଡି ସାହିତ୍ୟ ସଂସଦ ସମ୍ପାଦକ ଚିନ୍ମୟ ବେବର୍ତ୍ତା, ଗାଙ୍ଗପୁର ନାଏବ ସରପଞ୍ଚ ଦ୍ୱିତୀକୃଷ୍ଣ ବିଷୋୟୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗନ୍ନାଥ ପାଣି, ପୂର୍ବତନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଦାର ଚନ୍ଦ୍ର ବିଷୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ।

## ହରଗୌରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଛତ୍ରପୁର, ୧୪।୨ (ଦିଲ୍ଲୀପ ସାମଲ)

ଛତ୍ରପୁର ବ୍ଲକ୍ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ ହରଗୌରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟାଙ୍ଗଣାପଲ୍ଲୀ ପଞ୍ଚାୟତର ସରପଞ୍ଚ ବି.ସୁଦାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଉନ୍ନତି ପାଇଁ ପଞ୍ଚାୟତ ପାଣ୍ଠିରୁ ଆର୍ଥିକ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇ ବିଦ୍ୟାଳୟର ପ୍ରତିଷ୍ଠାତା ରାମଚନ୍ଦ୍ର ସେଠୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ନେତା କାମରାଜୁ ମହାରଣା ବିଦ୍ୟାଳୟ ପ୍ରତିଷ୍ଠା ବିବରଣୀ ଦେଇ ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ, ଧୈର୍ଯ୍ୟ ଓ ଠିକ ନିଷ୍ପତି ନେଲେ ଭବିଷ୍ୟତ ମଙ୍ଗଳ ହେବ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀ, ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ କୋରା ମହାରଣା, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଗଦାଧର ରାଉଳ, ସମିତି ସଭ୍ୟା ମୀନାକୁମାରୀ ସାହୁ, ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନର୍ମଦା କୁମାରୀ ଦେବୀ, ପ୍ରକାଶଚନ୍ଦ୍ର ପାଣିଗ୍ରାହୀ, ନୀଳକଣ୍ଠେଶର ବିଦ୍ୟପୀର ଏନସିସି ଫାଷ୍ଟ ଅଫିସର ସୁଧାକର ବୋଳି, ମାୟା ସାହୁ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅତିଥି ମାନେ କୃତୀ ପ୍ରତିଯୋଗିଙ୍କୁ ପୁରସ୍କାର ବିତରଣ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ନିରୁପମା ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାସିନୀ ସାହୁ, ଶୁଭ୍ରଚଳା ବକ୍ସି, ସାଗରୀକା ପାଢ଼ୀ, ଜି. ବିଜୟାଲକ୍ଷ୍ମୀ, ନମିତା ଆଚାର୍ଯ୍ୟ, ସୁଧୀର ସେଠି, ପଦ୍ମଚରଣ ଦାସ, ବିନୋଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**छत्तीसगढ़ शासन वन विभाग, बलरामपुर वनमण्डल, बलरामपुर (छत्तीसगढ़)**

**नीलाम सूचना**

सर्व साधारण को सूचनार्थ प्रकाशित किया जाता है कि बलरामपुर वनमंडल के अन्तर्गत काष्ठागार वाड्रफनगर में रखी इमारती लकड़ी / जलाऊ काष्ठ को निम्नलिखित तिथि व समय में ई-ऑक्शन द्वारा निर्वर्तन किया जाना है। इच्छुक व्यापारि ई-ऑकसन में अवश्य भाग लेवें। ई-ऑक्शन की शर्ते एवं अन्य जानकारी कार्यालयन दिवस व समय पर वनमण्डल कार्यालय अथवा काष्ठागार वाड्रफनगर से प्राप्त कर सकते है।

डिपो का नाम - काष्ठागार वाड्राफनगर
ई-नीलाम दिनांक - 25.02.2026
समय - प्रातः 09.00 बजे से

| क्र. | वनोपज का विवरण | नया काष्ठ | | पुराना काष्ठ | |
|---|---|---|---|---|---|
| | | लट्ठा घ.मी. | बल्ली / डेंगरी नग | लट्ठा (घ.मी.) | बल्ली / डेंगरी नग |
| 1 | 2 | 3 | 4 | 5 | |
| A | इमारती काष्ठ | | | | |
| 1 | सागौन | 1.799 | 14 | 96.639 | 559 |
| 2 | साल | 312.255 | - | 2213.617 | 694 |
| 3 | साजा | 82.224 | - | 167.125 | 126 |
| 4 | तिन्सा | - | - | - | - |
| 5 | बीजा, शीशम, खम्हार | 3.462 | - | 16.844 | 9 |
| 6 | हल्दु, मुडी, बांसा | 29.648 | - | 49.824 | 2 |
| 7 | धावड़ा | 1.486 | - | 14.728 | 84 |
| 8 | अन्य मिश्रित (सेमल) | 55.679 | - | 35.305 | 123 |
| 9 | नीलगिरी | 19.123 | - | - | - |
| 10 | सलया | - | - | - | - |
| 11 | खैर काष्ठ | 5.889 | - | - | - |
| | योग:- | 511.565 | 14 | 2594.082 | 1597 |
| क्र | प्रजाति विवरण | | | | |
| 1 | जलाऊ चट्टा मिश्रित प्रजाती सा. 2.00 मी. × 1.25 × 0.80 मी. | 200 चट्टा | | 363 चट्टा | |

टीप: 1. क्रेता को ई-ऑक्सन के पूर्व एम.एस.टी.सी. ई-कोमर्स पोर्टल में रजिस्ट्रेशन करना अनिवार्य हैं।
2. क्रेताओं को ई-ऑक्सन के पूर्व क्रय लॉटो के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
3. लॉट की थप्पी एवं फोटो एम.एस.टी.सी. ई-कॉमर्स पोर्टल में अपने आई.डी से लॉगईन करके देख सकते है।

G-252606660/3

स्वा. / - वनमंडलाधिकारी, बलरामपुर वनमण्डल, बलरामपुर

**ଓଡ଼ିଶା ସରକାର**

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ**

**ଘୋଷଣା**

No. ୩୮୮୨/୨୦୨୫ Date: ୨୪।୧୨।୨୦୨୫

No. 24001/33/2526: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା: ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀକରଣ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୫୯୦/୨୦୨୨, ତା: ୨୮।୦୭।୨୦୨୨ରିଖରେ ପ୍ରକାଶିତ ହୋଇଅଛି ଏବଂ ଏହାର ବୈଧତା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ବିଜ୍ଞପ୍ତି ସଂଖ୍ୟା – ୨୬୭୯୩/୨୫, ତାରିଖ: ୨୮।୦୭।୨୦୨୫ ଅନୁଯାୟୀ ତା୩୧।୧୨।୨୦୨୫ରିଖ ପର୍ଯ୍ୟନ୍ତ ବର୍ଦ୍ଧିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟର ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳ ସଂଯୋଗୀ କରଣ ପ୍ରକଳ୍ପ ନିମନ୍ତେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମନ୍ତେ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.koraput.odisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଅଛି।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କୋରାପୁଟ ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବୈପାରିଗୁଡ଼ା | ଗ୍ରାମାଞ୍ଚଳ | ଅଧିଗ୍ରହଣ ହେବାକୁଥିବା ଜମିର ସମ୍ପୂର୍ଣ୍ଣ ବିବରଣୀ ଏଥି ସହ ସଂଲଗ୍ନ କରାଗଲା | | | | | |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କୋରାପୁଟ ତହସିଲ: ବୈପାରିଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନା ବୈଧ ତାରିଖ: ୩୧।୧୨।୨୦୨୫।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./- ଜିଲ୍ଲାପାଳ, କୋରାପୁଟ

**ଭୂମି ଅନୁସୂଚୀ**

**ମୌଜା: ବୈପାରିଗୁଡ଼ା, ଥାନା: ବୈପାରିଗୁଡ଼ା ନଂ. ୧୦୨, ତହସିଲ: ବୈପାରିଗୁଡ଼ା, ଜିଲ୍ଲା: କୋରାପୁଟ**
**ଜୟପୁର-ମାଲକାନଗିରି ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ଜୟପୁର ନିର୍ମାଣ ନିମନ୍ତେ**

| ଖାତା ନଂ. | ସ୍ୱତ୍ୱ | ପ୍ଲଟ ନଂ. | ମୋଟ ରକବା (ଏକର) | ଅଧିଗ୍ରହଣ ରକବା (ଏକର) | କିସମ | ରୟତଙ୍କ ନାମ |
|---|---|---|---|---|---|---|
| ୨୮ | ରୟତି | ୧ | ୧.୭୩୦ | ୦.୯୧୪ | ଡଙ୍ଗର | କାଞ୍ଚନମାଳା ଗୌଡ଼, ସ୍ୱା.: ଯୁଧିଷ୍ଠିର ଗୌଡ଼, ଜା: ଗୌଡ଼, ବା: ନିଜଗାଁ |
| ୨୮୯/ ୩୫୫ | ରୟତି | ୩ | ୦.୮୪୦ | ୦.୦୮୯ | ଧାନ ଅଣଜଳସେଚିତ ଦୁଇ | ତ୍ରିଲୋଚନ ଜେନା, ପି.: ଘାସିରାମ ଜେନା, ଜା: କାଳିଞ୍ଜି, ବା: ଗୌଡ଼ସାହି, ବୈପାରିଗୁଡ଼ା |
| ୧୦୯ | ରୟତି | ୨ | ୧.୦୦୧ | ୦.୪୫୫ | ଡଙ୍ଗର | ନୀରୋଦ ଚନ୍ଦ୍ର ରଥ, ପି.: ଗଙ୍ଗାଦର ରଥ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ମୋଟ | | ୧.୪୫୮ | | |
| ଅଧିଗ୍ରହଣ ନିମନ୍ତେ ମୋଟ ବ୍ୟକ୍ତିଗତ ଜମି | | | | | | – |
| ରେଳପଥ ପ୍ରକଳ୍ପ ନିମନ୍ତେ ବ୍ୟକ୍ତିଗତ ଜମି | | | | | | ୧.୪୫୮ |
| ଗୋଚର ପରିବର୍ତ୍ତନ ନିମନ୍ତେ ବେସରକାରୀ ଜମି | | | | | | – |
| ଜଙ୍ଗଲ ଅଧିକାରୀ ସ୍ୱୀକୃତି ଆଇନ ମୁତାବକ ଦିଆଯାଇଥିବା ଅଧିକାର | | | | | | – |
| | | ମୋଟ | | | | ୧.୪୫୮ |

Sd./- Special Land Acquisition Officer
Jeypore-Malkangiri New B.G. Rail
Link Project-cum-Tahasildar, Boipariguda

OIPR-24001/24221/3/25-26/0001

No.9001/11/2526

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
**********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା.16.02.2026ରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ

OIPR-9001/9014/1/25-26/0004

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNDARGARH**

E.Mail - rw_sundargarh@yahoo.co.in

**E-PROCUREMENT NOTICE**

**BID IDENTIFICATION NO. ONLINE-SESNG-24 of 2025-26**

**No.25001/140/2526** : 1. Name of the Work : Road Work, 2. Total No. of works : 2 no. Road, 3. Estimated cost : From Rs.67.29 Lakhs to 87.79 Lakhs, 4. Class of contractor : Only 'B', 5. Period of completion : 06 calendar months, 6. Type of Tender : Double Cover, 7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| **Executive Engineer, Rural Works Division, Sundargarh** | **Online-SESNG-24 of 2025-26** | **18.02.2026 11.00 A.M.** | **06.03.2026 05.00 P.M.** |

Further details can be seen from the website www.tendersorissa.gov.in.

Sd./-Executive Engineer
Rural Works Division,
Sundargarh

OIPR-25001/25046/1/25-26/0001

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION-II, MALKANGIRI**

No.25001/162/2526

E-mail : ruralworksdivisioniimalkangiri@yahoo.in

**INVITATION FOR BIDS (SHORT NOTICE)**

**"E" PROCUREMENT NOTICE NO. RWDSE_MKG_II_ONLINE_20/2025-26**

1. Name of the work : Roads works in the District of Malkangiri for the year 2025-26
2. Total No. of work : 01 Number of Road Work
3. Estimated Cost : Rs.69.92 Lakhs
4. Period of Completion : As Specified in the Annexure
5. Class of Contractor : As Specified in the Annexure
6. Cost of Tender Paper : Cost of tender is to be remitted ONLINE as specified in column-6 of the Annexure
7. Details Projects : As Specified in the Annexure

**Other details as follows**

a) Procurement Officer : Superintending Engineer, Rural Works Division-II, Malkangiri
b) Availability of Tender Online : 18.02.2026 at 11.00 A.M. to 25.02.2026 up to 5.30 P.M.
c) Last date & time of seeking of Tender clarification : 24.02.2026 up to 5.00 P.M.
d) Technical Bid Opening : 26.02.2026 at 11.00 P.M.
e) Financial Bid Opening : **To be intimated Separately**
f) Decision to conduct Lottery : If required to decide the agency, transparent Lottery shall be conducted on date 28.02.2026 at 11.00 A.M. in Office Chamber of the undersigned.

Further details can be seen from the Govt. website www.tendersorissa.gov.in

Sd./- Superintending Engineer
Rural Works Division-II, Malkangiri

OIPR-25001/25079/1/25-26/0024

## ସ୍କୁଟି ସହ ଗଞ୍ଜେଇ ଜବତ, ୨ ଗିରଫ

ବାଲିଗୁଡ଼ା,(ସଞ୍ଜୟ କୁମାର ପାଣିଗ୍ରାହୀ): ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଚକାପାଦ ପୋଲିସ କେଳାପଡା ନିକଟରେ ପାଟ୍ରୋଲିଂ କରୁଥିବା ବେଳେ ଏକ ସ୍କୁଟିକୁ ତନଖିବା ସମୟରେ ଡିକିରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ସ୍କୁଟି ଓ ଗଞ୍ଜେଇକୁ ଜବତ କରି ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ରାକେଶ ନାୟକ ଓ ନିର୍ମଳ କର୍ମୀ। କେଶ୍ ନଂ. ୧୭/୨୬ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଖଜୁରିପଡ଼ା,୧୪।୨(ବିଦୁର ବେହେରା)

ଖଜୁରିପଡ଼ା ଥାନା ଅନ୍ତର୍ଗତ ସମ୍ବରଡେଗାରେ ଶନିବାର ବାଇକ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଫୁଲବାଣୀ ବ୍ଲକ୍ ଅନ୍ତର୍ଗତ ସରୁପଡା ଗ୍ରାମର ବାବୁଲି କହଁର ଏବଂ ଶୁଭମ କହଁର କୌଣସି କାମରେ ଖଜୁରିପଡ଼ାରୁ (ଓଡି ୦୨ ବି ୦୬୪୮) ବାଇକରେ ଗାଁକୁ ଫେରୁଥିବା ବେଳେ ସମ୍ବରଡେଗା ଠାରେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି। ଘଟଣା ସ୍ଥଳରେ ବାବୁଲି କହଁରଙ୍କ ମୃତ୍ୟୁ ହୋଇଥିବା ବେଳେ ଶୁଭମ କହଁର ଗୁରୁତର ହୋଇଛନ୍ତି। ଖବର ପାଇ ଘଟଣା ସ୍ଥଳରେ ଅଗ୍ନିଶମ ବାହୀନି ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ଖଜୁରିପଡ଼ା ମେଡିକାଲ ପରେ ଫୁଲବାଣୀ ମେଡିକାଲରେ ଭର୍ତ୍ତି କରିଛନ୍ତି।

### ମୂଲ୍ୟବାନ୍ ଗଛ କାଟି ୩ ଗିରଫ

ବାଲିଗୁଡ଼ା,୧୪।୨ (ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡ଼ା ବନଖଣ୍ଡର ତୁମୁଡ଼ିବନ୍ଧ ରେଞ୍ଜ ହରିପୁର ସଂରକ୍ଷିତ ଜଙ୍ଗଲରୁ ମୂଲ୍ୟବାନ ଗଛ କାଟିବା ବେଳେ ବନ ବିଭାଗ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛ। ସେମାନେ ହେଲେ ମାଦାଗୁଡ଼ା ଗ୍ରାମର ସାଜି ମଲ୍ଲିକ, ମିନାକ୍ଷୀ ମଲ୍ଲିକ ଓ ତିମାସ ମଲ୍ଲିକ। ସେମାନଙ୍କ ପାଖରୁ ୨୯ ଟି ମୂଲ୍ୟବାନ ଗଛର ଗଣ୍ଡିକୁ ମଧ ଜବତ କରାଯାଇଛି। ଏନେଇ ବନ୍ୟ ସଂରକ୍ଷଣ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯିବା ସହ ଘଟଣାର ତଦନ୍ତ ଜାରି ରହିଛି ବୋଲି ତୁମୁଡ଼ିବନ୍ଧ ରେଞ୍ଜର ରଜନୀକାନ୍ତ ମେହେର କହିଛନ୍ତି।

### କିଅଁରଡ଼ା, ବଜାର ଛକରେ ହିନ୍ଦୁ ସମ୍ମିଳନୀ

ଦିଗପହଣ୍ଡି,୧୪।୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ କିଅଁରଡ଼ା ଗାଁରେ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଗାୟତ୍ରୀ ପରିବାର ପକ୍ଷରୁ ଘୃତଯଜ୍ଞ, ନାମଯଜ୍ଞ, ଗୋ-ଯଜ୍ଞ ଓ ଅନ୍ନଯଜ୍ଞ ହୋଇଥିଲା। ରାଷ୍ଟ୍ରୀୟ ସ୍ୱୟଂ ସଂଘ ଶତବାର୍ଷିକୀ ଅବସରରେ ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ମଣ୍ଡଳ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ପ୍ରହ୍ଲାଦ ଡାକୁଆ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶ୍ରୀବିଷ୍ଣୁପଦ ଗୋସ୍ୱାମୀ ମହାରାଜ, ମୁଖ୍ୟବକ୍ତା ଭାବେ ସ୍ୱୟଂ ସେବକ ସଂଘସ୍ର ଗଞ୍ଜାମ ଜିଲା ପ୍ରଚାରକ ରଶ୍ମିରଞ୍ଜନ ମହାକୁଡ, ସମ୍ମାନିତ ଅତିଥି ଭାବେ ମହନ୍ତ ଚିନ୍ମୟାନନ୍ଦ ମହାରାଜ, ମହନ୍ତ ପଦ୍ମ ଚରଣ ଦାସ, ହରିହର ଦାସ ମହାରାଜ, ଅଜିତ ମହାପାତ୍ର ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ସମଗ୍ର ଭାରତରେ ହିନ୍ଦୁ ମାନଙ୍କୁ ସମ୍ମିଳିତ କରିବା ସହ ହିନ୍ଦୁଧର୍ମ, ଭାରତୀୟ ପରମ୍ପରା, ସନାତନ ସଂସ୍କୃତିର ଜାଗରଣ କରିବା ଲାଗି ଏହି ଅବସରରେ ହୋଇଥିବା ଜନଜାତି ସମ୍ପ୍ରଦାୟର ମହିଳା ପୁରୁଷ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଭିନ୍ନ ;କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତି ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ରାମକୃଷ୍ଣ ଚୌଧୁରୀ, ଧର୍ମେନ୍ଦ୍ର ଦୋରା, ସୁନିଲ ଦୋରା,ବୃନ୍ଦାବନ ମଲ୍ଲିକ ଓ ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଦିଗପହଣ୍ଡି ବଜାର ସାହି ଗାନ୍ଧୀ ଛକ ଠାରେ ମଧ ଏକ ହିନ୍ଦୁ ସମ୍ମିଳନୀ ହୋଇଥିଲା। ସହକାରୀ ଶିକ୍ଷକ ପ୍ରକାଶ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସମ୍ମିଳନୀରେ ବହୁସଂଖ୍ୟକ ସାଧୁ,ସନ୍ଥ, ବିଦ୍ୱାନ ଅତିଥିଭାବେ ଯୋଗ ଦେଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଫେବୃଆରୀ ୨୧ ଅଭିଯୋଗର ଶେଷ ତାରିଖ

## ୨୬ ୱାର୍ଡକୁ ନେଇ କବିସୂର୍ଯ୍ୟନଗର ମ୍ୟୁନିସିପାଲିଟି ଗଠନ ପ୍ରକ୍ରିୟା ଆରମ୍ଭ

କବିସୂର୍ଯ୍ୟନଗର,୧୪।୨ (କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ଏନ୍ଏସି ୧୮ଟି ୱାର୍ଡ ନେଇ ଗଠିତ । ଏହାକୁ ମ୍ୟୁନିସିପାଲିଟି ଘୋଷଣା ପରେ ୱାର୍ଡ ସୀମା ନିର୍ଦ୍ଧାରଣ, ୱାର୍ଡ ପୁନର୍ଗଠନ ନେଇ ଏ ସମ୍ପର୍କିତ ଚିଠି ଫେବୃଆରୀ ୧୨ରେ ପ୍ରକାଶିତ ହୋଇଛି। ଆସନ୍ତା ଫେବୃଆରୀ ୨୧ ତାରିଖ ଆପତ୍ତି, ଅଭିଯୋଗ ଦାଖଲର ଶେଷ ତାରିଖ ରଖାଯାଇଛି। ଗତ ସୋମବାର ଏନେଇ ଭାରପ୍ରାପ୍ତ ଅଧ୍ୟକ୍ଷ ବିକ୍ରାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର କାଉନ୍ସିଲର ବୈଠକ ବସି ଆଲୋଚନା ହୋଇଥିଲା।

ଅଣସଂରକ୍ଷିତ ୱାର୍ଡ ନଂ ୧୦ାରୁ ୱାର୍ଡ ନଂ ୬ ପର୍ଯ୍ୟନ୍ତ, ୱାର୍ଡ ୮ରୁ ୱାର୍ଡ ନଂ. ୧୧ ପର୍ଯ୍ୟନ୍ତ ଓ ୱାର୍ଡ ନଂ. ୧୬ ରହିଛି। ହରିଜନ ୱାର୍ଡ ନଂ ୭,୧୩,୧୯ (ମହିଳା) ଓ ୨୬ (ଏସ୍‌ସି ମହିଳା) । ଆଦିବାସୀ ୱାର୍ଡ ନଂ ୧୮( ମହିଳା), ଅଣସଂରକ୍ଷିତ ମହିଳା ୱାର୍ଡ ୧୨,୧୪, ୧୫,୧୭,୨୦, ୨୧,୨୨, ୨୩, ୨୪,୨୫ ରହିଛି। ୱାର୍ଡ ନଂ ୧ରେ ବୃନ୍ଦାବନଚନ୍ଦ୍ରପୁର ଶାସନ, ଜେନା ସାହି ଓ ଜେନା ସାହି ପଛପଟ, ୱାର୍ଡ ନଂ ୨ରେ ଜଟିଆ ସାହୁ ଘରଠାରୁ ଗୋପୀନାଥ ପାଟଣା, ଚୈତନ୍ୟ ସାହି ଓ ବୃନ୍ଦାବନ ମାର୍ଗ ଥିବାବେଳେ ୱାର୍ଡ ନଂ.୩ରେ ତନ୍ତୀ ସାହି, ସାମନ୍ତରା ରୋଡ୍, ନୂଆ ଖରୁଡ଼ା ସାହି ଓ ଗୌରୀଶଙ୍କର ରୋଡ୍ ରଖାଯାଇଛି। ସେହିପରି ୱାର୍ଡ ନଂ. ୪ରେ ଘାଟ ପାଇକ ସାହି, ତେଲି ସାହି, ଦ୍ୱାର ସାହି, ଭରାଣ୍ଡି ସାହି ଓ ପୁରୁଣା ସିଟି ହାଇସ୍କୁଲ ରୋଡ୍, ୱାର୍ଡ ନଂ.୫ରେ ରାଧାକୃଷ୍ଣ ସାହି, ବାଙ୍କୀ ବେହେରା ସାହି, ପଣ୍ଡା କଲୋନି, ୱାର୍ଡ ନଂ. ୬ରେ କରଣସାହିଠାରୁ ଜଗନ୍ନାଥ ମନ୍ଦିର ରୋଡ୍, ବାଜିରାଉତ ସାହିଠାରୁ ବାଙ୍କୀ ବେହେରା ସାହି ଛକ କୁମୁଟି ସାହି (ନେତାଜୀ ରୋଡ୍ ), ରଘୁନାଥ ବଜାରଠାରୁ କୁମ୍ଭାର ସାହି ଛକ, ମାପୁଣି ସାହି ଛକଠାରୁ ମହାମାୟୀ ବଜାର, କୁମ୍ଭାର ସାହି, ବାଙ୍କୀବେହେରା ସାହି ଛକ ରଘୁନାଥ ସାହୁ ଘର ଠାରୁ ଦୁର୍ଯ୍ୟୋଧନ ହୋଟେଲ ପର୍ଯ୍ୟନ୍ତ ରହିଛି। ୱାର୍ଡ ନଂ.୭ରେ ବକ୍ସି ଜଗବନ୍ଧୁ ରୋଡ୍, ଜଟେଶ୍ୱର ସାହିଠାରୁ ଦିବ୍ୟଜୀବନ ସଂଘ ଆଶ୍ରମ ରୋଡ୍‌ଠାରୁ ନୂଆପଞ୍ଜା କାଳୀମନ୍ଦିର, ଜଟେଶ୍ୱର ଟାଙ୍କି ପୂର୍ବ ପାର୍ଶ୍ୱ, ୱାର୍ଡ ନଂ. ୮ରେ ସର୍ବମଙ୍ଗଳା ମାର୍ଗ, ଧରମାସାଲାଠାରୁ ମୁନି ଗଳି, ମୁନି ଗଳିଠାରୁ ଲୁଣ୍ଡା ସାହି, ୱାର୍ଡ ନଂ. ୯ରେ ଦେଶୀ ବେହେରା ସାହି, ଆନନ୍ଦ ବଜାର, ମୁନି ଗଳି ରଘୁନାଥ ଆଚାରୀ ଘରଠାରୁ ଗଣେଶ୍ୱର ବଜାର ଛକ ଓ ଭଗବାନ ଲେନ, ୱାର୍ଡ ନଂ ୧୦ରେ ଭେଙ୍କଟେଶ୍ୱର ସାହି, ଆନନ୍ଦ ବଜାର ସୋସାଇଟି ଘରଠାରୁ ରାଜମ୍ମା ମନ୍ଦିର, ମେଦିରି ସାହିଠାରୁ ବଢ଼େଇ ସାହି ପର୍ଯ୍ୟନ୍ତ ରଖାଯାଇଛି। ସେହିପରି ୱାର୍ଡ ନଂ. ୧୧ରେ ଅନ୍ନପୂର୍ଣ୍ଣା ବଜାର, ମାପୁଣି ସାହି, ଆଶ୍ରମ ରୋଡ୍, ପାର୍କ ରୋଡ୍, ଶାସ୍ତ୍ରୀ ରୋଡ୍‌ଠାରୁ ବନମାଳୀ ମାର୍ଗ, ୱାର୍ଡ ନଂ.୧୨ରେ କିଶୋର ସାହୁ ଘରଠାରୁ ଧନେଇ ନଦୀ, ସପ୍ତେଶ୍ୱର ରୋଡ୍, ଗେଷ୍ଟ ହାଉସ୍ କଲୋନି, ରମେଶ ମହାପାତ୍ର କଲୋନି ଓ ଅରବିନ୍ଦ ନଗର, ୱାର୍ଡ ନଂ.୧୩ରେ ବଢ଼େଇ ସାହି, ବଢ଼େଇ ସାହିଠାରୁ ମାଷ୍ଟର କଲୋନି, ଶୁଖୁଆଖାଇ ବେଢା, କାଳିଆ ଲୁଣ୍ଡା, ହନୁମାନ ମନ୍ଦିର ଗେଟଠାରୁ ମେରୁବନ୍ଧ ସାହି, କୃଷ୍ଣ ନଗର, ଦିବାକର ମାର୍ଗ, ୱାର୍ଡ ନଂ୧୪ରେ ଗଣେଶ୍ୱର ସାହି, କେଉଟ ସାହି, ମୁକୁନ୍ଦପୁର ଶାସନ, ଉମା ଭବନଠାରୁ ହନୁମାନ ମନ୍ଦିର, ଚନ୍ଦ୍ରଶେଖର ହାଇସ୍କୁଲ ପଛ, ୱାର୍ଡ ନଂ.୧୫ରେ କମାରାମଚନ୍ଦ୍ରପୁର ଶାସନ, ଶିଖରପୁର ସାହି ଓ ପଟେଲ ରୋଡ୍, ରହିଛି। ୱାର୍ଡ ନଂ.୧୬ରେ ମାଷ୍ଟ୍ର କଲୋନି, ମାଷ୍ଟ୍ର କଲୋନି ଛକଠାରୁ ଆଇବି ଛକ ନୂଆବେଢ ରୋଡ୍, ବନଦେବୀ ପାଟଣା, ଗୌଡ଼ସାହି, ବ୍ଲକ କଲୋନି, ପିଡବ୍ଲୁଡି କଲୋନି, ନଟବର ଗୌଡ଼ କଲୋନି, ଗୁଡ଼ି ଖଣା, ବ୍ଲକ ଅଫିସ ପଛ, ୱାର୍ଡ ନଂ.୧୭ରେ ଆଇବି ରୋଡ୍ ରାଇଟ ସାଇଡ୍‌ଠାରୁ ଗୁଡିଆଳିଛକ, ମଦନମୋହନ ମାର୍ଗ, ସିଆଳିଆ ଗୌଡ଼ ଡିପ ସାହି, ନୀଳକଣ୍ଠ ନଗର ସମସ୍ତ ରୋଡ୍, ୱାର୍ଡ ନଂ. ୧୮ରେ ନାରାୟଣପୁର ଶାସନ, ସିଆଳିଆ ରୋଡ୍, ଖରିଡା ରୋଡ୍, ସାପୁଆ ରୋଡ୍‌ଠାରୁ ସରସ୍ୱତୀ ଶିଶୁ ମନ୍ଦିର, ଧୋବାବନ୍ଧ ସାହି, ପଶୁ ଡାକ୍ତରଖାନାଠାରୁ କାଳିଆଲୁଣ୍ଡା ହନୁମାନ ମନ୍ଦିର ଗେଟ, ମେଡିକାଲ କଲୋନି, ରଙ୍କ ପ୍ରଧାନ ଘରଠାରୁ ଖଳା ମାଳିଆ ରୋଡ୍, ୱାର୍ଡ ନଂ. ୧୯ରେ ଆଇବି ରୋଡ୍ ବାମପାର୍ଶ୍ୱ ଜଗନ୍ନାଥ ରୋଡ୍, ସେନାପତି ରୋଡ୍, ବଡ ଆଗୁଳ ଦଣ୍ଡାଠାରୁ ତହସିଲ ଅଫିସ, ଗାୟତ୍ରୀ ନଗର, ଗୁରୁନାଥ ରୋଡ୍, ଆଇବି ଛକଠାରୁ ଗୁଡିଆଳି ଛକ ରଖାଯାଇଛି। ସେହିପରି ୱାର୍ଡ ନଂ ୨୦ରେ ତଳ ସାହି, ବଡ ସାହି, ୱାର୍ଡ ନଂ. ୨୧ରେ ତୋଟା ସାହି, ଓଡ଼ିଆ ସାହି, ମେଇନ ରୋଡ୍, ମନ୍ଦିର ସାହି, ୱାର୍ଡ ୨୨ରେ ନୂଆ ସାହି ଓ ଦାସ ସାହି, ୱାର୍ଡ ନଂ. ୨୩ରେ କେନ୍ଦୁପାଟଣା ସାହି, ଚା ଘରିଆ ଛକ, ବସ୍କି ପଲ୍ଲୀ, ଚକାପଲ୍ଲୀ, ୱାର୍ଡ ନଂ. ୨୪ରେ କୁମୁଟି ସାହି, ମାଳି ସାହି, ବ୍ରାହ୍ମଣ ସାହି, ହରିଜନ ସାହି, ଅନନ୍ତ ପଲ୍ଲୀ, ୱାର୍ଡ ନଂ.୨୫ ରେ ଧୋବା ସାହି, ବଡକିଆରୀ ସାହି, ଗୌଡ଼ ସାହି, ବ୍ରାହ୍ମଣ ସାହି, ଗୋପୀନାଥ ବଜାର ସାହି ଓ ୱାର୍ଡ ନଂ. ୨୬ରେ ମାଳୀ ସାହି, ରଙ୍କପଲ୍ଲୀ, ବଡ କିଆରିସାହିର ଅଧା, ତଳଓ଼ୋମା ସାହି ଅନ୍ତର୍ଭୁକ୍ତ। ନୂଆ ମ୍ୟୁନିସିପାଲିଟିରେ ଗୁଡିଆଳି ପଞ୍ଚାୟତ ଓ ଗଙ୍ଗାପୁର ପଞ୍ଚାୟତକୁ ସାମିଲ କରାଯାଇଛି।

## ୨ ଛାତ୍ରୀ ବିଷ ପିଇବା ଘଟଣା ଚିକିତ୍ସିତ ହୋଇ ଡାକ୍ତରଖାନାରୁ ଫେରିଲେ, ଘରେ ଜଣେ ମୃତ

ଚିକିଟି, ୧୪।୨(ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକ ଅନ୍ତର୍ଗତ ଏକ ଗାଁର ୨ଜଣ ଛାତ୍ରୀ ବିଷ ପିଇ ଗୁରୁତର ହୋଇପଡିଥିଲେ। ଚିକିତ୍ସା ପରେ ଉଭୟେ ବୁଧବାର ଘରକୁ ଫେରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ଶନିବାର ମୃତ୍ୟୁ ଘଟିଛି। ଖବରରୁ ଜଣାପଡିଛି, ଛାତ୍ରୀ ଜଣକ ତାଙ୍କ ସହପାଠିନୀଙ୍କ ସହ ମିଶି ନିଜ ଗାଁ ନିକଟସ୍ଥ ଅନ୍ୟ ଏକ ଗ୍ରାମକୁ ପାଠ ପଢିବାକୁ ଘରୋଇ ଟ୍ୟୁଶ ଯାଉଥିଲେ। ପ୍ରତିଦିନ ଭଳି ମଙ୍ଗଳବାର ଉଭୟେ ଟ୍ୟୁଶନ ଯାଇ ପାଠପଢି ଘରକୁ ଫେରିଥିଲେ। ପ୍ରେମ ବ୍ୟାପରକୁ ନେଇ ଦୁଇ ଛାତ୍ରୀ ମାନସିକ ଭାରସାମ୍ୟ ହରାଇ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ କୀଟନାଶକ ପିଇ ଗୁରୁତର ହୋଇ ପଡିଥିଲେ। ଉଭୟଙ୍କୁ ପରିବାର ଲୋକେ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଅବସ୍ଥା ସଂକଟାପନ୍ନ ଥିବାରୁ ବ୍ରହ୍ମପୁରସ୍ଥିତ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଚିକିତ୍ସା ପରେ ବୁଧବାର ଦୁଇ ଛାତ୍ରୀ ନିଜ ନିଜ ଘରକୁ ଫେରି ଥିଲେ। ଶନିବାର ଉଭୟ ଛାତ୍ରୀଙ୍କ ମଧ୍ୟରୁ ଜଣେ ଗୁରୁତର ଅସୁସ୍ଥ ହୋଇପଡି ନିଜ ଘରେ ମୃତ୍ୟୁବରଣ କରିଥିବା ଜଣାପଡିଛି।

# ପ୍ରତିଶ୍ରୁତି ରଖିବାକୁ କାର୍ଯ୍ୟ ଆରମ୍ଭ କଲେ ବିଡିଓ

## ଉଠାଦୋକାନୀଙ୍କ ତହସିଲ ଘେରାଉ ଘଟଣା



ଦାରିଙ୍ଗବାଡ଼ି,୧୪।୨ (ଅରୁଣ ସାହୁ):

ଦାରିଙ୍ଗବାଡ଼ିରେ ଶୁକ୍ରବାର ଉଠାଦୋକାନୀଙ୍କ ତହସିଲ କାର୍ଯ୍ୟାଳୟ ଘେରାଉ ଘଟଣା ପରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଥଇଥାନ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ବିଡ଼ିଓ ପ୍ରୀତିରଞ୍ଜନ ରଥ ଉଠାଦୋକାନୀଙ୍କ ଥଇଥାନ ପାଇଁ ଅଣ୍ଟା ଭିଡିଛନ୍ତି। ପୂର୍ବରୁ ରହିଥିବା ପିଣ୍ଡି ଉପରେ ଦୋକାନ ଗୃହ ନିର୍ମାଣ, ଅନ୍ୟାନ୍ୟ ସୁବିଧା ପାଇଁ ନିଜେ ଉପସ୍ଥିତ ରହି ଲେ'ଆଉଟ କରାଇଛନ୍ତି। ସମସ୍ତ କାର୍ଯ୍ୟକୁ ଆସନ୍ତା ୧୫ ଦିନ ମଧ୍ୟରେ ସାରିବାକୁ କନିଷ୍ଠ ଯନ୍ତ୍ରୀ ଧିରେନ ସେଠୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଡ଼ିଓଙ୍କ ସହ ସ୍ଥାନୀୟ ସରପଞ୍ଚ ଚନ୍ଦ୍ରିକା ମଲିକ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରୋଶନ ରଥ ପ୍ରମୁଖ ଉପସ୍ଥିତ ରହିଥିଲେ। ଏନେଇ ବିଡ଼ିଓ କହିଛନ୍ତି ଯେ ଦାରିଙ୍ଗବାଡ଼ି ବଜାରରେ କୌଣସି ପରିବା ଦୋକାନ ଖୋଲିବାକୁ ଦିଆଯିବନାହିଁ। ଏହି ସ୍ୱତନ୍ତ୍ର ମାର୍କେଟରେ ବିକ୍ରିବଟା କରାଯିବ। ହୋଲ୍‌ସେଲ ଓ ଖୁଚୁରା ପରିବା ବିକ୍ରିବଟା ଏହି ଗୋଟିଏ ସ୍ଥାନରେ ହିଁ କରାଯିବ। ଏଥିସହ ସମସ୍ତ ବସ୍ ଗୁଡ଼ିକ ଓ ଯାତ୍ରୀବାହି ଅଟୋ ମାର୍କେଟ ନିକଟ ବସଷ୍ଟାଣ୍ଡରେ ହିଁ ପାର୍କିଂ କରିବେ। ଫଳରେ ଗ୍ରାହକ ମାନେ ଏହି ନୂତନ ବଜାରରେ ନିଜ ମନ ପସନ୍ଦର ପରିବା ସହ ଅନ୍ୟ ଦୋକାନରୁ ମାର୍କେଟିଂ କରିବା ସହଜ ହେବ। ସମସ୍ତ ଉଠାଦୋକାନୀଙ୍କୁ ଥଇଥାନ କରାଯିବ ଆବଶ୍ୟକ। ପଟ୍ଟା ଜମି ପାଇଁ ତହସିଲଦାରଙ୍କୁ କୁହାଯିବ ଜମି ଯୋଗାଇଦେଲେ ସ୍ୱତନ୍ତ୍ର ଜନଜାତି ହାଟ ନିର୍ମାଣ ପାଇଁ ବାଲିଗୁଡ଼ା ଆଇଟିଡିଏର ପ୍ରକଳ୍ପ ପ୍ରଶାସକଙ୍କୁ ନିବେଦନ କରାଯିବ। ସୂଚନା ଯୋଗ୍ୟ ଯେ, ପ୍ରାୟ ୧୭୦ ଜଣ ଉଠା ଦୋକାନୀ ଦୋକାନ ଗୃହ ପାଇବା ପାଇଁ ଆବେଦନ କରିଥିବା ବେଳେ ଏବେ ସୁଦ୍ଧା ୯୦ଜଣଙ୍କୁ ଦୋକାନ ଗୃହ ଯୋଗାଇ ଦିଆଯାଇଛି। ଆହୁରି ପ୍ରଶାସନ ପାଇଁ ଦୋକାନ ଗୃହର ଆବଶ୍ୟକତା ରହିଥିବାରୁ ତାକୁ ପୂରଣ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଚାଲିଛ।

## ଜିଲାସ୍ତରୀୟ ତୈଳିକ ବୈଶ୍ୟ ଯୁବସମାଜର ବୈଠକ

ଖଜୁରିପଡ଼ା, ୧୪।୨( ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ବାରିହାଗୁଡ଼ାରେ ଜିଲାସ୍ତରୀୟ ତେଲିକ ବୈଶ୍ୟ ଯୁବସମାଜର ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ରାମଚନ୍ଦ୍ର ସାହୁ, ସମ୍ପାଦକ ବିଭୀଷଣ ସାହୁ, କୋଷାଧ୍ୟକ୍ଷ ସଞ୍ଜୟ ସାହୁ ଉପସ୍ଥିତ ରହି ଆଗାମୀ ଦିନରେ ସମସ୍ତ ବ୍ଲକ୍‌ର କର୍ମକର୍ତ୍ତା ଏବଂ ସଦସ୍ୟଙ୍କୁ ନେଇ ମହାସମାରୋହ ଆୟୋଜନ କରାଯିବ ବୋଲି କହିଛନ୍ତି। ସେହିପରି କମିଟିରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯିବା ସହିତ ସମାଜରେ ଥିବା ବିଭିନ୍ନ ସମସ୍ୟା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ଏହି ପରିପ୍ରେକ୍ଷୀରେ କିଡନୀ ରୋଗରେ ପୀଡ଼ିତ ଥିବା ବାରିହାଗୁଡ଼ା ଗ୍ରାମର ନବ କିଶୋର ସାହୁଙ୍କୁ କମିଟି ତରଫରୁ ୧୫ ଶହ ଟଙ୍କା ପ୍ରଦାନ କରାଯାଇଛି। ତୈଳିକ ବୈଶ୍ୟ ଯୁବସମାଜର କୌଣସି ବ୍ୟକ୍ତିର ଦେହାନ୍ତ ହେଲେ କମିଟି ପକ୍ଷରୁ ତାଙ୍କ ପରିବାର ବର୍ଗଙ୍କୁ ୨ ହଜାର ଟଙ୍କା ସହାୟତା ପ୍ରଦାନ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

## ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ: ବ୍ରହ୍ମପୁର ଏସ୍‌ପିସିବି ବିଜୟୀ



ଟ୍ରଫି ସହ ଖେଳାଳିମାନେ।

ଗଞ୍ଜାମ,୧୪।୨(ବିଦ୍ୟାଧର ସାହୁ )

ଗଞ୍ଜାମ ସହର ନିକଟରେ ଅବସ୍ଥିତ ଗ୍ରାସିମ କମ୍ପାନୀର ଆଦିତ୍ୟ ନଗର ଖେଳ ପଡିଆରେ ଶନିବାର ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଛି । ଏଥିରେ ଗଞ୍ଜାମ ଗ୍ରାସିମ ଟିମ୍ ଏବଂ ବ୍ରହ୍ମପୁର ଏସ୍‌ପିସିବି ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା । ବ୍ରହ୍ମପୁର ଏସ୍‌ପିସିବି ଟିମ୍ ଗ୍ରାସିମ ଟିମ୍‌କୁ ୮ ରନରେ ପରାସ୍ତ କରି ବିଜୟୀ ହୋଇଛି। । ପ୍ରଥମେ ବ୍ୟାଟିଂ କରି ବ୍ରହ୍ମପୁର ଟିମ୍ ୧୨୮ ରନ କରିଥିଲା । ଏହାର ଜବାବରେ ଗ୍ରାସିମ ଟିମ୍ ୧୨୦ ରନ କରିଥିଲା । ବ୍ରହ୍ମପୁର ଟିମର ଅଧିନାୟକ ଦୀପକ ସାହୁ ରହିଥିବା ବେଳେ ଗ୍ରାସିମ ଟିମ୍‌ର କ୍ୟାପଟେନ ଅଜୟ ଗୁପ୍ତା ଥିଲେ । ବିଜୟୀ ଟିମକୁ ଟ୍ରଫି ପ୍ରଦାନ ବେଳେ ୟୁନିଟ ହେଡ୍ ଅଜୟ ଗୁପ୍ତା, ଏଚଆର ହେଡ଼ ନିରଜ ପଟ୍ଟନାୟକ, ସିଏସ୍‌ଆର ହେଡ଼ ସୁସ୍ମିତା ବେହେରା, ପୁରସ୍ତମ ଶର୍ମା, ପୁରସ୍ତମ ମୁଦୁଲି ଉପସ୍ଥିତ ଥିଲେ।

# ରୋଗୀ କଲ୍ୟାଣ ସମିତି ବୈଠକ

ଜି.ଉଦୟଗିରି,୧୪।୨(ଚିନ୍ମୟ କୁମାର ସେଠୀ)





ବୈଠକରେ ଅଧିକାରୀ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତିର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ.ରତିକାନ୍ତି ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟ ସେବାକୁ ପହଞ୍ଚାଇବା ସରକାରଙ୍କ ପ୍ରାଥମିକତା ହେବା ଉଚିତ। ସମାଜରେ ସବୁଠାରୁ ମୂଲ୍ୟବାନ ସମ୍ପଦ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ବିଧାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ଦେବସ୍ମିତା ଶତପଥୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ଓ ବିଡିଓ ସତ୍ୟନାରାୟଣ ମିଶ୍ର ଯୋଗଦେଇ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତି ପାଇଁ ପ୍ରଶାସନିକ ସହଯୋଗ ଦେବାକୁ ଆଶ୍ୱାସନା ଦେଇଥିଲେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବ୍ଲକ୍ ଓ ଏନ୍ଏସିର ପ୍ରାୟ ୪୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ନିର୍ଭରଶୀଳ ଥିବା ବେଳେ ବହୁ ସଂଖ୍ୟାରେ ବିଶେଷଜ୍ଞ ଡାକ୍ତର ପଦବୀ ଖାଲି ରହିଛି। ଯାହା ଫଳରେ ସ୍ଥାନୀୟ ଅଞ୍ଚଳର ଗରିବ ଜନସାଧାରଣ ଭୁବନେଶ୍ୱର ଓ ବ୍ରହ୍ମପୁର ଉପରେ ନିର୍ଭର କରି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଯାହାକୁ ନେଇ ଅସନ୍ତୋଷ ଦେଖା ଦେଇଛି। ବୈଠକରେ ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ଼, ସୁବିଧା ଜନକ କରିବା ସହ ରୋଗୀମାନଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇବା ନେଇ ବିଭିନ୍ନ ବିଷୟ ଆଲୋଚନା ହୋଇଥିଲା। ସେହିପରି ଔଷଧ ଯୋଗାଣ, ପାନୀୟଜଳ ବ୍ୟବସ୍ଥା, ରୋଗୀଙ୍କ ପାଇଁ ଆବଶ୍ୟକୀୟ ସୁବିଧା ବିଷୟରେ ଆଲୋଚନା କରାଯାଇଥିଲା। ଶେଷରେ ବିପିଇଓ ରାଜ କିଶୋର ସାହୁ ଧନ୍ୟବାଦ ଦେଇଥିଲେ।

# ପାଠପଢ଼ାର ଗୁଣବତ୍ତା, ଦକ୍ଷତାଭିତ୍ତିକ ଶିକ୍ଷା ଉପରେ ଗୁରୁତ୍ୱ

## ସ୍ମାର୍ଟ ସ୍କୁଲର ବାର୍ଷିକ ଉତ୍ସବ 'ଦର୍ପଣ-୨୬

ପାରଳାଖେମୁଣ୍ଡି,୧୪।୨(ଗିରିଧାରୀ ପରିଚ୍ଛା)

ପାରଳାଖେମୁଣ୍ଡିର ସ୍ମାର୍ଟ ସ୍କୁଲର ବାର୍ଷିକ ଉତ୍ସବ 'ଦର୍ପଣ-୨୬' ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାରଳା ପୌରାଧ୍ୟକ୍ଷ ନିର୍ମଳା ସେଠୀ ଯୋଗଦେଇ ଉତ୍ସବକୁ ଶୁଭାରମ୍ଭ କରିଥିଲେ। ଓଡିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ ରଘୁନାଥ ପାତ୍ର, କାଶୀନଗର ବ୍ଲକ ସହାୟକ ଶିକ୍ଷା ଅଧିକାରୀ ନର୍ମଦା ଦାସ ଏବଂ ପ୍ରିନ୍ସ ଡାନ୍ସ ଗ୍ରୁପର ନିର୍ଦ୍ଦେଶକ ପ୍ରିନ୍ସ କ୍ରିଷ୍ଣା ମୋହନ ରେଡ୍ଡୀ ଯୋଗ ଦେଇଥିଲେ।

ସ୍କୁଲ ଏହି ବର୍ଷର 'ଦର୍ପଣ-୨୬'କୁ ଜେଜେ ବାପା ଏବଂ ଜେଜେ ମାଙ୍କ ନିମନ୍ତେ ଉତ୍ସର୍ଗିତ କରିଥିଲା। ଏହାକୁ ଅଭିଭାବକମାନେ ପ୍ରଶଂସା କରି ଏହା ଏକ ଅଭିନବ ଉଦ୍ୟମ ବୋଲି ଅଭିହିତ କରିଥିଲେ। ସ୍ୱାଗତ ଅଭିଭାଷଣ ଦେଇ ବିଦ୍ୟାଳୟ ଅଧ୍ୟକ୍ଷା ସନ୍ଧ୍ୟା ରାଣୀ ପାତ୍ର କହିଥିଲେ, କୋମଳମତି ପିଲାଙ୍କ ଚରିତ୍ର ଗଠନରେ ଜେଜେ ବାପା ଏବଂ ଜେଜେ ମାଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ। ପିଲାମାନେ ଜେଜେ ବାପା ଏବଂ ଜେଜେ ମାଙ୍କୁ ବହୁତ ଭଲ ପାଇଥାନ୍ତି ବୋଲି ସେ କହିଥିଲେ। ପରିଚାଳନା କମିଟି ସଭ୍ୟା ସ୍ୱାଗତିକା ମିଶ୍ର ବିଦ୍ୟାଳୟର ପାଠପଢ଼ାର ଗୁଣବତ୍ତା ଏବଂ ଦକ୍ଷତାଭିତ୍ତିକ ଶିକ୍ଷା ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ପୌରାଧ୍ୟକ୍ଷା ଶିକ୍ଷା ସହିତ ସଂସ୍କାର ଏବଂ ଉତ୍ତମ ଆଚରଣ ନିମନ୍ତେ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ବିଭିନ୍ନ ପ୍ରକଳ୍ପ ଭିତ୍ତିକ କାର୍ଯ୍ୟକ୍ରମକୁ ସେ ଉଚ୍ଚ ପ୍ରଶଂଶା କରିଥିଲେ। ସହାୟକ ଶିକ୍ଷା ଅଧିକାରୀ ଦାସ ଏହି ବିଦ୍ୟାଳୟର ଶିକ୍ଷା ଏବଂ ଚାରିତ୍ରିକ ଗଠନ ନିମନ୍ତେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଯଦି ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟମାନେ ନିଜେ ଶିକ୍ଷା ନିମନ୍ତେ ଅଭିଳାଷି ଥିବେ ତେବେ ସେହି ଶିକ୍ଷା ଅନୁଷ୍ଠାନର ଶିକ୍ଷା ପ୍ରଣାଳୀ ଅଦ୍ୱିତୀୟ ହେବ ବୋଲି ପ୍ରକାଶ କରିଥିଲେ। ଗୁରୁ ପାତ୍ର ବିଦ୍ୟାଳୟର ଉନ୍ନତି, ପରିଚାଳନା ସଦସ୍ୟମାନଙ୍କ ଅକ୍ଳାନ୍ତ ପରିଶ୍ରମର ଫଳ। ଏହି ବିଦ୍ୟାଳୟ ସମାଜ ପାଇଁ ଏକ ଉଦାହରଣ ବୋଲି ସେ କହିଥିଲେ। ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ଅଭିଭୂତ କରିଥିଲା। ପ୍ରିନ୍ସ ଡାନ୍ସ ଗ୍ରୁପର ପ୍ରତିଷ୍ଠାତା କ୍ରିଷ୍ଣା ପ୍ରତିବର୍ଷ ବିଦ୍ୟାଳୟର ମାନଦଣ୍ଡର ଉନ୍ନତି ସ୍ପଷ୍ଟ ଦୃଶ୍ୟମାନ ହେଉଥିବା ପ୍ରକାଶ କରିଥିଲେ। ଏହି ବାର୍ଷିକ ଉତ୍ସବ ଅବସରରେ ପରିଦର୍ଶିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ 'ସିନ୍ଦୁର ଅଭିଯାନ'ର ବୀରତ୍ୱ , 'ନମାମି ଗଙ୍ଗା' ଓ ବିଭିନ୍ନ ଭାବନା ଜଡିତ ନୃତ୍ୟ ପରିବେଷଣ କରିଥିଲେ।

## ୪ର୍ଥ ଚିତ୍ତରଞ୍ଜନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

# ମୁଣ୍ଡମରାଇ ଗ୍ୟାଲକ୍ସି ଇଲେଭେନ ଚାମ୍ପିୟନ



ଧରାକୋଟ, ୧୪।୨ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ମିନିଷ୍ଟାଡିୟମରେ ଚାଲିଥିବା ୪ର୍ଥ ଚିତ୍ତରଞ୍ଜନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ଦିବସରେ ମୁଣ୍ଡମରାଇ ଗ୍ୟାଲକ୍ସି ଇଲେଭେନ ଚ୍ୟାର ମାରିୟାର ଡେଲିସିୟସ କ୍ରିକେଟ କ୍ଲବ୍‌କୁ ୧୫ ରନ୍‌ରେ ହରାଇ ଚାମ୍ପିୟନ ହୋଇଛି। ମୁଣ୍ଡମରାଇ ଦଳ ପ୍ରଥମେ ବ୍ୟାଟିଂ କରି ୨୯ ଓଭର୍‌ରେ ୮ ଉଇକେଟ ହରାଇ ୨୧୫ ରନ୍ କରିଥିବା ବେଳେ ସମାନ ସଂଖ୍ୟକ ଓଭର୍ ଖେଳି ଚ୍ୟାର ମାରିୟା ଦଳ ୯ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରି ୧୫ ରନ ବ୍ୟବଧାନରେ ପରାଜୟ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଧରାକୋଟ ରାଣୀ ସାହେବା ନନ୍ଦିନୀ ଦେବୀ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଅଞ୍ଜଳି ସ୍ୱାଇଁ, ବ୍ଲକ୍ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି, ମୁଖ୍ୟ ବକ୍ତାଭାବେ ଆଇନଜୀବୀ ସଂଜୟ ପାତ୍ର, ସ୍ୱତନ୍ତ୍ର ଅତିଥି ଭାବେ ପୂର୍ବତନ ସରପଞ୍ଚ ଦିଲିପ ସ୍ୱାଇଁଙ୍କ ସମେତ ବ୍ଲକର ଅଞ୍ଚଳ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରେସ୍‌କ୍ଲବ ସଭାପତି ବିଷ୍ଣୁ କେଶରୀ ଆଚାର୍ଯ୍ୟ ସଂଯୋଜନା କରିଥିଲେ। ଶ୍ରେଷ୍ଠ ଖେଳାଳୀ ଭାବେ ପିରାଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଦେବାଶିଷ ସାହୁ, ଶ୍ରେଷ୍ଠ ବୋଲର୍ ଭାବେ ସରୋଜ ପ୍ରଧାନ, ଶ୍ରେଷ୍ଠ ଉଇକେଟ କିପର ଭାବେ ଦେବାଶିଷ ସାହୁ, ବେଷ୍ଟ କ୍ଷେତ୍ର ରକ୍ଷକ ଭାବେ ଅନିଲ ନାୟକ, ବେଷ୍ଟ ସିକ୍ସର ଭାବେ ଦିଲିପ ରାଉତ ଏବଂ ମ୍ୟାନ ଅଫ ଦି ସିରିଜ ଭାବେ ଦିଲିପ ରାଉତ, ବେଷ୍ଟ ସ୍କୋରର ଭାବେ ବିଷ୍ଣୁ ଦାସଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଦ୍ୟା ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ

ଗଞ୍ଜାମ,୧୪।୨(ବିଦ୍ୟାଧର ସାହୁ )–

ଗଞ୍ଜାମ ସହରସ୍ଥିତ ବିଦ୍ୟା ପବ୍ଲିକ ସ୍କୁଲ ବାର୍ଷିକ ଉତ୍ସବ ପାଳିତ ହୋଇଛି। ବିଡିଓ ଅଚ୍ୟୁତାନନ୍ଦ ଯାନୀ ଉଦ୍‌ଘାଟକ ରୂପେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ରୂପେ ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼ାଇ, ସମ୍ମାନିତ ଅତିଥି ଭାବେ ଏନଏସି ଇଓ ଅପର୍ଣ୍ଣା ଡାଗୁଆ, ସ୍କୁଲ ସଭାପତି ରାମଚନ୍ଦ୍ର ସାହୁ, ମହିଳା ସାମାଜିକ କର୍ମୀ ଅଳକା ସାହୁ, ସ୍କୁଲ ପ୍ରତିଷ୍ଠାତା ଅଞ୍ଜନ ପଣ୍ଡା, ପ୍ରିନ୍ସପାଲ ଜ୍ୟୋସ୍ନାରାଣୀ ପଣ୍ଡା ଯୋଗ ଦେଇଥିଲେ । ଆକାଶ ବାଣୀ ଉପସ୍ଥାପିକା ରଶ୍ମିତା କୁମାରୀ ଦଳାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୌସୁମୀ ପ୍ରିୟଦର୍ଶନୀ ଦାସ ଓ ବ୍ରହ୍ମପୁର କଣ୍ଠଶିଳ୍ପୀଙ୍କ ସଙ୍ଗୀତ ଉପସ୍ଥିତ ଅଭିଭାବକ ଓ ଅନ୍ୟମାନଙ୍କୁ ବାନ୍ଧି ରଖିଥିଲା। ଏଥିସହ କୁନି କୁନି ପିଲାମାନଙ୍କ ନୃତ୍ୟ ବେଶ ରୋମାଞ୍ଚକର ହୋଇଥିଲା। ବିନୋଦ ପଲାଇ, ଶିବ ଶଙ୍କର ଦାସ, ଶିକ୍ଷୟତ୍ରୀ ରଶ୍ମିତା ସ୍ୱାଇଁ, ସୁଜାତା ରେଡ୍ଡୀ, ଜ୍ୟୋସ୍ନା ରାଣୀ ପଣ୍ଡା ପ୍ରଣିତା ଦାସଓ ଅନ୍ୟମାନେ ସହଯୋଗ କରିଥିଲେ।

# ଜାତୀୟ ରାଜପଥ ପ୍ରଶସ୍ତୀକରଣରେ ଲାଗୁନି ସୂଚନାଫଳକ

ଖଜୁରିପଡ଼ା, ୧୪।୨( ବିଦୁର ବେହେରା)



ସୂଚନାଫଳକ ନ ଲାଗି ଚାଲିଥିବା ରାସ୍ତା କାର୍ଯ୍ୟ।

ଜାତୀୟ ରାଜପଥ ପ୍ରଶସ୍ତିକରଣରେ ପୂର୍ତ୍ତ ବିଭାଗ ସୂଚନା ଫଳକ ଲଗାଉନାହିଁ। ଏନେଇ ରହିଥିବା ନିୟମକୁ ଉଲ୍ଲଂଘନ କରିଚାଲିଛି। ଫଳରେ ଅର୍ଥ ଆତ୍ମସାତ ହେଉଥିବା ନେଇ ଅଭିଯୋଗ ହେଉଛି। ଅଭିଯୋଗ ଅନୁଯାୟୀ, ଫୁଲବାଣୀରୁ ରାଜଧାନୀ ଭୁବନେଶ୍ୱରକୁ ସଂଯୋଗ କରୁଥିବା ୧୫୭ ନଂ. ଜାତୀୟ ରାଜପଥ ପ୍ରଶସ୍ତିକରଣ ପାଇଁ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ପିରୀକୁଡି ପଞ୍ଚାୟତ ସମ୍ମୁଖରେ ପିଚୁ ରାସ୍ତାକୁ ଲାଗି କଂକ୍ରିଟ ପକ୍କା ରାସ୍ତା ନିର୍ମାଣ ହେଉଛି। ଏହି କାମ ଫୁଲବାଣୀ ପୂର୍ତ୍ତ ବିଭାଗ ବିନା ସୂଚନା ଫଳକରେ କରୁଥିବା ଦେଖିବାକୁ ମିଳିଛି। ଏପରି ରାସ୍ତା ପ୍ରଶସ୍ତିକରଣ ଚାଲିଥିବା ଅନେକ ସ୍ଥାନରେ ବିନା ସୂଚନାଫଳକ ଲାଗି ନଥିବାରୁ କେତେ ଟଙ୍କାର କାମ କେଉଁ ବିଭାଗ ଦ୍ୱାରା କରାଯାଉଛି, ପ୍ରଶସ୍ତିକରଣ ରାସ୍ତା କେତେ ଲମ୍ବା, କେତେ ଚଉଡ଼ା ହେବ, କେତେ ଗଭୀର ଖୋଳାଯାଇ କେତେ ମେଟାଲ, କେତେ ମାଟି, ବାଲି ପଡ଼ିବ କୌଣସି ତଥ୍ୟ ଜଣାପଡୁନାହିଁ। ଏବେ ଯେଉଁ ଜାଗାରେ ଏହି ନିର୍ମାଣ କାମ ଚାଲିଛି ସେହି ଜାଗାରେ ମଧ ସୂଚନା ଫଳକ ଲାଗିନାହିଁ । ରାସ୍ତା କାମ ଚାଲିଥିବା ନେଇ ଲୋକଙ୍କୁ ଅବଗତକରାଇ ସତର୍କକରିବାକୁ ମଧ କୌଣସିଫଳକ ଲଗାଯାଇନାହିଁ। ଫଳରେ ସେହି ରାସ୍ତା ଦେଇ ଯାଉଥିବା ଯାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନରହିଛି ବୋଲି ପୂର୍ବତନ ସମିତି ସଭ୍ୟ ଗୌର ଚରଣ ବେହେରା,ପିରିକୁଡ଼ି ସରପଞ୍ଚ ଉମା ଚରଣ ମଲ୍ଲିକ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ଉପ ସଭାପତି ବିଦୁର ବେହେରା କହିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ୧୯ରେ ମାଟ୍ରିକ ପରୀକ୍ଷା ଜିଲାରେ ୪୫୨୧୯ ପରୀକ୍ଷାର୍ଥୀ

ବ୍ରହ୍ମପୁର, ୧୪।୨ (ସୁବାସ ଚନ୍ଦ୍ର ପାଢ଼ୀ)

ସରକାରୀ ପଲିଟେଚନିକ ପ୍ରେକ୍ଷାଳୟରେ ବାର୍ଷିକ ମାଟ୍ରିକ ପରୀକ୍ଷା ସୁପରିଚାଳନା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲା ଶିକ୍ଷାଅଧିକାରୀ ଅଜୟ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲାର ୨୧୭ଟି ପରୀକ୍ଷା କେନ୍ଦ୍ରର ସମସ୍ତ କେନ୍ଦ୍ର ଅଧୀକ୍ଷକ ଯୋଗ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ମାଟ୍ରିକ ପରୀକ୍ଷାକୁ ସୁଚାରୁଭାବେ ପରିଚାଳନା ପାଇଁ ବୋର୍ଡ ଦ୍ୱାରା ନିର୍ଦ୍ଧାରିତ ସମତା ନିୟମାବଳୀ ଉପରେ ଆଲୋଚନା କରିବା ସହ ସମ୍ଭାବ୍ୟ ପରିସ୍ଥିତିକୁ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ଡ. ପ୍ରଭାତୀ କୁମାରୀ ମହାପାତ୍ର ପରୀକ୍ଷା ସମ୍ବନ୍ଧୀୟ ସମସ୍ତ ତଥ୍ୟ ରଖିଥିଲେ। ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ପରୀକ୍ଷା ଶେଷ ହେବ। ଏହି ପରୀକ୍ଷାରେ ଜିଲାରୁ ମୋଟ ୪୫୨୧୯ ପରୀକ୍ଷାର୍ଥୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପାଇଁ ୪୪୩୯୨ ଜଣ ,ଏସ୍‌ଓଏସ୍‌ସି ପାଇଁ ୭୧୪ ଓ ମାଧ୍ୟମ ପାଇଁ ୮୫ ଜଣ ଫର୍ମ ପୂରଣ କରିଛନ୍ତି। ୧୬ଟି ନୋଡାଲ କେନ୍ଦ୍ରରୁ ୫୧ଟି ଟିମ୍ ଯୋଗେ ସମସ୍ତ ୨୧୭ ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ନେବା ଆଣିବା ବ୍ୟବସ୍ଥା କରାଯାଇଛି। ପରୀକ୍ଷା କେନ୍ଦ୍ରରେ ମୋବାଇଲ ଫୋନ ପ୍ରବେଶ ନିଷେଧ କରାଯାଇଛି। ପରୀକ୍ଷାର୍ଥୀମାନଙ୍କୁ ସକାଳ ୭.୩୦ରୁ ୮.୩୦ ମଧ୍ୟରେ କେନ୍ଦ୍ରରେ ପ୍ରବେଶ କରିବାକୁ କୁହାଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଏସ .ଧନଞ୍ଜୟ, ବ୍ରହ୍ମପୁର ସରକାରୀ ପଲିଟେଚନିକ ଅଧ୍ୟକ୍ଷା ତନୁଜା ଦାଶ ଏବଂ ଜିଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ଉପସ୍ଥିତ ରହି ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନସେଲିଂରେ ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମତ ରଖିଥିବା ବେଳେ ଜିଲା ବିଜ୍ଞାନ ନିରୀକ୍ଷକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗୋବିନ୍ଦ ପାଢୀ, ସୁଧାଂଶୁ ମୁଦୁଲି ସହଯୋଗ କରଥିଲେ।

# ପୋଖରୀ ଶୁଖାଇଦେଲେ, ପାଣି ପାଇଁ ହୀନସ୍ତା

ବ୍ରହ୍ମପୁର, ୧୩।୨ (ସୁବାସ ଚନ୍ଦ୍ର ପାଢ଼ୀ):



ଗ୍ରୀଷ୍ମ ଆରମ୍ଭ ନ ହେଉଣୁ ବିଭିନ୍ନ ଅଞ୍ଚଳରେ ପାଣିର ସମସ୍ୟା ଦେଖାଦେଲାଣି। ସହରାଞ୍ଚଳ ପାଇଁ ସେଭଳି ଅସୁବିଧା ଦେଖାଦେଇ ନଥିବା ବେଳେ ଗ୍ରାମାଞ୍ଚଳରେ ସ୍ଥିତି ଅଣାୟତ ହେବାରେ ଲାଗିଛି।

ବ୍ରହ୍ମପୁର ନିକଟ ତଥା କୁକୁଡାଖଣ୍ଡି ବ୍ଲକର ଲାଠି ପଞ୍ଚାୟତରେ ଏବେଠୁ ହାହାକାର ସ୍ଥିତି ଦେଖିବାକୁ ମିଳିଲାଣି। ଜଳଉସ୍ କହିଲେ ଗାଁରେ ରହିଛି ୩ ପୋଖରୀ ଓ ନିଟକରେ ସାପୁଆ ନଈ। ପଞ୍ଚାୟତରେ ପ୍ରାୟ ୬ ହଜାର ଲୋକ ବାସ କରନ୍ତି। ଅଧିକାଂଶଙ୍କ ଘରେ କୂଅ ଅଛି। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ତରଫରୁ ନଳକୂଅ ବସିଛି। ଗାଁକୁ ପାଇପ ଯୋଗେ ଜଳ ଯୋଗାଣ ହେଉଛି। କିନ୍ତୁ ତାହା ସବୁବେଳେ ନିଅଣ୍ଟ ହେଉଛି। ବାରମ୍ବାର ଅଭିଯୋଗ କଲେ ବି ବିଭାଗ ସମସ୍ୟା ବୁଝିବାକୁ ନାରାଜ ବୋଲି ହୃଦବୋଧ ହେଉଥିବା ଗ୍ରାମବାସୀ କହିଛନ୍ତି। ଏଭଳି

ସ୍ଥିତିରେ ବ୍ରହ୍ମେଶ୍ୱର ମନ୍ଦିର ନିକଟରେ ଥିବା ଦେଉଳ ବନ୍ଧ ପାଖରେ ଏକ ଗାର୍ଡୱାଲ ନିର୍ମାଣ କରାଯିବ ବୋଲି ପୋଖରୀକୁ ଶୁଖାଇ ଦିଆଯାଇଛି। ସେହି ପୋଖରୀକୁ ଯେଉଁ ବାଟ ଦେଇ କେନାଲ ପାଣି ଆସୁଥିଲା ତାହା ଜବରଦଖଲରେ ରହିଥିବାବେଳେ ପୋତି ହୋଇଯାଇଛି। ବ୍ଲକ ପ୍ରଶାସନର ସେଥିପ୍ରତି ଆଦୌ ଦୃଷ୍ଟି ନାହିଁ। ଉକ୍ତ ପୋଖରୀ ପାଣିକୁ ଲୋକେ ଦୈନନ୍ଦିନ ବ୍ୟବହାର କରୁଥିଲେ। ଗାର୍ଡୱାଲ କିଭଳି ନିର୍ମାଣ ହୋଇଛି ପ୍ରଶାସନ ବି ଏହାର ତଦନ୍ତ କରିନାହିଁ ବୋଲି ଅଭିଯୋଗ ହୋଇଛି। ପୋଖରୀ ଶୁଖିଯିବା ଦ୍ୱାରା ସେହି ଅଞ୍ଚଳରେ ଥିବା ଲୋକମାନଙ୍କ ସମସ୍ତ କୂଅ ଶୁଖିଯାଇଛି। ବର୍ତ୍ତମାନ ଲୋକେ ଗାଧୋଇବାକୁ ପ୍ରାୟ ୧ କିମି ଯାଉଥିବାବେଳେ ପିଇବା ପାଣି

### କୂଅ, ନଳକୂଅ ଶୁଖିଗଲା: ବିଡିଓ କହିଲେ ଜାଣିନି

ଆଣିବା ପାଇଁ ବି ସେତିକି ବାଟ ଯିବାକୁ ପଡୁଛି। ଦୀର୍ଘଦିନ ଧରି ପାଣି ପାଇଁ ସ୍ଥିତି ଅଣାୟତ୍ତ ହୋଇପଡିଛି। ଲୋକଙ୍କ ଏଭଳି ସମସ୍ୟା ପ୍ରତି ପ୍ରଶାସନର ଅଣଦେଖା ଗାଁରେ ଅସନ୍ତୋଷ ସୃଷ୍ଟି କରିଛି। ଏହି ଅସନ୍ତୋଷ ଆଗାମୀ ଦିନରେ ବିସ୍ଫୋରକ ରୂପ ନେବା ଆଶଙ୍କା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ବିଡିଓ ପଲ୍ଲବୀ ସ୍ୱାଇଁଙ୍କୁ ପଚାରିବାରୁ ଗାର୍ଡ ୱାଲ ନିର୍ମାଣ କରାଯିବା କଥା ଜାଣିଛନ୍ତି। କିନ୍ତୁ ପୋଖରୀ ଶୁଖାଇଦେବା କଥା ଜାଣି ନ ଥିବା କହିଛନ୍ତି। ଗାର୍ଡୱାଲ ନିର୍ମାଣ କରିବା ସ୍ୱାଗତଯୋଗ୍ୟ, ହେଲେ ତାହା ଦ୍ୱାରା କ'ଣ କରାଯିବ। ପୋଖରୀକୁ କେଉଁ ପଟେ ପାଣି ଆସିବ, ଲୋକେ କିଭଳି ପାଣି ପାଇବେ ସେଥିନେଇ ତାଙ୍କର ଆଦୌ ଚିନ୍ତା ନ ଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ଆଜି ମହାଶିବରାତ୍ରୀ: ସବୁ ଶିବ ମନ୍ଦିର ଚଳଚଞ୍ଚଳ

ବ୍ରହ୍ମପୁର, ୧୪।୨ (ଅଶୋକ କୁମାର ସାହୁ)



ରବିବାର ମହାଶିବରାତ୍ରୀ। ବ୍ରହ୍ମପୁରର ସମସ୍ତ ଶିବ ମନ୍ଦିର ଚଳଚଞ୍ଚଳ ହୋଇ ଉଠିଛି। ଶ୍ରଦ୍ଧାଳୁମାନେ ଉପବାସ ରହି ବିଭିନ୍ନ ମନ୍ଦିରରେ ଦୀପ ଜାଳିବେ। ତେଣୁ ଏଥିପାଇଁ ପ୍ରତ୍ୟେକ ଶିବ ମନ୍ଦିରରେ ପ୍ରସ୍ତୁତି ଶେଷ ହୋଇଛି। ଶ୍ରଦ୍ଧାଳୁଙ୍କୁ କିଭଳି ଶୃଙ୍ଖଳିତ ଦର୍ଶନ କରାଯାଇପାରିବ ସେଥିନେଇ ସମସ୍ତ ବ୍ୟବସ୍ଥା ହୋଇଛି। ସହରର ଗୋକର୍ଣ୍ଣେଶ୍ୱର, ବାଲୁଙ୍କେଶ୍ୱର, ଚନ୍ଦ୍ରକଣ୍ଟେଶ୍ୱର, ଉରେଶ୍ୱର, ନୀଳକଣ୍ଠେଶ୍ୱର, ପାତାଳେଶ୍ୱର, ଶିଙ୍ଖୁଳେଶ୍ୱର, ବାସୁଦେବନଗରରେ ଥିବା ରାମେଶ୍ୱର ଏଭଳି ଅନେକ ପୀଠ ରହିଛି। ସହରର ବିଭିନ୍ନ ସ୍ଥାନରେ ନଡିଆ, ଆଖୁ, କେତକୀ ଓ ବିଭିନ୍ନ ପ୍ରକାର ଫୁଲର ସମ୍ଭାର ଦେଖିବାକୁ ମିଳିଛି। କେତକି ଓ ନଡିଆର ଦାମ ଅଧିକା ରହିଥିବା ଗ୍ରାହକ ପ୍ରକାଶ କରିଛନ୍ତି। ତେବେ ସହରରେ ଦୁଇ ପ୍ରମୁଖ ଶିବ ମନ୍ଦିର ଗୋଷାଣିନୂଆଗାଁସ୍ଥିତ ଉରେଶ୍ୱର ମନ୍ଦିରରେ ରାତି ୩.୧୫ରେ ମହାଦୀପ ଉଠିବ ବୋଲି ମନ୍ଦିରର ମୁଖ୍ୟ ପଞ୍ଚାନନ ଚୌଧୁରୀ ପ୍ରକାଶ କରିଛନ୍ତି। ମନ୍ଦିରରେ ଭୋର ୩ଟାରୁ ଖୋଲିବ, ଧାଡିରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ସକାଶେ ଛଡାଯିବ। ସମସ୍ତ ଶ୍ରଦ୍ଧାଳୁଙ୍କୁ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପକ୍ଷରୁ ବ୍ୟବସ୍ଥା ହୋଇଛି। ମନ୍ଦିର କର୍ମଚାରୀମାନେ ମଧ୍ୟ ଏଥିରେ ସହଯୋଗ କରିବେ। ସେହିପରି ନୀଳକଣ୍ଠେଶ୍ୱର ମନ୍ଦିରରେ ମଧ୍ୟ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଭୋର ୩ଟା୩୦ରେ ମନ୍ଦିରର ପହୁଡ ଖୋଲିବ। ପରେ ମଙ୍ଗଳ ଆଳତି, ରୁଦ୍ରାଭିଷେକ। ସନ୍ଧ୍ୟା ୬ଟା ୨୦ରୁ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ହୋଇ ରାତି ସାଢ଼େ ୧୨ଟା ପର୍ଯ୍ୟନ୍ତ ଦୀପ ଲାଗିବ। ୧୨.୪୦ରେ ଶୃଙ୍ଗାର ବେଶ, ରୁଦ୍ରାଭିଷେକ ସହ ଆଳତି ହେବ। ରାତି ୧.୨୦ରେ ମହାଦୀପ ଉଠିବ। ରାତି ୨.୧୫ରେ ପ୍ରସାଦ ବିତରଣ କରାଯିବ ବୋଲି ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଜଗଦୀଶ ପାଣିଗ୍ରାହୀ କହିଛନ୍ତି।

# ୧୮ରେ ଯୁକ୍ତ ୨ ପରୀକ୍ଷା: ୮ ଜିଲାରେ ୨୮୦ ପରୀକ୍ଷା କେନ୍ଦ୍ର

### କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାରେ ୮୬ ହଜାର ୫୭୭ ପରୀକ୍ଷାର୍ଥୀ

ବ୍ରହ୍ମପୁର, ୧୪।୨ (ସୁବାସ ଚନ୍ଦ୍ର ପାଢ଼ୀ)

ଆସନ୍ତା ୧୮ ତାରିଖରେ ଦକ୍ଷିଣ ଓଡ଼ିଶାର ୮ ଜିଲାରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ ଉଚ୍ଚ ମାଧ୍ୟମିକ ପରିଷଦ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି। ବ୍ରହ୍ମପୁର ଜୋନରେ ରହିଛି ୮ ଜିଲା। ଗଞ୍ଜାମରେ ୯୨, ଗଜପତିରେ ୨୧, କୋରାପୁଟରେ ୩୭, ମାଲକାନଗିରିରେ ୨୫, ନବରଙ୍ଗପୁରରେ ୩୨, ରାୟଗଡାରେ ୨୬, ବୌଦ୍ଧରେ ୧୭ ଓ କନ୍ଧମାଳରେ ୩୦ ଏଭଳି ମୋଟ ୨୮୦ ପରୀକ୍ଷା କେନ୍ଦ୍ରରେ ଫର୍ମ ପୂରଣ କରିଥିବା ୩୯୬ ସ୍କୁଲର ୮୬ ହଜାର ୫୭୭ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ପରିଷଦ ପକ୍ଷରୁ ସୂଚନା ମିଳିଛି। ପରୀକ୍ଷାର୍ଥୀଙ୍କ ମଧ୍ୟରେ କଳାରେ ରେଗୁଲାର ଓ ଏକ୍ସରେଗୁଲାରରେ ୫୫ ହଜାର ୭୮୧ ପରୀକ୍ଷାର୍ଥୀ, ବିଜ୍ଞାନରେ ୨୪୪୯୩ ଓ ବାଣିଜ୍ୟରେ ୫୧୮୧ ଓ ଧନ୍ଦାମୂଳକ ଶିକ୍ଷାରେ ୧୧୨୨ ଜଣ ଅଛନ୍ତି। ପ୍ରତ୍ୟେକ ଜିଲାର ଭିନ୍ନ ଭିନ୍ନ କୋଡ ରଖାଯାଇଛି। ପରିଷଦ ପକ୍ଷରୁ ଶୃଙ୍ଖଳାର ସହ ପରୀକ୍ଷା ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଛି। ପରୀକ୍ଷାରେ କୌଣସି ଅସୁବିଧା ନ ହେବା ପାଇଁ କେନ୍ଦ୍ରୀୟ ସ୍କ୍ୱାଡ ଡ୍ୟୁଟିରେ ନିୟୋଜିତ ରହିବେ। ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡିଗ୍ରୀ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଅଧ୍ୟକ୍ଷ ଓ ସୁପରିଟେଣ୍ଡେଣ୍ଟଙ୍କୁ ପରୀକ୍ଷାରେ କୌଣସି ତ୍ରୁଟି ଯେଭଳି ନ ହେବ ଗୁରୁତ୍ୱ ଦେବାକୁ କୁହାଯାଇଛି। ଏଥି ସହ ପରୀକ୍ଷା ପରିଚାଳନା କେନ୍ଦ୍ରଗୁଡିକରେ ସୁରକ୍ଷା ସୁନିଶ୍ଚିତ କରିବାକୁ ପୋଲିସ କର୍ମଚାରୀ ନିଯୁକ୍ତ ହେବେ। ପ୍ରଶ୍ନପତ୍ର ପ୍ୟାକେଟ, ଉତ୍ତରଖାତା ପ୍ୟାକେଟ ଆଦିକୁ ପୋଲିସ ଜଗିବେ। ପରୀକ୍ଷା ପର୍ଯ୍ୟବେକ୍ଷଣ ଓ ତଦାରଖ ପାଇଁ ପ୍ରତିନିଧି ନିଯୁକ୍ତ ହେବେ। ପ୍ରଶ୍ନପତ୍ର ହବ୍ ଓ କେନ୍ଦ୍ର ମଧ୍ୟରେ ସମନ୍ୱୟ ରକ୍ଷା କରିବା ଦାୟିତ୍ୱ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ପରୀକ୍ଷାର ଶେଷ ଘଣ୍ଟି ବାଜିବା ପୂର୍ବରୁ ଯଦି କୌଣସି ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ର ଛାଡାନ୍ତି ତେବେ ତାଙ୍କୁ ପ୍ରଶ୍ନପତ୍ର ବାହାରକୁ ନେବାକୁ ଅନୁମତି ନ ଦେବାକୁ ନିୟମ ରହିଛି। ହବ୍‌ଗୁଡିକ ପୋଲିସ ସୁରକ୍ଷା ସହ ଜଣେ ପର୍ଯ୍ୟବେକ୍ଷକଙ୍କ ଜରିଆରେ ପରୀକ୍ଷା କେନ୍ଦ୍ରଗୁଡିକୁ ପ୍ରଶ୍ନପତ୍ର ପଠାଇବା, ପରୀକ୍ଷା ଦିନ ସକାଳ ସାଢ଼େ ୮ଟା ସୁଦ୍ଧା ପ୍ରଶ୍ନପତ୍ର ପ୍ୟାକେଟ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା, ପର୍ଯ୍ୟବେକ୍ଷକଙ୍କଠାରୁ ମିଳିଥିବା ପ୍ରଶ୍ନପତ୍ରଗୁଡିକ ସକାଳ ସାଢ଼େ ୯ଟାରେ କେନ୍ଦ୍ର ସୁପରିଟେଣ୍ଡେଣ୍ଟ, ହବ ପର୍ଯ୍ୟବେକ୍ଷକ, ପରୀକ୍ଷା ନିରୀକ୍ଷକ, ଜିଲା ପ୍ରଶାସନ ପ୍ରତିନିଧିଙ୍କ ଉପସ୍ଥିତିରେ ସିଲ୍ ଖୋଲାଯିବ। ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ବଣ୍ଟନ ପରେ ବଳକା ପଶ୍ନପତ୍ରଗୁଡିକୁ ଅଠା ଲଗାଯାଇଥିବା ଲଫାଫା ଭିତରେ ସିଲ କରି ରଖାଯିବ। ବଳାକା ପ୍ରଶ୍ନପ୍ରତଗୁଡିକୁ ସକାଳ ସାଢ଼େ ୧୦ଟାରେ କେନ୍ଦ୍ର ସୁପରିଟେଣ୍ଡେଣ୍ଟ କିମ୍ବା ଡେପୁଟି ସୁପରିଟେଣ୍ଡେଣ୍ଟଙ୍କ ଦ୍ୱାରା ସଂଗ୍ରହ କରାଯିବ। ପରୀକ୍ଷା ଆରମ୍ଭର ଅଧାଘଣ୍ଟା ପୂର୍ବରୁ ପରୀକ୍ଷାର୍ଥୀମାନଙ୍କୁ ହଲ ଭିତରକୁ ଯିବାକୁ ଅନୁମତି ମିଳିବ। ସେମାନେ ଅତି କମରେ ୧୫ ମିନିଟ ପୂର୍ବରୁ ନିର୍ଦ୍ଧାରିତ ସିଟ୍‌ରେ ବସିବେ। ପରୀକ୍ଷା ସହ ଜଡିତ ନ ଥିବା ବ୍ୟକ୍ତିଙ୍କୁ କେନ୍ଦ୍ର ଭିତରକୁ ପ୍ରବେଶ ଅନୁମତି ମିଳିବ ନାହିଁ। ସମସ୍ତ କେନ୍ଦ୍ର ସିସିଟିଭି ନଜରରେ ରହିବ।

## ଧରାକୋଟ ଯୁବ କ୍ରିକେଟ କ୍ଲବ ଚାମ୍ପିୟନ



ଶେରଗଡ଼, ୧୪।୨ (ସୂର୍ଯ୍ୟ ନାରାୟଣ ଦାଶ)

### ରାଜବଂଶ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଶେରଗଡ଼ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ରାଜବଂଶ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ଅନୁଷ୍ଠିତ ଫାଇନାଲ ମ୍ୟାଚ ଆସିକା ପାନାସନିକ କ୍ରିକେଟ କ୍ଲବ ଓ ଧରାକୋଟ ଯୁବ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ପ୍ରଥମେ ଟସ୍ ଜିତି ପାନାସନିକ କ୍ରିକେଟ କ୍ଲବ ବ୍ୟାଟିଂ କରି ୨୦ ଓଭରରେ ୨୨୫ ରନ କରିଥିଲା। ଏହାର ଜବାବରେ ଧରାକୋଟ ଯୁବ କ୍ରିକେଟ କ୍ଲବ ମାତ୍ର ୧୬ ଓଭରରେ ୨୨୯ ରନ କରି ମ୍ୟାଚ ଜିତି ଯାଇଥିଲା। ଦଳ ପକ୍ଷରୁ ସନ୍ତୋଷ ପାତ୍ର ୩୯ ବଲରେ ୧୦୦ ରନ କରିଥିବା ଯୋଗୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ଚିନୁ ପାତ୍ର ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଯୋଗଦେଇ ବିଜୟୀ ଦଳକୁ ବିଜେତା ଟ୍ରଫି ସହ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ଏବଂ ରନର୍ସ ଟିମ୍ ଆସିକା ପାନାସନିକ କ୍ରିକେଟ କ୍ଲବ୍‌କୁ ଟ୍ରଫି ସହ ୧୩ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟ ପ୍ରତିବର୍ଷ ଜାରି ରଖିବାକୁ ରାଜବଂଶ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆୟୋଜକମାନଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ହିଂଜିଳିକାଟୁର ଶିବରାମ ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି କୁନା ବିଷୋୟୀ, ପ୍ରକାଶ ଚନ୍ଦ୍ର ବିଷୋୟୀ, ପ୍ରଭାକର ପାଣିଗ୍ରାହୀ, ଇ. ଚିନ୍ମୟ ପାତ୍ର, ମହେଶ୍ୱର ରାଉତ, ଶ୍ୟାମ ପ୍ରଧାନ ଉପସ୍ଥିତ ଥିଲେ। ଦୁଇ ଅମ୍ପାୟର ରାଜୀବ ଲୋଚନ ମିଶ୍ର ଓ କୃଷ୍ଣଚନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ୧୨ ୱାର୍ଡକୁ ନେଇ ହେବ ଜଗନ୍ନାଥ ପ୍ରସାଦ ଏନଏସି ପ୍ରକାଶ ପାଇଲା ଚିଠା ବିଜ୍ଞପ୍ତି

ଜଗନ୍ନାଥ ପ୍ରସାଦ, ୧୪।୨ (ବିଭୁ ପ୍ରସାଦ ପଟ୍ଟନାୟକ)

ଜଗନ୍ନାଥ ପ୍ରସାଦ ବ୍ଲକର ଜଗନ୍ନାଥ ପ୍ରସାଦ ଅଞ୍ଚଳକୁ ନେଇ ନବଗଠିତ ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣ ନେଇ ଅଧିସୂଚନା ଜାରି ହୋଇଛି। ଗଞ୍ଜାମ ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ ଭି. କୀର୍ତ୍ତିଭାସନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିବା ଅଧିସୂଚନା ଅନୁସାରେ ଜଗନ୍ନାଥ ପ୍ରସାଦ ବିଜ୍ଞାପିତ ଅଞ୍ଚଳ ପରିଷଦରେ ମୋଟ ୧୨ଟି ୱାର୍ଡ ରହିବ। ୧ ନମ୍ବର ୱାର୍ଡରେ ରହିଛି ବାଣିଖୋଲା, ତାଳପଙ୍କା, ଚିକିଲି ତଳସାହି, ଯାହାର ପଶ୍ଚିମରେ ରହିଛି ହରିପୁର ଓ ଦକ୍ଷିଣରେ ନଡ଼ା, ଚିକିଲି ଗ୍ରାମଟି ୨ନମ୍ବର ୱାର୍ଡ। ଜନ ସଂଖ୍ୟା ଦୃଷ୍ଟିରୁ ଚୋପରା ଗ୍ରାମଟିକୁ ଦୁଇ ଭାଗରେ ବିଭକ୍ତ କରାଯାଇ ୩ ନମ୍ବର ୱାର୍ଡ ଚୋପରା ଦକ୍ଷିଣ ଓ ୪ ନମ୍ବର ୱାର୍ଡ ଚୋପରା ଉତ୍ତର ରଖାଯାଇଛି। ୫ ନମ୍ବର ୱାର୍ଡଟି ହୋଇଛି କଇଥସାହି, ୬ ନମ୍ବର ୱାର୍ଡ ଇନ୍ଦ୍ରଗଡ଼, ଥାନାସାହି, ହାଟପଦା, ବଜାର ସାହି, ନୂଆ ସାହିକୁ ନେଇ ଗଠିତ। ୭ ନମ୍ବର ୱାର୍ଡରେ ଜଳି ସାହି, ଗଡ଼ସାହି, ବଡଦାଣ୍ଡ ସାହି ଏବଂ କୁମ୍ଭାର ସାହିଥିବା ବେଳେ ୮ ନମ୍ବର ୱାର୍ଡରେ ଲଙ୍କାଗଡ଼, ତନ୍ତିକୋଲୋଣି, କରଣ ସାହି ଏବଂ ପାଇକ ସାହି ଅଛି। ୱାର୍ଡ ନମ୍ବର ୯ରେ ଆଜ୍ଞାପ୍ରସାଦର କିଛି ଅଂଶ ଥିବା ବେଳେ ୱାର୍ଡ ନମ୍ବର ୧୦ରେ ଆଜ୍ଞାପ୍ରସାଦର କିଛି ଅଂଶ ଓ ଜଗନ୍ନାଥପୁର ଶାସନ ଯୋଡିହୋଇଛି। ନୂତନ ଭାବରେ ଯୋଡି ହୋଇଥିବା ଚାରିକୋଣିଆ ଗ୍ରାମଟି ହେଉଛି ୧୧ନମ୍ବର ଓ ୧୨ ନମ୍ବର ୱାର୍ଡ ଡୁଙ୍ଗାପଲ୍ଲି, କ୍ରିୟାଧର, କଟକଟି, ଆକୁଲକୁମ୍ପା, କନ୍ଧଗାଲେରି, ବରବରା, ଡ଼ିମ୍ବିରିପଲ୍ଲି, ବଣିଆପଲ୍ଲୀ, କୌରାପଲ୍ଲୀ, ରାମେଶ୍ୱର ପଲ୍ଲୀ, ନାରାୟଣପଲ୍ଲୀକୁ ନେଇ ଗଠିତ ହୋଇଛି। ଏହି ୧୨ ୱାର୍ଡ ୧୨ ଆସନ ମଧ୍ୟରୁ ୱାର୍ଡ-୧ ଓ ୨ ପାଇଁ ସାଧାରଣ ବର୍ଗ, ୱାର୍ଡ-୩ ଅନୁସୂଚିତ ବର୍ଗ (ମହିଳା), ୱାର୍ଡ-୪ ଅନୁସୂଚିତ ଜାତି, ୱାର୍ଡ-୫,୬ ଓ ୭ରେ କେବଳ ମହିଳା, ୱାର୍ଡ-୮ ଅନୁସୂଚିତ (ମହିଳା), ୱାର୍ଡ-୯, ୧୦ ଓ ୧୧ରେ ସାଧାରଣ ବର୍ଗ ଏବଂ ୱାର୍ଡ-୧୨ ପାଇଁ ଅନୁସୂଚିତ ଜନଜାତି (ମହିଳା)ଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ଚଳିତ ମାସ ୧୩ରେ ଏହି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ପ୍ରକାଶର ୧୦ ଦିନ ଆସନ୍ତା ୨୨ ତାରିଖ ମଧ୍ୟରେ କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଅଭିଯୋଗ ଥିଲେ ସେମାନେ ଆବେଦନ କରିପାରିବେ। ନିର୍ଦ୍ଧାରିତ ସମୟ ପରେ ମିଳିଥିବା ଆପତ୍ତି, ଅଭିଯୋଗ ଗ୍ରହଣ କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

## କନ୍ଧମାଳ ନବ ବିବାହିତ ଯୁବକଙ୍କୁ ଅପହରଣ

### ସନ୍ଦେହରେ ବାପାଙ୍କ ନାଁରେ ଥାନାରେ ଏତଲା ଦେଲେ ଝିଅ

ତୁମୁଡିବନ୍ଧ, ୧୪।୨ (ଦୀପକ କୁମାର ପରାସେଠ)

ଭଲପାଇ ପ୍ରେମ ବିବାହ କରିଥିବା ଜଣେ ଯୁବକଙ୍କୁ ଅପହରଣ କରାଯାଇଛି। କନ୍ଧମାଳ ଜିଲାର ଏହି ଯୁବକ ପୁରୀ ଜିଲାର ଏକ ଗ୍ରାମରେ ଡାକସେବକ ରୂପେ କାର୍ଯ୍ୟ କରୁଥିବା ତାଙ୍କ ସ୍ତ୍ରୀଙ୍କ ସହ ରହୁଥିଲେ। ଅପହୃତ ଯୁବକ ହେଲେ କନ୍ଧମାଳ ଜିଲା ତୁମୁଡିବନ୍ଧ ଥାନା କରୁକୁପା ଗ୍ରାମର ଶିବରା ଦିଗାଲଙ୍କ ପୁଅ ଫିଲିମନ ଦିଗାଲ। ଏଥିରେ ଜଡିତ ଥିବା ସନ୍ଦେହ କରି ଯୁବକଙ୍କ ସ୍ତ୍ରୀ ଥାନାରେ ଏତଲା ଦେଇଛନ୍ତି। ଏପରି ଘଟଣା ପୁରୀ ଜିଲା ଯୋଡ଼ାପଦର ଥାନା ଅଞ୍ଚଳରେ ଘଟିଛି। ଅଭିଯୋଗ ଅନୁଯାୟୀ, ଫିଲିମନ ପୁରୀ ଜିଲା କୃଷ୍ଣ ପ୍ରସାଦ ଥାନା ଅନ୍ତର୍ଗତ ଖଲାମୁହଁ ଗ୍ରାମର ମୋହନ ବେହେରାଙ୍କ ଝିଅ ଖାନ୍ସୀଙ୍କୁ ଗତ ଜାନୁଆରୀ ୨୨ରେ ପ୍ରେମବିବାହ କରିଥିଲେ। ବାଲିଗୁଡ଼ାର ଗୁମୁଡୁମହା ଗ୍ରାମରେ ଗ୍ରାମ୍ୟ ଡାକସେବକ ଭାବେ କାର୍ଯ୍ୟ କରୁଥିବା ଖାନ୍ସୀ ପରେ ପୁରୀ ଜିଲା ଆଳିବାଡ଼



ଅପହୃତ ଫିଲିମନ

ଗ୍ରାମ୍ୟ ଡାକସେବା କେନ୍ଦ୍ରକୁ ବଦଳି ହୋଇ ଆସିଥିଲେ। ନିକଟସ୍ଥ କଟକଣା ଗ୍ରାମରେ ଏକ ଭଡ଼ା ଘରେ ଖାନ୍ସୀ ଓ ଫିଲିମାନ ରହୁଥିଲେ। ଗତ ୯ ତାରିଖ ସନ୍ଧ୍ୟାରେ ଫିଲିମନଙ୍କୁ ଖାନ୍ସୀଙ୍କ ବାପା ମୋହନ ବଜାର ଯିବାକୁ ଡାକିଥିଲେ। ଫିଲିମନ ବାଇକ୍‌ରେ ମୋହନଙ୍କୁ ବସାଇ ବଜାର ଆଡ଼କୁ ଯାଉଥିବାବେଳେ ମୋହନ ବାହାନା କରି ବାଇକ୍‌ରୁ ଓହ୍ଲାଇ ଫିଲିମନଙ୍କୁ ଛାଡି ଚାଲି ଯାଇଥିଲେ। ପରେ ଫିଲିମନଙ୍କ ଫୋନ ଆସିବାରୁ ଖାନ୍ସୀ ଫୋନ ଉଠାଇଥିଲେ। ମୋତେ ବଞ୍ଚାଅ, ମୋତେ ବଞ୍ଚାଅ ବୋଲି ଫିଲିମନଙ୍କ ସ୍ୱର ଶୁଣାଯାଇ ଫୋନ କଟିଯାଇଥିଲା। ଖାନ୍ସୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ ମଧ୍ୟ ଫିଲିମନଙ୍କୁ ପାଇ ନ ଥିଲେ। ବାପା ମୋହନଙ୍କୁ ଫିଲିମନଙ୍କ ସମ୍ପର୍କରେ ପଚାରିବାରୁ ସେ କିଛି କହି ନ ଥିଲେ। ପରେ ଖାନ୍ସୀ ଗାଡ଼ିଶାଗଦା ଥାନାକୁ ଯାଇ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ଘଟଣାକୁ ୫ ଦିନ ବିତିଯାଇଥିଲେ ସୁଦ୍ଧା ପୋଲିସ ସନ୍ତୋଷଜନକ ପଦକ୍ଷେପ ନେଇନାହିଁ। ବାପା ହିଁ ଲୋକ ଲଗେଇ ମୋ ସ୍ୱାମୀଙ୍କୁ ଅପହରଣ କରାଇଛନ୍ତି ବୋଲି ଖାନ୍ସୀ ସନ୍ଦେହ ପ୍ରକାଶ କରି ଏତଲାରେ ଉଲ୍ଲେଖ କରିଛନ୍ତି। ଏନେଇ ୧୯/୨୬ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ଥିବା ପୋଲିସ କହିଛି।

## ଶିକ୍ଷଣ ସାମଗ୍ରୀ ମେଳା

ଶେରଗଡ଼, ୧୪।୨ (ସୂର୍ଯ୍ୟ ନାରାୟଣଦାଶ)

ଶେରଗଡ଼ ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀପୁର ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷଣ ସାମଗ୍ରୀ ମେଳା ଅନୁଷ୍ଠିତ ହୋଇଯାଇଛି। ଅଲାରିଗଡ କ୍ଲଷ୍ଟର ସିଆରସିସି ପ୍ରସନ୍ନ ସାବତଙ୍କ ସଂଯୋଜନାରେ ହୋଇଥିବା ଏହି ମେଳାରେ ମୋଟ ୮ଟି ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ ଯୋଗଦେଇ ନିଜ ନିଜ ବିଦ୍ୟାଳୟର ଶିକ୍ଷଣ ସାମଗ୍ରୀକୁ ପ୍ରଦର୍ଶନୀ କରିଥିଲେ। ଛାତ୍ରୀଛାତ୍ର ଓ ଅଭିଭାବକମାନେ ଏହାକୁ ବୁଲି ଦେଖିଥିଲେ। ସିଆରସିସି ଆଲୋକ ଷଡଙ୍ଗୀ, ସୁଜିତ ପଣ୍ଡା, ଭଗାନ ବେହେରା ଶିକ୍ଷଣ ସାମଗ୍ରୀର ଆବଶ୍ୟକତା ଓ ବହୁଳ ମାତ୍ରାରେ ବ୍ୟବହାର କଲେ ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ସୁଗମ ହୋଇପାରିବ ବୋଲି କହିଥିଲେ।

## କର୍କଟ ରୋଗୀଙ୍କୁ ସହାୟତାର ହାତ ବଢ଼ାଇଲେ ବିଧାୟକ

ପାରଳାଖେମୁଣ୍ଡି, ୧୪।୨ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା କାଶୀନଗର ବ୍ଲକ କେ.ସୀତାପୁର ପଞ୍ଚାୟତର ସୀତାପୁର ଗ୍ରାମର ଜି. କୃଷ୍ଣ ପରିବାର ସହ ରହନ୍ତି। ଛୋଟିଆ ଫଳ ଦୋକାନଟି କରି ପରିବାର ଚଳାନ୍ତି। କର୍କଟ ରୋଗରେ ଆକ୍ରାନ୍ତ ହୋଇଛନ୍ତି କୃଷ୍ଣ। ପୂର୍ବ ସରକାର ଦେଇଥିବା ବିଏସ୍‌କେୱାଇ କାର୍ଡରେ ତାଙ୍କର ଦୁଇମାସ ଚିକିତ୍ସା ହୋଇଥିଲା। ସେ କିଛି ପରିମାଣରେ ସୁସ୍ଥ ହେଉଥିବା ବେଳେ ସରକାର ବଦଳି ଯାଇଥିଲା। ପରେ ବିଏସ୍‌କେୱାଇ କାର୍ଡ ରଦ୍ଦ ହୋଇଯିବାରୁ କୃଷ୍ଣ ଆଉ ଚିକିତ୍ସିତ ହୋଇପାରି ନ ଥିଲେ। ଏବେ ପାଖାପାଖି ଦୁଇ ବର୍ଷ ବିତିବାକୁ ବସିଲାଣି, ଏପର୍ଯ୍ୟନ୍ତ ତାଙ୍କୁ ନୂତନ ସ୍ୱାସ୍ଥ୍ୟ କାର୍ଡ ମିଳିନାହିଁ। ଏ ନେଇ ସରପଞ୍ଚ କେ. ତେଜେଶ୍ୱର ରାଓ ଅନେକ ଥର କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିଥିଲେ ସୁଦ୍ଧା ର କିଛି ସୁଫଳ ମିଳିନାହିଁ। କିଛିଦିନ ତଳେ ସ୍ୱାସ୍ଥ୍ୟମନ୍ତ୍ରୀ ଗଜପତି ଜିଲାକୁ ଆସିଥିବା ବେଳେ କୃଷ୍ଣଙ୍କ ପରିବାର ମନ୍ତ୍ରୀଙ୍କୁ ଭେଟିବାକୁ ଯାଇଥିଲେ, ମାତ୍ର ଭେଟି ପାରି ନ ଥିଲେ। ଏ ସମ୍ପର୍କରେ ଖବର ପାଇ ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ କୃଷ୍ଣଙ୍କ ଘରକୁ ଯାଇ ତାଙ୍କୁ ଦେଖିଥିଲେ। ସେ ତାଙ୍କୁ କିଛି ଆର୍ଥିକ ସାହାଯ୍ୟ ଦେବା ସହ ତାଙ୍କର ସମସ୍ତ ଚିକିତ୍ସା ମାଗଣାରେ ହାଇଟେକ ମେଡିକାଲ କଲେଜରେ କରିବେ ବୋଲି ପରିବାର ବର୍ଗକୁ ପ୍ରତିଶ୍ରୁତି ଦେଇଛନ୍ତି।

## ବିଜେଡିଗଡ଼ରୁ ଶତାଧିକ ଭାଜପାରେ ମିଶିଲେ



ବ୍ରହ୍ମପୁର, ୧୪।୨ (ଅଶୋକ କୁମାର ସାହୁ)

ବ୍ରହ୍ମପୁର ମହାନଗର ନିଗମର ବିଜେଡିର ଗଡ଼ କୁହାଯାଉଥିବା ୱାର୍ଡ ନମ୍ବର ୧୯ ଖାଲାସି ସାହି ଅଞ୍ଚଳରୁ ଶତାଧିକ ଯୁବକ ଓ ମହିଳା ଭାଜପାରେ ମିଶିଛନ୍ତି। ଏଥିରେ ଅଧିକାଂଶ ମହିଳା ସାମିଲ ଥିଲେ। ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାରଙ୍କୁ ସେମାନେ ଡାକି ନିଜ ସମର୍ଥନ ଜଣାଇବା ପରେ ସେମାନେ ଭାଜପାରେ ମିଶିବା ପାଇଁ ସ୍ୱତଃସ୍ଫୂର୍ତ୍ତ ଭାବେ ଆସିଥିଲେ। ବିଧାୟକ ପହଞ୍ଚିବା ପରେ ଲୋକେ ତାଙ୍କୁ ସ୍ୱାଗତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଧାୟକ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ବିକାଶ ପାଇଁ ଗୁରୁତ୍ୱ ଦେଉଛନ୍ତି। ବିଧାୟକ ହିସାବରେ ସେ ମଧ୍ୟ ବ୍ରହ୍ମପୁରର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ତେଣୁ ଯେଉଁମାନେ ଭାଜପାରେ ମିଶିଲେ ସେମାନେ ମଧ୍ୟ ବିକାଶକୁ ସମର୍ଥନ କରିଛନ୍ତି ବୋଲି ବିଧାୟକ କହିଥିଲେ। ଯେଉଁମାନେ ଭାଜପାରେ ମିଶିଥିଲେ ସେମାନଙ୍କୁ ପଚାରିବାରୁ ସେମାନେ କହିଥିଲେ ଯେ, ବିଧାୟକଙ୍କ ନେତୃତ୍ୱ ଓ ଲୋକପ୍ରିୟତା ପ୍ରତି ସେମାନଙ୍କ ଆସ୍ଥା ରହିଛି। ତେଣୁ ସେମାନେ ଭାଜପାରେ ଯୋଗ ଦେଇଛନ୍ତି। ସୂଚନାଯୋଗ୍ୟ, ଉକ୍ତ ୱାର୍ଡରୁ ପୂର୍ବରୁ ବିଧାୟକ ଦୁଇଥର କର୍ପୋରେଟର ନିର୍ବାଚିତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସାନବଜାର ମଣ୍ଡଳ ସଭାପତି ଶିବ ଯାଦବ, ବିଧାୟକ ପ୍ରତିନିଧି ଅଶୋକ ଶୁକ୍ଳ, ପ୍ରଦୀପ ନାୟକ, ଶିବ ପ୍ରସାଦ ଦାସ, ଭିକି ଆଚାରୀ ଉପସ୍ଥିତ ଥିଲେ।

# ସିଡିପିଓଙ୍କୁ ଅଭିଯୋଗ କଲେ ଅଭିଭାବକ

ପାତ୍ରପୁର, ୧୪।୨ (ଉମା ଚରଣ ନେପାକ)



### ଅଙ୍ଗନୱାଡି କେନ୍ଦ୍ରରେ ତାଲା

ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କୁ ନିୟମିତ ଖାଇବାକୁ ମିଳୁ ନ ଥିବା ନେଇ ଅଭିଭାବକମାନେ କେନ୍ଦ୍ରରେ ତାଲା ପକାଇବା ସହ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତ ସୁନାରୀବାଡ ଅଙ୍ଗନୱାଡି କେନ୍ଦ୍ରରେ ଏଭଳି ସମସ୍ୟା କିଛି ଦିନ ହେଲା ଲାଗିଥିବାରୁ ପାତ୍ରପୁର ସିଡିପିଓଙ୍କୁ ଦେଖା କରି ଗ୍ରାମବାସୀ ସ୍ଥାୟୀ ସମାଧାନ ଦାବି କରିଛନ୍ତି। ଅଭିଭାବକ କହନ୍ତି. ସୁନାରିବାଡ ଅଙ୍ଗନୱାଡ଼ି କେନ୍ଦ୍ରରେ ବହୁଦିନ ଧରି କୁନିକୁନି ପିଲାଙ୍କୁ ଠିକ ଭାବରେ ଖାଦ୍ୟ ମିଳୁନାହିଁ। ଏନେଇ ଅଭିଯୋଗ କଲେ ମଧ୍ୟ ଅଙ୍ଗନୱାଡ଼ି କର୍ମୀ ଶୁଣୁନାହାନ୍ତି। ଫଳରେ ଗୁରୁବାର ଅଭିଭାବକମାନେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇ ପଚରିଥିଲେ। ସେଠାରେ ଉପସ୍ଥିତ ପାଚିକା ତଥା ସହାୟିକା ସନ୍ତୋଷ ଜନକ ଉତ୍ତର ଦେଇ ନ ଥିଲେ। ଶୁକ୍ରବାର ସକାଳେ ପୁଣି ଅଭିଭାବକମାନେ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆସି ପିଲାମାନଙ୍କୁ ରନ୍ଧା ଖାଦ୍ୟ ଓ ଅଣ୍ଡା ଠିକ ଭାବରେ କାହିଁକି ପ୍ରଦାନ କରାଯାଉ ନାହିଁ ବୋଲି ଅଙ୍ଗନୱାଡ଼ି କର୍ମୀଙ୍କ ସହିତ ଆଲୋଚନା କରୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ସହାୟିକା ଓ ଅଭିଭାବକଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପରେ ଅଭିଭାବକ ଓ ଗ୍ରାମବାସୀ ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇ ସେଠାରୁ ପାତ୍ରପୁର ସିଡ଼ିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିବାକୁ ଅପେକ୍ଷା କରିଥିଲେ। ସେମାନଙ୍କ ମଧ୍ୟରୁ କିଛି ଲୋକ ଲେଖା ହୋଇଥିବା ଅଭିଯୋଗ ପତ୍ର ଜେରକ୍ସ କପି ଆଣିବା ପାଇଁ ଯାଇଥିବା ସମୟରେ ଅଭିଯୋଗ ପ୍ରଦାନ ପୂର୍ବରୁ କାର୍ଯ୍ୟାଳୟ ସମ୍ମୁଖରେ ବସିଥିବା ଅଭିଭାବକଙ୍କୁ ଦେଖି ସିଡ଼ିପିଓ ନମିତା ପଣ୍ଡା ସେମାନଙ୍କ ମଧ୍ୟରୁ କିଛି ମହିଳାଙ୍କୁ କାର୍ଯ୍ୟାଳୟ ଭିତରକୁ ଡାକି ପଚରିବା ସହ ଧଳା କାଗଜରେ ଦସ୍ତଖତ କିମ୍ବା ଟିପ ଦେବାକୁ କହିଥିଲେ। ମହିଳାମାନେ କିଛି ଜାଣି ନ ପାରି ସେଥିରେ ଦସ୍ତଖତ କରି ପଦାକୁ ଆସିଥିଲେ। ସେଠାରେ ଥିବା ଗ୍ରାମର ଅନ୍ୟ ମହିଳାମାନେ କାହିଁକି ତୁମମାନଙ୍କୁ ସିଡ଼ିପିଓ ପଣ୍ଡା କାର୍ଯାଳୟ ଭିତରକୁ ଡାକିଥିଲେ ବୋଲି ପଚାରିବାରୁ ମହିଳାମାନେ ଧଳା କାଗଜରେ ସେମାନଙ୍କ ଦସ୍ତଖତ ନେଇଥିବା କହିବାରୁ ଗ୍ରାମବାସୀ ସିଡ଼ିପିଓଙ୍କୁ ଏ ବିଷୟରେ ପଚାରିଥିଲେ। ତୁରନ୍ତ ଦସ୍ତଖତ ହୋଇଥିବା କାଗଜ ଫେରାଇବା ପାଇଁ ଗ୍ରାମବାସୀ କହିଥିଲେ। ସିଡ଼ିପିଓ ଉକ୍ତ ଦସ୍ତଖତ ସମ୍ବଳିତ କାଗଜ ଗ୍ରାମବାସୀଙ୍କୁ ଦେଇଥିଲେ। କାହିଁକି କାଗଜରେ ଦସ୍ତଖତ ନେଇଥିଲେ ତାହାକୁ ନେଇ ଗ୍ରାମବାସୀ ଓ ସିଡ଼ିପିଓଙ୍କ ମଧ୍ୟରେ କିଛି ସମୟ ଯୁକ୍ତିତର୍କ ହୋଇଥିଲା। ପରେ ଗ୍ରାମବାସୀ ଏକ ଲିଖିତ ଅଭିଯୋଗ ସିଡ଼ିପିଓଙ୍କୁ ପ୍ରଦାନ କରିଥିଲେ। ଅଭିଯୋଗ ପ୍ରଦାନ ପରେ ସିଡ଼ିପିଓ ଉପସ୍ଥିତ ମହିଳା ମାନଙ୍କ ଦସ୍ତଖତ ତଦାରଖ କରି ଅଭିଯୋଗ ଗ୍ରହଣ କରିଥିଲେ। ଅଭିଯୋଗ ଆଧାରରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରଥମେ ସିଡ଼ିପିଓ ଖାଲି କାଗଜରେ ଦସ୍ତଖତ ନେବା ସନ୍ଦେହ ସୃଷ୍ଟି କରୁଛି। ତେବେ ସୁନାରିବାଡ ଅଙ୍ଗନୱାଡ଼ି କେନ୍ଦ୍ରରେ ଚାଲିଥିବା ଅନିୟମିତତା ପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଜେଲ ଫେରନ୍ତାଙ୍କୁ ହତ୍ୟା, ରାସ୍ତା ପାର୍ଶ୍ୱରୁ ମିଳିଲା ମୃତଦେହ

## ୨୦୨୨ରେ ମା'ଙ୍କୁ ହତ୍ୟା କରି ଜେଲ ଯାଇଥିଲେ

ଛେଣ୍ଡିପଦା,୧୪।୨ (ଅଜିତ ଧଳ)


ମୃତଦେହ ପଡ଼ିଥିବା ସ୍ଥାନରେ ପୋଲିସ ତଦନ୍ତ କରୁଛି।

ଅନୁଗୋଳ ଜିଲା ବାଗଡ଼ିଆ ଥାନା ଭେଜିଡିହ ଗାଁ ନିକଟସ୍ଥ ୧୫୩ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଶୁକ୍ରବାର ରାତି ୯ଟାରେ ଜଣେ ଯୁବକଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ମୃତକ ହେଲେ ବାଗଡ଼ିଆ ଗାଁ ଦେହୁରୀ ସାହିର ତୁଷାରକାନ୍ତ ଦେହୁରୀ (୨୮)। ତୁଷାର ୨୦୨୨ ମସିହାରେ ମା'ଙ୍କୁ ହତ୍ୟା ଅଭିଯୋଗରେ ଜେଲ୍ ଯାଇ ଜାମିନରେ ଫେରିଥିଲେ। ତେବେ ଧାରୁଆ ଅସ୍ତ୍ରରେ କେହି ତାଙ୍କୁ ହାଣି ହତ୍ୟା କରିଥିବା ମୃତକଙ୍କ ଭାଇ ନିହାର ଦେହୁରୀ ଶନିବାର ଥାନାରେ ଅଭିଯୋଗ କରିଛନ୍ତି।

ପୋଲିସର ସୂଚନା ଅନୁଯାୟୀ, ବାଗଡ଼ିଆ ଗାଁର ତୁଷାର ୨୦୨୨ରେ ମା'ଙ୍କୁ ହତ୍ୟା କରିବା ଅଭିଯୋଗରେ ଜେଲ ଯାଇଥିଲେ। ଜେଲରେ ସେ ଭେଜିଡିହ ଗାଁର ରବୀନ୍ଦ୍ର ନାଏକଙ୍କ ସହ ରହୁଥିଲେ। ଉଭୟ ଜାମିନରେ ଆସିବା ପରେ ରବୀନ୍ଦ୍ରଙ୍କ ଘରେ କିଛିଦିନ ହେଲା ତୁଷାର ରହୁଥିଲେ। ଶୁକ୍ରବାର ରାତି ୯ଟାରେ ଭେଜିଡିହ ଗାଁ ନିକଟ ରାଜପଥ ପାର୍ଶ୍ୱରେ ତୁଷାରଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ପହଞ୍ଚି ଘଟଣାସ୍ଥଳରେ ଜଗି ରହିଥିବାବେଳେ ଶନିବାର ଅନୁଗୋଳ ଡିଏସ୍‌ପି ସୁକୁମାର ତ୍ରିପାଠୀ, ବାଗଡ଼ିଆ ଥାନା ଅଧିକାରୀ ପ୍ରିୟବ୍ରତ ନାୟକଙ୍କ ତତ୍ତ୍ୱାବଧାନରେ ମୃତକଙ୍କ ଭାଇ ନିହାରଙ୍କ ଉପସ୍ଥିତିରେ ମୃତଦେହ ପଞ୍ଚନାମା କରିବା ସହିତ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ କରିଥିଲା। ତୁଷାରଙ୍କ ପେଟ ଓ ମୁହଁ, ହାତ ଓ ଗୋଡ଼ରେ ଗଭୀର କ୍ଷତ ହୋଇଥିବାରୁ କେହି ଧାରୁଆ ଅସ୍ତ୍ରରେ ତାଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏ ସଂକ୍ରାନ୍ତରେ ଥାନାରେ ନଂ. ୩୬/୨୬ରେ ଏକ ମାମଲା ରୁଜୁ କରାଯାଇଛି। ଘଟଣାସ୍ଥଳରୁ ମିଳିଥିବା ଏକ ହେଲମେଟ ସହ ଅନ୍ୟ ପ୍ରମାଣକୁ ଆଧାର କରି ତଦନ୍ତ କରାଯାଉଥିବା ବେଳେ ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଡିଏସ୍‌ପି ସୁକୁମାର ତ୍ରିପାଠୀ ପ୍ରକାଶ କରିଛନ୍ତି।

# ନବରଙ୍ଗପୁରର ଔଷଧ ଦୋକାନୀ ଗିରଫ

## ବେଆଇନ ଡ୍ରଗ୍ସ କାରବାର, ୨ ଅଭିଯୁକ୍ତଙ୍କୁ ଗିରଫ କଲା ଛତିଶଗଡ଼ ପୋଲିସ

## ୧୪ ଲକ୍ଷ ଟଙ୍କାର ବେଆଇନ ମେଡିସିନ ଜବତ

ନବରଙ୍ଗପୁର,୧୪।୨(ସଦାଶିବ ପ୍ରହରାଜ)


ବସ୍ତର ପୋଲିସ ଅଭିଯୁକ୍ତ ଓ ଜବତ ନିଷିଦ୍ଧ ମେଡିସିନ ସମ୍ପର୍କରେ ସୂଚନା ଦେଉଛି।

ଆନ୍ତଃ ରାଜ୍ୟ ଡ୍ରଗ୍ସ ରାକେଟରେ ସମ୍ପୃକ୍ତି ଅଭିଯୋଗରେ ଛତିଶଗଡ଼ ବସ୍ତର ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଛତିଶଗଡ଼ ବୋଧଘାଟ ଥାନା ଅଞ୍ଚଳର ନରେନ୍ଦ୍ର ସିଂହ ଠାକୁର (୩୬) ଓ ନବରଙ୍ଗପୁରର ଶ୍ରୀ ଲକ୍ଷ୍ମଣ ମେଡିକାଲ ଓ ଜେନେରାଲ ଷ୍ଟୋର ମାଲିକ ୱୁନ୍ନା ରାମକୃଷ୍ଣ ରାଓ (୬୧)। ଉଭୟଙ୍କଠାରୁ ବିପୁଳ ପରିମାଣର ବେଆଇନ ନିଷିଦ୍ଧ ନିଶା ବଟିକା ଜବତ ହୋଇଥିବାରୁ ଏନ୍‌ଡିପିଏସ୍ ଧାରା ସି ଅନୁଯାୟୀ ଗିରଫକରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ଅଭିଯୁକ୍ତମାନଙ୍କ ପାଖରୁ ମୋଟ ୨୩୫୮.୪ ଓଜନର ଏହି ଡ୍ରଗ୍ସ ଜବତ କରାଯାଇଛି। ଜବତ ବଟିକାର ମୂଲ୍ୟ ୧୪ ଲକ୍ଷ ୮ହଜାର ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି।

ବସ୍ତର ପୋଲିସ ନିଶାଦ୍ରବ୍ୟ ଅପବ୍ୟବହାର ବିରୋଧରେ ଏକ ଅଭିଯାନ ଆରମ୍ଭ କରିଛି। ଏସ୍‌ପି ଶଲଭ କୁମାର ସିହ୍ନାଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ ପରେ ଚଢ଼ାଉ କରାଯାଇଥିଲା। ବୋଧଘାଟ ଥାନା ଅଞ୍ଚଳରୁ ନରେନ୍ଦ୍ର ସିଂହ ଠାକୁରଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଠାରୁ ୪୫୦.୨ ଗ୍ରାମ ଓଜନର ମୋଟ ୮୪ଟି ଟାବଲେଟ୍ (୬୭୨ ଖଣ୍ଡ) ନିଷିଦ୍ଧ ଟ୍ରାମାଡୋଲ୍ ନାର୍କୋଟିକ୍ କ୍ୟାପ୍‌ସୁଲ ମିଳିଥିଲା। ଏହାର ମୂଲ୍ୟ ପ୍ରାୟ ୨,୬୮,୮୦୦ ହେବ ବୋଲି ପୋଲିସ ସୂଚନା ଦେଇଛି। ସେ ନବରଙ୍ଗପୁରର ଶ୍ରୀ ଲକ୍ଷ୍ମଣ ମେଡିକାଲ ଓ ଜେନେରାଲ ଷ୍ଟୋରରୁ ବେଆଇନ ଭାବରେ ଏହି ନିଷିଦ୍ଧ ନାର୍କୋଟିକ୍ ଔଷଧ କିଣି ସହରର ଯୁବକମାନଙ୍କୁ ବିକ୍ରି କରୁଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଏହାପରେ ଛତିଶଗଡ଼ ପୋଲିସ ନବରଙ୍ଗପୁରରେ ପହଞ୍ଚି ଅଭିଯୁକ୍ତଙ୍କ ଦ୍ୱାରା ଉଲ୍ଲେଖ କରାଯାଇଥିବା ଲକ୍ଷ୍ମୀ ମେଡିକାଲ ଷ୍ଟୋର ମାଲିକ ୱୁନ୍ନା ରାମକୃଷ୍ଣ ରାଓଙ୍କୁ ପଚରାଉଚରା କରିଥିଲା। ସେଠାରେ ଯାଞ୍ଚବେଳେ ଦୋକାନର ପଛପଟ ବଖରାରୁ ୧୨ଟି ବାକ୍ସରେ ଥିବା ବେଆଇନ ନାର୍କୋଟିକ୍ ଡ୍ରଗ୍ ଟ୍ରାମୋଡୋଲ୍ ମିଳିଥିଲା। ଏହାର ମୂଲ୍ୟ ୧୧,୩୯,୨୦୦ ଟଙ୍କା ହେବ। ଏନେଇ ୧୩ ତାରିଖରେ ଅଭିଯୁକ୍ତ ୱୁନ୍ନା ରାମକୃଷ୍ଣ ରାଓଙ୍କୁ ଗିରଫ କରାଯାଇଥିଲା। ଶୁକ୍ରବାର ଉଭୟ ଅଭିଯୁକ୍ତଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇ ବିଚାରବିଭାଗୀୟ ହାଜତକୁ ପଠାଯାଇଥିବା ସୂଚନା ମିଳିଛି।

# ଜୟଦୁର୍ଗା ଫାଉଣ୍ଡେଶନ ଅଧ୍ୟକ୍ଷା ଗିରଫ

## ୨୨ଲକ୍ଷ ଠକେଇ ମାମଲା

## ନନ୍ଦିପଦା ପୋଲିସ ସହାୟତାରେ ଗିରଫ କଲା ଖଣ୍ଡଗିରି ପୋଲିସ

ହାଟଡିହୀ, ୧୪।୨(ଶୁଭକାନ୍ତ ନାୟକ)

ଏକ ଠକେଇ ମାମଲାରେ ଜୟଦୁର୍ଗା ଫାଉଣ୍ଡେଶନର ଅଧ୍ୟକ୍ଷା ସୁରେଶ୍ୱରୀ ସାଗରିକା ଜେନା ଶନିବାର ଗିରଫ ହୋଇଛନ୍ତି। କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅନ୍ତର୍ଗତ ହାଟଡିହୀ ବ୍ଲକ ଜଲକଲଙ୍ଗ ଗ୍ରାମର ସୁରେଶ୍ୱରୀ ସାଗରିକାଙ୍କୁ ସ୍ଥାନୀୟ ପୋଲିସ ସହାୟତାରେ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ପ୍ରଥମେ ଖଣ୍ଡଗିରି ପୋଲିସ ନନ୍ଦିପଦା ଥାନାରେ ପହଞ୍ଚି ସୁରେଶ୍ୱରୀ ସାଗରିକାଙ୍କ ବିଷୟରେ ଆଲୋଚନା କରିଥିଲା। ତତ୍‌ପରେ ସ୍ଥାନୀୟ ପୋଲିସ ସମ୍ପୃକ୍ତ ମହିଳାଙ୍କୁ ତାଙ୍କ ଘରୁ ଧରିଥିଲା। ଗିରଫ ପରେ ନନ୍ଦିପଦା ପୋଲିସ ତାଙ୍କୁ ଖଣ୍ଡଗିରି ପୋଲିସକୁ ହସ୍ତାନ୍ତର କରିଥିଲା। ଏ ସମ୍ପର୍କରେ ନନ୍ଦିପଦା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି କହିଛନ୍ତି, ଏକ ଠକେଇ ମାମଲାରେ ସୁରେଶ୍ୱରୀ ଗିରଫ ହେବା ପରେ ଖଣ୍ଡଗିରି ପୋଲିସକୁ ତାଙ୍କୁ ହସ୍ତାନ୍ତର କରାଯାଇଛି। ଖଣ୍ଡଗିରି ଥାନା ଆଇଆଇସି ଅଭିମନ୍ୟୁ ଦାସ କହିଛନ୍ତି, ୨୨ଲକ୍ଷ ଟଙ୍କା ଠକେଇକୁ ନେଇ ସମ୍ପୃକ୍ତ ମହିଳାଙ୍କ ନାମରେ ଏକ ମାମଲା (ନଂ. ୪୬୫/୨୦୨୫) ରୁଜୁ ହୋଇଛି। ଉକ୍ତ ଅଭିଯୋଗକୁ ଭିତ୍ତିକରି ତାଙ୍କୁ ନନ୍ଦିପଦା ଥାନା ଅଞ୍ଚଳରୁ ଗିରଫ କରାଯାଇଛି।

ସୁରେଶ୍ୱରୀ ଜୟଦୁର୍ଗା ଫାଉଣ୍ଡେଶନ ନାମରେ ଏକ ସଂସ୍ଥା ଗଠନ କରି ଜଣେ ମହିଳା ସାମାଜିକ କର୍ମୀ ଭାବେ ବେଶ୍ ଚର୍ଚ୍ଚାରେ ଥିଲେ। ଉକ୍ତ ସଂସ୍ଥାର ସେ ଅଧ୍ୟକ୍ଷା ଅଟନ୍ତି। ସେ ଗିରଫ ହେବା ପରେ ସ୍ଥାନୀୟ ଅଞ୍ଚଳରେ ସାମାଜିକ କାର୍ଯ୍ୟ ନାମରେ ଏପରି ଠକେଇ ଲଜ୍ଜାଜନକ ଘଟଣା ବୋଲି ଚର୍ଚ୍ଚାର ବିଷୟ ପାଲଟିଛି।

# କୁରାଢ଼ିରେ ହାଣି ସ୍ତ୍ରୀଙ୍କୁ ହତ୍ୟା

ଯୋଡ଼ା,୧୪।୨(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅଧୀନ ବ୍ରାହ୍ମଣୀଡିହା ଗ୍ରାମରେ ଚରିତ୍ର ସନ୍ଦେହରେ ସ୍ତ୍ରୀଙ୍କୁ କୁରାଢ଼ିରେ ହାଣି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୩୪/୨୬) ରୁଜୁ କରି ଅଭିଯୁକ୍ତ ଗୋବିନ୍ଦ ମୁଣ୍ଡାଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। ମୃତ ମହିଳା ହେଲେ ରଜନୀ ମୁଣ୍ଡା (୨୮)। ରଜନୀଙ୍କ ଚରିତ୍ରକୁ ନେଇ ଗୋବିନ୍ଦ ସନ୍ଦେହ କରି ଆସୁଥିଲେ। ଶୁକ୍ରବାର ସନ୍ଧ୍ୟାରେ ସ୍ତ୍ରୀ ସ୍ୱାମୀଙ୍କ ମଧ୍ୟରେ ବଚସାରୁ ଝଗଡ଼ା ଉଗ୍ରରୂପ ନେଇଥିଲା। ଏଥିରେ ଗୋବିନ୍ଦ ଉତ୍ତ୍ୟକ୍ତ ହୋଇ ଏକ କୁରାଢ଼ିରେ ରଜନୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସାମାନ୍ୟ ବଚସାକୁ ନେଇ ହତ୍ୟା, ଅଭିଯୁକ୍ତ ଗିରଫ

ବୋରିଗୁମ୍ମା, ୧୪।୨(ବିଜୟ କୁମାର ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଚାଲାଣଗୁଡ଼ାରେ ସାମାନ୍ୟ ବଚସାକୁ ନେଇ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଶନିବାର ଅଭିଯୋଗ ହୋଇଛି। ମୃତକ ହେଲେ ଚାଲାଣଗୁଡ଼ାର ରେହେମାନ ଖାନ (୨୨)।

ପୋଲିସ ସୂତ୍ରରୁ ପ୍ରକାଶ, ଶୁକ୍ରବାର ସନ୍ଧ୍ୟା ୬ଟା୩୦ରେ ରେହେମାନ ଖାନ, ଚାଲାଣଗୁଡ଼ା ଜାତୀୟ ରାଜପଥ ୬୩ ପାର୍ଶ୍ୱର ଥିବା ଆଦର୍ଶ ବିଷୋୟୀଙ୍କ ଦୋକାନକୁ ଯାଇଥିଲେ। କୌଣସି କାରଣ ନେଇ ରେହେମାନ ଓ ଆଦର୍ଶଙ୍କ ମଧ୍ୟରେ ବଚସା ହୋଇଥିଲା। ଆଦର୍ଶ ରାଗିଯାଇ ପାଖରେ ଥିବା କ୍ରିକେଟ ବ୍ୟାଟ୍‌ରେ ରେହେମାନଙ୍କୁ ବାଡ଼େଇଥିଲେ। ରେହେମାନ ଗୁରୁତର ହୋଇ ପାଖରେ ଥିବା ଏକ ଖାଲରେ ପଡ଼ିଯାଇଥିଲେ। ଘଟଣା ସମ୍ପର୍କରେ ଇନ୍ନୁସ୍ ଖାଁ ଓ ସମିଉଲ୍ଲା ଖାଁ ରେହେମାନଙ୍କ ମାଆ ନଜ୍‌ମା ବେଗମଙ୍କୁ ଜଣାଇଥିଲେ। ତୁରନ୍ତ ନଜ୍‌ମା ଘଟଣାସ୍ଥଳରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ରେହେମାନଙ୍କୁ ଉଦ୍ଧାରକରି ବୋରିଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ରେହେମାନଙ୍କ ମା' ଘଟଣା ସମ୍ପର୍କରେ ବୋରିଗୁମ୍ମା ଥାନାରେ ଏତଲା ଦେଇଥିଲେ। ପୋଲିସ ଅଭିଯୁକ୍ତ ଆଦର୍ଶଙ୍କୁ ଗିରଫ କରିଛି। ଶନିବାର କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳକୁ ଯାଇ ତଦନ୍ତକରି ଫେରିଛନ୍ତି। ପୋଲିସ କେସ୍ ନଂ. ୩୪/ ୨୬ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ତଦନ୍ତକାରୀ ଅଧିକାରୀ ରାମାନନ୍ଦ ସାହୁ ସୂଚନା ଦେଇଛନ୍ତି।

## Business

# ୧୦,୦୦୦ କୋଟିର ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ ଅଫ୍ ଫଣ୍ଡସ୍ ୨.୦ ଅନୁମୋଦିତ

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଭାରତର ବର୍ଦ୍ଧିତ ଷ୍ଟାର୍ଟଅପ୍ ଇକୋସିଷ୍ଟମକୁ ଏକ ପ୍ରମୁଖ ପ୍ରୋତ୍ସାହନ ସ୍ୱରୂପ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଷ୍ଟାର୍ଟଅପ ଇଣ୍ଡିଆ ଫଣ୍ଡ ଅଫ ଫଣ୍ଡ୍ସ ୨.୦ (ଷ୍ଟାର୍ଟଅପ ଇଣ୍ଡିଆ ଏଫ୍‌ଓଏଫ୍ ୨.୦) ପ୍ରତିଷ୍ଠାକୁ ଅନୁମୋଦନ କରିଛି। ଦେଶର ଷ୍ଟାର୍ଟଅପ ଇକୋସିଷ୍ଟମ ପାଇଁ ଭେଞ୍ଚର କ୍ୟାପିଟାଲ ସଂଗ୍ରହ କରିବା ପାଇଁ ଏଥିରେ ମୋଟ ୧୦,୦୦୦ କୋଟି ଟଙ୍କାର ପାଣ୍ଠି ଆବଣ୍ଟନ କରାଯାଇଛି। ଦୀର୍ଘକାଳୀନ ଘରୋଇ ପୁଞ୍ଜି ସଂଗ୍ରହ, ଭେଞ୍ଚର କ୍ୟାପିଟାଲ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ସାରା ଦେଶରେ ନବୋନ୍ମେଷ ଆଧାରିତ ଉଦ୍ୟୋଗକୁ ସମର୍ଥନକରି ଭାରତର ଷ୍ଟାର୍ଟଅପ ଯାତ୍ରାର ପରବର୍ତ୍ତୀ ପର୍ଯ୍ୟାୟକୁ ତ୍ୱରାନ୍ୱିତ କରିବା ଏହି ଯୋଜନାର ଲକ୍ଷ୍ୟ ରହିଛି। ୨୦୧୬ରେ ଷ୍ଟାର୍ଟଅପ ଇଣ୍ଡିଆ ଆରମ୍ଭ ହେବା ପରଠାରୁ ଭାରତର ଷ୍ଟାର୍ଟଅପ ଇକୋସିଷ୍ଟମରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି। ଏହା ୫୦୦ରୁ କମ୍ ଷ୍ଟାର୍ଟଅପରୁ ବୃଦ୍ଧି ପାଇ ଆଜି ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ୨ ଲକ୍ଷରୁ ଅଧିକ ଷ୍ଟାର୍ଟଅପ୍‌ରେ ପହଞ୍ଚିଛି । ୨୦୨୫ରେ ସର୍ବାଧିକ ଷ୍ଟାର୍ଟଅପ୍ ପଞ୍ଜୀକରଣ ହୋଇଛି। ଏଫ୍‌ଏଫ୍‌ଏସ୍ ୧.୦ ଅନ୍ତର୍ଗତ, ୧୦,୦୦୦ କୋଟି ଟଙ୍କାର ସମ୍ପୂର୍ଣ୍ଣ କର୍ପସ ୧୪୫ ବିକଳ୍ପ ନିବେଶ ପାଣ୍ଠି (ଏଆଇଏଫ୍)କୁ ଆବଣ୍ଟିତ କରାଯାଇଥିଲା। ଏହି ସମର୍ଥିତ ଏଆଇଏଫ୍ କୃଷି, କୃତ୍ରିମ ବୁଦ୍ଧିମତ୍ତା, ରୋବୋଟିକ୍ସ, ଅଟୋମୋଟିଭ, କ୍ଲିନ୍ ଟେକ୍, ଉପଭୋକ୍ତା ସାମଗ୍ରୀ ଏବଂ ସେବା, ଇ-କମର୍ସ, ଶିକ୍ଷା, ଫିନ୍‌ଟେକ୍, ଖାଦ୍ୟ ଓ ପାନୀୟ, ସ୍ୱାସ୍ଥ୍ୟସେବା, ଉତ୍ପାଦନ, ମହାକାଶ ପ୍ରଯୁକ୍ତିବିଦ୍ୟା ଏବଂ ବାୟୋଟେକ୍ନୋଲୋଜି ଭଳି କ୍ଷେତ୍ରରେ ଦେଶବ୍ୟାପୀ ୧,୩୭୦ରୁ ଅଧିକ ଷ୍ଟାର୍ଟଅପ୍ସରେ ୨୫,୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛନ୍ତି। ଷ୍ଟାର୍ଟଅପ୍ ଇଣ୍ଡିଆ ଏଫ୍‌ଓଏଫ୍ ୨.୦ ଭାରତୀୟ ନବସୃଜନକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ ଡିଜାଇନ କରାଯାଇଛି। ଏହା ଧୈର୍ଯ୍ୟଶୀଳ ଏବଂ ଦୀର୍ଘକାଳୀନ ପୁଞ୍ଜି ଆବଶ୍ୟକ କରୁଥିବା ଉଚ୍ଚ ପ୍ରଯୁକ୍ତି କ୍ଷେତ୍ରଗୁଡ଼ିକରେ ସଫଳତାକୁ ପ୍ରାଥମିକତା ଦେବା ସହ ନୂତନ ଏବଂ ଅଭିନବ ଚିନ୍ତାଧାରା ପାଇଁ ଏକ ସୁରକ୍ଷା ଜାଲ ପ୍ରଦାନ କରିବା, ପାଣ୍ଠି ଅଭାବରୁ ପ୍ରାରମ୍ଭିକ ବିଫଳତାକୁ ହ୍ରାସ କରିବ। ସେହିପରି ପ୍ରମୁଖ ମହାନଗରଗୁଡ଼ିକ ବାହାରେ ନିବେଶକୁ ଉତ୍ସାହିତ କରିବା ଫଳରେ ନବସୃଜନ ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିପାରିବ।

# ବେଦାନ୍ତ ଆଲୁମିନିୟମ ଦକ୍ଷତା ତାଲିମ କେନ୍ଦ୍ରର ସଫଳତା

## ଶତ ପ୍ରତିଶତ ତାଲିମପ୍ରାପ୍ତଙ୍କୁ ମିଳିଲା ନିଯୁକ୍ତି



ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ବେଦାନ୍ତ ଆଲୁମିନିୟମ ପକ୍ଷରୁ କଳାହାଣ୍ଡିର ଲାଞ୍ଜିଗଡ଼ ଦକ୍ଷତା ତାଲିମ କେନ୍ଦ୍ରର ୨୭ତମ ବ୍ୟାଚ୍ ୧୦୦% ନିଯୁକ୍ତି ହାସଲ କରିଛନ୍ତି। ଏହି ବ୍ୟାଚ୍‌ରେ ୭ଜଣ ଦିବ୍ୟାଙ୍ଗ ପ୍ରାର୍ଥୀ ଥିଲେ। ସେହି ସମସ୍ତ ପ୍ରାର୍ଥୀଙ୍କୁ ବିମାନ ଚଳାଚଳ ସେବା ଓ ଆତିଥେୟତା ଉଦ୍ୟୋଗର ବିଭିନ୍ନ ଅଗ୍ରଣୀ କମ୍ପାନୀରେ ନିଯୁକ୍ତି ସୁଯୋଗ ମିଳିଛି। ଏହି ପ୍ରାର୍ଥୀମାନେ ଇଣ୍ଡିଗୋ, କ୍ଲବ୍ ମହିନ୍ଦ୍ରା, ବେଲ୍‌ଜିଆନ୍‌ୱାଫଲ, ମିନର୍ଭାଗ୍ରାଣ୍ଡ, ଏଭିଏନ୍ ଗ୍ରୁପ୍, ଶ୍ରୀନେଚର ଭ୍ୟାଲି ଓ ଗଲ୍ଫ କ୍ଲବ୍ ଭଳି କମ୍ପାନୀରେ ଯୋଗଦେଇଛନ୍ତି। ସ୍ଥାୟୀ ଜୀବିକା ସୃଷ୍ଟି, ତୃଣମୂଳ ଅର୍ଥନୈତିକ ବିକାଶକୁ ସୁଦୃଢ଼କରିବା ଓ ବିକଶିତ ଭାରତର ଜାତୀୟ ଏଜେଣ୍ଡାକୁ ସମର୍ଥନକରିବା ପାଇଁ କମ୍ପାନୀର ରହିଥିବା ଦୀର୍ଘକାଳୀନ ଲକ୍ଷ୍ୟର ଅଂଶ ସ୍ୱରୂପ ଏହି କାର୍ଯ୍ୟକ୍ରମକୁ ଓଏସ୍‌ଡିଏ ଓ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ସହଯୋଗିତାରେ ଭବାନୀପାଟଣା ଓ ଲାଞ୍ଜିଗଡ଼ରେ ଆୟୋଜନ କରାଯାଉଛି। ଏହି ଅଭିଯାନ ସମ୍ପର୍କରେ ବେଦାନ୍ତ ଆଲୁମିନା ବିଜ୍‌ନେସ୍‌ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ତାଲିମ କେନ୍ଦ୍ରରୁ ମୁଖ୍ୟଧାରା କାର୍ଯ୍ୟକ୍ଷେତ୍ର ପର୍ଯ୍ୟନ୍ତ ରୂପାନ୍ତରିତ ହେବାରେ ସକ୍ଷମକରି ଆମେ ଦର୍ଶାଇଛୁ ଯେ ସମାବେଶୀ ନିଯୁକ୍ତି ପ୍ରଦାନ କେବଳ ଏକ ସାମାଜିକ ଅଭିଯାନ ନୁହେଁ, ବରଂ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷେତ୍ର ଆବଶ୍ୟକତା। ଏହି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅଧୀନରେ ୩ ବର୍ଷରେ ୧୩୦୦ରୁ ଅଧିକ ଗ୍ରାମୀଣ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରିବା ଲକ୍ଷ୍ୟ ରଖାଯାଇଛି।

# ୨୬କୋଟି ଟଙ୍କାର ଋଣ ବଣ୍ଟନ




## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମେଗା କୃଷିଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ସାରା ଦେଶରେ ମେଗା କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ମଧ୍ୟ ଏକ କୃଷି ଋଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ କଟକ ଜଗତ୍‌ପୁରର ପୀରବଜାରସ୍ଥିତ ଅମ୍ବିକା କନ୍‌ଭେନ୍‌ସନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଥିଲା ଏବଂ ୨୬କୋଟି ଟଙ୍କାର ଋଣ ବଣ୍ଟନ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ଉପ କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର ଏବଂ ମୁଖ୍ୟ ପ୍ରବନ୍ଧକ ମୁକୁନ୍ଦ କୁମାର କର୍ଣ୍ଣ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ସ୍ଥାନୀୟ ଗ୍ରାହକମାନେ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କ ଋଣ ଆବଶ୍ୟକତା ପୂରଣକରିବା ପାଇଁ ସେଣ୍ଟ୍‌ନାରି ଶକ୍ତି ସମେତ ବିଭିନ୍ନ କୃଷି ଏବଂ ମହିଳା କୈନ୍ଦ୍ରିକ ଆର୍ଥିକ ଉତ୍ପାଦ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଗ୍ରାମୀଣ ଗ୍ରାହକମାନଙ୍କ ମଧ୍ୟରେ ଆର୍ଥିକ ସୁରକ୍ଷା ଓ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତକରିବା ନିମନ୍ତେ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା।

# ସିଏନ୍‌ଜି ପ୍ରଚାରପ୍ରସାର ପାଇଁ ରାଲି

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ଗେଲ୍ (ଇଣ୍ଡିଆ) ଲିମିଟେଡ୍ ପକ୍ଷରୁ ନ୍ୟାଶନାଲ ସିଏନ୍‌ଜି ଡ୍ରାଇଭ ୨.୦ ଅଧୀନରେ ଭୁବନେଶ୍ୱରରେ ଏକ କମ୍ପ୍ରେସ୍‌ଡ ନାଚୁରାଲ ଗ୍ୟାସ୍ (ସିଏନ୍‌ଜି)ର ପ୍ରଚାରପ୍ରସାର କରାଯାଇଛି। ଏହି କାର୍ଯ୍ୟକ୍ରମର ଅଂଶ ଭାବେ ଭୁବନେଶ୍ୱର-କଟକ-ଭୁବନେଶ୍ୱର ରୁଟ୍‌କୁ କଭର କରୁଥିବା ଏକ ରାଲିରେ ପ୍ରାୟ ୫୦ଟି ସିଏନ୍‌ଜି ଯାନ ଅଂଶଗ୍ରହଣ କରିଥିଲେ। ରାଲି ସମୟରେ ପ୍ରକୃତ ଅନ୍-ରୋଡ୍ ପ୍ରଦର୍ଶନକୁ ମୂଲ୍ୟାୟନ କରିବା ପାଇଁ ଯାନଗୁଡ଼ିକର ମାଇଲେଜକୁ ଭଲ ଭାବରେ ତଦାରଖ କରାଯାଇଥିଲା ଏବଂ ସର୍ବାଧିକ ମାଇଲେଜ ହାସଲ କରିଥିବା ୩ ଜଣ ଡ୍ରାଇଭରଙ୍କୁ କାର୍ଯ୍ୟକ୍ରମ ଶେଷରେ ସମ୍ମାନିତ କରାଯାଇଛି। ସିଏନ୍‌ଜି ପରିଚାଳିତ ଟୁର୍ ଭାରିଆଣ୍ଟ ଯାନ ପ୍ରତି କିଲୋଗ୍ରାମ ପିଛା ୩୫ କିଲୋମିଟରରୁ ଅଧିକ ମାଇଲେଜ ପ୍ରଦାନ କରିପାରୁଛନ୍ତି ବୋଲି ପ୍ରଦର୍ଶିତ କରିବା ଏହି ରାଲିର ଉଦ୍ଦେଶ୍ୟ ରହିଥିଲା। ମାତ୍ର ରାଲିରେ ଶୀର୍ଷ ପ୍ରଦର୍ଶନକାରୀ ଚାଳକମାନେ ପ୍ରତି କିଲୋଗ୍ରାମ ସିଏନ୍‌ଜି ପିଛା ପ୍ରାୟ ୪୦ କିଲୋମିଟରର ମାଇଲେଜ ରେକର୍ଡ କରିଥିଲେ।

# ସ୍ୱସ୍ତିକ ଟିଭିଏସ୍ ପକ୍ଷରୁ ଟିଭିଏସ୍ ଅର୍ବିଟରର ଅନାବରଣ


ଭୁବନେଶ୍ୱର, ୧୪।୨(ଅନୁରାଧା ମହାରଣା)



କଟକସ୍ଥିତ ସ୍ୱସ୍ତିକ ଟିଭିଏସ୍ ପକ୍ଷରୁ ଶନିବାର ନୂଆ ଟିଭିଏସ୍ ଅର୍ବିଟର ଅନାବରଣ କରାଯାଇଛି। ସହରୀ ଯାତାୟାତକୁ ସହଜ ଏବଂ ପରିବେଶ ଅନୁକୂଳ କରିବା ପାଇଁ ଏହି ସ୍କୁଟରେ ଅନେକ ଆଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରାଯାଇଛି। ଏହା ଥରେ ଚାର୍ଜ ହେଲେ ୧୫୮ କିଲୋମିଟର ପର୍ଯ୍ୟନ୍ତ ଯାତ୍ରା କରିପାରିବ। ଏହାର ୧୪ ଇଞ୍ଚର ଆଗ ଚକ ରାସ୍ତାରେ ଉତ୍ତମ ସନ୍ତୁଳନ ଏବଂ ସୁରକ୍ଷା ପ୍ରଦାନ କରେ। ୩୪ ଲିଟରର ବଡ଼ ବୁଟ୍‌ସ୍ପେସ୍ ଏଥିରେ ୨ଟି ହେଲ୍‌ମେଟ୍ ରଖାଯାଇପାରିବ। କ୍ରୁଜ୍ କଣ୍ଟ୍ରୋଲ, ହିଲ୍ ହୋଲ୍ଡ ଆସିଷ୍ଟ ଏବଂ ସ୍ମାର୍ଟଫୋନ୍ କନେକ୍ଟିଭିଟି ଭଳି ପ୍ରିମିୟମ୍ ଫିଚର୍ସ ଏଥିରେ ଉପଲବ୍ଧ। ଏହାର ମୂଲ୍ୟ ୧,୦୪,୯୦୦(ଏକ୍ସ ଶୋ' ରୁମ୍) ରହିଛି। ଅନାବରଣ କାର୍ଯ୍ୟକ୍ରମରେ ସ୍ୱସ୍ତିକ ଟିଭିଏସ୍‌ର ଏମ୍‌ଡି ପରମେଶ୍ୱର କଓ୍ୱାଟିଆ, ଦିନେଶ କଓ୍ୱାଟିଆ, ରିଜିଓନାଲ ଟ୍ରେନିଂ ମ୍ୟାନେଜର ମଜିଦ୍ ଖାନ୍, ଓଡ଼ିଶା ଟିଭିଏସ୍‌ର ଇଭି ସେଲସ୍‌ର ରଶ୍ମିରଞ୍ଜନ ଦାସ, ଟେରିଟୋରି ସେଲ୍‌ସ ମ୍ୟାନେଜର ବାର୍ବି ବୈଶ୍ୟ ଓ ଓଡ଼ିଶା ଟିଭିଏସ୍‌ର ଡିଲର ଲିଡ୍ ଦିବ୍ୟଜ୍ୟୋତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ବାର୍ଷିକ ସେଲ୍

ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)




ଖିମ୍‌ଜୀ ଜୁଏଲର୍ସର ଭୁବନେଶ୍ୱର ଶହୀଦନଗରସ୍ଥିତ ଫ୍ଲାଗ୍‌ଶିପ୍ ଷ୍ଟୋରର ବାର୍ଷିକ ସେଲ୍ ସହ ସୀମିତ ସମୟ ଅଫର ଘୋଷଣା କରାଯାଇଛି। ଶନିବାରଠାରୁ ଆରମ୍ଭହୋଇଥିବା ଏହି ସେଲ୍ ଫେବୃଆରୀ ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଗ୍ରାହକମାନେ ସୁନା ଓ ହୀରାଗହଣା ଉଭୟର ଗଢ଼ା ମଜୁରିରେ ଫ୍ଲାଟ୍ ୪୫% ରିହାତି ପାଇପାରିବେ। ଏହାବ୍ୟତୀତ ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ ଓଡ଼ିଶାରେ ଥିବା ସମସ୍ତ ଶୋ'ରୁମ୍‌ରେ ବ୍ୟାପକ ରିହାତି ପ୍ରଦାନ କରାଯାଉଛି। ଏହି ଅଫର ୯୦ ବର୍ଷର କାରିଗରି ପ୍ରତି ଏକ ସମ୍ମାନ ଜଣାଉଥିବା ଷ୍ଟୋର ପକ୍ଷରୁ କୁହାଯାଇଛି। ସୁନ୍ଦର, ଯତ୍ନର ସହ ନିର୍ମିତ ଡିଜାଇନଗୁଡ଼ିକୁ ପୂର୍ବାପେକ୍ଷା ଆହୁରି ସହଜରେ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ଖିମ୍‌ଜୀ ଉଦ୍ୟମ କରୁଛି। ହୀରା ନେକ୍‌ଲେସ୍‌ଠାରୁ ଆରମ୍ଭକରି ସୂକ୍ଷ୍ମଭାବେ ଡିଜାଇନ କରାଯାଇଥିବା ବ୍ରାଇଡାଲ୍ ସେଟ୍ ପର୍ଯ୍ୟନ୍ତ ଆଗକୁ ବଢ଼ିଯାଇଥିବା ଏକ ପରମ୍ପରା ପାଇଁ ପରିଚିତ ଖିମ୍‌ଜୀ ଜୁଏଲର୍ସ ସୁନା ମାନଦଣ୍ଡ ନିର୍ଦ୍ଧାରଣ ଜାରି ରଖିଛି। ରାଜ୍ୟରେ ବର୍ତ୍ତମାନ ୧୧ଟି ଶୋ'ରୁମ୍ ଓ ଆଗକୁ ଶୁଭାରମ୍ଭ ହେବାକୁ ଯାଉଥିବା ୪ଟି ଶୋ'ରୁମ୍ ସହ ଏହି ବ୍ରାଣ୍ଡ୍ ଏହାର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବାକୁ ଯୋଜନା ରଖିଛି।



କଲମ୍ବୋର ପ୍ରେମଦାସା ଷ୍ଟାଡିୟମରେ ଶନିବାର ଫୁଟ୍‌ବଲ ଖେଳି ଭାରତୀୟ କ୍ରିକେଟ ଦଳର ଅଭ୍ୟାସ।

# ହ୍ୟାଣ୍ଡଶେକ୍ ପ୍ରସଙ୍ଗକୁ ଏଡ଼ାଇଲେ ଉଭୟ ଅଧିନାୟକ

ରବିବାର କଲମ୍ବୋରେ ହେବାକୁ ଥିବା ହାଇଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଜବରଦସ୍ତ ମୁକାବିଲା ହେବ। କିନ୍ତୁ ମ୍ୟାଚ୍ ପୂର୍ବରୁ ଟସ୍ ବେଳେ ଦୁଇ ଦଳର ଖେଳାଳି ହାତ ମିଳାଇବେ କି ନାହିଁ, ତାହାକୁ ଉଭୟ ଦଳର ଅଧିନାୟକ ସଲମାନ ଆଘା ଏବଂ ସୂର୍ଯ୍ୟକୁମାର ଯାଦବ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏଡ଼ାଇ ଯାଇଛନ୍ତି।

## ଇତିହାସରୁ ଶିକ୍ଷା କରିଛୁ: ସଲମାନ

**କଲମ୍ବୋ,୧୪।୨(ପି.ଟି.)**

ଆମେ ହାତ ମିଳାଇବୁ କି ନାହିଁ, ତାହା ମ୍ୟାଚ୍ ପୂର୍ବରୁ ଜଣାପଡ଼ିବ। କ୍ରିକେଟ ଉଚିତ ଭାବନା ସହ ଖେଳାଯିବା ଦରକାର। ହେଲେ ମୋ ବ୍ୟକ୍ତିଗତ ମତାମତ ମାନେ ରଖେ ନାହିଁ। ମାତ୍ର କ୍ରିକେଟ ସେଭଳି ଖେଳାଯିବା ଉଚିତ, ଯେଉଁଭଳି ଏହା ଖେଳାଯାଇ ଆସୁଛି। ଏହା ସେମାନଙ୍କ ଉପରେ ସେମାନେ କ'ଣ ନିଷ୍ପତ୍ତି ନେଉଛନ୍ତି ବୋଲି ସଲମାନ କହିଛନ୍ତି। ବିଶ୍ୱକପ୍‌ରେ ଭାରତ ବିପକ୍ଷ ରେକର୍ଡ ସମ୍ପର୍କରେ ସେ କହିଛନ୍ତି, ଆମ ରେକର୍ଡ ଭଲ ନାହିଁ। କିନ୍ତୁ ଯେତେବେଳେ ଏକ ନୂଆ ମ୍ୟାଚ୍ ଖେଳାଯାଏ, ସେହି ଦିନ ଭଲ ଖେଳିଥିବା ଦଳ ହିଁ ଜିତେ। ମ୍ୟାଚ୍ ଜିତିବା ପାଇଁ ଭଲ କ୍ରିକେଟ ଖେଳିବାକୁ ପଡ଼ିବ। ଆମେ ଇତିହାସ ବଦଳି ପାରିବୁ ନାହିଁ। ଆମେ ସେଥିରୁ ଶିକ୍ଷା ନେଇଛୁ। ଆମେ ଭାରତ ବିପକ୍ଷରେ ଭଲ ପ୍ରଦର୍ଶନ କରି ମ୍ୟାଚ୍ ଜିତିବୁ। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଅଗଷ୍ଟରେ ପହଲଗାମ ଗଣହତ୍ୟା ଓ ପରେ ଭାରତୀୟ ସେନା ଦ୍ୱାରା କରାଯାଇଥିବା ଅପରେଶନ ସିନ୍ଦୂର କାରଣରୁ ଦୁବାଇରେ ଅନୁଷ୍ଠିତ ଏସିଆ କପ୍‌ରେ ଭାରତୀୟ ଖେଳାଳିମାନେ ପ୍ରତିପକ୍ଷ ପାକିସ୍ତାନ ଖେଳାଳିଙ୍କ ସହ ହାତ ମିଳାଇ ନ ଥିଲେ।

### ତାରିକ ଆମ ଟ୍ରମ୍ପ କାର୍ଡ

ବୋଲିଂ କଲାବେଳେ ଉଇକେଟ ପାଖରେ ରହିକି ସ୍ଲିଙ୍ଗ ଆକ୍ସନ ସହିତ ବୋଲିଂ କରୁଥିବା ଉସ୍ମାନ ତାରିକ ଭାରତ ବିପକ୍ଷ ମ୍ୟାଚ୍‌ରେ ପାକିସ୍ତାନ ପାଇଁ ଜଣେ ଟ୍ରମ୍ପ କାର୍ଡ। ଆର୍ ପ୍ରେମଦାସ ତାରକା ଖଚିତ ଭାରତୀୟ ଦଳ ପାଇଁ ଷ୍ଟାଡିୟମର ଧୀମା ପିଚ୍‌ରେ ତାରିକ ଡବଲ ବିପଜ୍ଜନକ ହୋଇପାରନ୍ତି।

ଉସ୍ମାନ ଆମ ଦଳର ୧୫ ଖେଳାଳିଙ୍କ ମଧ୍ୟରୁ ଜଣେ। ଆମେ ତାଙ୍କୁ ସେହିଭଳି ବ୍ୟବହାର କରୁ। କେବଳ ତୁମେମାନେ ହିଁ ତାଙ୍କୁ ବଡ଼ ଖେଳାଳି କରି ଦେଇଛ। ସେ ଗତ କିଛି ମାସ ହେଲା ଖୁବ୍ ଭଲ ବୋଲିଂ କରୁଛନ୍ତି। ସେ ଲିଗ୍ କ୍ରିକେଟରେ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ହଁ ସେ ଆମ ପାଇଁ ଟ୍ରମ୍ପ କାର୍ଡ ବୋଲି ପାକିସ୍ତାନ ସଲମାନ କହିଛନ୍ତି। ତାଙ୍କ ବୋଲିଂ ଆକ୍ସନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ତାରିକ କ୍ରିକେଟ ଖେଳିବା ଆରମ୍ଭ କରିବା ଦିନଠାରୁ ତାଙ୍କ ବୋଲିଂ ଆକ୍ସନକୁ ନେଇ ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ଏଣୁ ସେ ଏବେ ଏହାକୁ ଖାତିର କରୁ ନାହାନ୍ତି। ଗତ ବର୍ଷ ଦୁଇ ଥର ତାଙ୍କ ବୋଲିଂ ଆକ୍ସନକୁ ଆଇସିସି କ୍ଲିଅର କରିଥିଲା। ଆଇସିସି ତାଙ୍କୁ ଯାହା କରିବାକୁ କହିଥିଲା ଏବଂ ଇଣ୍ଟରନ୍ୟାଶନାଲ କ୍ରିକେଟରେ ବୋଲିଂ କରିବା ପାଇଁ ଯାହା ଦରକାର, ସେ କରିଥିଲେ। ଏଣୁ ମୋତେ ଜଣା ନାହିଁ, ତାଙ୍କ ବୋଲିଂ ଆକ୍ସନକୁ ନେଇ ଲୋକେ ଏତେ ଚର୍ଚ୍ଚା କାହିଁ କରୁଛନ୍ତି। ମୋ ମତରେ ମ୍ୟାଚ୍‌ରେ ସ୍ପିନର ପ୍ରଭାବ ବିସ୍ତାର କରିପାରନ୍ତି। କିନ୍ତୁ ମୋ ମତରେ ପେସରଙ୍କ ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହେବ। ଆମ ପାଖରେ ଅନେକ ସ୍ପିନର ଓ ପେସର ରହିଛନ୍ତି, ଦରକାର ସମୟରେ ବ୍ୟବହାର କରିବୁ।

## ତାରିକ ସିଲାବସ୍ ବାହାର ପ୍ରଶ୍ନ

ଟୁର୍ନାମେଣ୍ଟର ପ୍ରଥମ ଦୁଇ ମ୍ୟାଚ୍‌ରେ ଭାରତୀୟ ବ୍ୟାଟିଂ ଲାଇନ୍ ବିଫଳ ହୋଇଥିବା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସ୍ୱୀକାର କରିବା ସହ ପାକିସ୍ତାନର ଉସ୍ମାନ ତାରିକଙ୍କୁ ପରୀକ୍ଷାରେ ପଡ଼ିଥିବା ସିଲାବସ ବାହାର ପ୍ରଶ୍ନ ବୋଲି କହିଛନ୍ତି।

"ବେଳେବେଳେ ପରୀକ୍ଷାରେ ସିଲାବସ ବାହାର ପ୍ରଶ୍ନ ଆସିଥାଏ। କିନ୍ତୁ ଆମେ ତାହାକୁ ଛାଡ଼ିପାରିବା ନାହିଁ। ସେହି ପ୍ରଶ୍ନ ସହ ମୁକାବିଲା କରିବା ପାଇଁ ତୁମକୁ ନିଜେ ବାଟ ବାଛିବାକୁ ପଡ଼ିବ। ସେ ଜଣେ ଭିନ୍ନ ବୋଲର। କିନ୍ତୁ ଆମେ ତାଙ୍କ ନିକଟରେ ଆତ୍ମସମର୍ପଣ କରିପାରିବୁ ନାହିଁ। ଆମେ ତାଙ୍କର ସମ୍ମୁଖୀନ ପ୍ରସ୍ତୁତ ହେବା ପାଇଁ ସମାନ ଷ୍ଟାଇଲରେ ବୋଲିଂ କରୁଥିବା ବୋଲରଙ୍କ ସହ ପ୍ରାକ୍ଟିସ କରୁଛୁ" ବୋଲି ସୂର୍ଯ୍ୟକୁମାର କହିଛନ୍ତି। ଚଳିତ ଟୁର୍ନାମେଣ୍ଟରେ ଭାରତୀୟ ଦଳର ପ୍ରଦର୍ଶନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଆମ ବ୍ୟାଟିଂ ଲାଇନ୍ ଏପର୍ଯ୍ୟନ୍ତ ଭଲ ପ୍ରଦର୍ଶନ କରିପାରି ନାହିଁ।



ସୂର୍ଯ୍ୟକୁମାର ଯାଦବ

ଏଥିଲାଗି କୌଣସି ବାହାନା ଦେଲେ ହେବ ନାହିଁ। କିନ୍ତୁ ଆମେ ଅଧିକ ଶକ୍ତିଶାଳୀ ହୋଇ ଫେରିଛୁ। ଏଣୁ ଏହା ଟି୨୦ କ୍ରିକେଟର ସୌନ୍ଦର୍ଯ୍ୟ। ମୋ ମତରେ ପ୍ରତ୍ୟେକ ମ୍ୟାଚ୍‌ରେ ଜଣେ କିମ୍ବା ଦୁଇ ବ୍ୟାଟର ଆମକୁ ମ୍ୟାଚ୍ ଜିତାଉଛନ୍ତି।

### ପାକିସ୍ତାନ ଫାଇଦାରେ ଅଛି

ଚଳିତ ଟି୨୦ ବିଶ୍ୱକପ୍ ହାଇବ୍ରିଡ ମଡେଲରେ ହେଉଥିବାରୁ ପାକିସ୍ତାନ ତା'ର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳୁଛି। ପାକିସ୍ତାନ ଦଳ ତା'ର ପ୍ରତ୍ୟେକ ମ୍ୟାଚ୍ ଆର ପ୍ରେମଦାସା ଷ୍ଟାଡିୟମରେ ଖେଳିଛି। ଗୋଟିଏ ଭେନ୍ୟୁରେ ସମସ୍ତ ମ୍ୟାଚ୍ ଖେଳିବା ଯୋଗୁ ପାକିସ୍ତାନ ଦଳ ଫାଇଦାରେ ରହିବ ବୋଲି ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର କହିଛନ୍ତି। ସେମାନଙ୍କୁ ଏଠାରେ ସମସ୍ତ ଖେଳିବା ଫାଇଦା ଦେଉଛି। କିନ୍ତୁ ଆମେ ଏଠାରେ ପୂର୍ବରୁ ଖେଳିଛୁ। ଏଠାକାର ପରିସ୍ଥିତି ବିଷୟରେ ଆମକୁ ଜଣାଅଛି। ପିଚ୍ କେଉଁ ଭଳି ବ୍ୟବହାର କରିବ, ଆମକୁ ଜଣାଅଛି। ଏଠାକାର ପିଚ୍ କଣ୍ଡିଶନ ଭାରତ ଭଳି। ଏଣୁ ଉଭୟ ଦଳ ଲାଗି ସମାନ ପରିସ୍ଥିତି କହିବା ଭୁଲ୍ ହେବ ନାହିଁ ବୋଲି ଅଧିନାୟକ ସୂର୍ଯ୍ୟକୁମାର କହିଛନ୍ତି।

### ହ୍ୟାଣ୍ଡଶେକ୍‌କୁ ଗୁରୁତ୍ୱ ଦିଅନ୍ତୁ ନାହିଁ

ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ହ୍ୟାଣ୍ଡଶେକ ଉପରେ ଏତେ ଗୁରୁତ୍ୱ କାହିଁକି ଦେଉଛନ୍ତି। ଆମେ କ୍ରିକେଟ ଖେଳିବାକୁ ଆସିଛୁ ଏବଂ ଆମେ ଭଲ କ୍ରିକେଟ ଖେଳିବୁ। ହ୍ୟାଣ୍ଡଶେକ କରିବୁ କି, ସେ ନେଇ ଆମେ ମ୍ୟାଚ୍ ପୂର୍ବରୁ ନିଷ୍ପତ୍ତି ନେବୁ ବୋଲି ସୂର୍ଯ୍ୟ ପ୍ରକାଶ କରିଛନ୍ତି।

# ବଡ଼ ପରଦାରେ ମ୍ୟାଚ୍ ଦେଖା ସହ ଖାଦ୍ୟ, ପାନୀୟ ଅଫର

**ନୂଆଦିଲ୍ଲୀ, ୧୪।୨ (ପି.ଟି.)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ରବିବାର ଭାରତ ଓ ପାକିସ୍ତାନ ପରସ୍ପରକୁ ଭେଟିବେ। ମ୍ୟାଚ୍‌କୁ ଉପଭୋଗ କରିବା ଲାଗି ରାଜଧାନୀ ଦିଲ୍ଲୀରେ ବ୍ୟାପକ ଆୟୋଜନ କରାଯାଇଛି। ଦିଲ୍ଲୀ-ଏନ୍‌ସିଆର୍ (ନ୍ୟାଶନାଲ କ୍ୟାପିଟାଲ ରିଜିଅନ୍)ରେ ରହିଥିବା ରେଷ୍ଟୁରାଣ୍ଟ ଓ ସିନେମା ହଲ୍‌ଗୁଡ଼ିକରେ ମ୍ୟାଚ୍‌ର ସିଧାପ୍ରସାରଣ ବ୍ୟବସ୍ଥା କରାଯାଇଛି। ଖେଳପ୍ରେମୀଙ୍କୁ ଆକୃଷ୍ଟ କରିବା ଲାଗି ବିଭିନ୍ନ ପ୍ରକାର ଖାଦ୍ୟ ଓ ପାନୀୟ ପରିବେଷଣ ସହ ସ୍ୱତନ୍ତ୍ର ଅଫରର ବ୍ୟବସ୍ଥା କରାଯାଇଛି। ମ୍ୟାଚ ପାଇଁ ବିଭିନ୍ନ ମୃଦୁ ପାନୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେଗୁଡ଼ିକର ନାମ ଯଥା 'ହ୍ୟାଟ୍-ଟ୍ରିକ୍', 'ବିୟର ବାଉଣ୍ଡାରି', 'ସିକ୍ସର ସେଭର' ଏବଂ 'ବାଉଣ୍ଡାରି ବିଙ୍ଗେ' ଆଦି ରଖାଯାଇଛି। ଉଭୟ ଶାକାହାରୀ ଓ ମାଂସାହାରୀଙ୍କ ପାଇଁ ସ୍ୱତନ୍ତ୍ର ଖାଦ୍ୟତାଲିକା ପ୍ରସ୍ତୁତ କରାଯାଇଛି। ଜିଓଷ୍ଟାର ଓ ପିଭିଆର ଆଇନକ୍ସ ମଧ୍ୟରେ ଏକ ରଣନୈତିକ ସହଭାଗିତା ହୋଇଛି, ଯଦ୍ୱାରା କିଛି ସିନେମା ହଲ୍‌ରେ ସମସ୍ତ ମ୍ୟାଚ୍‌ର ସିଧା ପ୍ରସାରଣ ହେବ। ଏଥିରେ ଖେଳପ୍ରେମୀମାନେ ବଡ଼ ପରଦାରେ ଷ୍ଟାଡିୟମ ଷ୍ଟାଇଲ କ୍ରିକେଟର ରୋମାଞ୍ଚ ଅନୁଭବ କରିପାରିବେ। ଭାରତ-ପାକିସ୍ତାନ ହାଇ-ଭୋଲ୍‌ଟେଜ ମୁକାବିଲା ପାଇଁ ୫୦ରୁ ଊର୍ଦ୍ଧ୍ୱ ମାର୍କେଟରେ ୩୦୦ ବଡ଼ ପରଦାର ବ୍ୟବସ୍ଥା କରାଯାଇଛି। ଦର୍ଶକଙ୍କ ଚାହିଦା ଅନୁସାରେ ଅତିରିକ୍ତ ପରଦାର ବ୍ୟବସ୍ଥା କରାଯାଇଛି। ଟିକେଟର ସର୍ବନିମ୍ନ ମୂଲ୍ୟ ୯୯ ଟଙ୍କା ରଖାଯାଇଛି। ଭାରତକୁ ନେଇ ମ୍ୟାଚ ସମେତ ବଛାବଛା ଗ୍ରୁପ୍ ମ୍ୟାଚ ପରେ ସୁପର-୮ ଗେମ୍, ପ୍ଲେ-ଅଫ୍, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍‌ଗୁଡ଼ିକୁ ଦର୍ଶକମାନେ ଉପଭୋଗ କରିପାରିବେ। ନୋଭୋଟେଲ ଦିଲ୍ଲୀସ୍ଥିତ କ୍ୱୀଅନ୍ ସ୍ପୋର୍ଟ୍ସ ବାର୍‌ରେ ମ୍ୟାଚ୍‌ର ସିଧା ପ୍ରସାରଣ ଦେଖିବା ସହ ୫,୯୯୯ ଟଙ୍କା, ୪,୯୯୯ ଟଙ୍କା ଓ ୩,୪୯୯ ଟଙ୍କାରେ ଯଥାକ୍ରମେ ୧୪, ୧୦ ଓ ୬ଟି ଲେଖାଏ ବିୟର ଅଫର ରହିଛି। ଏହିଭଳି ପ୍ୟାକେଜମାନ ଅପ୍‌ଷ୍ଟେୟାର୍ସ ବାର୍ ଓ ନେତାଜୀ ସୁଭାଷ ପ୍ଲେସରେ ରହିଛି। ଏଥିରେ ୫,୦୦୦ ଟଙ୍କା, ୭,୦୦୦ ଟଙ୍କା ଓ ୮,୦୦୦ ଟଙ୍କା ବିନିମୟରେ ଗ୍ରାହକଙ୍କ ଲାଗି ଅସୀମିତ ଖାଦ୍ୟ ଓ ପାନୀୟ ଅଫର ରହିଛି।

# ଆଇଏସ୍ଏଲ୍ ଆରମ୍ଭ

**କୋଲକାତା,୧୪।୨**

ବହୁ ପ୍ରତୀକ୍ଷିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ର ୨୦୨୫-୨୬ ସିଜନ ଶନିବାର ଆରମ୍ଭ ହୋଇଯାଇଛି। ସଲ୍ଟ ଲେକ ଷ୍ଟାଡିୟମରେ ଖେଳାଯାଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ମୋହନ ବାଗାନ ୨-୦ ଗୋଲରେ କେରଳ ବ୍ଲାଷ୍ଟର୍ସକୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ଦଳକୁ ୩ ପଏଣ୍ଟ ମିଳିଛି। ଡିଫେଣ୍ଡିଂ ଚାମ୍ପିୟନ ମୋହନ ବାଗାନ ପାଇଁ ୩୬ତମ ମିନିଟ୍‌ରେ ଜେମି ମ୍ୟାକଲରେନ ଗୋଲ ଦେଇଥିଲେ। ଏଥିଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ଦଳ ୧-୦ ଗୋଲ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧର ଶେଷ ଆଡ଼କୁ ଯୋଡ଼ା ଯାଇଥିବା ଅତିରିକ୍ତ ସମୟରେ ଟମ ଆଲଡ୍ରେଡ୍ (୯୦+୭) ମୋହନ ବାଗାନକୁ ୨-୦ ଗୋଲରେ ଜିତାଇଥିଲେ।


**OFFICE OF THE SUPERINTENDING ENGINEER**
**EARTH DAM DIVISION, CHITRAKONDA**
**DISTRICT: MALKANGIRI**
E-mail ID: executiveengineereddckd@gmail.com
No.301 Date:13.02.2026

**OFFICE ORDER**

No.32001/91/2526: Due to some unavoidable circumstances the Bid Identification No. SE-EDD-CKD-03/2025-26 is hereby cancelled.

Sd./- Superintending Engineer,
Earth Dam Division, Chitrakonda,
Malkangiri (O)

OIPR-32001/32019/1/25-26/0002



**Bhubaneswar Municipal Corporation**
**South West Zone**
Phone: 0674-2552715,Fax:0674-2432895, E-mail:info@bmc.gov.in, Web:www.bmc.gov.in
No.989 / Date: 13.02.2026
File No. 16/2026

13001/223/2526: **ସଂଶୋଧନ ପତ୍ର**

ଏତଦ୍ୱାରା ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଦକ୍ଷିଣ-ପଶ୍ଚିମ ମଣ୍ଡଳସ୍ଥିତ ଖଣ୍ଡଗିରି ଛକଠାରୁ ପୋଖରୀପୁଟ ଛକ ପର୍ଯ୍ୟନ୍ତ ପ୍ରଶସ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ସାମୂହିକ ଭାବେ ବସିଥିବା ଉଠାଦୋକାନୀମାନଙ୍କୁ (ଆମିଷ ଜାତୀୟ ତଥା ତ୍ୱରିତ ଖାଦ୍ୟ ପଦାର୍ଥ ବ୍ୟବସାୟ ବ୍ୟତୀତ) ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱକୁ "ବ୍ୟବସାୟ ରହିତ କ୍ଷେତ୍ର (No Vending Zone)" ଭାବେ ଘୋଷଣା କରାଯାଇଛି।

ତେଣୁ ଉପରୋକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନଙ୍କୁ ଗଣ୍ଡମୁଣ୍ଡା ହାଟରେ ଥଇଥାନ କରାଯିବା ପାଇଁ ସାଦା କାଗଜରେ ଆବେଦନପତ୍ର ସହିତ ବ୍ୟବସାୟ ସମ୍ବନ୍ଧୀୟ ଆବଶ୍ୟକ କାଗଜପତ୍ର ଭୁବନେଶ୍ୱର ମହାନଗର ନିଗମ, ଦକ୍ଷିଣ-ପଶ୍ଚିମ ମଣ୍ଡଳ କାର୍ଯ୍ୟାଳୟରେ ଦରଖାସ୍ତ ଦେବାର ସମୟସୀମା ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ଶେଷ ତାରିଖ ୧୭.୦୨.୨୦୨୬ ପରିବର୍ତ୍ତେ ବର୍ତ୍ତମାନ ତାରିଖ ୨୭.୦୨.୨୦୨୬ ରିଖ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି କରାଗଲା।

ଉପରୋକ୍ତ ସମୟସୀମା ପରେ ଦକ୍ଷିଣ-ପଶ୍ଚିମ ମଣ୍ଡଳ ଆୟୁକ୍ତଙ୍କ ଦ୍ୱାରା କୌଣସି ଦରଖାସ୍ତ କିମ୍ବା ଦସ୍ତାବିଜ ଗ୍ରହଣ କରାଯିବ ନାହିଁ।

ସ୍ୱା./-ମଣ୍ଡଳ ଆୟୁକ୍ତ, (I/C)
ଦକ୍ଷିଣ-ପଶ୍ଚିମ ମଣ୍ଡଳ,
ଭୁବନେଶ୍ୱର ମହାନଗର ନିଗମ

OIPR-13001/13002/1/25-26/0025



**ODISHA PUBLIC SERVICE COMMISSION, CUTTACK**

**NOTICE**

**No. 961/PSC, dt. 13.02.2026**
**(1R-09-2024/25)(DR-V)**

**No.12001/16/2526** : It is for information of all concerned that, pursuant to the Advertisement No. 27 of 2023-2024, **66 (Sixty-six)** candidates, bearing following PPSAN have been shortlisted for interview for the post of **Assistant Professor (Stage-I) in "Geology"**. The Interview in respect of the following candidates will be held in the office of the Commission at 19, Dr. P. K. Parija Road, Cuttack -753001 on **06.03.2026 to 08.03.2026** as per the programme mentioned below.

| Date | Time of Interview | PPSAN of Candidates |
|---|---|---|
| 06.03.2026 | 10.30 A.M. | P240284422, P240311409, P230107829, P220017876, P240301882, P240304807, P220083422, P230180393, P240311331, P220073091, P230177578, P220068944, P240296776 & P230182962 = **14 Candidates** |
| | 02.30 P.M. | P230177093, P230124497, P240306965, P240312037, P240302964, P240312050, P230185520, P230187923, P230187867, P240307927, P240302791 & P240303984 = **12 Candidates** |
| 07.03.2026 | 10.30 A.M. | P230137904, P240298247, P240304477, P240304925, P240306347, P230141335, P230198040, P220016025, P220050675, P230177832, P220058723, P220040937, P240295889 & P230101482 = **14 Candidates** |
| | 02.30 P.M. | P230179203, P240286845, P240302501, P230182918, P240306792, P220037179, P230147162, P240285880, P230155745, P220086716, P220007504 & P240291089 = **12 Candidates** |
| 08.03.2026 | 10.30 A.M. | P240291370, P240308726, P230178884, P230155816, P220025354, P220067444, P220059712, P230163853, P240294573, P230234068, P240299419, P240305219, P230141449 & P230141687 = **14 Candidates** |

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the interview does not reserve any right for selection.

The candidates are advised to report in the office of the Commission **half an hour before the commencement of interview** on the scheduled date & time as mentioned above.

**FURTHER, THE CANDIDATES ARE ADVISED TO BRING THE FOLLOWING FOR THE INTERVIEW :-**

(a) List of articles/publications (format enclosed at Annexure-I).
(b) List of books authored and co-authored (format enclosed at Annexure-II). (c) 04 sets of 4 (four) publications / articles of which the candidate is the first or second authors.
(d) 04 sets of 2 (two) books authored / co-authored by the candidates.
(e) A brief synopsis of doctoral research paper in two pages - 4 sets.

**NOTE: THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

OIPR-12001/12002/1/25-26/0007 Sd./- Secretary


# ଭାରତକୁ ୪-୨ ଗୋଲରେ ହରାଇଲା ବେଲଜିୟମ୍



ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଭାରତ ଓ ବେଲଜିୟମ ମଧ୍ୟରେ ମୁକାବିଲା।

**ରାଉରକେଲା,୧୪।୨(ଦିନେଶ ମିଶ୍ର)**

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ଛେଣ୍ଡ ସ୍ଥିତ ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡିୟମ୍‌ରେ ଚାଲିଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ବେଲଜିୟମ୍ ୪-୨ ଗୋଲରେ ଭାରତକୁ ପରାସ୍ତ କରିଛି। ଏହି ବିଜୟ ଯୋଗୁ ବେଲଜିୟମ ପଏଣ୍ଟ ତାଲିକାରେ ଶୀର୍ଷରେ ରହିଛି। ଚଳିତ ଟୁର୍ନାମେଣ୍ଟରେ ବେଲଜିୟମ ଦଳ ବିଜୟଯାତ୍ରା ଜାରି ରଖିଛି। ଏହି ମ୍ୟାଚରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ, ହକି ଇଣ୍ଡିଆ ସମ୍ପାଦକ ଭୋଲାନାଥ ସିଂ, ହକି ଇଣ୍ଡିଆର ଡାଇରେକ୍ଟର ଜେନେରାଲ ଆର.କେ ଶ୍ରୀବାସ୍ତବ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ମ୍ୟାଚ ଆରମ୍ଭରୁ ବେଲଜିୟମ୍ ଦଳ ଆକ୍ରମଣାତ୍ମ ଖେଳ ପ୍ରଦର୍ଶନ କରିଥିଲା। ଫଳରେ ପ୍ରଥମ କ୍ୱାର୍ଟରର ୧୧ମ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ନର(ପିସି)କୁ ହୁଗୋ ଲାବୋଚିରେ ଗୋଲରେ କନଭର୍ଟ କରିଥିଲେ। ସେହିଭଳି ୧୪ତମ ମିନିଟ୍‌ରେ ପିସି ଜରିଆରେ ଆଲେକ୍‌ଜାଣ୍ଡାର ହେଣ୍ଡ୍ରିକ୍ସ ବେଲଜିୟମ ପାଇଁ ଦ୍ୱିତୀୟ ଗୋଲ କରିଥିଲେ। ୧୫ ମିନିଟ୍‌ରେ ଆର୍ଥର ଡି' ସ୍ଲୁଭର ଏକ ପିସି ଜରିଆରେ ଗୋଲ କରିଥିଲେ। ଫଳରେ ପ୍ରଥମ କ୍ୱାର୍ଟର ସୁଦ୍ଧା ବେଲଜିୟମ ୩-୦ ଗୋଲରେ ରହିଥିଲା। ଦ୍ୱିତୀୟ କ୍ୱାର୍ଟରର ୧୭ତମ ମିନିଟ୍‌ରେ ମିଳିଥିବା ଆଉ ଏକ ପିସିକୁ ଗୋଲ ପରିଣତ କରି ଆଲେକ୍‌ଜାଣ୍ଡାର ହେଣ୍ଡ୍ରିକ୍ସ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ କରିଥିଲେ। ୨୪ତମ ମିନିଟ୍‌ରେ ଅର୍ଜୁନ ଆଦିତ୍ୟ ଲାଲାଗେ ଭାରତ ପାଇଁ ପ୍ରଥମ ଗୋଲ ପରିଶୋଧ କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ବେଲଜିୟମ ୪-୧ ଗୋଲରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତକୁ ୩୭ ମିନିଟ୍‌ରେ ମିଳିଥିବା ଏକ ପିସି ଜରିଆରେ ଅଧିନାୟକ ହରମନପ୍ରୀତ ସିଂ ଗୋଲ ସ୍କୋର କରିଥିଲେ।

# କଲମ୍ବୋରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**କଲମ୍ବୋ, ୧୪।୨ (ପି.ଟି.)**

ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁଥିବା ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ର ହାଇଭୋଲ୍‌ଟେଜ ମ୍ୟାଚ ପାଇଁ କଲମ୍ବୋରେ ଶ୍ରୀଲଙ୍କା ପୋଲିସ ତରଫରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ମଧ୍ୟରେ ଏହି ମ୍ୟାଚ ପ୍ରେମାଦାସା ଷ୍ଟାଡିୟମରେ ଖେଳାଯିବ। ପୋଲିସ ମୁଖପାତ୍ର ଏଫ୍.ଟି. ଉଟଲର କହିଛନ୍ତି, ସୁରକ୍ଷା କ୍ଷେତ୍ରରେ ଆଦୌ ଢିଲା ଦିଆଯିବ ନାହିଁ। ମ୍ୟାଚ ପାଇଁ ସ୍ୱତନ୍ତ୍ର ଟ୍ରାଫିକ୍ ଓ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବାଂଲାଦେଶକୁ ସମର୍ଥନ କରିବାକୁ ଯାଇ ପାକିସ୍ତାନ ଏହି ମ୍ୟାଚ ବର୍ଜନ କରିବା ଲାଗି ଘୋଷଣା କରିବାରୁ ମ୍ୟାଚ ଖେଳାଯିବା ନେଇ ଅନିଶ୍ଚିତତା ଦେଖାଦେଇଥିଲା। ମାତ୍ର ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି), ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଦୀର୍ଘ ଆଲୋଚନା ପରେ ସମସ୍ୟାର ସମାଧାନ ହୋଇପାରିଛି। ଏପରି କି ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମରୋ ଦିସାନାୟକେଙ୍କୁ ଏହି ପ୍ରସଙ୍ଗରେ ମୁଣ୍ଡ ଖେଳାଇବାକୁ ପଡ଼ିଥିଲା। ଭାରତ ବିପକ୍ଷ ମ୍ୟାଚ ଖେଳିବା ଲାଗି ପାକିସ୍ତାନ ଦଳକୁ ଶ୍ରୀଲଙ୍କା ପଠାଇବା ଲାଗି ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କୁ ଅନୁରୋଧ କରିଥିଲେ। ଏହି ମ୍ୟାଚର ଆୟୋଜନ ପାଇଁ ଆୟୋଜକ ଶ୍ରୀଲଙ୍କା ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ମ୍ୟାଚ ଖେଳା ନ ଗଲେ ତାଙ୍କ ଦେଶକୁ ବିପୁଳ କ୍ଷତି ସହିବାକୁ ପଡ଼ିବ ବୋଲି ସେ କହିଥିଲେ।

# ବିସିବି ମୁଖ୍ୟ ବୁଲବୁଲ ମ୍ୟାଚ୍ ଦେଖିବେ

**କଲମ୍ବୋ,୧୪।୨(ପି.ଟି.)**

ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ମୁଖ୍ୟ ଅମିନୁଲ ଇସ୍ଲାମ ବୁଲବୁଲ ରବିବାର ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ହାଇ ଭୋଲ୍ଟେଜ ଟି୨୦ ବିଶ୍ୱକପ୍ ମ୍ୟାଚ୍‌ରେ ଯୋଗଦେବେ। ଭାରତରୁ ବିସିସିଆଇ ସଭାପତି ମିଥୁନ ମନହାସ, ସମ୍ପାଦକ ଦେବଜିତ ସାଇକିଆ, ଉପସଭାପତି ରାଜୀବ ଶୁକ୍ଲା ଉପସ୍ଥିତ ରହିବେ। ଏଣୁ ଦୁଇ ବୋର୍ଡ ମଧ୍ୟରେ ଗତ କିଛି ସପ୍ତାହ ହେଲା ଚାଲିଥିବା ତିକ୍ତତା ଶାନ୍ତ ପଡ଼ିବ ବୋଲି ଆଶା କରାଯାଉଛି। 'ଏହା ଆଇସିସିର ନିଷ୍ପତ୍ତି। ଆଇସିସିର ମୁଖ୍ୟ ଅଂଶୀଦାର ହେଉଛନ୍ତି ଏସିଆର ୫ ଦେଶ। ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ସମସ୍ତ ୫ ଏସିଆ ଦେଶର ପ୍ରତିନିଧି ଏକତ୍ରିତ ହୋଇ ମ୍ୟାଚ୍ ଦେଖିବା ଲାଗି ଆମନ୍ତ୍ରଣ କରାଯାଇଛି' ବୋଲି ବୁଲବୁଲ କହିଛନ୍ତି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...............................

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମାଟି ଅତଡ଼ାକୁ ଧକ୍କାଦେଲା ଯାତ୍ରୀବାହୀ ବସ୍: ୩୭ ଆହତ, ୩ ଗୁରୁତର

ମୋହନା,୧୪।୨(ମନ୍ମଥମିଶ୍ର)

ଚାଳକଙ୍କ ଦ୍ରୁତ ଗାଡ଼ିଚାଳନା ଯାତ୍ରୀଙ୍କ ପାଇଁ ବିପଦକୁ ଡାକିଆଣେ। ସେହିପରି ଏକ ବସ୍‌କୁ ଚାଳକ ମୋବାଇଲ ଫୋନରେ କଥା ହୋଇ ଦ୍ରୁତ ଗତିରେ ଚଳାଇ ଏକ ମାଟି ଅତଡାକୁ ଧକ୍କା ଦେଇଛନ୍ତି। ଫଳରେ ବସ୍‌ରେ ଥିବା ୩୭ ଯାତ୍ରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ଗୁରୁତରମାନେ ହେଲେ ଗଞ୍ଜାମ ଜିଲା ସନ୍ତୋଷପୁର ପଞ୍ଚାୟତ ଖଣ୍ଡଦେଉଳି ଗ୍ରାମର କନକ ବେହେରା (୫୫), ବାରିଗାଁର ରତ୍ନା ମଲିକ (୪୫) ଓ ମୋହନା ଥାନା ଅନ୍ତର୍ଗତ ଚନ୍ଦ୍ରଗିରି ଗାଁର ଶୋବାନୀ ସାହୁ (୩୦)। ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ଚାନ୍ଦିପୁଟ ଗାଁ ନିକଟ ଇନ୍ଦିରା ସ୍ମାରକୀ ମହା ବିଦ୍ୟାଳୟ ନିକଟରେ ଏପରି ଦୁର୍ଘଟଣା ଘଟିଛି। ଖବରରୁ ଜଣାପଡିଛି, ୫୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ଧରି 'ବିକ୍ରାନ୍ତ' ନାମକ ଏକ



ଦୁର୍ଘଟଣାଗ୍ରସ୍ତ ବସ୍।

ଘରୋଇ ବସ୍ (ଓଆର୦୭ଏନ୍-୭୧୭୩) ଗଜପତି ଜିଲାର ନୂଆଁଗଡ଼ଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ଚାଳକ ଫୋନରେ କଥା ହୋଇ ଅନ୍ୟମନସ୍କ ରହି ଦ୍ରୁତଗତିରେ ଗାଡି ଚଳାଉଥିଲେ। ଏକ ଘରୋଇ ବସ୍‌କୁ ଓଭରଟେକ କରିବା ବେଳେ ଭାରସାମ୍ୟ ରକ୍ଷା କରି ନ ପାରି ସେ ଚାନ୍ଦିପୁଟ କଲେଜ ନିକଟରେ ଥିବା ଏକ ମାଟି ଅତଡ଼ାକୁ ଧକ୍କା ଦେଇଥିଲେ। ଫଳରେ ବସ୍‌ର ଆଗକାଚ, ସଂପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ କେତେକ ସିଟ୍ ଉପରକୁ ଉଠିଆସିଥିଲା। ଗାଡ଼ିରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ ୩୭ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରେ ୩ ଜଣ ଗୁରୁତର ହୋଇଛନ୍ତି। ଖବର ପାଇ ସ୍ଥାନୀୟ ଲୋକେ ଓ ମୋହନା ଅଗ୍ନିଶମବାହିନୀ ଅଧିକାରୀ ପଙ୍କଜ ମହାନ୍ତି ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଆହତ ଓ ଗୁରୁତରଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।

ଚିକିତ୍ସା ଲାଗି ୨୨ ଯାତ୍ରୀଙ୍କୁ ଚନ୍ଦ୍ରଗିରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ମୋହନା ଡାକ୍ତରଖାନାରେ ୧୫ ଜଣଙ୍କୁ ଭର୍ତ୍ତି କରାଯାଇଛି। ଗୁରୁତର ଥିବା ସମ୍ପୃକ୍ତ ୩ ଜଣଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଯାଇଥିବା ଡା. ଜିତେନ୍ଦ୍ର ପ୍ରସାଦ ଦାଶ ଓ ଡା. ଆଶୁତୋଷ ପ୍ରଧାନ କହିଛନ୍ତି। ଗୁରୁତର ମାନଙ୍କ ମୁଣ୍ଡ, ଛାତି, ଗୋଡ଼ରେ ଗଭୀର ଆଘାତ ଲାଗିଛି। ୨ଜଣଙ୍କ ହାତ ଭାଙ୍ଗି ଯାଇଛି। ଘଟଣା ସ୍ଥଳରୁ ଚାଳକ ଫେରାର ହୋଇଯାଇଛନ୍ତି। ମୋହନା ଏସ୍‌ଆଇ ସୌମ୍ୟ ରଞ୍ଜନ ବରାଳ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି ପଦ୍ଧତିରେ ଅସ୍ତ୍ରୋପଚାର
## ସମ୍ ଅଲ୍ଟିମେଟ୍ ମେଡିକେୟାରର ସଫଳତା



ଭୁବନେଶ୍ୱର,୧୪।୨(ଅନୁରାଧା ମହାରଣା)

ପ୍ରଥମଥର ପାଇଁ ଆଣ୍ଠୁର ନିମ୍ନଭାଗକୁ ଅତ୍ୟାଧୁନିକ ଏଣ୍ଡୋଭାସ୍କୁଲାର ଆଥେରେକ୍ଟୋମି ପଦ୍ଧତିରେ ସଦ୍ୟତମ ଜେଟ୍‌ଷ୍ଟ୍ରିମ୍ ଟେକ୍ନୋଲଜି ବ୍ୟବହାର କରି ସୁରକ୍ଷା ଦେବାରେ ସମ୍ ଅଲ୍ଟିମେଟ୍ ମେଡିକେୟାର ସଫଳ ହୋଇଛି। ହସ୍ପିଟାଲର ଇଣ୍ଟରଭେନ୍‌ସନାଲ ରେଡିଓ ଲୋଜିର କନ୍‌ସଲ୍‌ଟାଣ୍ଟ ଡାକ୍ତର ସମିତ କୁମାର ପଟ୍ଟନାୟକ ମିନିମାଲି ଇନ୍‌ଭେସିଭ ଭାସ୍କୁଲାର କେୟାର ମାଧ୍ୟମରେ ଏହି ଅସ୍ତ୍ରୋପଚାର ସମ୍ପନ୍ନ କରିଛନ୍ତି। ରୋଗୀଙ୍କ ଗୋଡ଼ ଧମନୀରେ ଜଟିଳ ବ୍ଲକେଜ ସମସ୍ୟା ରହିଥିବା ବେଳେ ଏହା ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିଲା। ଏହା ଭବିଷ୍ୟତରେ ଚିକିତ୍ସା ସମ୍ଭବ ନ ଥିବା ଅଲ୍‌ସର ଓ ଗାଙ୍ଗ୍ରିନ ଭଳି ସମସ୍ୟା ଉପୁଜାଇଥାନ୍ତା ଏବଂ ଗୋଡ଼ କାଟିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥାନ୍ତା। ଏଭଳି ଜଟିଳ ସମସ୍ୟା ଥିବା ରୋଗୀଙ୍କର ଚିକିତ୍ସା ପାଇଁ ଖୁବ୍ କମ୍ ସୁଯୋଗ ରହିଥାଏ। ବିଶେଷକରି ଆଣ୍ଠୁର ନିମ୍ନ ପାର୍ଶ୍ୱରେ ଛୋଟ ଛୋଟ ଧମନୀରେ ଯେତେବେଳେ ବ୍ଲକେଜ ସୃଷ୍ଟି ହୁଏ, ତାହା ରୋଗୀକୁ ଆହୁରି ଅସୁସ୍ଥ କରିଦେଇଥାଏ। ତେବେ ବର୍ତ୍ତମାନ ଅତ୍ୟାଧୁନିକ ଆଥେରେକ୍ଟୋମି ଟେକ୍ନୋଲଜି ଦ୍ୱାରା ଅସ୍ତ୍ରୋପଚାର ନ କରି ପ୍ଲାକ ଏବଂ କ୍ଲଟ୍‌କୁ ବାହାର କରାଯାଇପାରୁଛି ଏବଂ ଏହାଦ୍ୱାରା ଅଙ୍ଗଚ୍ଛେଦ ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇପାରୁଛି ବୋଲି ଡାକ୍ତର ପଟ୍ଟନାୟକ କହିଛନ୍ତି। ଏହି ଅତ୍ୟାଧୁନିକ ଚିକିତ୍ସା ଦ୍ୱାରା ସମ୍ ଅଲ୍ଟିମେଟ୍ ଓ ରୋଗୀମାନଙ୍କ ମଧ୍ୟରେ ନୂତନ ଆଶାର କିରଣ ସୃଷ୍ଟି କରିଛି ବୋଲି ହସ୍ପିଟାଲର ଚିଫ୍ ଅଫ୍ ମେଡିକାଲ ସର୍ଭିସେସ ବ୍ରିଗେଡିୟର (ଡାକ୍ତର) ବିରାଜ ମୋହନ ମିଶ୍ର ସୂଚନା ଦେଇଛନ୍ତି। ସିଇଓ ଡ. ଶ୍ୱେତପଦ୍ମା ଦାଶ କହିଛନ୍ତି, ଏହି ସଫଳତା ହସ୍ପିଟାଲକୁ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରରେ ଆଉ ଏକ ମାଇଲ ଖୁଣ୍ଟ ଭାବେ ଉଭା ହେବାକୁ ସାହାଯ୍ୟ କରିଛି।

## ନିର୍ବାଚନ ସଚେତନତା ନେଇ ରେଡିଓ ପ୍ରସାରକଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

# ଯୋଗ୍ୟ ଭୋଟର ବାଦ୍ ନ ପଡ଼ନ୍ତୁ : ସିଇଓ

ଭୁବନେଶ୍ୱର, ୧୪।୨ (ବନ୍ଦନା ସେଠୀ)

ଜନସାଧାରଣଙ୍କ ପାଖରେ ଠିକ୍ ସୂଚନା ପହଞ୍ଚାଇବା ଏବଂ ସଚେତନତା ବୃଦ୍ଧି କରିବାରେ ରେଡିଓ ଏକ ଶକ୍ତିଶାଳୀ ମାଧ୍ୟମ। ତେଣୁ ରେଡିଓ ପ୍ରସାରକମାନେ ଲୋକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ବିଷୟରେ ଅଧିକରୁ ଅଧିକ ଜଣାଇବାକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର. ଏସ. ଗୋପାଳନ ଆହ୍ୱାନ ଦେଇଛନ୍ତି। ରାଜ୍ୟର ସମସ୍ତ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା ଏବଂ ଏକ ସ୍ୱଚ୍ଛ ନିର୍ବାଚନ ପ୍ରକ୍ରିୟା ଗଠନ କରିବା ଲକ୍ଷ୍ୟରେ 'ରେଡିଓ ପ୍ରସାରକଙ୍କ ପାଇଁ ଏକ ରାଜ୍ୟସ୍ତରୀୟ ଦକ୍ଷତା ବୃଦ୍ଧି କର୍ମଶାଳା' ଶନିବାର ଓଡ଼ିଶା ସିଇଓଙ୍କ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା। ଦ ସୋସିଓଜେନିକ ଫାଉଣ୍ଡେଶନ ଏବଂ ଆଉଟ୍‌ରିଚ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଇଓ ଗୋପାଳନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୋଟର ସୂଚୀର 'ସ୍ୱତନ୍ତ୍ର ସଘନ ସଂଶୋଧନ' (ଏସ୍‌ଆଇଆର) ଉପରେ ଗୁରୁତ୍ୱାରୋପ କରିଥିଲେ। ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ଯୋଗ୍ୟ ଭାରତୀୟ ନାଗରିକଙ୍କ ନାମ ଭୋଟରତାଲିକାରେ ରହିବା ଅପରିହାର୍ଯ୍ୟ। କୌଣସି ଜଣେ ବି ଯୋଗ୍ୟ ଭାରତୀୟ ନାଗରିକ ଯେପରି ଭୋଟରତାଲିକାରୁ ବାଦ ନ ପଡ଼ନ୍ତି ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତି ଯେପରି ଏଥିରେ ଅନ୍ତର୍ଭୁକ୍ତ ନ ହୁଅନ୍ତି, ସେଥିପ୍ରତି ସତର୍କ ରହିବାକୁ ଗୋପାଳନ ପରାମର୍ଶ ଦେଇଥିଲେ।

କର୍ମଶାଳାର ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ମଧ୍ୟରେ '୧୮ ବର୍ଷ ବୟସ ହୋଇଥିବା ପ୍ରତ୍ୟେକ ଭାରତୀୟ ନାଗରିକ କିଭଳି ନିଜ ନାମ ପଞ୍ଜୀକୃତ କରିପାରିବେ' ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏଥିସହ ଭୋଟରତାଲିକାରେ ଥିବା ତ୍ରୁଟି ସଂଶୋଧନ ଏବଂ ଆପତ୍ତି ଅଭିଯୋଗ ଦାଖଲ କରିବା ପ୍ରକ୍ରିୟା ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ରେଡିଓ ପ୍ରସାରକମାନେ ସିଧାସଳଖ ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପାଳନଙ୍କ ସହିତ ଏସ୍‌ଆଇଆର୍ ମ୍ୟାପିଂ ସମ୍ବନ୍ଧୀୟ ସିଧାସଳଖ ଆଲୋଚନା କରିଥିଲେ। କର୍ମଶାଳାରେ ବିଭିନ୍ନ ରେଡିଓ ଷ୍ଟେଶନର ପ୍ରତିନିଧି ଏବଂ ପ୍ରସାରକମାନେ ଅଂଶଗ୍ରହଣ କରି ନିର୍ବାଚନ ସମ୍ବନ୍ଧୀୟ ବିଭିନ୍ନ ବୈଷୟିକ ଦିଗ ଉପରେ ଧାରଣା ପାଇଥିଲେ। ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଡେପୁଟି ସିଇଓ ଡ. ଲକ୍ଷ୍ମୀ ପ୍ରସାଦ ସାହୁ, ବିଓ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ, ବରିଷ୍ଠ ରେଡିଓ ପ୍ରସାରକ ଅଶୋକ ପାଣିଗ୍ରାହୀ, ଲୋକସମ୍ପର୍କ ଅଧିକାରୀ ବିଜୟାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

**Classified Everyday**
0674-2580101, 9692975378



MATRIMONIAL

**BRIDE WANTED**

Handsome Brahmin Boy 1994, 5'6", B-Tech (IIT) Kanpur, MBA (Hyderabad) serving senior Engineer MNC Delhi. "SUNASANSAR" 9937512659. D-3390

**GROOM WANTED**

Beautiful Brahmin girl 1996, 5'3", MBA (XIMB) serving manager MNC Hyderabad settled Bhubaneswar. ''SUNASANSAR'' 9937512659. D-3389

Handicap ପୁଅ ସଙ୍ଗେ ରହୁଥିବା 56 ବୟସ୍କା Central Govt. ଚାକିରିଆ ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। 6370471610. D-3392

48 ବୟସ୍କା ବଙ୍ଗାଳି ଅବିବାହିତା Govt. ଚାକିରିଆ ବାପା, ମା' ନଥିବା ଝିଅଙ୍କୁ Divorce/Widow/ Unmarried ପୁଅ ଦରକାର। 9776705242. D-3391



AUTOMOBILE

**SALE**

Vespa Aprilia 125cc 2020 model Avon Battery Cycle. Contact: 9337128558. D-3076



REAL ESTATE

**SALE**

**Land near Balasore Town for Sale. Residential Plot 19 decimals near Harihat in Village Sindhia near Balighat and 278 decimals all in Village Sahupada near Balasore- Baripada National Highway. Please contact immediately- 7656861995.** D-75863

OSHB Gharabari Land (3000Sq.Ft.) for sale in Baramunda in front of Jagannathvihar Park with 30Ft. wide road suitable for Residential/ official purpose. Contact: 7894453807/ 7894453838. D-76897

ଭୁବନେଶ୍ୱର GITA **Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537.** D-3215

ଭୁବନେଶ୍ୱର ଫୁଲନଖରା DADHICHI COLLEGE ପାଖରେ ସରକାରୀ ରାସ୍ତାକୁଲାଗି 51ଗୁଣ୍ଠ ଘରବାଡି ପ୍ଲଟ୍ ଗୁଣ୍ଠକୁ- 6,30,000/- ବିକ୍ରିହେବ- 8093465134, 9668194157. D-3348

**2 BHK, 1261 Sqft New Flat with elegant interiors for sale at Cantonment Road, Cuttack. Price- 1.35 Cr Mob- 9778194441.** D-3370

Single patch Sthitiban Land (22.00Acre.) for sale at Satasankha Bazar, 1 1/2 Kms. away from Royal Palm Village on Satasankha to Balanga Road suitable for Holiday Resorts, Convention, Apartment project. Contact: 7894453807/ 7894453838. D-76898

N.H. facing Sthitiban commercial Land (16072Sq.ft.) for sale in Pahal (Bhubaneswar) with 150Ft. (approx.) frontage Suitable for Resort/ Hotel/ Shopping/ Hospital etc. Contact: 7894453807 / 7894453838. D-76896



CONSTRUCTION

**Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.** D-3190





All types of physiotherapy and massage contact 9556924059/ 7656969134. D-3339

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3332

Newly open Jyoti SPA positively health benefits (Expert therapist). Contact- 8458067955. D-76955

**LOST**

On dtd. 10.01.2026 at 4.15PM one Rupesh Kumar Agrawal, S/o.- Late Ghasiram Agrawal of Village/P.S.- Lathor, Dist.- Balangir appeared at P.S. and presented a written report bearing G.D.No.-015 that his original Land Sale Deed bearing Regd. No.903/2010, Sub-Registry Office- Patnagarh of Mouza Pipalbahal, Khata No.108/329, Plot No. 282/1169, 285 and 286 which was Regd. on 22.4.2010 kept in a wooden box was damaged by white Ants and cannot be traced out.
Rupesh Kumar Agrawal
D-3388

I, Sri Sachidananda Nanda, my sale deed No.- 2346/ 2000 (603/ 502), CC No.- 63/ 26 lost in my Govt. quarter, Dhenkanal. If somebody get kindly contact my phone No.- 9437762919. D-3384

ଆମ୍ଭେ ଶ୍ରୀମତୀ ସୁକାନ୍ତି ଗିରି, ସ୍ୱାମୀ- ଶ୍ରୀପତି ଗିରି, ଗ୍ରାମ- ହିଞ୍ଜିଳି, ଥାନା- ବାଙ୍ଗିରିପୋଷି, ଜିଲ୍ଲା- ମୟୂରଭଞ୍ଜ ଘୋଷଣା କରୁଅଛିକି ଆମ୍ଭେ ଆମ୍ଭର ମୌଜା ଖାତା ନଂ. ୧୬୦/୭୦, ପ୍ଲଟ୍ ନଂ. ୪୯୦/୬୦୭ର ମୂଳ କବଲାଟି ହଜାଇ ଦେଇଅଛି। ଏ ସଂକ୍ରାନ୍ତରେ ବାଙ୍ଗିରିପୋଷି ଥାନା ଷ୍ଟେସନ ଡାଇରି ନଂ. ୧୧/ ୧୩।୦୨।୨୦୨୬ରେ ଏକ ମାମଲା ଏବଂ ମାନ୍ୟବର ନୋଟାରୀ କୋର୍ଟରେ ଏକ ଆଫିଡାଭିଟ୍ ଦାଖଲ କରିଅଛୁ।
ସ୍ୱା./- ସୁକାନ୍ତି ଗିରି
ଧ-୩୩୮୭

**AFFIDAVIT**

By virtue of an affidavit, I, Shahe Jada Khan, S/o- Late Abdul Karim Khan of Rasulpur, Kakatpur, Puri declare that my name has been wrongly recorded as Abdul Sakil Khan in Aadhaar Card xxxx xxxx 4772. That Shahe Jada Khan and Abdul Sakil Khan are the same and one person. D-3393

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ତୁଟିଲା ବିବାଦ, ସୋମବାରଠାରୁ ପଢ଼ିବାକୁ ଆସିବେ ଶିଶୁ
## ନୂଆଗାଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଛୁଆଁ ଅଛୁଆଁ ଘଟଣା

ରାଜନଗର,୧୪।୨(ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ ଘଡ଼ିଆମାଳ ପଞ୍ଚାୟତ ନୂଆଗାଁ ଅଙ୍ଗନୱାଡ଼ି କେନ୍ଦ୍ରରେ ଛୁଆଁ ଅଛୁଆଁ ପ୍ରସଙ୍ଗ ଚର୍ଚ୍ଚା ସୃଷ୍ଟି କରିଥିଲା। ଦିନେ କି ୨ ଦିନ ନୁହେଁ, ଦୀର୍ଘ ୮୬ ଦିନ ହେଲା ଅଙ୍ଗନୱାଡ଼ି କେନ୍ଦ୍ରକୁ ପଢ଼ିବାକୁ ଶିଶୁ ଆସୁନାହାନ୍ତି। ଅନୁସୂଚିତ ଜାତିର ଜଣେ ଯୁବତୀ ୨୦ ନଭେମ୍ବର ୨୦୨୫ରେ ଉକ୍ତ କେନ୍ଦ୍ରର ସହାୟିକା ଭାବେ ନିଯୁକ୍ତି ପାଇବା ଦିନଠାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାକୁ ନେଇ ରାଜ୍ୟ ସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଉଠାଇବା ପରେ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଥିଲା।

ଶନିବାର ମହିଳା କମିଶନ ସଦସ୍ୟା କଲ୍ପନା ମଲ୍ଲିକ, ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ସୁଜାତା ନାୟକ କେନ୍ଦ୍ରାପଡ଼ାରେ ପହଞ୍ଚି ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନାକରି ଅତିରିକ୍ତ ଜିଲାପାଳ, ଉପଜିଲାପାଳ ଅରୁଣ କୁମାର ନାୟକ, ଅତିରିକ୍ତ ଏସ୍‌ପି ସୁଧାକର ସାହୁ , ଜିଲା କଲ୍ୟାଣ ଅଧିକାରୀ ଅରବିନ୍ଦ ରାୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ରାଜନଗର ତହସିଲଦାର ଯୀଶୁକ୍ରୀଷ୍ଟ ଦାସ, ଆଇଆଇସି ନରେଶ କୁମାର ସାହୁ , ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସରପଞ୍ଚ ଶୈଳେନ୍ଦ୍ର ମିଶ୍ର ଓ ସିଡିପିଓ ଦୀପାଳି ମିଶ୍ର ପ୍ରମୁଖ ନୂଆଗାଁ ଅଙ୍ଗନୱାଡ଼ି କେନ୍ଦ୍ରରେ ପହଞ୍ଚିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଜାତିଭେଦ ଦୂରକରିବା ଉପରେ ପର୍ଯ୍ୟବସିତ ପାଲା ଗାଁରେ ପରିବେଷଣ କରାଯାଇଥିଲା। ସମସ୍ତ ଅଧିକାରୀ ଗାଁର ଘରକୁ ଘର ବୁଲି ଲୋକଙ୍କୁ ସଚେତନକରିବା ସହ ଉପଜଲାପାଳଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହ ବୈଠକ ବସିଥିଲା। ବୈଠକରେ ଗ୍ରାମବାସୀ ଜାତିଭେଦ ପ୍ରସଙ୍ଗ ଉଠାଇଥିଲେ। ପଥରବନ୍ଧ ନ ଥିବାରୁ ନଦୀର ଜୁଆରପାଣି ଗାଁକୁ ମାଡ଼ି ଆସୁଛି, ରାସ୍ତା ନାହିଁ, ଅଙ୍ଗନୱାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ , ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ ଆଦି ଅଭିଯୋଗ କରିଥିଲେ। ପ୍ରଶାସନ ତାଙ୍କ ଦାବି ନ ଶୁଣିବାରୁ ସେମାନେ ଏପରି ପଦକ୍ଷେପ ନେଇଥିବା କହିଥିଲେ। ସେମାନଙ୍କ ଦାବି ପ୍ରଶାସନ ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଗ୍ରାମବାସୀ ମିଳିତ ଭାବେ ଶପଥ ପାଠ କରିଥିଲେ। ଅଙ୍ଗନୱାଡ଼ି ସହାୟିକା ଶର୍ମିଷ୍ଠା ସେଠୀ ରୋଷେଇକରିବା ପରେ ପ୍ରଶାସନିକ ଅଧିକାରୀ ଓ ଗାଁର ୨ ଜଣ ମୁରବି ଖାଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ଚୌଦ୍ୱାର ଜେଲରୁ...

ଗୟାରେ ରାଜା ଏବଂ ମଧୁକାନ୍ତ ଅଲଗା ହୋଇଯାଇଥିଲେ। ମଧୁକାନ୍ତ ଗୟାରେ କିଛିଦିନ ରହିବା ପରେ ତାଙ୍କ ପ୍ରେମିକାକୁ ଭେଟ କରିବାକୁ ଯାଇଥିଲେ। ସେଠାରେ ପ୍ରେମିକା ସହ ଏକ ହୋଟେଲରେ ରହିଥିବା ଖବର ପୋଲିସ ପାଇ ସେଠାରେ ପହଞ୍ଚିବା ପୂର୍ବରୁ ମଧୁକାନ୍ତ ଫେରାର ହୋଇଯାଇଥିଲେ। ୨୦ ଦିନ ତଳେ ମଥୁରା ଯାଇ ଏକ ଗେଷ୍ଟ ହାଉସ୍‌ରେ କାମ କରୁଥିଲେ। ସେଠାରେ ନିଜର ଚେହେରା ବଦଳାଇବା ସହ ନିଜ ନାମକୁ ବଦଳାଇ ଦେଇଥିଲେ। ୨୪ ବର୍ଷୀୟ ମଧୁକାନ୍ତ ସେଠାରେ ନିଜର ନାଁ ବଦଳାଇ ବାସୁ ପାଣ୍ଡେ ରଖିଥିଲେ। ସେଠାରେ ଗେଷ୍ଟହାଉସ୍‌କୁ ଆସୁଥିବା ଅତିଥିଙ୍କୁ ସହଯୋଗ କରିବା ସହ ବୃନ୍ଦାବନ ବୁଲାଇ ଧର୍ମ ଚର୍ଚ୍ଚା କରୁଥିଲେ। କିନ୍ତୁ ସେ ଗେଷ୍ଟହାଉସ୍‌ରେ ନିଜ ପ୍ରେମିକା ସହ ନୂଆ ଫୋନରେ କଥା ହେଉଥିଲେ, ଯେଉଁଥିପାଇଁ ସ୍ପେଶାଲ ଟିମ୍ ଖୋଜୁଥିବା ବେଳେ ଲିଙ୍କ୍ ମିଳିଥିଲା। ଏକ ଟିମ୍ ଉକ୍ତ ଗେଷ୍ଟହାଉସ୍ ନିକଟରେ ଥିବା ଅନ୍ୟ ଏକ ଗେଷ୍ଟହାଉସ୍‌ରେ ରହି ମଧୁକାନ୍ତଙ୍କ ଗତିବିଧି ଉପରେ ନଜର ରଖିଥିଲା। ଫେରାର କଏଦୀ ମଧୁକାନ୍ତ ବୋଲି ସ୍ପଷ୍ଟ ହେବା ପରେ ସେ କାମ କରୁଥିବା ଗେଷ୍ଟହାଉସ୍‌ରେ ରହିବା ପାଇଁ ଯୋଜନା କରିଥିଲେ। ପୋଲିସ ଟିମ୍ ନିଜକୁ ଅଣଓଡ଼ିଆ ପରିଚୟ ଦେବା ସହ ହିନ୍ଦୀରେ କଥା ହେବା ସହ ପ୍ରମାଣ ପତ୍ର ମଧ୍ୟ ରାଜ୍ୟ ବାହାରର କରିଥିଲେ। ମଧୁକାନ୍ତ କାମ କରୁଥିବା ଗେଷ୍ଟହାଉସ୍‌ରେ ରହିବା ପାଇଁ ପୋଲିସ ଟିମ୍ ଗ୍ରାହକ ସାଜି ଯୋଗାଯୋଗ କରିଥିଲେ। ଗେଷ୍ଟହାଉସ୍ ମାଲିକ ନିର୍ଦ୍ଦେଶ ପରେ ପୋଲିସ ଟିମ୍‌କୁ ନେବା ପାଇଁ ମଧୁକାନ୍ତ ବସ୍‌ଷ୍ଟାଣ୍ଡ ପାଖକୁ ସ୍କୁଟି ନେଇଯାଇଥିଲେ। ସ୍କୁଟିରେ ମଧୁକାନ୍ତ ୨ଜଣ ପୋଲିସ ଟିମ୍‌କୁ ଆଣିବା ସମୟରେ ପୋଲିସ ତାଙ୍କୁ ଅଟକାଇ ମାଡ଼ି ବସିଥିଲେ। ପରେ କୋଟ୍‌ୱାଲି ପୋଲିସ ଷ୍ଟେଶନ ସହ ଯୋଗାଯୋଗ କରିବା ପରେ ତାଙ୍କୁ ଗିରଫ କରି ସ୍ଥାନୀୟ କୋର୍ଟରେ ହାଜର କରାଯାଇ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଥିଲା। ଶନିବାର ମଧୁକାନ୍ତଙ୍କୁ କଟକ ଜେଏମ୍‌ଏଫ୍‌ସି-୧ କୋର୍ଟରେ ହାଜର କରାଯିବା ପରେ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି। ତାଙ୍କୁ ଧରିବା ପାଇଁ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ପକ୍ଷରୁ ନାଗାଲାଣ୍ଡ, ବିହାର, ଉତ୍ତରପ୍ରଦେଶ, ଦିଲ୍ଲୀ, କର୍ନାଟକ ଏବଂ ଅନ୍ୟ ସହରରେ ଚଢ଼ାଉ କରାଯାଇଥିଲା।


## ବଜେଟ ଚିଠା...

ଶକ୍ତି ବିଭାଗ ଉପରେ ସରକାର ଅଧିକ ଗୁରୁତ୍ୱ ଦେବେ ବୋଲି ଜଣାପଡ଼ିଛି। ଯେଉଁ ବିଭାଗଗୁଡ଼ିକ ଦ୍ୱାରା ସାଧାରଣ ଲୋକମାନେ ବିଶେଷ ଉପକୃତ ହେବେ ସେଭଳି ଦିଗ ପ୍ରତି ସରକାର ବିଶେଷ ଧ୍ୟାନଦେବା ଏକ ପ୍ରକାର ନିଶ୍ଚିତ। ଭାଜପା ସରକାର ଆସିବା ପରେ ରାଜ୍ୟରେ ପ୍ରଥମ ଥର ପାଇଁ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ସେହି ଦୃଷ୍ଟିରୁ ଏହି ବଜେଟର ରୂପରେଖ ସରକାରୀ ଦଳ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ।

୧୪

# ମହାଶିବରାତ୍ରିରେ...

**ଆଜି ହେଉଛି ମହାଶିବରାତ୍ରି। ଗାଁଠୁ ସହର ପ୍ରତ୍ୟେକ ଶିବମନ୍ଦିର ଉତ୍ସବମୁଖର। ସବୁଠି ଶ୍ରଦ୍ଧାଳୁଙ୍କ ଭିଡ଼। ରାତିରେ ଉଜାଗର ରହି ଦୀପ ଜାଳିବା ଆଉ ମନ୍ଦିରରେ ମହାଦୀପ ଦର୍ଶନ କରିବାକୁ ସମସ୍ତଙ୍କ ମନରେ ଭରି ରହିଛି ଉତ୍କଣ୍ଠା। ଏହାସହ ଫଟୋ ଓ ରିଲ୍ସ ଭିଡିଓ ଶୁଟ୍ କରି ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରିବାକୁ ଅଧିକାଂଶ ଯୁବତୀଯୁବକ ବେଶ୍ ଉତ୍କଣ୍ଠିତ। ହେଲେ ସାମାନ୍ୟ ଅବହେଳାରୁ ଏହି ଖୁସିର ପର୍ବ ଯେପରି କୌଣସି ଦୁର୍ଘଟଣାର କାରଣ ନ ସାଜୁ, ସେଥିପାଇଁ ସୁରକ୍ଷା ଦୃଷ୍ଟିରୁ ସତର୍କ ରହିବା ଜରୁରୀ...**



ଆଜି ଦେବଦେବ ମହାଦେବଙ୍କ ପୂଜା ପାଇଁ ସବୁ ଶିବମନ୍ଦିର ନାନାଦି ଫୁଲ ଓ ଆଲୋକମାଳାରେ ସଜା ଯାଇଛି ଆଉ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି। କେଉଁଠି ହୋମଯଜ୍ଞ ତ ଆଉ କେଉଁଠି ଭୋଜି ଭାତ ସହ ଭଜନ ସମାରୋହ ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସଂଧ୍ୟାରେ ଭକ୍ତମାନେ କିପରି ଶୃଙ୍ଖଳାରେ ବସି ଦୀପ ଜାଳିବେ ଓ ମହାଦୀପ ଦର୍ଶନ କରିବେ, ସେଥିପାଇଁ ବିଶେଷ ବ୍ୟବସ୍ଥା କରାଯାଇଛି। ଆଉ ଏହାର ଆନନ୍ଦ ନେବା ସହ ଏହି ଅପୂର୍ବ ସୁନ୍ଦର ଦୃଶ୍ୟକୁ ଫଟୋ ଓ ଭିଡିଓ କରି ସୋସିଆଲ୍ ମିଡିଆରେ ପୋଷ୍ଟ କରି ଅଧିକ ଲାଇକ୍, କମେଣ୍ଟ, ଭ୍ୟୁ ପାଇବାକୁ ଅନେକଙ୍କ ମଧ୍ୟରେ କ୍ରେଜ୍ କହିଲେ ନ ସରେ। ହେଲେ ଦୀପ ଜାଳୁଥିବା ସମୟରେ ଭିଡିଓ କିମ୍ବା ଫଟୋ ଶୁଟ୍ ବେଳେ ସାମାନ୍ୟ ଅସାବଧାନତା ବି କେବେକେବେ ବଡ଼ ଅଗ୍ନିକାଣ୍ଡ ଭଳି ଗୁରୁତର ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଜାଗର ଜାଳିବା ବେଳେ ସୁରକ୍ଷା ଦୃଷ୍ଟିରୁ କେତେକ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ...

**ଦୀପ ଜାଳିବା ବେଳେ ରୁହନ୍ତୁ ସତର୍କ:** ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ମହାଶିବରାତ୍ରିରେ ଜାଗର ଜାଳିବା ବେଳେ ରିଲ୍ସ ଭିଡିଓ ଶୁଟିଂ କରୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ସେମାନେ ସୁନ୍ଦର ସୁନ୍ଦର ଟ୍ରାଡିଶନାଲ୍ ପୋଷାକ ପିନ୍ଧି ଆଉଟ୍‌ଫିଟ୍ ପିନ୍ଧୁଛନ୍ତି। ଯଦିଓ ଏଭଳି ପୋଷାକ ସହ ଦୀପ ଧରି ଫଟୋ ଓ ଭିଡିଓ କରିବା ନିଶ୍ଚିତ ଭାବେ ଆକର୍ଷଣୀୟ, ହେଲେ ଗୋଟିଏ ହାତରେ ଦୀପ ଧରିବା କିମ୍ବା ଦୀପ ପାଖେ ଠିଆ ହୋଇ ଅନ୍ୟ ହାତରେ ମୋବାଇଲ୍ ଧରି ଫଟୋ ଉଠାଇବା ବେଳେ ଡ୍ରେସ୍ ନିଆଁ ସଂସ୍ପର୍ଶରେ ଆସି ଦୁର୍ଘଟଣା ଘଟିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତା'ଛଡା ଏହି ସମୟରେ ହଜାର ହଜାର ଭକ୍ତ ଏକାଠି ବସି ଦୀପ ଜାଳୁଥିବାରୁ ସାମାନ୍ୟ ଅସତର୍କତା ନିଜ ସହ ଅନ୍ୟ ଜୀବନ ପ୍ରତି ମଧ ବିପଦ ସୃଷ୍ଟି କରିପାରେ। ତେଣୁ ଏଥିପ୍ରତି ବିଶେଷ ସତର୍କ ରୁହନ୍ତୁ।





**ଲାଇଟ୍‌ର କରେଣ୍ଟ ପ୍ରତି ରୁହନ୍ତୁ ସତର୍କ:** ମନ୍ଦିରକୁ ସଜାଇବା ଲାଗି ଫୁଲ ସହିତ ଭଳିକି ଭଳି ରଙ୍ଗର ଲିଚୁ ଲାଇଟ୍ ଲଗାଯାଇଥାଏ। ରାତିରେ ଏହି ଆକର୍ଷଣୀୟ ଆଲୋକସଜ୍ଜା ଭିତରେ ଫଟୋ ଆଉ ଭିଡିଓର ଦୃଶ୍ୟ ସତରେ ଅପୂର୍ବ। ହେଲେ ବର୍ତ୍ତମାନ ଭିଡିଓ ନିଶାରେ ଲିଚୁ ଲାଇଟ୍‌କୁ ଲାଗି ଠିଆ ହେବା କିମ୍ବା ହାତରେ ଦୀପ ଧରି ଏହା ପାଖରେ ଠିଆ ହେବାର ଭୁଲ୍ ଆଦୌ କରନ୍ତୁ ନାହିଁ। କାରଣ କେବେକେବେ ଲାଇଟ୍ କନେକ୍‌ସନ୍‌ରେ ତ୍ରୁଟି ରହିଯାଇଥାଏ, ଯେଉଁଥିପାଇଁ ଲିକେଜ୍ ଥିଲେ କରେଣ୍ଟ ଲାଗି ଜୀବନ ବିପଦରେ ପଡ଼ିବାର ଆଶଙ୍କା ରହିଛି।

**ଗ୍ରୁପ୍ ଫଟୋଶୁଟ୍ ପଡ଼ିପାରେ ଭାରି:** ଶର୍ଟ୍ସ ବା ରିଲ୍ସର ଏବେ ଟ୍ରେଣ୍ଡ ଚାଲିଛି, ଯେଉଁଥିରେ ଅଧିକାଂଶ ଯୁବତୀଯୁବକ ସବୁଠୁ ବେଶୀ ଆକ୍ଟିଭ୍ ଥିବା ଦେଖିବାକୁ ମିଳୁଛି। ଏକାଠି ଦୀପ ଜାଳିବା, ବିଭିନ୍ନ ଗୀତର ତାଳେତାଳେ ଦୀପ ଧରି ଚାଲିବା, ଡ୍ୟାନ୍ସ କରିବା ଆଦି ଦ୍ୱାରା ଡ୍ରେସ୍‌ରେ ନିଆଁ ଲାଗିବାର ଆଶଙ୍କା ରହିଛି। ତା'ଛଡ଼ା ମନ୍ଦିରକୁ ପ୍ରତ୍ୟେକ ବର୍ଗର ଲୋକ ଉପବାସ କରି ବିଭିନ୍ନ ମନସ୍କାମନା ନେଇ ଆସିଥିବାରୁ ଏଭଳି ରିଲ୍ସ କରିବା ସେମାନଙ୍କୁ ଡିଷ୍ଟର୍ବ ମଧ କରିପାରେ। ତେଣୁ ଶାନ୍ତି, ଶୃଙ୍ଖଳାର ସହ ନିରାପଦ ଭାବେ ପୂଜା କରିବା ଆବଶ୍ୟକ।



**ମନେରଖନ୍ତୁ:** ଭକ୍ତିରେ ନୁହେଁ ବରଂ ଫଟୋ, ଭିଡିଓ କରିବା ଆଳରେ ଅନେକେ ମନ୍ଦିର ଯାଇଥାନ୍ତି ଏବଂ ଦୀପ ଜାଳିଥାନ୍ତି। ଫଟୋଶୁଟ୍ ପରେ ଏଣେତେଣେ ଦୀପ ଫିଙ୍ଗିଥାନ୍ତି। ଯାହାଦ୍ୱାରା ମନ୍ଦିର ପରିସର ଅପରିଷ୍କାର ହୋଇଥାଏ । ତା'ଛଡ଼ା ଭଙ୍ଗାଦୀପର ଖଣ୍ଡ, ଘିଅ ପଡ଼ିବା ଦ୍ୱାରା ଗୋଡ଼ ଖସିବା, ପାଦରେ ଆଘାତ ଲାଗିବା ସହ ଅଧା ଜଳା ବତିରୁ ଅଗ୍ନିକାଣ୍ଡ ହେବାର ବି ଯଥେଷ୍ଟ ଆଶଙ୍କା ରହିଛି। ତେଣୁ ଫଟୋ, ଭିଡିଓ ନିଶାରେ ଯେପରି ନିଜ ପାଇଁ କିମ୍ବା ଅନ୍ୟ କାହା ପାଇଁ କୌଣସି ବିପଦ ନ ଆସେ ସେଥିପ୍ରତି ବିଶେଷ ସତର୍କ ରହିବା ଆବଶ୍ୟକ।

## ଯୁବ ପ୍ରତିଭା

# ସମାଜସେବାରେ ମନକୁ ସମର୍ପି ଦେଇଛି

ଓଡ଼ିଶାର ଜଳବାୟୁ ପରିବର୍ତ୍ତନ ଉପରେ କାର୍ଯ୍ୟ କରିବା ହେଉ କି ଅଲିଭ୍‌ରିଡ୍‌ଲେ କଇଁଛ ସୁରକ୍ଷା ଅଭିଯାନରେ ହେଉ, ନିଜେ ସକ୍ରିୟ ଭାବେ କାର୍ଯ୍ୟ କରିବା ସହ ୨ ହଜାରରୁ ଅଧିକ ଯୁବପିଢ଼ିଙ୍କୁ ଏହି କାମ ପାଇଁ ପ୍ରେରଣା ଯୋଗାଇଦେବା ଏବଂ ଜନସାଧାରଣଙ୍କୁ ଏ ଦିଗରେ ସଚେତନ କରାଇ ସମାଜରେ ସେ ଏକ ଭିନ୍ନ ପରିଚୟ ସୃଷ୍ଟି କରିପାରିଛନ୍ତି। ୧୨ଥର ରାଜ୍ୟ ଏବଂ ୩ଥର ଅନ୍ତର୍ଜାତୀୟ ସ୍ତରରେ ଭାରତ ସ୍କାଉଟ ଏବଂ ଗାଇଡ୍‌କୁ ପ୍ରତିନିଧିତ୍ୱ କରି ସେ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି। ସେହିପରି 'ଯୁଥ ଫର୍ ୱାଟର ପ୍ଲସ' ତରଫରୁ ଓଡ଼ିଶାର ପରିବର୍ତ୍ତନକାରୀ ମଧ୍ୟରୁ ଜଣେ ବିବେଚିତ ହୋଇ ୨୦୨୬ ମସିହା କ୍ୟାଲେଣ୍ଡରରେ ନିଜ ସ୍ଥାନ ତିଆରି କରିପାରିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଲୁହାଝର ଗ୍ରାମର ମା' ଶକୁନ୍ତଳା ଓ ବାପା ବାଲ୍ୟକୃଷ୍ଣ ମହାରଣାଙ୍କ ଝିଅ ବର୍ଷାରାଣୀ।

ପିଲାବେଳୁ ମା'ବାପାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜସେବା ପ୍ରତି ସେ ଆକୃଷ୍ଟ ହୋଇଥିଲେ। ସେ ଲୋକ ପ୍ରଶାସନ (ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ୍) ଏବଂ



ସାମାଜିକ କାର୍ଯ୍ୟ (ସୋସିଆଲ୍ ୱର୍କ) ଦୁଇଟି ବିଭାଗରେ ଏମ୍.ଏ. କରିଛନ୍ତି। ବର୍ତ୍ତମାନ ୟୁଥ୍ ଫର୍ ସୋସିଆଲ ଡେଭ୍‌ଲପ୍‌ମେଣ୍ଟ ସଂସ୍ଥାରେ ଜଳବାୟୁ ପରିବର୍ତ୍ତନ ଏବଂ ପାଣି ସଂଗ୍ରହରେ ପ୍ରମୁଖ ଭାବେ କାର୍ଯ୍ୟରତ। ଭାରତ ସ୍କାଉଟ୍ ଏବଂ ଗାଇଡ୍‌ରେ ୟୁନିଟ୍ ଲିଡରରେ ଜଣେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟରତ। ୨୦୧୯ରେ ଗୋପାଳପୁର ମହାବିଦ୍ୟାଳୟରେ ଯୁବ ରେଡ୍‌କ୍ରସ, ଭାରତ ସ୍କାଉଟ୍ ଏବଂ ଗାଇଡ୍ ଭଳି ସଂସ୍ଥାରେ ଯୋଡ଼ି ହୋଇ ରାଜ୍ୟ ଏବଂ ରାଷ୍ଟ୍ରୀୟସ୍ତରରେ ଓଡ଼ିଶା ଏବଂ ଭାରତକୁ ମଧ ପ୍ରତିନିଧିତ୍ୱ କରିଛନ୍ତି। ୨୦୨୧ରେ ଓଡ଼ିଶାର ପୂର୍ବତନ ରାଜ୍ୟପାଳ ଗଣେଶୀଲାଲ୍‌ଙ୍କଠାରୁ ସ୍କାଉଟ୍ ଏବଂ ଗାଇଡ୍‌ରେ ରାଜ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

ଏହାଛଡ଼ା ନିଜ ସମାଜରେ ଯୁବଗୋଷ୍ଠୀମାନଙ୍କୁ ନେଇ ସମାଜରେ ପରିବର୍ତ୍ତନ କରିବା ସକାଶେ ନିଜ ସ୍ୱର ଉତ୍ତୋଳନ କରି ଯୁବବର୍ଗମାନଙ୍କୁ ନିଜ ଅଧିକାର ଆଉ ସମାଜ ପ୍ରତି କର୍ତ୍ତବ୍ୟ ଜଣେଇ ଟାଟା ଷ୍ଟିଲ ଫାଉଣ୍ଡେଶନ ତରଫରୁ ଯୁବ ପରିବର୍ତ୍ତନକାରୀ (change maker) ଭାବେ ପୁରସ୍କୃତ ହୋଇଛନ୍ତି। ୨୦୨୪ରେ ୟୁନିସେଫ୍ ପକ୍ଷରୁ ଆୟୋଜିତ ୟୁୱାହ(ଯୁବା) ଏବଂ ଆଇ ଭଲ୍ୟୁଣ୍ଟର ସଂସ୍ଥା ତରଫରୁ ସର୍ବଭାରତୀୟସ୍ତରରେ ଶ୍ରେଷ୍ଠ ୧୦ଜଣଙ୍କ ମଧ୍ୟରୁ ଓଡ଼ିଶାରୁ ଏକମାତ୍ର ଝିଅ ଭାବେ ଗ୍ରୀନ ଗାର୍ଡିଆନ୍ ସମ୍ମାନରେ ସମ୍ମାନିତ



ହେଇଛନ୍ତି। ୨୦୨୫ରେ ଏସିଆ ପାସିଫିକ୍ ରେଜିଓନାଲ ଜାମ୍ବୋରିରେ ଭାରତ ସ୍କାଉଟ ଏବଂ ଗାଇଡ୍‌ରୁ ଓଡ଼ିଶାରୁ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି। ଏହାଛଡ଼ା ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଏବଂ ଗାଇଡ୍ ଦ୍ୱାରା ପରିଚାଳିତ ଟିକେଟ୍ ଟୁ ଲାଇଫ୍ ପ୍ରୋଜେକ୍ଟରେ ୟୁନିଟ୍ ଲିଡର ଭାବେ ୬୪ ଜଣ ସ୍କାଉଟ ଏବଂ ଗାଇଡଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ତାଙ୍କର ଅଲିଭ୍‌ରିଡ୍‌ଲେ କଇଁଛ ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମଟି ଭାରତର ଏକ ପ୍ରଶଂସନୀୟ କାର୍ଯ୍ୟ ଭାବେ ଏସିଆ ପାସିଫିକ ସ୍କାଉଟ ପକ୍ଷରୁ ତାଇୱାନରେ ଏକ ପ୍ରମୁଖ ଲୋକ ଚର୍ଚ୍ଚିତ କାମ ଭାବେ ପ୍ରଦର୍ଶିତ ହୋଇପାରିଛି।

ସମାଜ ପ୍ରତି ନିଜ ଭଲପାଇବା ଓ ନିଷ୍ଠା ଲାଗି ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଭବିଷ୍ୟତରେ ଅଧିକରୁ ଅଧିକ ଯୁବପିଢ଼ିଙ୍କୁ ପୃଥିବୀରେ ହେଉଥିବା ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟା ସମାଧାନର ବାଟ ଖୋଜିବା କାର୍ଯ୍ୟରେ ସାମିଲ କରିବା ତାଙ୍କର ସବୁଠୁ ବଡ଼ ଆଶା ଓ ସ୍ୱପ୍ନ ବୋଲି ପ୍ରକାଶ କରନ୍ତି ବର୍ଷାରାଣୀ।

– ସ୍ମୃତିରଞ୍ଜନ ମାହାଳିକ

## ଏ ସପ୍ତାହର ପ୍ରଶ୍ନ ?

୧– ଶେଙ୍ଗିହାଲି ୱାଇଲ୍ଡ ଲାଇଫ୍ ସାଙ୍କଚୁଆରୀ ...... ରାଜ୍ୟରେ ଅବସ୍ଥିତ ?
୨– ନିକଟରେ ନ୍ୟାଶନାଲ୍ କ୍ରପ୍ ନ୍ୟୁଟ୍ରିଶନ୍ ସମିତି ୨୦୨୬ ........ଠାରେ ଅନୁଷ୍ଠିତ ହୋଇଯାଇଛି ?
୩– ୟୁନିଅନ୍ ବଜେଟ ୨୦୨୬–୨୦୨୭ରେ ମହିଳା ଉଦ୍ୟୋଗୀଙ୍କ ପାଇଁ ଆରମ୍ଭ ହୋଇଥିବା ନୂଆ ଯୋଜନା .......... ?
୪– ର୍‌ୟୁମାଟଏଡ୍ ଆର୍ଥ୍ରାଇଟିସ୍ ଡେ' ...........ତାରିଖରେ ପାଳନ କରାଯାଏ ?
୫– ଫୁଏଗୋ ଭଲ୍‌କାନୋ ............... ଦେଶରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଷଷ୍ଠ ସ୍ଥାନ
୨ ଆବୁଧାବି
୩ ସୁଭାଷ ଚନ୍ଦ୍ର ବୋଷ
୪ ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶ
୫ ସୌଦି ଆରବ

## ଉତ୍ତରଦାତା



ଶେଖ୍ ୟାକୁବ୍
ଗୋପ



ନିର୍ବିକଳ୍ପ ନାଥ
ଘଣ୍ଟେଶ୍ୱର



ସଚ୍ଚିଦାନନ୍ଦ ପରିଡ଼ା
ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
ଇ–ମେଲ୍ ଠିକଣା: dharitriagamiasha@gmail.com

## ଟପ୍ ଟେନ୍ ୧୦

### ପୃଥିବୀର ସବୁଠୁ ଲମ୍ବା ସମ୍ବିଧାନ

୧. ଇଣ୍ଡିଆ ........................ ୧,୪୬,୩୮୫ ଶବ୍ଦ
୨. ନାଇଜେରିଆ ........................ ୬୬,୨୬୩ ଶବ୍ଦ
୩. ବ୍ରାଜିଲ୍ ........................ ୬୪,୪୮୮ ଶବ୍ଦ
୪. ମାଲେସିଆ ........................ ୬୪,୦୮୦ ଶବ୍ଦ
୫. ପାପୁଆ ନ୍ୟୁ ଗିନି ........................ ୫୮,୪୯୦ ଶବ୍ଦ
୬. ମେକ୍ସିକୋ ........................ ୫୭,୦୮୭ ଶବ୍ଦ
୭. ପାକିସ୍ତାନ ........................ ୫୬,୨୪୦ ଶବ୍ଦ
୮. ଜିମ୍ବାୱେ ........................ ୫୫, ୮୩୩ ଶବ୍ଦ
୯. ଇକ୍ୱେଡର୍ ........................ ୫୪,୫୫୫ ଶବ୍ଦ
୧୦. ୟୁନାଇଟେଡ୍ କିଙ୍ଗ୍‌ଡମ୍........................ ୫୪,୪୦୮ ଶବ୍ଦ

## ୟୁଥ୍ ଆଲର୍ଟ

# କାନରେ ବାଜୁଛି କି ଗୋଟିଏ ଗୀତ

**ସକାଳୁ ଗୋଟିଏ ଗୀତ ଶୁଣିଥିବେ ଅବା ହଠାତ୍ କେଉଁ ଗୀତ ମନେପଡ଼ିଯାଇଥିବ ଏବଂ ତାହା ଦିନସାରା ବାରମ୍ବାର କାନରେ ବାଜୁଥିବ– ଏଭଳି ଅନୁଭବ ପ୍ରାୟ ଅଧିକାଂଶଙ୍କର ରହିଛି। ହେଲେ ଏହା ପଛରେ କାରଣ କ'ଣ ତା' ହୁଏତ ସଭିଙ୍କୁ ଜଣା ନ ଥିବା ଜାଣନ୍ତୁ ସେ ସମ୍ପର୍କରେ...**

- ବହୁତ ସମୟରେ ଏପରି ହୁଏ, କିଛି ଗୀତ ଆମ ମନରେ ଅଟକିଯାଏ ଏବଂ ଦିନସାରା ମନ ଭିତରେ ବାରମ୍ବାର ରିପିଟ୍ ହୋଇଥାଏ। ବିଜ୍ଞାନ ଭାଷାରେ ଏହାକୁ ଇନ୍‌ଭଲ୍ୟୁଣ୍ଟାରୀ ମ୍ୟୁଜିକାଲ୍ ଇମେଜେରୀ ବା ଇୟରୱର୍ମ ବୋଲି କୁହାଯାଏ। ତେବେ ଏହା କୌଣସି ରୋଗ ନୁହେଁ, ଏହା ହେଉଛି ମସ୍ତିଷ୍କର ଏକ ପ୍ରକାରର ସ୍ଥିତି।
- ଏହି ସ୍ଥିତିରେ ନିଜ ଇଚ୍ଛାରେ ନୁହେଁ, ବରଂ ଆପେ ଆପେ କୌଣସି ଗୀତ ମନକୁ ବାରମ୍ବାର ଆସିଥାଏ। ତାହା ପୁଣି ସମ୍ପୂର୍ଣ୍ଣ ଗୀତ ନୁହେଁ, ବରଂ ଗୀତର ୧୫ରୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ କୌଣସି ଏକ ନିର୍ଦ୍ଦିଷ୍ଟ ଭାଗ।
- ତେବେ କାହିଁକି ମନରେ ଗୀତ ଏପରି ଅଟକିଯାଏ, ତାହାର କାରଣ ହେଉଛି ମଣିଷର ମସ୍ତିଷ୍କ ଦିନସାରା ବିଭିନ୍ନ ପ୍ରକାରର ଶବ୍ଦ, ସ୍ୱର ଶୁଣିଥାଏ। ଯେତେବେଳେ କୌଣସି ଗୀତ ଆମର ଭାବନା ଯେପରି ଖୁସି, ଦୁଃଖ ଆଦି ସହିତ କିମ୍ବା ଅତୀତର ଅନୁଭୂତି ସହିତ ଯୋଡ଼ି ହୋଇଯାଏ, ତେବେ ତାହା ମସ୍ତିଷ୍କର ସାଉଣ୍ଡ ସିଷ୍ଟମରେ ଅଟକିଯାଏ ଏବଂ ଆପେ ଆପେ ବାରମ୍ବାର ମନକୁ ଆସିଥାଏ। ଏହା ପ୍ରୋସେସ୍‌କୁ ଫୋନୋଲୋଜିକାଲ୍ ଲୁପ୍ କୁହାଯାଏ।
- ତେବେ ଅଧିକ ଚର୍ଚ୍ଚିତ ଗୀତ ଯେପରି ଟ୍ରେଣ୍ଡିଂରେ ଚାଲିଥିବା ରିଲ୍ସ ଗୀତ, ସବୁ ସମୟରେ ଲୋକପ୍ରିୟ ହୋଇଥିବା ଗୀତ, ସୁନ୍ଦର ମ୍ୟୁଜିକ୍ ଥିବା ଗୀତ, ବାରମ୍ବାର ଲାଇନ୍ ରିପିଟ୍ ହେଉଥିବା ଭଳି ଗୀତ ଶୁଣିଲେ ତାହା ଅଧିକ ମନ ଭିତରକୁ ଆସିଥାଏ।
- ତେବେ ଏପରି ଯଦି ବାରମ୍ବାର ହେଉଛି ଏବଂ ଆପଣ ଏହାର ସମାଧାନ କରିବାକୁ ଚାହୁଁଛନ୍ତି, ତେବେ ପ୍ରଥମେ କିଛି ନୂଆ ଓ ଭିନ୍ନ ଧରଣର ଗୀତ ଶୁଣନ୍ତୁ।
- ଯଦି ପଢ଼ିବା ବେଳେ କିମ୍ବା ଅଫିସ୍ କାମ ବେଳେ ଏହି ଇୟରୱାର୍ମ ଆପଣଙ୍କୁ ଡିଷ୍ଟର୍ବ କରୁଛି, ତେବେ କିଛି ସମୟ ବ୍ରେକ୍ ନେଇ ସାଙ୍ଗସାଥୀଙ୍କ ସହ ଗପସପ କରିବା, ଶର୍ଟ ଫିଲ୍ମ କିମ୍ବା କମେଡି ଭିଡିଓ ଦେଖନ୍ତୁ ମୁଡ୍ ଚେଞ୍ଜ ହେବା ସହ ସେହି ଗୀତ ମଧ ମନରୁ ଦୂରେଇଯିବ।
- ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ ଯେ ଡାକ୍ତରମାନଙ୍କ ଗବେଷଣା ମୁତାବକ ଚ୍ୟୁଇଂଗମ୍ ଚୋବାଇବା ଦ୍ୱାରା ମଧ ଏହି ଗୀତର ଲୁପ୍ ଦୂର କରିବାରେ ସାହାଯ୍ୟ କରିଥାଏ। କାରଣ ଚ୍ୟୁଇଂଗମ୍ ଚୋବାଇବା ଦ୍ୱାରା ଆମର ମସ୍ତିଷ୍କ ଏବଂ ମାଢ଼ିର ସେହି ଅଂଶ ବ୍ୟସ୍ତ ହୋଇଯାଏ, ଯାହାକି ଗୀତକୁ ବାରମ୍ବାର ଗୁଣୁଗୁଣାଇବା କାର୍ଯ୍ୟ କରିଥାଏ।









କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶନିବାର ଆରମ୍ଭ ହୋଇଥିବା ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡ଼ି ଚାମ୍ପିୟନଶିପ୍‌ରେ ବରଗଡ଼ ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ମହିଳା ବିଭାଗ ମ୍ୟାଚ । (ଫଟୋ: ରାଜକିଶୋର ମହାନ୍ତି)

# ଡବଲ ସ୍ୱର୍ଣ୍ଣ ସହ ପ୍ରମୋଦଙ୍କୁ ରେକର୍ଡ ୬ଷ୍ଠ ଟାଇଟଲ

ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)

ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ପୁଣିଥରେ ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି। ବାହାରିନରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଚାମ୍ପିୟନଶିପ୍‌ରେ ସେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରି ରେକର୍ଡ ସୃଷ୍ଟି କରିଛନ୍ତି। ପୁରୁଷ ଏସ୍‌ଏଲ୍‌୩ ବର୍ଗରେ ସେ ରେକର୍ଡ ୬ଷ୍ଠ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶାର ଗର୍ବ ପ୍ରମୋଦ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଇଣ୍ଡୋନେସିଆର ମହମ୍ମଦ ଅଲ୍ ଇମ୍ରାନଙ୍କୁ ୨୧-୧୨, ୨୧-୧୮ରେ ପରାସ୍ତକରି ନିଜ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲକୁ ୬ରେ ପହଞ୍ଚାଇଛନ୍ତି। ପୂର୍ବରୁ ୨୦୦୯, ୨୦୧୫, ୨୦୧୯, ୨୦୨୨ ଓ ୨୦୨୪ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଖେଳରତ୍ନ ପ୍ରମୋଦ ଏବେ ୨୦୨୬କୁ ସେଥିରେ ଯୋଡ଼ିଛନ୍ତି। ଅର୍ଥାତ୍ ହାଟ୍ରିକ ସହ କ୍ରମାଗତ ୪ଥର ସେ ଟାଇଟଲ ବିଜୟୀ ହୋଇଛନ୍ତି। ଏ କ୍ଷେତ୍ରରେ ସେ କିମ୍ବଦନ୍ତୀ ବ୍ୟାଡ୍‌ମିଣ୍ଟନ ତାରକା ଚାଇନାର ଲିନ୍ ଡାନ୍‌ଙ୍କ ୫ ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ରେକର୍ଡକୁ ପଛରେ ପକାଇଛନ୍ତି। ସେହିପରି ପୁରୁଷ ଡବଲ୍ସ ଏସ୍‌ଏଲ୍‌୩-ଏସ୍‌ଏଲ୍‌୪ ଫାଇନାଲରେ ପ୍ରମୋଦ ଓ ସୁକାନ୍ତ କଦମ ଅନ୍ୟ ଭାରତୀୟ ଯୋଡ଼ି ଜଗଦୀଶ ଦିଲ୍ଲୀ ଓ ନଭିନ ଶିବକୁମାରଙ୍କୁ ୨୧-୧୯, ୨୧-୧୬ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।



ପ୍ରମୋଦ ଭଗତ

### ବିଡବ୍ଲ୍ୟୁଏଫ୍ ପାରା ବ୍ୟାଡ୍‌ମିଣ୍ଟନ

### ଭାବପ୍ରବଣ ମୁହୂର୍ତ୍ତ: ପ୍ରମୋଦ

"କ୍ରମାଗତ ୪ ଥର ଏବଂ ମୋଟ ୬ ଥର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ଜିତିବା ମୋ ପାଇଁ ଭାବପ୍ରବଣ ମୁହୂର୍ତ୍ତ। ଲିନ୍ ଡାନ୍ ସବୁବେଳେ ମୋର ଆଦର୍ଶ ଖେଳାଳି ହୋଇ ରହିଛନ୍ତି। ତାଙ୍କ ରେକର୍ଡ ଭାଙ୍ଗିବା ମୋ ପାଇଁ ସମ୍ପୂର୍ଣ୍ଣଭାବେ ସ୍ୱତନ୍ତ୍ର। ନିଜ ଉପରେ ବିଶ୍ୱାସ, ଶୃଙ୍ଖଳା ଏବଂ ବିଭିନ୍ନ ପ୍ରକାର ତ୍ୟାଗର ଏହା ଫଳ। ବଡ଼ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବା ଏବଂ ଇତିହାସ ସୃଷ୍ଟି କରିବା ମୋତେ ଗର୍ବିତ କରିଛି" ବୋଲି ପ୍ରମୋଦ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ରୋମାଞ୍ଚକ ମୁକାବିଲାରେ କେନ୍ଦୁଝର ବିଜୟୀ

### ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ କବାଡ଼ି

କଟକ, ୧୪।୨ (କୁମାରଶ୍ରୀ)

ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶରତ କୁମାର ସାହୁ ସ୍ମାରକୀ ରାଜ୍ୟ ସିନିୟର କବାଡି ଚାମ୍ପିୟନଶିପ୍ ଜାରି ରହିଛି। ଶନିବାର ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ପୁରୁଷ ବର୍ଗର ଏକ ରୋମାଞ୍ଚକ ମ୍ୟାଚ୍‌ରେ ନୟାଗଡ ୨୭-୨୨ ପଏଣ୍ଟରେ କେନ୍ଦୁଝରକୁ ପରାସ୍ତ କରିଛି। ପୁରୁଷ ବର୍ଗର ଅନ୍ୟ ମ୍ୟାଚ୍‌ଗୁଡିକରେ ସୁନ୍ଦରଗଡ, ପୁରୀ, ସମ୍ବଲପୁର, ମୟୂରଭଞ୍ଜ, କଟକ, ଅନୁଗୋଳ, ଓଡ଼ିଶା ପୋଲିସ, କିଟ୍ ଦଳ ବିଜୟ ହାସଲ କରିଛି। ଦ୍ୱିତୀୟ ଦିବସରେ ସିଆରଆରଆଇ ନିର୍ଦ୍ଦେଶକ ଜିଏକେ କୁମାର, ଅଧ୍ୟକ୍ଷ(କ୍ରୀଡ଼ା) ପ୍ରତାପ ଭଟ୍ଟାଚାର୍ଯ୍ୟ, ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ ରବିନାରାୟଣ ମହାପାତ୍ର, ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଟି୨୦ ବିଶ୍ୱକପ୍

(ଆଜିର ମ୍ୟାଚ୍)

**ନେପାଳ ବନାମ ୱେଷ୍ଟଇଣ୍ଡିଜ**
ସ୍ଥାନ: ମୁମ୍ବାଇ,
ସମୟ: ପୂର୍ବାହ୍ନ ୧୧ଟା

**ନାମିବିଆ ବନାମ ୟୁଏସ୍‌ଏ**
ସ୍ଥାନ: ଚେନ୍ନାଇ,
ସମୟ: ଅପରାହ୍ନ ୩ଟା

**ଭାରତ ବନାମ ପାକିସ୍ତାନ**
ସ୍ଥାନ: କଲମ୍ବୋ,
ସମୟ : ସନ୍ଧ୍ୟା ୭ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

# ସ୍କଟ୍‌ଲାଣ୍ଡକୁ ୫ ଉଇକେଟରେ ହରାଇଲା ଇଂଲଣ୍ଡ

କୋଲକାତା, ୧୪।୨ (ପି.ଟି.)

ଭେଟେରାନ ଲେଗ୍ ସ୍ପିନର ଆଦିଲ ରଶିଦ (୩/୩୬)ଙ୍କ ୩ ଉଇକେଟ ସଫଳତା ଏବଂ ମିଡଲ ଓଭରରେ ଟମ୍ ବାଣ୍ଟନଙ୍କ ଆକର୍ଷଣୀୟ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଇଂଲଣ୍ଡ ଚଳିତ ଟି୨୦ ବିଶ୍ୱକପ୍ ଗ୍ରୁପ୍ 'ସି'ର ଏକ ମ୍ୟାଚରେ ସ୍କଟଲାଣ୍ଡକୁ ୫ଉଇକେଟରେ ପରାସ୍ତ କରିଛି। ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିବା ଇଂଲଣ୍ଡ ରଶିଦଙ୍କ ପ୍ରଭାବୀ ବୋଲିଂ ଜରିଆରେ ସ୍କଟଲାଣ୍ଡକୁ ୧୫୨ରନ ସ୍କୋରରେ ସୀମିତ କରିଦେଇଥିଲା। ପେସର ଜୋଫ୍ରା ଆର୍ଚର ଏବଂ ବାମହାତୀ ସ୍ପିନର ଲିଆମ ଡସନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ସ୍କଟଲାଣ୍ଡର ଟପ୍ ସ୍କୋରର ଅଧିନାୟକ ରିଚି ବେରିଙ୍ଗଟନ ସର୍ବାଧିକ ୪୯ ରନ କରିଥିଲେ। ଇଂଲଣ୍ଡ ୧୦ଟି ବଲ୍ ବାକିଥାଇ ୧୫୩ ରନର ବିଜୟ ଲକ୍ଷ୍ୟକୁ ହାସଲ କରିନେଇଥିଲା।

**ସଂକ୍ଷିପ୍ତ ସ୍କୋର**

ସ୍କଟଲାଣ୍ଡ: ୧୯.୪ ଓଭରରେ ୧୫୨/ଅଲଆଉଟ (ରିଚି ବେରିଙ୍ଗଟନ-୪୯ ; ଆଦିଲ ରଶିଦ-୩/୩୬)। ଇଂଲଣ୍ଡ: ୧୮.୨ ଓଭରରେ ୧୫୫/୫(ଟମ୍ ବାଣ୍ଟନ-୬୩*, ଅଲିଭର ଡେଭିଡସନ-୧/୧୨)।

# ଆୟର୍ଲାଣ୍ଡକୁ ଜିତାଇଲେ ଲୋର୍କାନ

କଲମ୍ବୋ, ୧୪।୨ (ପି.ଟି.)

ଅଧିନାୟକ ଲୋର୍କାନ ଟକରଙ୍କ ଦର୍ଶନୀୟ ୯୪ ରନ ସହାୟତାରେ ଆୟର୍ଲାଣ୍ଡ ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଓମାନକୁ ୯୬ ରନରେ ପରାସ୍ତ କରିଛି । ଓମାନର ୩୮ବର୍ଷୀୟା ବାମହାତୀ ସ୍ପିନର ଶକିଲ ଅହମଦ (୩/୩୩) ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡର ଟପ୍ ଅର୍ଡରରେ ବିପର୍ଯ୍ୟୟ ଘଟାଇଥିଲେ। ଫଳରେ ଦଳ ଏକଦା ୮ମ ଓଭର ଖେଳ ଶେଷ ସୁଦ୍ଧା ମାତ୍ର ୬୪ରନରେ ଏହାର ୪ଜଣ ବ୍ୟାଟରଙ୍କୁ ହରାଇ ବସିଥିଲା। ଏହି ସମୟରେ ଟକର କ୍ରିଜ୍‌ରେ ମହଜୁଦ ରହି ଦଳର ଇନିଂସକୁ ଆଗେଇ ନେଇଥିଲେ। ପଞ୍ଚମ ଉଇକେଟରେ ଗାରେଥ ଡେଲାନି (୫୬ରନ)ଙ୍କ ସହ ତାଙ୍କର ମହତ୍ତ୍ୱପୂର୍ଣ୍ଣ ୧୦୧ରନର ଭାଗୀଦାରି ହୋଇଥିଲା। ପରେ ଜର୍ଜ ଡକ୍ରେଲ ମାତ୍ର ୯ ବଲ୍‌ରେ ୫ ଛକା ସହ ୩୫ ରନ କରି ଅପରାଜିତ ରହିଥିଲେ। ଫଳରେ ଦଳ ଏକ ଭଲ ସ୍କୋର ଛିଡ଼ା କରିବାରେ ସମର୍ଥ ହୋଇଥିଲା। ଶନିବାର ଖେଳାଯାଇଥିବା ଏହି ମ୍ୟାଚରେ ଟକରଙ୍କ ୫୧ ବଲ୍‌ର ମନୋରଞ୍ଜନକାରୀ ଇନିଂସରେ ୧୦ ଚୌକା ଓ ୪ ଛକା ସାମିଲ ଥିଲା। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଆୟର୍ଲାଣ୍ଡ ନିର୍ଦ୍ଧାରିତ ଓଭରରେ ୫ଉଇକେଟ ବିନିମୟରେ ୨୩୫ ରନ କରିଥିଲା। ଦଳ ପରେ ଓମାନକୁ ୧୩୯ରନରେ ଅଲଆଉଟ କରିଦେଇଥିଲା।

ବିଜୟ ଲକ୍ଷ୍ୟକୁ ପିଛା କରିବା ବେଳେ ଆୟର୍ଲାଣ୍ଡର ସ୍କୋରିଂ ରେଟ୍‌କୁ ତାଳ ଦେଇ ରନ ସଂଗ୍ରହ କରିବାରେ ଲାଗିଥିଲା ଓମାନ। ଦଳ କିନ୍ତୁ ନିୟମିତ ଭାବେ ଉଇକେଟ ହରାଇବାରେ ଲାଗିଥିଲା। କେବଳ ଦୁଇଜଣ ବ୍ୟାଟର ଆମିର କଲିମ ( ୨୯ ବଲ୍‌ରୁ ୫୫) ଏବଂ ହମାଦ ମିର୍ଜା ( ୩୭ ବଲ୍‌ରୁ ୪୬) କ୍ରିଜ୍‌ରେ ତିଷ୍ଠି ପାରିଥିଲେ। ୧୩ତମ ଓଭର ବେଳକୁ ଦଳର ସ୍କୋର ୧୦୮/୫ରେ ପହଞ୍ଚିଥିଲା। ଦଳ କ୍ରମେ ମନୋବଳ ହରାଇ ଶେଷରେ ଅଲ୍‌ଆଉଟ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ: ୨୦ ଓଭରରେ ୨୩୫/୫ (ଲୋର୍କାନ ଟକର-୯୪*, ଗାରେଥ ଡେଲାନି-୫୬ ; ଶକିଲ ଅହମଦ-୩/୩୩, ଆମିର କଲିମ-୧/୨୯)।
ଓମାନ ଇନିଂସ: ୧୮ ଓଭରରେ୧୩୯ (ଆମିର କଲିମ-୫୦, ହମାଦ ମିର୍ଜା-୪୬ ; ମାଥ୍ୟୁ ହମ୍ଫ୍ରେସ-୨/୨୭, ଜୋଶ ଲିଟଲ-୩/୧୬)।

# ମାର୍ଚ୍ଚ ୧୫ରୁ ଦେବେନ୍ଦ୍ର ସ୍ମାରକୀ ଅଲ୍ ଓଡ଼ିଶା ଫୁଟ୍‌ବଲ




ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦିଆଯାଉଛି। (ଫଟୋ:ବିକାଶ ନାୟକ)

### ଭାଗନେବେ ୮ ଦଳ, ରାଜେନ୍ଦ୍ର ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର, ୧୪।୨ (ତପନ ସ୍ୱାଇଁ)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିରେ ଆୟୋଜନ ହେବ ଅଲ୍ ଓଡ଼ିଶା ଫୁଟବଲ ଚାମ୍ପିୟନଶିପ୍। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ସ୍ୱୀକୃତିକ୍ରମେ ଭୁବନେଶ୍ୱର ସିଟି କ୍ଲବ, ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟ ଓ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଏହି ସମ୍ମାନଜନକ ପ୍ରତିଯୋଗିତା ମାର୍ଚ୍ଚ ୧୫ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ୟୁନିଟ-୧ସ୍ଥିତ ଭୁବନେଶ୍ୱର ଫୁଟବଲ ଏକାଡେମୀରେ ଖେଳାଯିବ। ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟର ଚେୟାରମ୍ୟାନ ତଥା ବିଧାୟକ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଆୟୋଜକମାନେ ଏହି ପ୍ରତିଯୋଗିତାର ରୂପରେଖ ସମ୍ପର୍କରେ ପ୍ରକାଶ କରିଛନ୍ତି। ଟୁର୍ନାମେଣ୍ଟ ଅବସରରେ ମାର୍ଚ୍ଚ ୧୭ ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ୱତନ୍ତ୍ରଭାବେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ଆସନ୍ତା ବର୍ଷରୁ ଏହାକୁ ଜାତୀୟ ସ୍ତରର ଟୁର୍ନାମେଣ୍ଟରେ ପରିଣତ କରାଯିବ ବୋଲି ମଧ୍ୟ ସେ ସୂଚନା ଦେଇଛନ୍ତି। ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହ ଟୁର୍ନାମେଣ୍ଟର ସଫଳ ଆୟୋଜନ ସମ୍ପର୍କରେ ମତବ୍ୟକ୍ତ କରିଛନ୍ତି। ନକ୍‌ଆଉଟ ଭିତ୍ତିରେ ହେବାକୁଥିବା ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ଏହି ଦଳଗୁଡ଼ିକ ହେଲେ ଭୁବନେଶ୍ୱର, କିଶୋର କ୍ଲବ, କଟକ ମଙ୍ଗଳା କ୍ଲବ, ସମ୍ବଲପୁର ଫୁଟବଲ ଏକାଡେମୀ, ଭୁବନେଶ୍ୱର ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ, ରାଉରକେଲା ରେଡ୍ ୟୁନାଇଟେଡ, ବରଗଡ଼ ୟୁନାଇଟେଡ ଏଫ୍‌ସି, ବାଲେଶ୍ୱର ହରି ପ୍ଲାଷ୍ଟ ଟାଇଟନ୍ସ ଏବଂ କଟକ ରାଧା ରମଣ କ୍ଲବ। ଟୁର୍ନାମେଣ୍ଟ ଲାଗି ମୋଟ ୧୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଓଡ଼ିଶାର ଅନ୍ତର୍ଜାତୀୟ ଖେଳାଳି ରାଜେନ୍ଦ୍ର ପ୍ରସାଦ ସିଂ ଟୁର୍ନାମେଣ୍ଟ ଆମ୍ବାସାଡର ହୋଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂ, ବରିଷ୍ଠ ଭାଜପା ନେତା ପ୍ରିୟଦର୍ଶୀ ମିଶ୍ର, ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଆୟୋଜକ କମିଟି ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହା ବ୍ୟତୀତ ପୂର୍ବତନ ଭାରତୀୟ ଫୁଟ୍‌ବଲ କୋଚ୍ ମହମ୍ମଦ ସାହିଦ ଜବାର, ପୂର୍ବତନ କ୍ରୀଡ଼ା ପ୍ରଶାସକ ଅଶୋକ ମହାନ୍ତି, କ୍ରୀଡ଼ା ସଙ୍ଗଠକ ସହଦେବ ରାଉତ, କ୍ରୀଡ଼ା ବିଜ୍ଞାନ ବିଶେଷଜ୍ଞ ମୁକ୍ତି ପ୍ରଶାଦ ଦାଶ, ସୁବ୍ରତ ଦାସ, ଭାଗ୍ୟଧର ଜଗଦ୍ଦେବ, ଦିଲୀପ ଦାସ ପ୍ରମୁଖ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ